ବର୍ଷ-୫୧ : ସଂଖ୍ୟା-୭ ଜୁଲାଇ, ୨୦୨୦

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଜୁଲାଇ, ୨୦୨୦


| | | |
|---|---|---|
| ପ୍ରାର୍ଥନା | ଶ୍ରୀମା | ୩ |
| ୨୪ ଏପ୍ରିଲ, ୨୦୨୦ରେ ଆଶ୍ରମରେ ବିତରିତ ବାଣୀ | ଶ୍ରୀମା | ୪ |
| ୨୪ ଏପ୍ରିଲ, ୨୦୨୦ରେ ଆଶ୍ରମରେ ବିତରିତ ବାଣୀ | ଶ୍ରୀଅରବିନ୍ଦ | ୫ |
| ମନ୍ତ୍ରମୟୀ ସାବିତ୍ରୀ | ଶ୍ରୀଅରବିନ୍ଦ | ୬ |
| ଏକ ଅସାଧାରଣ ମୁହୂର୍ତ୍ତ | ଶ୍ରୀମା | ୭ |
| ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ (ପରିଚ୍ଛେଦ : ୮୮) | | |
| ଚେତନାର ଦିଗ୍‌ବଳୟ ଅଭିମୁଖେ ଦୁରୁହାଭିଯାନ | ମନୋଜ ଦାସ | ୮ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ (ଏକବିଂଶ ଅଧ୍ୟାୟ) | | |
| ପ୍ରକୃତିର ନିୟନ୍ତୃତ୍ୱ | ଶେଖ ଅବଦୁଲ କାଶମ | ୧୩ |
| ଜୀବର ସାଧନା | ନଳିନୀକାନ୍ତ ଗୁପ୍ତ | ୧୮ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୮୬) | ... | ୧୯ |
| ବର୍ଷା | ମନୋଜ ଦାସ | ୨୨ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୪୧) | ମହେନ୍ଦ୍ରନାଥ ସ୍ୱାଇଁ | ୨୫ |
| ଉତ୍କଳ ଗୌରବ ଶ୍ରୀଜଗନ୍ନାଥ | ରାମକୃଷ୍ଣ ଦାସ | ୨୮ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୬୯) | ସାହାନା ଦେବୀ | ୩୨ |
| ଆଗୋ ମଧୁମୟୀ (କବିତା) | ଶରତ କୁମାରୀ ସ୍ୱାଇଁ | ୩୩ |
| ଯୋଗାନନ୍ଦ (୧୫) | ... | ୩୪ |
| ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ (୨) | ଗୟାଧର ଦାଶ | ୩୭ |
| ମହାଶକ୍ତିଙ୍କ ପାର୍ଥିବ ଅଭିଯାତ୍ରା (୧) | କୁମାର ଚନ୍ଦ୍ର ମିଶ୍ର | ୪୦ |
| ସୁପ୍ତତାର ପରମ ଗୋପନୀୟତା (୧) | ସୂର୍ଯ୍ୟକାନ୍ତି ମହାନ୍ତି | ୪୪ |
| ଆମ ଶରୀର (୨୭) | ଭୋଳେଶ୍ୱର ଭୂୟାଁ | ୪୮ |
| କରୋନା (କବିତା) | ଝରଣା ଘୋଷାଲ | ୫୧ |
| ରାଜାଙ୍କ ଉତ୍ତରାଧିକାରୀ ନିର୍ବାଚନ | ଦୌଲତ ପାଣ୍ଡେ | ୫୨ |
| ନବ ଚେତନାର ପୁଲକ (କବିତା) | ସୁନାମଣି ରାଉତ | ୫୪ |
| ପ୍ରକୃତିର ନିଷ୍ଫଳ ଚେତାବନୀ | ମନୋଜ ଦାସ | ୫୫ |


❖

# ପ୍ରାର୍ଥନା

ପ୍ରଭୁ, ତୁମେ ସର୍ବଶକ୍ତିମାନ୍ : ହୁଅ ଯୋଦ୍ଧା, ଲାଭ କର ବିଜୟ । ତୁମ ପ୍ରେମ ହେଉ ଆମ ହୃଦୟର ସାର୍ବଭୌମ ମୁନିବ ଏବଂ ତୁମ ଜ୍ଞାନ କଦାଚ ଦୂରେଇ ନ ଯାଉ ଆମ ଭାବନାରୁ ।... ଅକ୍ଷମତା ଓ ଅନ୍ଧକାର ଭିତରକୁ ପରିତ୍ୟାଗ କରନା ଆମକୁ; ସମସ୍ତ ସୀମିତାବସ୍ଥା ଭାଙ୍ଗି ଦିଅ, ଚୂର୍ଣ୍ଣ କର ପ୍ରତ୍ୟେକ ଶୃଙ୍ଖଳ, ଦୂର କର ପ୍ରତ୍ୟେକ ମୋହ-ଭ୍ରାନ୍ତି ।

ଏକାନ୍ତ ପ୍ରାର୍ଥନା ରୂପେ ଅଭୀପ୍ସା ଆମର ତୁମ ଉଦ୍ଦେଶ୍ୟରେ ହୁଏ ଊର୍ଦ୍ଧ୍ୱାୟିତ ।

ଜୁଲାଇ ୨୩, ୧୯୧୪ — ଶ୍ରୀମା



# ୨୪ ଏପ୍ରିଲ, ୨୦୨୦ରେ ଆଶ୍ରମରେ ବିତରିତ ବାଣୀ

ଶ୍ରୀମାଙ୍କର ପଣ୍ଡିଚେରୀ ପ୍ରତ୍ୟାବର୍ତ୍ତନର ଶତବାର୍ଷିକୀ ଉପଲକ୍ଷେ
(୨୪ ଏପ୍ରିଲ ୧୯୨୦ - ୨୦୨୦)

(*As the Mother approached Pondicherry*) I was on the boat, at sea, not expecting anything... when all of a sudden, abruptly, about two nautical miles from Pondicherry, the quality, I may even say the physical quality of the atmosphere, of the air, changed so much that I knew we were entering the aura of Sri Aurobindo. It was a *physical* experience and I guarantee that whoever has a sufficiently awakened consciousness can feel the same thing.

– The Mother

(*ଶ୍ରୀମା ପଣ୍ଡିଚେରୀ ସନ୍ନିକଟ ହେବା ଅବସରରେ*) ମୁଁ ଥିଲି ଜଳଯାନରେ, ସମୁଦ୍ରରେ, କୌଣସି ପ୍ରତ୍ୟାଶା ବିନା...ଯେତେବେଳେ ହଠାତ୍, ଆକସ୍ମିକ ଭାବେ, ପଣ୍ଡିଚେରୀରୁ ଦୁଇ ସାମୁଦ୍ର-କ୍ରୋଶ ଦୂରରୁ, ବାତାବରଣର, ପବନର ଗୁଣ, ଏପରିକି ସ୍ଥୂଳ ଗୁଣ ବୋଲି ମୁଁ କହିପାରେ, ଏଡ଼େ ଅଧିକ ମାତ୍ରାରେ ପରିବର୍ତ୍ତିତ ହେଲା ଯେ ମୁଁ ବୁଝିଲି ଆମେ ଶ୍ରୀଅରବିନ୍ଦଙ୍କ ବିଭାମଣ୍ଡଳରେ ପ୍ରବେଶ କରୁଛୁ । ତାହା ଏକ ସ୍ଥୂଳ ଅଭିଜ୍ଞତା ଏବଂ ମୁଁ ପ୍ରତିଶ୍ରୁତି ଦେଇ କହୁଛି ଯେ ଯାହାର ବି ଯଥେଷ୍ଟ ଜାଗରି[illegible] ଥିବ ସେ ଏକା ଅନୁଭୂତି ଲାଭ କରିପାରିବ ।

– ଶ୍ରୀମା



# ୨୪ ଏପ୍ରିଲ, ୨୦୨୦ରେ ଆଶ୍ରମରେ ବିତରିତ ବାଣୀ

That she should come here and work with me for a common goal was, as it were, a divine dispensation... She has helped and is helping to give a concrete form to my yoga. This would not have been possible without her co-operation.

One of the two great steps in this yoga is to take refuge in the Mother.

– Sri Aurobindo

ସେ (ଶ୍ରୀମା) ଯେ ଏଠାକୁ ଆଗମନ କରିବେ ଏବଂ ମୋ ସହ ଏକହିଁ ଲକ୍ଷ୍ୟ ଦିଗରେ କର୍ମ କରିବେ, ତାହା ଯେମିତି କି ଥିଲା ଏକ ଦିବ୍ୟବିଧାନ । ମୋ ଯୋଗକୁ ଏକ ପ୍ରତ୍ୟକ୍ଷ ରୂପାକାର ଦେବାରେ ସେ ସହାୟତା ଦେଇଛନ୍ତି ଏବଂ ଦେଉଛନ୍ତି । ତାହାଙ୍କ ସହଯୋଗ ବ୍ୟତିରେକେ ଏହା ସମ୍ଭବପର ହୋଇ ନ ଥା'ନ୍ତା ।

ଶ୍ରୀମାଙ୍କ ଶରଣାପନ୍ନ ହେବା ଏ ଯୋଗର ଦୁଇ ମହତ୍ ପଦକ୍ଷେପରୁ ଗୋଟିଏ ।

— ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଅଷ୍ଟମ ସର୍ଗ, ମିଥ୍ୟାର ଜଗତ୍, ଅମଙ୍ଗଳର ଜନନୀ ଓ ଅନ୍ଧକାରର ଅପତ୍ୟଗଣ

**(The World of Falsehood, the Mother of Evil and the Sons of Darkness)**

(୯୫)

## ଶ୍ରୀଅରବିନ୍ଦ

Arousing consciousness in things inert,
He imposed upon dark atom and dumb mass
The diamond script of the Imperishable,
Inscribed on the dim heart of fallen things
A paean-song of the free Infinite
And the Name, foundation of eternity,
And traced on the awake exultant cells
In the ideographs of the Ineffable
The lyric of the love that waits through Time
And the mystic volume of the Book of Bliss
And the message of the superconscient Fire.

ଜଡ଼ ବସ୍ତୁସକଳରେ ଚେତନା ଜାଗ୍ରତ କରି, ତାମସ ଅଣୁକଣା ଓ ମୂକ ପିଣ୍ଡରେ ସେ ବଳପୂର୍ବକ ଆଙ୍କି ଦେଲେ ଅବିନଶ୍ୱରଙ୍କର ହୀରକ ବର୍ଣ୍ଣମାଳା, ଅଧଃପତିତ ବସ୍ତୁରାଜିର ନିଷ୍ପ୍ରଭ ହୃଦୟରେ ଲେଖିଦେଲେ ବିମୁକ୍ତ ଅସୀମଙ୍କର ବିଜୟ-ସଂଗୀତ ତଥା ଶାଶ୍ୱତୀର ଭିତ୍ତିସ୍ୱରୂପ ଅବସ୍ଥିତ ସେଇ ମହାନାମ, ଏବଂ ଜାଗ୍ରତ ହର୍ଷୋଚ୍ଛଳ କୋଷାବଳୀ ଉପରେ ଅନିର୍ବଚନୀୟଙ୍କର ସାଂକେତିକ ଅକ୍ଷରମାଳାରେ ଲିପିବଦ୍ଧ କଲେ କାଳଧାରାରେ ଅପେକ୍ଷାରତ ସେଇ ପ୍ରେମ-ଗୀତି ତଥା ରହସ୍ୟଘନ ଗ୍ରନ୍ଥର ଆନନ୍ଦ ପର୍ବ ଏବଂ ପରା-ଚୈତନ୍ୟମୟୀ ବହ୍ନିର ବାଣୀ ।

Then life beat pure in the corporeal frame;
The infernal Gleam died and could slay no more.

ତା'ପରେ ଶରୀର ଆଧାରରେ ଶୁଦ୍ଧ ରୂପେ ସ୍ପନ୍ଦିତ ହେଲା ଜୀବନ, ନାରକୀୟ ଦ୍ୟୁତି ନିର୍ବାପିତ ହେଲା ଏବଂ ଆଉ କେବେ ତାହା ଆଣି ପାରିଲା ନାହିଁ ମୃତ୍ୟୁ ।

Hell split across its huge abrupt façade
As if a magic building were undone,
Night opened and vanished like a gulf of dream.

ନରକର ବିଶାଳ ହର୍ମ୍ୟମୁଖ ଖଣ୍ଡ-ବିଖଣ୍ଡିତ ହୋଇ ଭାଙ୍ଗି ପଡ଼ିଲା, ସତେ ଅବା ଏକ ଯାଦୁକରୀ ପ୍ରାସାଦ ଧୂଳିସାତ୍ ହୋଇଗଲା, ରାତ୍ରି ବିଦୀର୍ଣ୍ଣ ହେଲା ଏବଂ ସ୍ୱପ୍ନର ଏକ ଗଭୀର ଗର୍ତ୍ତ ସଦୃଶ ଉଭେଇ ଗଲା ।

Into being's gap scooped out as empty Space
In which she had filled the place of absent God,
There poured a wide intimate and blissful Dawn;
Healed were all things that Time's torn heart had made
And sorrow could live no more in Nature's breast :
Division ceased to be, for God was there.

ସତ୍ତାର ଗହ୍ୱରରେ ଖୋଳା ଯାଇଥିବା ରିକ୍ତ ଆକାଶ ଯେଉଁଠି ସେ (ରାତ୍ରି) ଅନୁପସ୍ଥିତ ଈଶ୍ୱରଙ୍କର ସ୍ଥାନକୁ ପୂର୍ଣ୍ଣକରି ରଖିଛି, ସେଠାରେ ଘଟିଲା ଏକ ବ୍ୟାପକ ଅନ୍ତରଙ୍ଗ ଓ ଆନନ୍ଦଭରା ଉଷାର ପ୍ଲାବନ, କାଳର ଛିନ୍ନ ହୃଦୟ ଗଢ଼ିତୋଳିଥିବା ସବୁକିଛି ହୋଇ ଉଠିଲା ନିରାମୟ ଏବଂ ପ୍ରକୃତିର ବକ୍ଷରେ ଆଉ ନିବାସ କଲା ନାହିଁ ବିଷାଦ : ବିଭେଦର ପରିସମାପ୍ତି ହେଲା, କାରଣ ଭଗବାନ୍ ସେଠାରେ ଥିଲେ ବିଦ୍ୟମାନ ।

The soul lit the conscious body with its ray,
Matter and spirit mingled and were one.

ଅନ୍ତରାତ୍ମା ତାହାର ରଶ୍ମିଧାରାରେ ସଚେତନ ଶରୀରକୁ ଆଲୋକଦୀପ୍ତ କରି ଦେଲା, ଜଡ଼ ଓ ଚିନ୍ମୟ ମିଶି ଏକାକାର ହୋଇ ଗଲେ ।

(ଦ୍ୱିତୀୟ ପର୍ବ, ଅଷ୍ଟମ ସର୍ଗ ସମାପ୍ତ)

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ଏକ ଅସାଧାରଣ ମୁହୂର୍ତ୍ତ

## ଶ୍ରୀମା

### ଚରମ ସିଦ୍ଧାନ୍ତ ପାଇଁ ଏକ ଛକ ଜାଗା

ଆଉ ଥରେ ପୃଥିବୀର ଇତିହାସରେ ଆମେ ଏକ ଛକ ଜାଗାରେ, ନିଷ୍ପତ୍ତିମୂଳକ ଏକ ନୂତନ ମୋଡ଼ରେ ଆସି ପହଞ୍ଚିଛୁ । ଏହା ହେଉଛି ଏକ ସିଦ୍ଧାନ୍ତ ନେବାର ସମୟ । ଚାରିଆଡୁ ମୋତେ ପ୍ରଶ୍ନ କରାଯାଉଛି, ‘‘ଏହା ପରେ କ’ଣ ଘଟିବ ?’’ ଚାରିଆଡ଼େ ଦୁଃସହ କ୍ଷୋଭ, ନାନା ଅସ୍ଥିର ପ୍ରତ୍ୟାଶା ଓ ଆଶଙ୍କା । ସବୁଆଡ଼େ ସେଇ ଗୋଟିଏ ପ୍ରଶ୍ନ – ‘‘କ’ଣ ଘଟିବାକୁ ଯାଉଛି ?...’’ ସେଥିପାଇଁ କେବଳ ଗୋଟିଏ ଉତ୍ତର : ‘‘ଯଦି ମଣିଷ ଆଧ୍ୟାତ୍ମିକ ହେବା ପାଇଁ ସମ୍ମତି ଦେଇ ପାରନ୍ତା ।’’

ମୋର ମନେ ହୁଏ ଏହି ସମୟରେ ଯଦି କେତେକ ବ୍ୟକ୍ତି ଖାଣ୍ଟି ସୁନା ହୋଇ ପାରନ୍ତେ, କାରଣ, ଏହାହିଁ ଘଟନାଗୁଡ଼ିକର ଗତି ପରିବର୍ତ୍ତନ କରିବାରେ ଯଥେଷ୍ଟ ହୁଅନ୍ତା ।... ଖୁବ୍ ଜରୁରୀ ଭାବେ ଆମେ ଏହି ଆବଶ୍ୟକତାର ସମ୍ମୁଖୀନ ହୋଇ ପଡ଼ିଛୁ ।

ଏଇ ସାହସ, ଏଇ ବୀରତ୍ୱ ପ୍ରଭୁ ଆମଠାରୁ ଆଶା କରନ୍ତି । ନିଜର ଅସୁବିଧାଗୁଡ଼ିକ ସହିତ ସଂଗ୍ରାମ କରିବା ପାଇଁ, ନିଜର ଅସଂପୂର୍ଣ୍ଣତା ଓ ଅନ୍ଧକାର ସହିତ ସଂଗ୍ରାମ କରିବା ପାଇଁ ତୁମେ କାହିଁକି ଏହାକୁ ବ୍ୟବହାର ନ କରିବ ? ତୁମେ କାହିଁକି ବୀରତ୍ୱର ସହ ଆନ୍ତର ଶୁଦ୍ଧି ରୂପକ ଅଗ୍ନିକୁଣ୍ଡର ସମ୍ମୁଖୀନ ହେଉ ନାହଁ, ତା’ ଭିତରେ ପଶି ନିଜକୁ ଶୁଦ୍ଧ କରୁ ନାହଁ, ତା’ହେଲେ ଏହି ଭୟଙ୍କର ଏବଂ ପ୍ରଚଣ୍ଡ ଧ୍ୱଂସକାରୀ ଶକ୍ତି ଯାହାକି ସମଗ୍ର ସଭ୍ୟତାକୁ ଅନ୍ଧକାର ମଧ୍ୟରେ ନିଶ୍ଚିହ୍ନ କରି ଦେବାକୁ ବସିଛି, ତାହା ଆଉ ତୁମକୁ ଆକ୍ରାନ୍ତ କରି ପାରନ୍ତା ନାହିଁ, ପୁଣି ଥରେ ସେଇ ଭୟଙ୍କର ଧ୍ୱଂସ ମଧ୍ୟ ଦେଇ ଯିବାର ଆବଶ୍ୟକତା ରହନ୍ତା ନାହିଁ ।

ଆମ ଆଗରେ ଏହା ହିଁ ସମସ୍ୟା । ପ୍ରତ୍ୟେକଙ୍କୁ ନିଜ ନିଜ ବାଟରେ ଏହି ସମସ୍ୟାର ସମାଧାନ କରିବାକୁ ହେବ ।

### ଏକ ଅସାଧାରଣ ମୁହୂର୍ତ୍ତ

ଲୋକମାନେ ଶୋଇଥା’ନ୍ତି, ସେମାନେ ଭୁଲି-ଯାଇଥା’ନ୍ତି, ସେମାନେ ଜୀବନକୁ ନିଅନ୍ତି ଖୁବ୍ ସହଜ ଭାବରେ – ଅସଲ କଥାଟିକୁ କିନ୍ତୁ ଭୁଲି ଯାଇଥା’ନ୍ତି, ସବୁବେଳେ ହିଁ ଭୁଲି ଯାଇଥା’ନ୍ତି ।... କିନ୍ତୁ ଆମେ ଯଦି ମନେ ରଖନ୍ତେ ଯେ ... ଆମେ ଏକ ଅସାଧାରଣ ମୁହୂର୍ତ୍ତରେ ରହିଛେ, ଏକ ଅଦ୍ୱିତୀୟ ମୁହୂର୍ତ୍ତ ବୋଲି କହିପାର, ତାହାହେଲେ – ଆମର ଏଇଟା ପରମ ସୌଭାଗ୍ୟ ଯେ ପୃଥିବୀର ନବଜନ୍ମ ହେବା ମୁହୂର୍ତ୍ତରେ ହିଁ ଉପସ୍ଥିତ ରହିବାର ଏହି ଅମୂଲ୍ୟ ସୁଯୋଗ ଆମ୍ଭମାନଙ୍କୁ ମିଳିଛି, ଆମ ଅଗ୍ରଗତିରେ ଯାହାକିଛି ବାଧା ଦେଉଛି ବା ରୋକୁଛି, ସେସବୁକୁ ଆମେ ଦୂର କରିବା ପାଇଁ ନିଶ୍ଚୟ ଚେଷ୍ଟା କରନ୍ତେ ।

ତେଣୁ, ମନେହୁଏ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏଇ କଥାଟିକୁ ମନେ ରଖିବା; ଏହା ଉପରେ ନିଶ୍ଚିତ ହେବା ପାଇଁ ତଥା ଏହା ବିଶ୍ୱାସ କରିବା ପାଇଁ ଏପରିକି ଯେତେବେଳେ ଏ ସଂପର୍କରେ ତୁମର କିଛି ବାସ୍ତବ ଅନୁଭୂତି ଆସି ନାହିଁ ସେତେବେଳେ ମଧ୍ୟ ତୁମକୁ ଏହାର ନିଶ୍ଚିତତା ସଂପର୍କରେ ନିଃସନ୍ଦେହ ହେବାକୁ ହେବ, ଏହା ଉପରେ ନିର୍ଭର ବିଶ୍ୱାସ ରଖିବାକୁ ହେବ । ତଥାପି ତୁମେ ଏଇ କଥାଟି ସବୁବେଳେ ସ୍ମରଣରେ ରଖିପାର, ନିରନ୍ତର ତୁମ ମନ ଭିତରକୁ ଏହା ଆହ୍ୱାନ କରିପାର, ଏଇ ଧାରଣାକୁ ନେଇ ନିଦ୍ରା ଯାଇପାର ଏବଂ ଏଇ ଅବବୋଧକୁ ନେଇ ନିଦରୁ ଉଠିପାର । ଆଉ ମଧ୍ୟ ଏଇ ମହାନ୍ ସତ୍ୟକୁ ପୃଷ୍ଠଭୂମିରେ ରଖି, ଏବଂ ଏହାରି ଉପରେ ହିଁ ପୂର୍ଣ୍ଣ ନିର୍ଭର କରି ତୁମେ ସବୁକିଛି କାର୍ଯ୍ୟ କରିପାର । ତୁମ ଚିତ୍ତରେ ଏହି ମହାନ୍ ସତ୍ୟଟି ନିରନ୍ତର ଉଦ୍‌ଭାସିତ ରହୁ ଯେ ଏକ ନୂତନ ବିଶ୍ୱର ଜନ୍ମ ଘଟନାଟିକୁ ତୁମେ ପ୍ରତ୍ୟକ୍ଷ କରୁଛ ।

ଆମେ ଏଥିରେ ଅଂଶଗ୍ରହଣ କରିପାରୁ, ଆମେ ନିଜେ ହିଁ ଏହି ନୂତନ ବିଶ୍ୱ ହୋଇପାରୁ । ସତକଥା କହିବାକୁ ଗଲେ ତୁମେ ଯେତେବେଳେ ଏଇ ଚମତ୍କାର ସୁଯୋଗଟି ପାଇଛ, ଏଇ ସୁଯୋଗର ସଦ୍‌ବ୍ୟବହାର କରିବାକୁ ତୁମେ ସବୁକିଛି ତ୍ୟାଗ କରିବା ପାଇଁ ପ୍ରସ୍ତୁତ ରହିବା ଉଚିତ ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ

## (ପରିଚ୍ଛେଦ : ୮୮)

## ଚେତନାର ଦିଗ୍‌ବଳୟ ଅଭିମୁଖେ ଦୁରୁହାଭିଯାନ

**ମନୋଜ ଦାସ**

ଆତ୍ମସତ୍ତାର କ୍ରମନ୍ମୋଚନ ପଦ୍ଧତି କ୍ରମେ
କେବେ କେବେ ଅନଭିବ୍ୟକ୍ତିୟ ରହସ୍ୟ
ଅବତରଣ ପାଇଁ ମନୋନୟନ କରେ ଏକ ମାନବୀୟ ଆଧାର ।
(ସାବିତ୍ରୀ, ୧ମ ପର୍ବ, ୧ମ ସର୍ଗ) — ଶ୍ରୀଅରବିନ୍ଦ

ଶ୍ରୀଅରବିନ୍ଦଙ୍କ ବାସସ୍ଥାନ ତଥା 'କର୍ମଯୋଗୀନ୍' କାର୍ଯ୍ୟାଳୟ ଉପରେ ଦିନରାତି ନିରବଚ୍ଛିନ୍ନ ଦୃଷ୍ଟି ସତ୍ତ୍ୱେ ଗୁପ୍ତଚରମାନେ ତାଙ୍କୁ ଆଉ ମୋଟେ ଦେଖି ପାରିଲେ ନାହିଁ — ଏହା ସେମାନଙ୍କ କର୍ତ୍ତାଙ୍କୁ ଏକାନ୍ତ ବିଚଳିତ କରିବା ସ୍ୱାଭାବିକ । କ୍ରମେ ସେମାନଙ୍କ ମହଲରୁ ଯାଇ ଏ ପ୍ରହେଳିକା ଜନସାଧାରଣଙ୍କ ଭିତରେ ତଥା ସମ୍ବାଦପତ୍ରମାନଙ୍କରେ ଆଲୋଡ଼ନ ସୃଷ୍ଟି କଲା । ବିଷମ ସଙ୍କଟ ଅନୁଭବ କଲେ ଶାସନର ତୁଙ୍ଗ କର୍ତ୍ତାମାନେ ।

ଶ୍ରୀଅରବିନ୍ଦଙ୍କ ନିରୁଦ୍ଦେଶକୁ ନେଇ କେତେ ପ୍ରକାର ଗୁଜବ ବ୍ୟାପୀ ଥିବ, ତାହା ଆମେ ଆକଳନ କରି ପାରିବା ୧୯ ତାରିଖ ମାର୍ଚ୍ଚ ୧୯୧୦ ସଂଖ୍ୟା 'କର୍ମଯୋଗୀନ୍'ରେ ପ୍ରକାଶିତ ଏହି ବିଜ୍ଞପ୍ତିରୁ :

''ସ୍ଥାନୀୟ ସମ୍ବାଦପତ୍ରମାନଙ୍କରୁ ଆମେ ଯାହା ପଢୁଛୁଁ, ତାହା ବାସ୍ତବିକ ଅତ୍ୟନ୍ତ ବିସ୍ମୟର କଥା । ଶ୍ରୀଯୁକ୍ତ ଅରବିନ୍ଦ ଘୋଷ କୁଆଡ଼େ କଲିକତାରୁ ଅନ୍ତର୍ଦ୍ଧାନ ହୋଇ ଯାଇଛନ୍ତି ଏବଂ ତିବ୍ବତରେ ମହାତ୍ମାମାନଙ୍କୁ ସାକ୍ଷାତ୍ କରୁଛନ୍ତି । ଏ ରହସ୍ୟମୟ ଅନ୍ତର୍ଦ୍ଧାନ ଆମକୁ ଅଜଣା । ବାସ୍ତବରେ ଶ୍ରୀଯୁକ୍ତ ଅରବିନ୍ଦ ଆମରି ଭିତରେ ଅଛନ୍ତି ଏବଂ ସେ ଯଦି କୌଣସି ଅତୀନ୍ଦ୍ରିୟ ମାର୍ଗରେ କୁଥୁମି ବା ଅନ୍ୟ କୌଣସି ମହାନ୍ ଋଷିଙ୍କ ସହ କାରବାର କରୁଥିବେ, ତେବେ ତାହା ତାଙ୍କ ଅନ୍ୟ କୋଷକୁ ମଧ ଜଣା ନ ଥିବ । ସେ ତାଙ୍କ ସାଧନା ସକାଶେ ସମସ୍ତ ଜଞ୍ଜାଳରୁ ମୁକ୍ତ ରହି ଏକାନ୍ତବାସ କରିବା ଆବଶ୍ୟକ ବୋଲି ତାଙ୍କ ଠିକଣା ଆମେ ଅତ୍ୟନ୍ତ ଗୋପନ ରଖୁଛୁ ।...''[୧]

ଏହା ଭଗିନୀ ନିବେଦିତାଙ୍କ ଲେଖା । ସମ୍ଭବତଃ ଚନ୍ଦନନଗରରୁ ଶ୍ରୀଅରବିନ୍ଦ ତାଙ୍କୁ 'କର୍ମଯୋଗୀନ୍'ର ଦାୟିତ୍ୱ ନେବା ନିମନ୍ତେ ବାର୍ତ୍ତା ପଠାଇଥିଲେ । 'କର୍ମଯୋଗୀନ୍' ସକାଶେ ସେ ଅନେକଗୁଡ଼ିଏ ଲେଖା ମଧ ରଖି ଯାଇଥିଲେ । ସେସବୁର ଶୈଳୀରୁ ସରକାର ବିଶ୍ୱାସ କରି ଥାଇପାରନ୍ତି ଯେ ସେ ବାସ୍ତବିକ କଲିକତାରେହିଁ ରହିଛନ୍ତି ।[୨]

ଶ୍ରୀଅରବିନ୍ଦଙ୍କର ଅନ୍ୟତମ ଅନୁଗତ ସୁରେଶ ଚନ୍ଦ୍ର ଚକ୍ରବର୍ତ୍ତୀ । ଡାକ ନାମ ମନି । ବୟସ ଅଠର । ସେ ଜୀବନରେ ବଙ୍ଗଦେଶ ବାହାରେ ପାଦ ଥାପି ନାହାନ୍ତି । ଯେଉଁ ଦୁଇଜଣ ଯୁବକ ଶ୍ରୀଅରବିନ୍ଦଙ୍କୁ ଆଣି ଚନ୍ଦନନଗରରେ ଛାଡ଼ିଥିଲେ, ସେ ଥିଲେ ତହିଁର ଅନ୍ୟତମ । 'କନିଷ୍ଠ ପାଣ୍ଡବ'[୩] ଭାବରେ ପରିଚିତ ଜଣେ ରହସ୍ୟମୟ ବିପ୍ଳବୀ ଯୁବକଙ୍କ ପାଖରେ ସେ ରହୁଥିଲେ । ହଠାତ୍ ତାଙ୍କର ହସ୍ତଗତ ହେଲା ଚାରି ବର୍ଗଇଞ୍ଚ ସରିକି ଖଣ୍ଡିଏ କାଗଜରେ ଲେଖା ଶ୍ରୀଅରବିନ୍ଦଙ୍କର ନିର୍ଦ୍ଦେଶ : କାଳବିଳମ୍ବ ନ କରି ସେ ଫରାସୀ ଉପନିବେଶ ପଣ୍ଡିଚେରୀ ଯାତ୍ରା କରନ୍ତୁ ଏବଂ ସେଠାକାର ଜଣେ ଦୁଇଜଣ ଜାତୀୟବାଦୀ ନେତାଙ୍କୁ ଶ୍ରୀଅରବିନ୍ଦ ସେଠାରେ ପହଞ୍ଚୁଥିବା ସମ୍ବାଦ ଦିଅନ୍ତୁ ।

ତରୁଣ ସୁରେଶ ଯଥାଶୀଘ୍ର ୧୯୧୦ ମାର୍ଚ୍ଚ ୨୮ରେ ବାହାରି ଗଲେ ଏବଂ ମାର୍ଚ୍ଚ ୩୧ ତାରିଖ ରାତ୍ରିର ଶେଷ ପ୍ରହରରେ ଗନ୍ତବ୍ୟ ସ୍ଥାନରେ ଉପନୀତ ହେଲେ । ଏହି ଅସାମାନ୍ୟ ମେଧାବୀ ତରୁଣଙ୍କ ଲିଖିତ ସେ ଯାତ୍ରାର ହୃଦୟଗ୍ରାହୀ ବର୍ଣ୍ଣନା ସମ୍ବଳିତ ତାଙ୍କ ଆତ୍ମକାହାଣୀ ବଙ୍ଗଳା ସାହିତ୍ୟର ଏକ ରତ୍ନ ।[୪]

କହିବା ବାହୁଲ୍ୟ ବିପ୍ଳବୀମାନଙ୍କ ଭିତରେ ରହିଥିଲା ସମ୍ପର୍କର ଏକ ଅତୀବ ଗୋପନ ବ୍ୟବସ୍ଥା । ପୁଲିସ ଗୁପ୍ତଚରମାନଙ୍କ ସତର୍କତା ସେ ବ୍ୟବସ୍ଥା ଭେଦି ପାରୁ ନ ଥିଲା । ସୁରେଶଙ୍କ ଉପରେ ପୁଲିସର ନଜର ଅବ୍ୟାହତ ଥାଏ । ସେ ଜଣେ ବନ୍ଧୁଙ୍କ ବିବାହରେ ଯୋଗ ଦେବାକୁ ଯାଉଛନ୍ତି ବୋଲି

ଜଣାଶୁଣା ମହଲରେ କୁହାଗଲା । ପ୍ରଥମେ ସେ ସିଆଲ୍‌ଦହ ଷ୍ଟେସନ ଗଲେ । ସେଠାରୁ ହାଓଡ଼ା ଆସି ସେ ରେଳଗାଡ଼ିର ୨ୟ ଶ୍ରେଣୀର ଟିକେଟ ସଂଗ୍ରହ କଲେ ଆଉ ଜଣେ ଅପେକ୍ଷମାନ ବିପ୍ଲବୀଙ୍କଠାରୁ । ସେତେବେଳେ ଭାରତୀୟମାନେ ପ୍ରାୟ ସଭିଏଁ ତୃତୀୟ ଶ୍ରେଣୀରେ ହିଁ ଭ୍ରମଣ କରୁଥା'ନ୍ତି । ଖୁବ୍ କମ୍ ବ୍ୟତିକ୍ରମ ଥାଏ । ଗୋଟିଏ ଚେନ୍ ଲଗା ପକେଟ ୱାଚ୍ ଦ୍ୱାରା ସଜ୍ଜିତ ହୋଇ ଉତ୍ତମ ପୋଷାକ ପରିହିତ ସୁରେଶଙ୍କୁ ଧରାଇ ଦିଆଗଲା ଖଣ୍ଡିଏ ପ୍ରେମାତ୍ମକ ଇଂରାଜୀ ଉପନ୍ୟାସ – 'Love Made Manifest !'(୪) ଧାରଣା ହେବ ସେ କୌଣସି ଧନୀକଙ୍କର ବିଳାସୀ ପୁତ୍ର; ହୁଏତ ଦେଶ ଭ୍ରମଣରେ ବାହାରିଛନ୍ତି । ସୁରେଶଙ୍କ ସୌଭାଗ୍ୟ, ତାଙ୍କ ଡବାରେ ଏକମାତ୍ର ଅନ୍ୟ ବଙ୍ଗୀୟ ଯାତ୍ରୀ ହେଲେ ଜଣେ ଅତ୍ୟନ୍ତ ସହୃଦୟ ତ୍ରିଚିନ୍ନାପଲ୍ଲି ଅଭିମୁଖୀ ଇଞ୍ଜିନିୟର । ସେ ଯୁବକ ବହନ କରୁଥିଲେ ପ୍ରଚୁର ଲୁଚି ଓ ସନ୍ଦେଶ । ତିନି ଓଳିଯାକ ସେ ସୁରେଶଙ୍କୁ ଆପ୍ୟାୟିତ କଲେ । ଭିଲିପୁରମ୍‌ଠାରେ ଦୁହେଁ ପରସ୍ପର ବିଦାୟ ନେଲେ ।

ଅପରିଚିତ ପଣ୍ଡିଚେରୀ ଷ୍ଟେସନରେ ପହଞ୍ଚି ସୁରେଶ ପ୍ରତୀକ୍ଷାଳୟରେ ବିଶ୍ରାମ କଲେ ଏବଂ ପ୍ରଭାତରେ 'ପୁସ୍ ପୁସ୍' ନାମକ ସ୍ଥାନୀୟ ରିକ୍ସା ଯୋଗେ ଗନ୍ତବ୍ୟ ସ୍ଥଳରେ ପହଞ୍ଚିଲେ । ତାଙ୍କୁ ସ୍ୱାଗତ କଲେ ଶ୍ରୀନିବାସ ଚାରିଆର୍ ନାମକ ଭଦ୍ରବ୍ୟକ୍ତି ଏବଂ ଶ୍ରୀଅରବିନ୍ଦଙ୍କ ଆଗମନ ବାର୍ତ୍ତାରେ ସେ ବିଶେଷ ଆନନ୍ଦ ବ୍ୟକ୍ତ କଲେ ।(୬)

ଇତିହାସ କହେ :

''ପଣ୍ଡିଚେରୀର ପ୍ରାଚୀନ ନାମ ବେଦପୁରମ୍ ବା ବେଦପୁରୀ । ସ୍ଥାନଟି ବୈଦିକ ଅଧ୍ୟୟନ ଏବଂ ସଂସ୍କୃତିର କେନ୍ଦ୍ର ଥିଲା ବୋଲି ନାମରୁ ପ୍ରତୀତ ହୁଏ । ପଣ୍ଡିଚେରୀର ପୂର୍ବରେ ଅବସ୍ଥିତ ମୂଳାନାଥ ମନ୍ଦିର ଏବଂ ଥିରୁବଲର୍‌ରେ ଅବସ୍ଥିତ ଶିବ ମନ୍ଦିରରୁ ଏହାର ଯଥେଷ୍ଟ ପ୍ରମାଣ ମଧ୍ୟ ମିଳେ ।... ଅଷ୍ଟମ ଶତାବ୍ଦୀର ଏକ ଶିଳାଲିପିରୁ ଜଣାଯାଏ ବହୁ ଦିନରୁ ଏଠାରେ ଏକ ସଂସ୍କୃତ ବିଶ୍ୱବିଦ୍ୟାଳୟ ରହିଥିଲା । ବେଦପୁରେଶ୍ୱର (ଶିବ) ଥିଲେ ବେଦପୁରୀର ଆରାଧ୍ୟ ଦେବତା ।... କିଂବଦନ୍ତୀ ଅନୁସାରେ ମହାନ୍ ଋଷି ଅଗସ୍ତ୍ୟ ପଣ୍ଡିଚେରୀ ଆସିଥିଲେ... ଫରାସୀ ପୁରାତତ୍ତ୍ୱବିଦ୍ ପ୍ରଫେସର ଜୁଭୋ ଦୁବ୍ରେ କହନ୍ତି ଯେ ଆଜି ଯେଉଁ ସ୍ଥାନ ଶ୍ରୀଅରବିନ୍ଦ ଆଶ୍ରମର ମୁଖ୍ୟ ପରିସର, ସେହିଠାରେ ଅଗସ୍ତ୍ୟଙ୍କ ଆଶ୍ରମ ଅବସ୍ଥିତ ଥିଲା ବୋଲି ବିଶ୍ୱାସ କରିବାର ଯଥେଷ୍ଟ କାରଣ ରହିଛି ।''(୭)

ବହୁ ରାଜନୈତିକ ଓ ସାମାଜିକ ଝଡ଼ଝଞ୍ଜା ଅଙ୍ଗେ ନିଭେଇଛି ପଣ୍ଡିଚେରୀ । ଏ ମୁଲକକୁ ଆୟତ୍ତ କରିଛନ୍ତି କେତେ ରାଜବଂଶ, ନବାବ ଏବଂ ନକଲି ନବାବ(୮) ମଧ୍ୟ । ପାଶ୍ଚାତ୍ୟ ଔପନିବେଶିକ, ମୁଖ୍ୟତଃ ଇଂରେଜ ଓ ଫରାସୀ ଭିତରେ ଏ ମୁଲକକୁ ନେଇ ବେଶ୍ ଟଣାଓଟରା ହୋଇଛି । ବିଂଶ ଶତାବ୍ଦୀର ପ୍ରଥମ ଦଶକ ବେଳକୁ ଏହା ଥିଲା ଏକ ଛୋଟ ନିଦ୍ରିତ ଫରାସୀ ଉପନିବେଶ । ବାତାବରଣ ଥିଲା ପ୍ରାୟତଃ ଶାନ୍ତ – କେବଳ ନିର୍ବାଚନ ସମୟକୁ ଛାଡ଼ି ଦେଲେ । 'ଗେଜେଟିଅର୍'ରେ ଆମେ ପଢୁ, ୧୯୦୮ ମସିହା ସେପ୍‌ଟେମ୍ବରରେ, ଅର୍ଥାତ୍ ଏଠାରେ ଶ୍ରୀଅରବିନ୍ଦ ପଦାର୍ପଣ କରିବାର ପ୍ରାୟ ଦେଢ଼ବର୍ଷ ପୂର୍ବରୁ, ଏଠାକାର ପୌର ସଭା ନିର୍ବାଚନ ବେଳେ ''ସମଗ୍ର ବାତାବରଣରେ ହିଂସା ଭରପୂର ହୋଇ ରହିଥାଏ'' ଏବଂ ଲେମେଆର୍, ପୂର୍ବତନ ଗଭର୍ଣ୍ଣର, ଗୋଟାଏ ଗଣ୍ଡଗୋଳ ଭିତରେ ଆହତ ହୋଇଥା'ନ୍ତି ।''

ପଣ୍ଡିଚେରୀ ସୁରେଶଙ୍କୁ ବିଚିତ୍ର ମନେ ହେଉଥାଏ । ଏଠାକାର ଘୋଡ଼ାଗାଡ଼ିମାନ ଦେଖିବାକୁ ବଳଦଗାଡ଼ି ଭଳି । ଯୋଡ଼ିଏ କିଂବା ତିନୋଟି କାର୍ ଥାଏ ସମଗ୍ର ସହରରେ । ଫରାସୀ ଭାରତର ମାନ୍ୟବର ଗଭର୍ଣ୍ଣର ମସିଓଁ ମାର୍ତିନୋଙ୍କର କିନ୍ତୁ କାର୍ ନ ଥିଲା । ସେ ଗୋଟିଏ 'ପୁସ୍ ପୁସ୍'ରେ ବିଚରଣ କରୁଥା'ନ୍ତି । ସୁରେଶ ଲେଖିଛନ୍ତି :

''ଦିନେ ମୁଁ ଦେଖିଲି ଗଭର୍ଣ୍ଣର ଖଣ୍ଡିଏ ପାଇଜାମା ପିନ୍ଧିଛନ୍ତି ଏବଂ ତାଙ୍କ ମାମୁଲି କୋଟର ପଛ ପଟେ ଆଖିଦୃଶିଆ ମରାମତ ହୋଇଛି । ଜଣେ ପଥଚାରୀ ତାଙ୍କୁ ଦେଖି ମୁହଁ ବିକୃତ କରି ଦେଲା ମନ୍ତବ୍ୟ : କି ଗଭର୍ଣ୍ଣର !''

ସୁରେଶ ଶ୍ରୀନିବାସ ଚାରିଆର୍‌ଙ୍କ ଘରେ ହିଁ ରହୁଥା'ନ୍ତି । ଦିନେ ଦିବାହାର ପରେ ସେ ବିଶ୍ରାମ ନେଉଛନ୍ତି, ଦେଖିଲେ ଜଣେ ବଳିଷ୍ଠ ନିଶବନ୍ତ ବ୍ୟକ୍ତି ଘରେ ପ୍ରବେଶ କଲେ । ସେ ହେଲେ ପ୍ରଖ୍ୟାତ ଦେଶପ୍ରେମୀ ତାମିଲ କବି ସୁବ୍ରମନ୍ୟମ୍ ଭାରତୀ । ସେତେବେଳକୁ ତାଙ୍କ ବୟସ ମାତ୍ର ୨୬ ବର୍ଷ । କିନ୍ତୁ ସେ ଦିଶୁଥିଲେ ଅଧିକ ବୟସ୍କ । ପରେ ପରେ ଆସିଲେ ରଙ୍ଗଚାରୀ ଯିଏକି କଲିକତାରେ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିଥିଲେ । ଶ୍ରୀଅରବିନ୍ଦଙ୍କ ଆଗମନ ସମ୍ବାଦ ସମ୍ଭବତଃ ଏମାନଙ୍କୁ ଦିଆ ଯାଇଥିବ ।

ସୁରେଶ ନା ତାମିଲ ଜାଣିଥା'ନ୍ତି, ନା ଉତ୍ତମ ଇଂରାଜୀ । ତଥାପି ସେ ବାରଂବାର ତାଙ୍କ ଦୁର୍ନିବାର କୌତୂହଳ ବ୍ୟକ୍ତ

କରିବାର ଚେଷ୍ଟା କରୁଥା'ନ୍ତି । ମହାନ୍ ଅତିଥିଙ୍କ ଆଗମନ ଏପ୍ରିଲ ୪ ତାରିଖ ସକାଶେ ବିଳମ୍ବ ନାହିଁ । ତାଙ୍କୁ କେଉଁଠାରେ ରଖିବାର ବ୍ୟବସ୍ଥା ହେଉଛି, ସେ ଥରେ ତାହା ଦେଖିବାକୁ ଚାହାନ୍ତି । କିନ୍ତୁ ଶ୍ରୀନିବାସ ଚାରିଆର୍ ଅଙ୍ଗଭଙ୍ଗୀ ଯୋଗେ ଯାହା ବୁଝାଉଥା'ନ୍ତି, ତାହାର ଅର୍ଥ ସମ୍ଭବତଃ – ଦେଖାଯିବ; ବ୍ୟସ୍ତ କାହିଁକି ?

କିନ୍ତୁ ସୁରେଶଙ୍କ ଧୈର୍ଯ୍ୟହାନୀ ହେଉଥିବାର ଲକ୍ଷ୍ୟ କରି ଜଣେ ସ୍ୱାଗତକାରୀ ତାଙ୍କୁ ସେ ବିଶେଷ କକ୍ଷ ଦେଖାଇବା ନିମନ୍ତେ ନେଇ ଗଲେ ।

ଦୁହେଁ ପ୍ରବେଶ କଲେ ଗୋଟାଏ ସନ୍ତସନ୍ତିଆ ଅର୍ଦ୍ଧାନ୍ଧକାର ଗଳିରେ; ସମ୍ଭବତଃ ସହରର ସବୁଠୁ ଅବହେଳିତ ଏବଂ ଅପରିଚ୍ଛନ୍ନ ଅଞ୍ଚଳରୁ ଗୋଟିଏ । ଦିଗ୍‌ଦର୍ଶକ ଉତ୍ସାହଭରେ ସୁରେଶଙ୍କୁ ନେଇଗଲେ ଗୋଟିଏ ଛୋଟିଆ ମୁଦ୍ରଣାଳୟର ଦ୍ୱିତଳ କୋଠରିକୁ । ତାହା ଗୋଟାଏ ଯନ୍ତା ଭଳି । ତେବେ ତାହା ଯେ ଶ୍ରୀଅରବିନ୍ଦଙ୍କର ବାସସ୍ଥାନ ହେବାର ଯୋଗ୍ୟ, ସେ ଦିଗରେ ନିର୍ଭୁଲ୍ ପ୍ରମାଣ ଭାବରେ କାନ୍ଥ ଯାକ ଅଠାଯୋଗେ ଖବର-କାଗଜରୁ କର୍ତ୍ତିତ ତିଲକ, ଲାଲା ଲଜ୍‌ପତ ରାୟ ଏବଂ କାନାଇ ଦତ୍ତ ଇତ୍ୟାଦିଙ୍କର ଛବି ମରା ଯାଇଥାଏ ।

ମୂଢ଼ ଓ ମୁହ୍ୟମାନ ଭାବରେ ସୁରେଶ ଦୀର୍ଘନିଃଶ୍ୱାସ ଛାଡ଼ି ଠିଆ ହୋଇ ରହିଲେ ! ବୋଧହୁଏ ଜୀବନରେ ସେ କେବେ ଏଡ଼େ ଅସହାୟ ବୋଧ କରି ନ ଥିବେ । କିନ୍ତୁ ବୁଝାଇବାର ଉପାୟ ନାହିଁ ।

ତାଙ୍କ ଅସହାୟତା ବୋଧ ଆହୁରି ତୀବ୍ର ହେଲା ସେ ଯେତେବେଳେ ବୁଝିଲେ ପଣ୍ଡିଚେରୀ ମାଟିରେ ପଦାର୍ପଣ କରିବା ମାତ୍ରେ ଶ୍ରୀଅରବିନ୍ଦଙ୍କୁ ଏକ ବିପୁଳ ସମ୍ବର୍ଦ୍ଧନା ଦେବାର ବ୍ୟବସ୍ଥା ହେଉଛି ! ସୁରେଶ ନିଜର ଯାବତୀୟ ଶବ୍ଦ ଜ୍ଞାନ ପ୍ରୟୋଗ କରି ଓ ଅଙ୍ଗଭଙ୍ଗୀ ଯୋଗେ ବୁଝାଇବାକୁ ଚେଷ୍ଟା କଲେ ଯେ ତାହା ହୋଇ ପାରେନା ! ଶ୍ରୀଅରବିନ୍ଦ ଅଜ୍ଞାତ ଭାବରେ, ଛଦ୍ମ ନାମରେ ସେଠାକୁ ଆସୁଛନ୍ତି ।

''ଯୁବକ, ତୁମେ କେଡ଼େ ଅବାସ୍ତବ କଥା କହୁଛ ! ଶ୍ରୀଅରବିନ୍ଦ ଏଠାରେ ପହଞ୍ଚିବେ ଅଥଚ ସେକଥା କେହି ଜାଣିବେ ନାହିଁ ! ଏହା ସମ୍ଭବ ?'' ସେମାନେ ବିହ୍ୱଳ ଭଳି ପ୍ରଶ୍ନ କଲେ ।

ସୁରେଶ ଆପ୍ରାଣ ଚେଷ୍ଟା କରି ସେମାନଙ୍କ ଯୋଜନା ବଦଳାଇଲେ । କେବଳ ଜଣେ ବା ଦୁଇଜଣ ବ୍ୟକ୍ତି ଜାହାଜ ଭିତରକୁ ଯାଇ ତାଙ୍କୁ ସଙ୍ଗୋଳିବାର ଏବଂ ଆଡ଼ମ୍ବର ବିନା ତାଙ୍କୁ ତାଙ୍କ ପାଇଁ ଉଦ୍ଦିଷ୍ଟ ଆଳୟକୁ ନେଇ ଆସିବାର ସିଦ୍ଧାନ୍ତ ହେଲା । ସ୍ୱାଗତକାରୀମାନେ ଅବଶ୍ୟ ବଡ଼ ଉଦାସ ଦିଶିଲେ ।

ସୁରେଶଙ୍କ ବିବରଣୀ (ସଂକ୍ଷେପିତ) :

''୧୯୧୦ ମସିହା ଏପ୍ରିଲ ୪ ତାରିଖ ଦିନ ଚାରିଟା ବେଳେ ଡ୍ୟୁପ୍ଲେ ଜାହାଜ ପଣ୍ଡିଚେରୀ ବନ୍ଦରରେ ଲଙ୍ଗର ପକାଇଲା । ତହିଁ ସମୁଦ୍ର ଯଥେଷ୍ଟ ଗଭୀର ହୋଇ ନଥିବାରୁ ଜାହାଜ ଜେଟିରେ ଭିଡ଼ି ପାରୁ ନଥାଏ । ଯାତ୍ରୀମାନଙ୍କୁ ଚୌଠ ବା ଅଧମାଇଲ ନୌକାଯୋଗେ ଆସିବାକୁ ପଡୁଥାଏ । ଜାହାଜରୁ ଅବତରଣ ବା ତହିଁକୁ ଆରୋହଣ ନିମନ୍ତେ ରୀତିମତ ବଳ ଖଟାଇବାକୁ ପଡୁଥିଲା । ପବନ ତୀବ୍ର ଏବଂ ଢେଉ ଉତ୍ତାଳ ଥିଲେ କେବଳ କୁସ୍ତିଗୀରମାନେ ସେ କାମ କରି ପାରିବେ !... ଶ୍ରୀନିବାସ ଚାରିଆର୍ ଏବଂ ମୁଁ ନୌକା ଭିତରକୁ କୌଣସି ମତେ ଭାରସାମ୍ୟ ରକ୍ଷା କରି ବିପୁଳ ତରଙ୍ଗାଘାତରେ ଦୋଦୁଲ୍ୟମାନ ନୌକାକୁ ଅବତରଣ କଲୁ ।... ନୌକା ଜାହାଜ ଅଭିମୁଖେ ଚାଲିଲା ।

''ନୌକା ଜାହାଜର ନିକଟତର ହୁଅନ୍ତେ ମୁଁ ଦେଖିଲି ଶ୍ରୀଅରବିନ୍ଦ ଓ ବିଜୟ ଡେକ୍ ଉପରେ ଠିଆ ହୋଇଛନ୍ତି । ମୋ ଅଭିଯାନର ସାଫଲ୍ୟ ସମ୍ପର୍କରେ ସେମାନଙ୍କର ଉତ୍କଣ୍ଠା ଥିବା ସ୍ୱାଭାବିକ ।... ଆମ ଟଳମଳ ନୌକା ଜାହାଜ ସ୍ପର୍ଶ କରନ୍ତେ ଆମେ ଝୁଲନ୍ତା ଶିଢ଼ି ଆରୋହଣ କଲୁ – ପୁନର୍ବାର ଯଥେଷ୍ଟ ଶକ୍ତି ପ୍ରୟୋଗ ଯୋଗେ ଭାରସାମ୍ୟ ରକ୍ଷା କରି । ତତ୍ପରେ ପ୍ରବେଶ କଲୁ ଶ୍ରୀଅରବିନ୍ଦଙ୍କ କକ୍ଷରେ ।''

ଜାହାଜ କର୍ତ୍ତୃପକ୍ଷ ଯାତ୍ରୀମାନଙ୍କୁ ବିଦାୟ ଭେଟି ଭାବରେ ଚାହା ଏବଂ ବିସ୍କୁଟ ପରିବେଷଣ କରିଥା'ନ୍ତି । ଶ୍ରୀନିବାସ ଚାରିଆର୍ ତାହା ସ୍ପର୍ଶ କଲେ ନାହିଁ – ଯେହେତୁ ବିଶେଷ ଭାବେ ପ୍ରସ୍ତୁତ ସେ ବିସ୍କୁଟତକ ଭିନ୍ନ ଭିନ୍ନ ପ୍ରକାର ମତ୍ସ୍ୟର ରୂପାକାର ଗ୍ରହଣ କରିଥା'ନ୍ତି । ସୁରେଶ ଯାବତୀୟ ଭେଟିର ସଦ୍‌ବ୍ୟବହାର କଲେ ।

ତତ୍ପରେ ସଭିଏଁ ଜିନିଷପତ୍ର ସହ ଅବତରଣ କରି ପ୍ରବଳ ପବନ ଓ ଟଳମଳ ନୌକାରେ ନିଜ ନିଜ ଭାରସାମ୍ୟ ରକ୍ଷା କରି କୂଳରେ ଉପନୀତ ହେଲେ ।

ଶ୍ରୀନିବାସ ଚାରିଆର୍ ଜଣେ ବନ୍ଧୁଙ୍କ ସୌଜନ୍ୟରୁ ଜେଟ୍‌କା (ଘୋଡ଼ାଗାଡ଼ି)ଟିଏ ଯୋଗାଡ଼ କରିଥା'ନ୍ତି । ଶ୍ରୀଅରବିନ୍ଦ ଆଚାରୀଙ୍କ ସହ ସେଥିରେ ବସିଲେ ଓ ଗୋଟିଏ ପୁସ୍ ପୁସ୍ ଆରୋହଣ କଲେ ଜଣେ ସ୍ଥାନୀୟ ଦିଗ୍‌ଦର୍ଶକଙ୍କ ସହ ସୁରେଶ ।

ବିଜୟ କାହା ଗାଡ଼ିରେ ବସିଲେ ସୁରେଶଙ୍କର ମନେ ନାହିଁ – କାରଣ ଶ୍ରୀଅରବିନ୍ଦଙ୍କ ଭାବୀ ବାସସ୍ଥାନର ଦୃଶ୍ୟରେ ସେତେବେଳେ ସେ ଲଜ୍ଜା ଓ ଅପମାନବୋଧ ଜର୍ଜରିତ ରହିଥା'ନ୍ତି ।

କିନ୍ତୁ ଇଏ କ'ଣ ? ଜେଟ୍କା ତ ସେ ଅପରିଚ୍ଛନ୍ନ ଗଳି ଆଡ଼େ ଗଲା ନାହିଁ । ତାହା ଯାଇ ଏକ ବିରାଟ ସୁରମ୍ୟ ଅଟ୍ଟାଳିକା ସମ୍ମୁଖରେ ଅଟକିଲା । ବସ୍ତୁତଃ ପଣ୍ଡିଚେରୀରେ ସେତେବେଳେ ତାହାହିଁ ଥିଲା ଏକମାତ୍ର ତ୍ରିତଳ ପ୍ରାସାଦ । ଜଣେ ସମ୍ଭ୍ରାନ୍ତ ନଗରବାସୀ ଶଙ୍କର ଚେଟ୍ଟିଙ୍କ ବାସଗୃହ ।

ସୁରେଶ ପୁସ୍ ପୁସ୍ରୁ ବାହାରିବା ମାତ୍ରେ ତାଙ୍କୁ ତାଙ୍କ ଦିଗ୍‌ଦର୍ଶକ କୋଠାର ତ୍ରିତଳକୁ ନେଇ ଗଲେ । ସୋପାନ ଶ୍ରେଣୀର ଶେଷରେ ପହଞ୍ଚି ସୁରେଶ ଦେଖିଲେ ତାଙ୍କ ଆଗରେ ଉନ୍ମୁକ୍ତ ଏକ ପରିଚ୍ଛନ୍ନ, ସୁନ୍ଦର କକ୍ଷ । ତହିଁ ଏକ ଆରାମ ଚୌକିରେ ଉପବିଷ୍ଟ ଶ୍ରୀଅରବିନ୍ଦ । ଶ୍ରୀନିବାସ ଚାରିଆର୍ ଓ ଅନ୍ୟ ସ୍ୱାଗତକାରୀମାନେ ତାଙ୍କୁ ଅକୃତ୍ରିମ ଶ୍ରଦ୍ଧାଭରେ ସାହଚର୍ଯ୍ୟ ଦେଉଛନ୍ତି – ତାଙ୍କ ସମ୍ମୁଖରେ କେହି ଆସନ ଗ୍ରହଣ ମଧ୍ୟ କରୁ ନଥିଲେ ।

ସ୍ୱାଗତକାରୀମାନଙ୍କ ଉଦ୍ଦେଶ୍ୟରେ ଗଭୀର କୃତଜ୍ଞତାରେ ଭରିଗଲା ତରୁଣ ସୁରେଶଙ୍କ ହୃଦୟ ।

କିନ୍ତୁ ତାଙ୍କୁ କାହିଁକି ଦଗା ଦିଆଯାଇ ଥିଲା ? ଏ ପ୍ରହେଳିକାର ସମାଧାନ ସେ ପାଇଲେ ଅଚିରେ । ସ୍ଥାନୀୟ ଶ୍ରୀଅରବିନ୍ଦ-ପ୍ରେମୀମାନେ ଶେଷ ପର୍ଯ୍ୟନ୍ତ ତାଙ୍କୁ ସମ୍ପୂର୍ଣ୍ଣ ବିଶ୍ୱାସ କରୁ ନଥିଲେ । ତରୁଣଟି ବ୍ରିଟିଶ ସରକାର ଦ୍ୱାରା ନିୟୋଜିତ ଚର ନୁହେଁ ତ ? ସେ ଏଠାକାର ବିପ୍ଳବ ମନୋଭାବାପନ୍ନ ବ୍ୟକ୍ତିବର୍ଗଙ୍କ ସନ୍ଧାନ ନିମନ୍ତେ ପ୍ରେରିତ ନୁହେଁ ତ ?

ଏହି ସନ୍ଦେହ ଯୋଗୁଁ ସେମାନେ ସତର୍କତା ଅବଲମ୍ବନ କରୁଥିଲେ । ଯଦି ସେଦିନ ଶ୍ରୀଅରବିନ୍ଦ ଉପନୀତ ହୋଇ ନଥା'ନ୍ତେ, ତେବେ ସୁରେଶଙ୍କ କପାଳରେ ବହୁ ଦୁର୍ଭୋଗ ଥିଲା ଅନିବାର୍ଯ୍ୟ !

ସେହି ମୁହୂର୍ତ୍ତରୁ ଆରମ୍ଭ ହେଲା ମହାଯୋଗୀଙ୍କ ଜୀବନର ନୂତନ ପର୍ଯ୍ୟାୟ ।

ମାତୃଭୂମି ସ୍ୱାଧୀନତା ହାସଲ କରିବା ଚାହି – ଭାରତ ବର୍ଷ ବ୍ୟାପୀ ଏହି ଅଭୀପ୍ସା ଜାଗରିତ କରିଥିଲେ ଶ୍ରୀଅରବିନ୍ଦ । ଜାତୀୟ କଂଗ୍ରେସର ପ୍ରଥମ ଐତିହାସିକଙ୍କ ଭାଷାରେ, ''ଶ୍ରୀଅରବିନ୍ଦଙ୍କ ପ୍ରତିଭା ଏକ ଉଲ୍‌କା ଭଳି ଦେଖା ଦେଇଥିଲା । ଉଚ୍ଚ ଗଗନରେ ତାଙ୍କ ଅବସ୍ଥାନ ଥିଲା ସ୍ୱଳ୍ପ ସମୟ ନିମନ୍ତେ । କିନ୍ତୁ ତାଙ୍କ ଆଲୋକ ଯୋଗେ ସେ କନ୍ୟାକୁମାରୀରୁ ହିମାଳୟ ଯାଏ ଉଦ୍ଭାସିତ କରିଥିଲେ ସମଗ୍ର ଦେଶକୁ ।[୯]

ସେତେବେଳକୁ ଦେଶର ସ୍ୱାଧୀନତା ଅନିବାର୍ଯ୍ୟ ବୋଲି ଶ୍ରୀଅରବିନ୍ଦ ଜାଣି ସାରିଥିଲେ । ଚନ୍ଦନନଗର ଯାତ୍ରା ବେଳକୁ ସେ ସମ୍ପର୍କରେ ସେ ନିଶ୍ଚିତ ଥିଲେ ବୋଲି 'କର୍ମଯୋଗୀନ୍'ର ଜଣେ ଉତ୍ସର୍ଗୀକୃତ କର୍ମୀଙ୍କ ସ୍ମୃତିଚାରଣରୁ ଆମେ ଅବହିତ ହେଉ ।[୧୦] ତା' ଛଡ଼ା ୧୯୧୮ ମସିହାରେ ସେ ତାଙ୍କର ଅନୁରକ୍ତ ଯୁବକ ଏ. ବି. ପୁରାଣୀଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହା ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ :

''ମୁଁ ତୁମକୁ କଥା ଦେଉଛି, ଆଗାମୀ କାଲି ସୂର୍ଯ୍ୟୋଦୟ ଯେମିତି ନିଶ୍ଚିତ, ଏହା (ସ୍ୱାଧୀନତା ଲାଭ) ମଧ୍ୟ ସେହିପରି ନିଶ୍ଚିତ । ସିଦ୍ଧାନ୍ତ ହୋଇ ସାରିଛି; ଫଳବତୀ ହେବା ନିମନ୍ତେ ବିଶେଷ ବିଳମ୍ବ ନ ହୋଇପାରେ ।''[୧୧]

ଭାରତର ମୁକ୍ତି ନିର୍ଦ୍ଧାରିତ ହୋଇ ସାରିଥାଏ । ବର୍ତ୍ତମାନ ଶ୍ରୀଅରବିନ୍ଦଙ୍କ ଆଭିମୁଖ୍ୟ ଅଜ୍ଞାନ ତିମିରରୁ ମାନବ ଚେତନାର ମୁକ୍ତି । ସେ ପାଇଁ ସେ ରହିବେ ଯୋଗ ନିମଗ୍ନ । ସେ ମୁକ୍ତି ହାସଲ ହେଲେ ହିଁ ବିବର୍ତ୍ତନରେ ମାନବତା ଏକ ନୂତନ ପର୍ଯ୍ୟାୟରେ ଉପନୀତ ହୋଇପାରିବ ।

(ଶ୍ରୀଅରବିନ୍ଦଙ୍କ ପ୍ରାକ୍-ପଣ୍ଡିଚେରୀ ଜୀବନର ତଥ୍ୟ ସମ୍ବଳିତ ଗ୍ରନ୍ଥ ସମାପ୍ତ । ଉପସଂହାର ରୂପେ ପ୍ରକାଶ ପାଇବ ଆଉ ଚାରିଗୋଟି ପରିଚ୍ଛେଦ ।)

(କ୍ରମଶଃ)

❑❑❑

---

**ତଥ୍ୟ ନିର୍ଦ୍ଦେଶିକା**


୧. କର୍ମଯୋଗୀନ୍, CWSA, Vol. 8, ଶ୍ରୀଅରବିନ୍ଦ ଆଶ୍ରମ ।

୨. ତତ୍ରୈବ, Notes on the Text

୩. 'କନିଷ୍ଠ'ର ପ୍ରକୃତ ନାମ ସତୀଶ ସରକାର । ପରବର୍ତ୍ତୀ ସମୟରେ ସେ ନିର୍ବାଣ ସ୍ୱାମୀ ଭାବେ ସୁପରିଚିତ ଥିଲେ ।

୪. ସୁରେଶ ଚନ୍ଦ୍ର ଚକ୍ରବର୍ତ୍ତୀ (୧୮୮୪-୧୯୫୪)ଙ୍କ ''ସ୍ମୃତିକଥା'' ।

୫. ବହିଟିର ଲେଖକ Guy Boothby (1867-1905)

୬. ଶ୍ରୀନିବାସ ଚାରିଆର ବା ଶ୍ରୀନିବାସ ଆଚାରୀ ଜଣେ ସମର୍ପିତ ଜାତୀୟବାଦୀ ଥିଲେ । ସେ କବି ସୁବ୍ରମନ୍ୟମ୍ ଭାରତୀ ଏବଂ ତାଙ୍କ ପତ୍ରିକା INDIA ସହ ଗଭୀର ସମ୍ପୃକ୍ତ ଥିଲେ ।

୭. ପି. ରାଜା; A Concise History of Pondicherry; Busy Bee Books, Pondicherry.

୮. ଦ୍ୟୁପ୍ଲେ ୧୭୪୨ରୁ ୧୭୫୪ ପର୍ଯ୍ୟନ୍ତ ଫରାସୀ-ଶାସିତ ପଣ୍ଡିଚେରୀର ଗଭର୍ଣ୍ଣର ଥିଲେ । ୧୭୪୭ ମସିହା ୨୭ ଫେବ୍ରୁଆରୀ ଦିନ ସେ ପାରମ୍ପରିକ ନବାବ ବେଶରେ (ରତ୍ନ ଖଚିତ ପଗଡ଼ି ସମେତ) ସଜ୍ଜିତ ହୋଇ ଦରବାର କଲେ । ପଣ୍ଡିଚେରୀର ବାସିନ୍ଦାମାନଙ୍କୁ ତାଙ୍କୁ 'ନଜର ସଲାମି' ଭାବରେ ମୋହରମାନ ଦେବାକୁ ପଡ଼ିଲା । ପାଞ୍ଚଦିନ ପରେ ଦିଲ୍ଲୀର ମୋଗଲ ବାଦଶାହ ତାଙ୍କୁ ଖାଁ ବାହାଦୂର ଉପାଧି ଦେଲେ !

୯. ପଟ୍ଟାଭି ସୀତାରାମାୟା : History of Indian National Congress.

୧୦. ଉପେନ୍ଦ୍ରଚନ୍ଦ୍ର ଭଟ୍ଟାଚାର୍ଯ୍ୟ : ''ଆମାର୍ ଏଲୋମେଲୋ ଜୀବନେର୍ କୟେକ୍ଟି ଅଧ୍ୟାୟ୍'' (ବଙ୍ଗଳା) Modern Book Agency, କଲିକତା ।

୧୧. କେ. ଆର୍, ଶ୍ରୀନିବାସ ଆୟେଙ୍ଗାର : Sri Aurobindo : A Biography and a History ତଥା ଅନ୍ୟାନ୍ୟ ଉତ୍ସ । ❑

## ଭ୍ରମ ସଂଶୋଧନ

ଚଳିତ ବର୍ଷ ଏପ୍ରିଲ - ଜୁନ୍ ୨୦୨୦ ନବପ୍ରକାଶ ସଂଖ୍ୟାର 'ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ' ପ୍ରବନ୍ଧରେ ପୃଷ୍ଠା ୧୨ ର ଦ୍ୱିତୀୟ ସ୍ତମ୍ଭ, ଦ୍ୱିତୀୟ ପାରା, ଧାଡ଼ି ୪ ରେ 'ସୁକୁମାର' ପରିବର୍ତ୍ତେ 'ଅମରେନ୍ଦ୍ରନାଥ' ହେବ ଏବଂ ପୃଷ୍ଠା ୧୪ର ୧୨ ନମ୍ବର 'ତଥ୍ୟ ନିର୍ଦ୍ଦେଶିକା'ରେ 'ଦେବତା ବିଜୟ' ପରିବର୍ତ୍ତେ ''ଦେବତା ବିଦାୟ'' ହେବ ।

ମୁଦ୍ରଣ ଜନିତ ତ୍ରୁଟି ମାର୍ଜନୀୟ ।

ମୋର ପ୍ରୟୋଜନ ଏପରି ଏକ ଆଶ୍ରୟସ୍ଥଳ ଯେଉଁଠାରେ ମୋର ଯୋଗ ସାଧନାକୁ ଅବାଧରେ ପୂର୍ଣ୍ଣ କରିପାରିବି ଏବଂ ମୋର ଚାରିପଟର ବ୍ୟକ୍ତିମାନଙ୍କୁ ଗଢ଼ିତୋଳି ପାରିବି । ମୋର ବୋଧ ହେଉଛି ପଣ୍ଡିଚେରୀହିଁ ସେହି ସ୍ଥାନ ଯାହା ଉର୍ଦ୍ଧ୍ୱସ୍ଥ ସତ୍ତାମାନଙ୍କ ଦ୍ୱାରା ନିର୍ଦ୍ଧାରିତ, କିନ୍ତୁ ତୁମେ ଜାଣ ଜଡ଼ଜଗତରେ ଯାହା ଉଦ୍ଦିଷ୍ଟ ହୋଇଥାଏ ତାହାକୁ ପ୍ରତିଷ୍ଠିତ କରିବା ପାଇଁ କେତେ ଉଦ୍ୟମ ପ୍ରୟୋଜନ ।...

୧୨.୦୭.୧୯୧୧

*

ପଣ୍ଡିଚେରୀ ହେଉଛି ମୋର ନିଭୃତ ଆଶ୍ରୟସ୍ଥଳ **ମୋର ତପସ୍ୟାର ଗୁହା**, — ବୈରାଗ୍ୟ ସୁଲଭ ତପସ୍ୟା ନୁହେଁ, କିନ୍ତୁ ସେହି ତପସ୍ୟା ଯାହା ମୋ ନିଜ ଉଦ୍ଭାବନର ସଂକେତ ବହନ କରିଥାଏ ।

— ଶ୍ରୀଅରବିନ୍ଦ

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## (ଏକବିଂଶ ଅଧ୍ୟାୟ)

## ପ୍ରକୃତିର ନିୟନ୍ତ୍ରୁତ୍ୱ

## ଶେଖ ଅବଦୁଲ କାଶମ

ବ୍ୟକ୍ତି ନିଜକୁ ଅହଂବୁଦ୍ଧି ସହିତ ଜଡ଼ିତ କରିଥିବା ପର୍ଯ୍ୟନ୍ତ ଅଜ୍ଞାନ ରହିଥିବ । ଅଜ୍ଞାନ ଅବସ୍ଥାରେ ସେ ପ୍ରକୃତିର ଗୁଣସମୂହ ଦ୍ୱାରା ଆବଦ୍ଧ ହୋଇଥାଏ । ସୁତରାଂ ଅହଂର ଜଟିଳ ଗ୍ରନ୍ଥିକୁ ଛିନ୍ନ କରିବା ଆବଶ୍ୟକ । ଯଦି ଅହଂକୁ କର୍ମର କେନ୍ଦ୍ର ଓ ନିୟନ୍ତକ ହୋଇ ରହିବାକୁ ଦିଆଯିବ ନାହିଁ ଏବଂ ସକଳ କର୍ମକୁ ପରମ ଦିବ୍ୟସତ୍ତାଙ୍କ ପାଖରେ ନିବେଦନ କରି ଦିଆଯିବ ତାହାହେଲେ ପ୍ରକୃତିର ଗୁଣସମୂହ ଦ୍ୱାରା ବ୍ୟକ୍ତି ଆଉ ଆବଦ୍ଧ ହେବ ନାହିଁ । ସେ ପ୍ରକୃତିର ପ୍ରଭୁ ଈଶ୍ୱରଙ୍କ ସହ ଏକତ୍ୱ ଲାଭ କରିପାରିବ । ଆତ୍ମଜ୍ଞାନ ଓ ଈଶ୍ୱର-ଜ୍ଞାନର ଅଧିକାରୀ ହେବା ଫଳରେ ତା' ଭିତରେ ପ୍ରକୃତି ଭଗବତ୍ ଇଚ୍ଛା ଦ୍ୱାରା ପରିଚାଳିତ ହେବ ।

ଗୀତାର କେତେକ ସ୍ଥାନରେ ଅହଂସର୍ବସ୍ୱ ଜୀବକୁ ପ୍ରକୃତିର ସମ୍ପୂର୍ଣ୍ଣ ଅଧୀନ ବୋଲି ଗୁରୁତ୍ୱ ଦେଇ କୁହାଯାଇଛି । ଉଦାହରଣସ୍ୱରୂପ –

''ପ୍ରକୃତେଃ କ୍ରିୟମାଣାନି ଗୁଣୈଃ କର୍ମାଣି ସର୍ବଶଃ ।
ଅହଙ୍କାରବିମୂଢ଼ାତ୍ମା କର୍ତ୍ତାହମିତି ମନ୍ୟତେ ।।''
(୩/୨୭)

ଅର୍ଥାତ୍, ''ସମସ୍ତ କର୍ମ ସର୍ବତୋଭାବେ ପ୍ରକୃତିର ଗୁଣଗୁଡ଼ିକ ଦ୍ୱାରା କରାଯାଉଛି, କିନ୍ତୁ ଅହଙ୍କାରରେ ବିଭ୍ରାନ୍ତ ହୋଇଥିବା ମନୁଷ୍ୟ 'ମୁଁ କର୍ତ୍ତା' ବୋଲି ମନେ କରେ ।''

''ସଦୃଶଂ ଚେଷ୍ଟତେ ସ୍ୱସ୍ୟାଃ ପ୍ରକୃତେର୍ଜ୍ଞାନବାନପି ।
ପ୍ରକୃତିଂ ଯାନ୍ତି ଭୂତାନି ନିଗ୍ରହଃ କିଂ କରିଷ୍ୟତି ।।''
(୩/୩୩)

ଅର୍ଥାତ୍, ''ସମସ୍ତ ପ୍ରାଣୀ ନିଜ ନିଜ ପ୍ରକୃତିକୁ ଅନୁସରଣ କରନ୍ତି । ଜ୍ଞାନୀବ୍ୟକ୍ତି ମଧ୍ୟ ନିଜର ପ୍ରକୃତି ଅନୁସାରେ କାର୍ଯ୍ୟ କରନ୍ତି । ତେବେ ଏଥିରେ ଦମନ କ'ଣ କାମ କରିବ ?''

ପୁଣି କୁହାଯାଇଛି – ''ଗୁଣା ଗୁଣେଷୁ ବର୍ତ୍ତନ୍ତେ'' –

ଅର୍ଥାତ୍, ''ପ୍ରକୃତିର ଗୁଣସବୁ ପରସ୍ପର ପ୍ରତି କ୍ରିୟା-ପ୍ରତିକ୍ରିୟା କରୁଥା'ନ୍ତି । ଏହା କହିବାର ଅଭିପ୍ରାୟ ହେଲା ସମସ୍ତ ପ୍ରାଣୀ ଗୁଣସମୂହର ଦାସ ହୋଇ ରହିଛନ୍ତି । କିନ୍ତୁ ଏଥିରୁ ଆମେ ଏହି ଅର୍ଥ କରିବା ନାହିଁ ଯେ ବିଶ୍ୱଜଗତରେ ସବୁକିଛି ପ୍ରକୃତିର ଏକ ଅଲଙ୍ଘ୍ୟ ଯାନ୍ତ୍ରିକ ନିୟମ ଦ୍ୱାରା ନିର୍ଦ୍ଧାରିତ ଏବଂ ସେଠାରେ ସ୍ୱାଧୀନ ଭାବରେ କିଛି କରିବାର କୌଣସି ଅବକାଶ ନାହିଁ । ପ୍ରକୃତି ସହିତ ଜୀବର ସମ୍ପର୍କ ବିଷୟରେ ଏହା ଗୀତାର ଚରମ ସିଦ୍ଧାନ୍ତ ନୁହେଁ । ଗୀତାରେ ଅନ୍ୟତ୍ର କୁହାଯାଇଛି ଯେ ପ୍ରକୃତିର ଗୁଣସମୂହର ବିକ୍ଷୁବ୍ଧକାରୀ ଖେଳରୁ ଊର୍ଦ୍ଧ୍ୱକୁ ଉଠିବାକୁ ହେବ । ଏଥିପାଇଁ ଉପଯୁକ୍ତ ସାଧନା ମାର୍ଗ ମଧ୍ୟ ବତେଇ ଦିଆଯାଇଛି । ସୁତରାଂ ଗୀତାର ବିଚାରକୁ ସମଗ୍ର ରୂପରେ ଗ୍ରହଣ କରିବାର ଆବଶ୍ୟକତା ରହିଛି ।

ଗୀତା 'ଅକୃତ୍ସ୍ନବିତ୍' ଓ 'କୃତ୍ସ୍ନବିତ୍' ଏଇ ଦୁଇଟି ଶବ୍ଦ ମଧ୍ୟରେ ପାର୍ଥକ୍ୟ ଦର୍ଶାଇଛି । ସେହିମାନେ ହେଲେ ଅକୃତ୍ସ୍ନବିତ୍ ଯେଉଁମାନଙ୍କର ସମଗ୍ର ଜ୍ଞାନ ନାହିଁ, ଯେଉଁମାନେ ଖଣ୍ଡ ସତ୍ୟ ଦ୍ୱାରା ବିଭ୍ରାନ୍ତ ହୋଇଥା'ନ୍ତି । ଅନ୍ୟ ପକ୍ଷରେ 'କୃତ୍ସ୍ନବିତ୍' ହେଉଛନ୍ତି ସେହିମାନେ ଯେଉଁମାନଙ୍କର ରହିଥାଏ ସମଗ୍ର ସତ୍ୟର ସମନ୍ୱୟମୂଳକ ଜ୍ଞାନ । ଆମେ ଏହି ସମନ୍ୱୟମୂଳକ ଜ୍ଞାନକୁ ଆଧାର କରି ଆଲୋଚ୍ୟ ପ୍ରସଙ୍ଗଟିକୁ ବୁଝିବାକୁ ଚେଷ୍ଟା କରିବା ।

ଆତ୍ମା ସହିତ ପ୍ରକୃତିର ସମ୍ପର୍କ କ୍ଷେତ୍ରରେ ଦୁଇଟି ବିଭାବ ଦୃଷ୍ଟିକୁ ଆସେ । ଗୋଟିଏ ହେଉଛି ଏକ ପ୍ରକାର ପୂର୍ଣ୍ଣ ସ୍ୱାଧୀନତା ଏବଂ ଅନ୍ୟଟି ହେଉଛି ପ୍ରକୃତିର ପୂର୍ଣ୍ଣ ନିୟନ୍ତ୍ରୁତ୍ୱ । ଏହା ବ୍ୟତୀତ ଏକ ଆଂଶିକ ଓ ଆପାତ ସ୍ୱାଧୀନତା ବି ରହିଛି ଯାହା ବିକାଶଶୀଳ ମନରେ ଉପରୋକ୍ତ ଦୁଇ ବିପରୀତ ସତ୍ୟର ଏକ ବିକୃତ ପ୍ରତିବିମ୍ବ ଫଳରେ ଅନୁଭୂତ ହୁଏ । ତେବେ ଗୀତା ଅନୁସାରେ ପୂର୍ଣ୍ଣ ମୁକ୍ତି ଓ ପ୍ରଭୁତ୍ୱ ବ୍ୟତୀତ ଅନ୍ୟ କୌଣସି ସ୍ୱାଧୀନତାର ଅସ୍ତିତ୍ୱ ନାହିଁ ।

ଉପରୋକ୍ତ ପରସ୍ପର ବିରୋଧୀ ବିଷୟଗୁଡ଼ିକ ମଧ୍ୟରେ ସମନ୍ୱୟ ଖୋଜିବାକୁ ହେଲେ ଆମକୁ ଦୁଇଟି ମହାନ୍ ତତ୍ତ୍ୱର ସହାୟତା ନେବାକୁ ହେବ । ଗୋଟିଏ ହେଲା ସାଂଖ୍ୟର ପୁରୁଷ-ପ୍ରକୃତି ତତ୍ତ୍ୱ ଯେଉଁଥିରେ ବେଦାନ୍ତର ପୁରୁଷତ୍ରୟ (କ୍ଷର, ଅକ୍ଷର, ବିଶ୍ୱାତୀତ) ତତ୍ତ୍ୱ ସଂଯୁକ୍ତ ହୋଇ ରହିଥିବ । ଅନ୍ୟଟି ହେଲା

ଦ୍ୱିବିଧ ପ୍ରକୃତିର ତତ୍ତ୍ୱ (ପରା ପ୍ରକୃତି ଓ ଅପରା ପ୍ରକୃତି) । ଆମକୁ ଜାଣିବାକୁ ହେବ ଯେ ଚେତନାର ବିଭିନ୍ନ ସ୍ତର ରହିଛି । ଗୋଟିଏ ସ୍ତରରେ ଯାହା ସତ୍ୟ, ଉଚ୍ଚତର ସ୍ତରକୁ ଉଠିଗଲେ ତାହା ଆଉ ସତ୍ୟ ହୋଇ ରହେ ନାହିଁ । ଏକ ନୂତନ ସତ୍ୟ ଆମ ଆଗରେ ଉଦ୍ଭାସିତ ହୋଇଯାଏ । ଏଣୁ ଜଣେ ସାଧାରଣ ମନୁଷ୍ୟ ତାହାର ସୀମିତ ଦୃଷ୍ଟିରେ ଯାହାକୁ ସ୍ୱାଧୀନ ଇଚ୍ଛା ବୋଲି ଦାବି କରେ, ଜଣେ ଯୋଗୀର ଦୃଷ୍ଟିରେ ତାହା ଏକ ଦାସତ୍ୱ ମାତ୍ର । କୃତ୍ସ୍ନବିତ୍ (ସମଗ୍ର ଜ୍ଞାନର ଅଧିକାରୀ) ଓ ଅକୃତ୍ସ୍ନବିତ୍ (ଆଂଶିକ ଜ୍ଞାନର ଅଧିକାରୀ) ଏ ଦୁହିଁଙ୍କର ଦୃଷ୍ଟିଭଙ୍ଗୀରେ ପାର୍ଥକ୍ୟ ରହିବା ସ୍ୱାଭାବିକ ।

ନିମ୍ନ ପ୍ରକୃତି ଅନ୍ତର୍ଗତ ଅହଂ ଓ କାମନା ଦ୍ୱାରା ପରିଚାଳିତ ମନୁଷ୍ୟ ଯଦିଓ ମନେ କରେ ଯେ ସେ ନିଜର ସ୍ୱାଧୀନ ଇଚ୍ଛାରେ କାର୍ଯ୍ୟ କରୁଛି କିନ୍ତୁ ପ୍ରକୃତରେ ତା'ର ଏହି ଧାରଣା ଭ୍ରମାତ୍ମକ । ସେ ପ୍ରକୃତିର ଗୁଣସମୂହ ଦ୍ୱାରା ବଶୀଭୂତ ହୋଇ ଅଜ୍ଞାନ ଓ ଦୁଃଖ ମଧ୍ୟରେହିଁ କାଳାତିପାତ କରୁଥାଏ । ଅନ୍ୟ ପକ୍ଷରେ ଯେଉଁ ବ୍ୟକ୍ତି କାମନା ଓ ଅହଂରୁ ମୁକ୍ତ ହୋଇ ସମସ୍ତ କର୍ମକୁ ଭଗବାନଙ୍କଠାରେ ସମର୍ପଣ କରି ଦେଇଥାଏ ସେ ଜୀବନର ଯଥାର୍ଥ ମୁକ୍ତି ଓ ଆନନ୍ଦ ଉପଲବ୍ଧି କରିଥାଏ । ଯେତେବେଳେ କୁହାଯାଏ ଯେ ମନୁଷ୍ୟ ତା'ର ପ୍ରକୃତିକୁ ଆୟତ୍ତ କରିପାରିବ ନାହିଁ ସେତେବେଳେ ଏହା ପ୍ରକୃତରେ ଅହଂର ଅଧୀନରେ ବିବଶ ହୋଇ ରହିଥିବା ବ୍ୟକ୍ତିସତ୍ତା ପ୍ରତିହିଁ ପ୍ରଯୁଜ୍ୟ ।

ଗୀତା ପ୍ରକାଶ କରିଛି ଯେ ପ୍ରକୃତି ହେଉଛି କାର୍ଯ୍ୟକାରିଣୀ ଶକ୍ତି ଏବଂ ଆତ୍ମା ହେଉଛି ସର୍ବଦା ପ୍ରଭୁ ଓ ଈଶ୍ୱର । ଜଣେ ଯେତେବେଳେ ପ୍ରକୃତିର ଊର୍ଦ୍ଧ୍ୱକୁ ଉଠି ଆତ୍ମାର ଚେତନା ସହିତ ଏକୀଭୂତ ହୁଏ ସେତେବେଳେ ସେ ଯଥାର୍ଥ ସ୍ୱାଧୀନତା ଲାଭ କରେ । ସେହି ଉଚ୍ଚ ଚେତନାରେ ଅଧିଷ୍ଠିତ ହୋଇ ସେ ବିଭିନ୍ନ କର୍ମକୁ ନିରୀକ୍ଷଣ କରେ, ସମର୍ଥନ କରେ ଓ ନିୟନ୍ତ୍ରଣ ମଧ୍ୟ କରେ । ମନୁଷ୍ୟ ଯେତିକି ପରିମାଣରେ ଅହଂ-ଚେତନାରୁ ମୁକ୍ତ ହୋଇ ପ୍ରକୃତିର ଊର୍ଦ୍ଧ୍ୱରେ ଥିବା ଆତ୍ମାଙ୍କ ନିକଟତର ହୁଏ ସେତିକି ପରିମାଣରେ ସେ ସ୍ୱାଧୀନତା ଅନୁଭବ କରେ । ଇଚ୍ଛାର ସ୍ୱାଧୀନତା ପ୍ରକୃତ ବ୍ୟକ୍ତିସତ୍ତା ବା ଆତ୍ମା (the true self or the Real Person)ର ସ୍ତରରେ ରହିଛି, ଏହା ବ୍ୟକ୍ତିତ୍ୱ (Personality) ସ୍ତରରେ ନାହିଁ । କାରଣ ବ୍ୟକ୍ତିତ୍ୱଟି ତ୍ରିଗୁଣମୟୀ ପ୍ରକୃତି ସହିତ ଜଡ଼ିତ ହୋଇ ରହିଥାଏ ।

ବାସ୍ତବ ଦୃଷ୍ଟିରେ ଦେଖିଲେ ଆମ ଭିତରେ ଦୁଇ ପ୍ରକାର ଆତ୍ମା ରହିଛି, ଯଥା : ବାସନାତ୍ମା ବା ପ୍ରତିଭାସିକ ଆତ୍ମା (the apparent self) ଓ ଯଥାର୍ଥ ଆତ୍ମା (true self, the free and eternal Purusha) । ପ୍ରକୃତିର ଗୁଣସମୂହ ଦ୍ୱାରା ପରିଚାଳିତ ହୋଇ ଆମ ଭିତରର ଯେଉଁ ଅଂଶ ଅହଂ ଓ ବାସନାର ଜାଲ ଭିତରେ ଆବଦ୍ଧ ହୋଇ ରହିଥାଏ ତାହା ହେଉଛି ବାସନାତ୍ମା । ଏହା ଏକ ସ୍ୱତନ୍ତ୍ର ବ୍ୟକ୍ତିସତ୍ତାର ଭ୍ରମ ବା ଆଭାସ ସୃଷ୍ଟି କରେ । ନିତ୍ୟ ପରିବର୍ତ୍ତନଶୀଳ ଏହି ସତ୍ତା କହେ, ''ମୁଁ ହେଉଛି ଏହି ବ୍ୟକ୍ତିତ୍ୱ, ମୁଁ ହେଉଛି ଏହି ପ୍ରାକୃତିକ ସତ୍ତା, ମୁଁ ଏହି କର୍ମସବୁ କରୁଛି ।'' ପ୍ରକୃତରେ ଏହାର କୌଣସି ସ୍ୱାଧୀନତା ବା ସ୍ୱାଧୀନ ଇଚ୍ଛା ନ ଥାଏ । ପ୍ରକୃତିର ଯେଉଁ ଗୁଣ ତାକୁ ଯେପରି ପ୍ରେରିତ କରେ ସେ ତଦନୁସାରେ କର୍ମ କରିଥାଏ । ଅନ୍ୟ ପକ୍ଷରେ ଯଥାର୍ଥ ଆତ୍ମା ହେଉଛି ଆମର ପ୍ରକୃତ ଆତ୍ମସତ୍ତା ଯିଏ ପ୍ରକୃତିର ଭର୍ତ୍ତା, ଭୋକ୍ତା ଓ ପ୍ରଭୁ, ତାହା ସ୍ୱାଧୀନ ଓ ପରିବର୍ତ୍ତନରହିତ । ବାସନାତ୍ମକ ଆତ୍ମା କାମନାବାସନାରୁ ତଥା ଅହଂର ମିଥ୍ୟା ଆତ୍ମବୋଧରୁ ମୁକ୍ତ ହେବା ଦ୍ୱାରା ଯଥାର୍ଥ ମୁକ୍ତି ସମ୍ଭବ ହୁଏ । ଏଥିପାଇଁ ଶ୍ରୀକୃଷ୍ଣ ଗୀତାରେ ନିର୍ଦ୍ଦେଶ ଦେଇଛନ୍ତି –

''ମୟି ସର୍ବାଣି କର୍ମାଣି ସନ୍ନ୍ୟସ୍ୟାଧ୍ୟାତ୍ମଚେତସା ।
ନିରାଶୀର୍ନିର୍ମମୋ ଭୂତ୍ୱା ଯୁଧ୍ୟସ୍ୱ ବିଗତଜ୍ୱରଃ ।।''
(୩/୩୦)

ଅର୍ଥାତ୍, ''ଚେତନାକୁ ଆତ୍ମା ସହିତ ଏକୀଭୂତ କରି, ମୋ'ଠାରେ ସମସ୍ତ କର୍ମକୁ ସମର୍ପଣ କରି, ସମସ୍ତ ଆଶା ଓ ବାସନାରୁ ମୁକ୍ତ ହୋଇ ଏବଂ ସନ୍ତାପରହିତ ହୋଇ ତୁମେ ଯୁଦ୍ଧ କର, ଅର୍ଥାତ୍ କର୍ତ୍ତବ୍ୟ-କର୍ମ କର ।''

ପ୍ରକୃତି ତାହାର ତ୍ରିଗୁଣର ଅସମତା ଭିତରେ ହିଁ କର୍ମ କରୁଛି । ବ୍ୟକ୍ତି ଭିତରେ ଏହାର କ୍ରିୟା ଯାନ୍ତ୍ରିକ । ଗୁଣଗୁଡ଼ିକ ନିରନ୍ତର ପରସ୍ପର ସହିତ ସଂଘର୍ଷରତ । ପ୍ରକୃତି ତାହାର ଅହଂବୁଦ୍ଧିର କ୍ରିୟା ଦ୍ୱାରା ପୁରୁଷକୁ ଏହିସବୁ କର୍ମ ସହିତ ନିରନ୍ତର ଏକାତ୍ମ କରିଦିଏ, ଫଳରେ ଆତ୍ମାର ଶାଶ୍ୱତ ସତ୍ତାରେ ଏକ ପରିବର୍ତ୍ତନଶୀଳ କ୍ଷଣସ୍ଥାୟୀ ବ୍ୟକ୍ତିତ୍ୱବୋଧର ପ୍ରତୀତି ସୃଷ୍ଟି ହୁଏ । ପ୍ରକୃତିର ଅଶୁଦ୍ଧ ଚେତନା ଶୁଦ୍ଧ ଆତ୍ମଚେତନାକୁ ଆବୃତ କରିଦିଏ । ଏହାହିଁ ଅଜ୍ଞାନ ଓ ଦୁଃଖର ମୁଖ୍ୟ କାରଣ ।

ତେବେ ଏଠାରେ ପ୍ରଶ୍ନ ଉଠେ, କର୍ମସବୁରୁ ନିଜକୁ ପ୍ରତ୍ୟାହାର କରିନେଲେ ଏହି ସମସ୍ୟାର କ'ଣ ସମାଧାନ ହୋଇପାରିବ । ଗୀତା ଏହି ପ୍ରକାର ପ୍ରତିକାରକୁ ନିରୁତ୍ସାହିତ

କରିଛି । କାରଣ ଏହା ଦ୍ୱାରା ବ୍ୟକ୍ତି ଭିତରେ ତାମସିକ ନିଷ୍କ୍ରିୟତା ଓ ଜଡ଼ତା ସୃଷ୍ଟି ହେବ । ବ୍ୟକ୍ତିର କର୍ମପ୍ରବଣ ପ୍ରକୃତି ଓ ବୁଦ୍ଧି ମଧ୍ୟରେ ବିରୋଧ ଘଟିବା ଫଳରେ ବ୍ୟକ୍ତି ପରିଶେଷରେ ଆତ୍ମ-ପ୍ରତାରଣାମୂଳକ କର୍ମଧାରା, ବିଭ୍ରାନ୍ତି ଓ ମିଥ୍ୟାଚାର ମଧ୍ୟରେ ଯାଇ ପତିତ ହେବ ।

ଚେତନାର ଉଚ୍ଚତର ସ୍ତରକୁ ନ ଉଠିବା ପର୍ଯ୍ୟନ୍ତ ମନୁଷ୍ୟ ଭଲ ଓ ମନ୍ଦର ଦ୍ୱନ୍ଦ୍ୱକୁ ଅତିକ୍ରମ କରିପାରିବ ନାହିଁ । ଅହଂରେ ରହି ସେ ଯେଉଁ କର୍ମ କରିବ ତା'ର ଫଳ ତାକୁ ଅବଶ୍ୟ ଭୋଗିବାକୁ ହେବ । ନିମ୍ନତର ଚେତନାରେ ଥାଇ ବ୍ୟକ୍ତି ଯଦି ନିଜ ଆସୁରିକ ପ୍ରବୃତ୍ତିର ତୃପ୍ତିସାଧନ ପାଇଁ ଉଚ୍ଚତର ଚେତନାର ସତ୍ୟକୁ ଏକ ସୁବିଧାଜନକ ଆଳ ସ୍ୱରୂପ ବ୍ୟବହାର କରେ ତାହାହେଲେ ସେ ନିଜକୁ ଅଧଃପତନ ଆଡ଼କୁ ଟାଣିନିଏ । ଭଲ ଓ ମନ୍ଦର ବ୍ୟବହାରିକ ନିୟମକୁ ଲଘଂନ କରି ସେ ଭୋଗବିଳାସରେ ମାତିଯାଏ ଏବଂ ବିପଥଗାମୀ ହୁଏ । ଏପରି ନଷ୍ଟଭ୍ରଷ୍ଟ ବ୍ୟକ୍ତିମାନଙ୍କୁ ଗୀତା ସର୍ବଜ୍ଞାନବିମୂଢ଼ ଅବିବେକୀ ମନୁଷ୍ୟ (ସର୍ବଜ୍ଞାନବିମୂଢ଼ାନ୍ ନଷ୍ଟାନ୍ ଅଚେତସଃ) ବୋଲି ଅଭିହିତ କରିଛି ।

ସାଧାରଣତଃ କୁହାଯାଇଥାଏ ଯେ ମନୁଷ୍ୟକୁ ତା'ର ପ୍ରକୃତି ଯେପରି ଗଢ଼ିଛି ସେ ସେହିପରି ହିଁ ହେବ ଏବଂ ଏଥିରୁ ତା'ର ଅନ୍ୟ ଗତି ନାହିଁ । ଏକଥାଟି କିନ୍ତୁ ସତ୍ୟ ନୁହେଁ । ଅହଂରେ ରହିଥିବା ମନୁଷ୍ୟ ନିଜ କର୍ମ ପାଇଁ ନିଜେ ହିଁ ଦାୟୀ । ଯଦିଓ ଗୀତା କହିଛି ଯେ ସମସ୍ତ ବ୍ୟକ୍ତିଙ୍କ ସଦୃଶ ଜ୍ଞାନୀ ବ୍ୟକ୍ତି ମଧ୍ୟ ନିଜ ପ୍ରକୃତି ଅନୁସାରେ କର୍ମ କରେ ତେବେ ଏହା ଆତ୍ମା ଉପରେ ପ୍ରକୃତିର ସାର୍ବଭୌମ ଆଧିପତ୍ୟକୁ ସାବ୍ୟସ୍ତ କରୁ ନାହିଁ । ପୁନଶ୍ଚ ଯଦିଓ ଗୀତା କହିଛି ଯେ ପ୍ରତ୍ୟେକ ବ୍ୟକ୍ତି ସ୍ୱଧର୍ମକୁ ଅନୁସରଣ କରିବା ଉଚିତ ଏବଂ ସେହି ସ୍ୱଧର୍ମ ଦୋଷଯୁକ୍ତ ହେଲେ ମଧ୍ୟ ତାହା ଉତ୍ତମ ଭାବରେ ଅନୁଷ୍ଠିତ ପରଧର୍ମ ଅପେକ୍ଷା ଶ୍ରେୟସ୍କର, ତଥାପି ଏହାର ଅର୍ଥ ଏହା ନୁହେଁ ଯେ ପ୍ରକୃତି ଆମକୁ ଯେକୌଣସି ପ୍ରେରଣା ଦେଉନା କାହିଁକି, ତାହା ଯେତେ ଅଶୁଭ ହେଲେ ମଧ୍ୟ ଆମକୁ ତାହା ଅନୁସରଣ କରିବାକୁ ହେବ । କାରଣ ଅନ୍ୟତ୍ର ଗୀତା ଆମକୁ ଆତ୍ମକର୍ତ୍ତୃତ୍ୱ ଓ ଆତ୍ମସଂଯମର ଉପଦେଶ ମଧ୍ୟ ଦେଇଛି । ଯଦିଓ କାମ, କ୍ରୋଧ ଭଳି ରଜୋଗୁଣ ମନୁଷ୍ୟକୁ ବଳପୂର୍ବକ ପାପରେ ପ୍ରବୃତ୍ତ କରାଏ, ତଥାପି ଏଗୁଡ଼ିକ ଉପରେ ସଂଯମ ଲାଭ କରିବାକୁ ସେ ଚେଷ୍ଟିତ ହେବା ଉଚିତ । କାମ ବା ବାସନା ହେଉଛି ବହୁଗ୍ରାସୀ ଓ ମହାପାପୀ (ମହାଶନୋ ମହାପାପ୍ମା) । ଏହା ଅଗ୍ନି ସଦୃଶ ଅତୋଷଣୀୟ ('ଦୁଷ୍ପୂରେଣାନଳେନ' – insatiable fire) । ଦର୍ପଣକୁ ଧୂଳି ଆବୃତ କଲା ଭଳି ଏହା ଦ୍ୱାରା ଜ୍ଞାନ ଆବୃତ ହୋଇଯାଏ । ତେଣୁ ଏହାକୁ ଶତ୍ରୁ ବୋଲି ଜାଣିବାକୁ ହେବ (ଏନଂ ବୈରିଣଂ ବିଦ୍ଧି) ଏବଂ ଏହାକୁ ବିନାଶ କରିବାକୁ ହେବ । ଏଥିପାଇଁ ଇନ୍ଦ୍ରିୟ ତଥା ସମଗ୍ର ନିମ୍ନତର ପ୍ରକୃତିର ଦୃଢ଼ ସଂଯମ ନିହାତି ଆବଶ୍ୟକ ।

ଏକ ସମଗ୍ର ଦୃଷ୍ଟି ନେଇ ବୁଝିବାକୁ ଗଲେ ଆମକୁ ପ୍ରକୃତିର କ୍ରିୟାରେ ଦୁଇଟି ବିଭାବକୁ ଲକ୍ଷ୍ୟ କରିବାକୁ ହେବ । ପ୍ରଥମତଃ ପ୍ରକୃତିର ମୌଳିକ ଓ ନିଜସ୍ୱ ଅବଶ୍ୟମ୍ଭାବୀ କ୍ରିୟା ଯାହାକୁ ଦମନ ବା ନିଗ୍ରହ କରିବାରେ କୌଣସି ଲାଭ ନାହିଁ । ଦ୍ୱିତୀୟତଃ ପ୍ରକୃତି ଭିତରେ ଆକସ୍ମିକ ଭାବରେ ଘଟୁଥିବା କ୍ରିୟାସକଳ ଏବଂ ତାହା ସହିତ ଜଡ଼ିତ ହୋଇ ରହିଥିବା ବିଭ୍ରାନ୍ତି ବା ବିକୃତିର ଗତିବୃତ୍ତିସବୁ, ଯାହା ଉପରେ ଆମକୁ ନିଶ୍ଚିତଭାବେ ସଂଯମ ଆଣିବାକୁ ହେବ ଏବଂ ଆମେ ଚେଷ୍ଟା କଲେ ସେଗୁଡ଼ିକୁ ଅବଶ୍ୟ ସଂଯମ କରିପାରିବା । ସେହିପରି ନିଗ୍ରହ ଓ ସଂଯମ ମଧ୍ୟରେ ରହିଥିବା ପ୍ରଭେଦକୁ ମଧ୍ୟ ଆମକୁ ବୁଝିବାକୁ ହେବ । ଇନ୍ଦ୍ରିୟଗତ ନିମ୍ନତର ଗତିବୃତ୍ତି ଓ କାମନାବାସନାଗୁଡ଼ିକୁ ଜୋର୍ କରି ଚାପି ଦେବା ବା ଦମନ କରିବା ହେଉଛି ନିଗ୍ରହ ଏବଂ ଯଥାର୍ଥ ବିନିଯୋଗ ଓ ଯଥାର୍ଥ ପରିଚାଳନା ଦ୍ୱାରା ନିୟନ୍ତ୍ରଣ କରିବା ହେଉଛି ସଂଯମ । ପ୍ରଥମ କ୍ଷେତ୍ରରେ ଇଚ୍ଛାଶକ୍ତି ଦ୍ୱାରା ପ୍ରକୃତି ଉପରେ ଅତ୍ୟାଚାର କରାଯାଏ ଯାହା ଫଳରେ ସତ୍ତାର ସ୍ୱାଭାବିକ ଶକ୍ତିଗୁଡ଼ିକ ଅବସାଦଗ୍ରସ୍ତ ହୁଅନ୍ତି । ଦ୍ୱିତୀୟଟି ହେଉଛି ଊର୍ଦ୍ଧ୍ୱତନ ଆତ୍ମା ଦ୍ୱାରା ନିମ୍ନତର ଆତ୍ମାକୁ ନିୟନ୍ତ୍ରଣ କରିବା ଅର୍ଥାତ୍ ଉଚ୍ଚତର ପ୍ରକୃତି ଦ୍ୱାରା ନିମ୍ନତର ପ୍ରକୃତିର ପରିବର୍ତ୍ତନ କରିବା; ଯାହା ଆମର ସ୍ୱାଭାବିକ ଶକ୍ତିସବୁକୁ ଶ୍ରେଷ୍ଠତମ ଦକ୍ଷତା ପ୍ରଦାନ କରି ଯଥାର୍ଥ ରୂପେ କର୍ମ କରିବାରେ ସାହାଯ୍ୟ କରେ । ସେଥିପାଇଁ କୁହାଯାଇଛି – 'ଯୋଗଃ କର୍ମସୁ କୌଶଳମ୍ ।' ସଂଯମର ଏହି ସ୍ୱରୂପକୁ ସ୍ପଷ୍ଟ କରିବାକୁ ଯାଇ ଗୀତା କହିଛି –

''ଉଦ୍ଧରେଦାତ୍ମନାତ୍ମାନଂ ନାତ୍ମାନମବସାଦୟେତ୍ ।
ଆତ୍ମୈବ ହ୍ୟାତ୍ମନୋ ବନ୍ଧୁରାତ୍ମୈବ ରିପୁରାତ୍ମନଃ ।।''
(୬/୫)

ଅର୍ଥାତ୍, ''ଆତ୍ମା ଦ୍ୱାରା ଆତ୍ମାକୁ ଉଦ୍ଧାର କରିବାକୁ ହେବ, ଆତ୍ମାକୁ କେବେହେଲେ (ଭୋଗ ବା ଦମନ ଦ୍ୱାରା) ଅବସନ୍ନ ହେବାକୁ ଦେବ ନାହିଁ, କାରଣ ଆତ୍ମାହିଁ ଆତ୍ମାର ବନ୍ଧୁ, ପୁଣି ଆତ୍ମା ହିଁ ଆତ୍ମାର ଶତ୍ରୁ ।''

ପୁନଶ୍ଚ :

''ବନ୍ଧୁରାତ୍ମାତ୍ମନସ୍ତସ୍ୟ ଯେନାତ୍ମୈବାତ୍ମନା ଜିତଃ ।
ଅନାତ୍ମନସ୍ତୁ ଶତ୍ରୁତ୍ୱେ ବର୍ତ୍ତେତାତ୍ମୈବ ଶତ୍ରୁବତ୍ ।।''
(୬/୬)

ଅର୍ଥାତ୍, ''ସେହି ବ୍ୟକ୍ତି ପାଇଁ ଆତ୍ମା ହେଉଛି ବନ୍ଧୁ ଯାହା ଭିତରେ ନିମ୍ନତନ ଆତ୍ମା ଉର୍ଦ୍ଧ୍ୱତନ ଆତ୍ମା ଦ୍ୱାରା ବିଜିତ ହୋଇଛି, କିନ୍ତୁ ଯେଉଁ ବ୍ୟକ୍ତି ତା'ର ଉର୍ଦ୍ଧ୍ୱତନ ଆତ୍ମାକୁ ଲାଭ କରିପାରି ନାହିଁ ତାହା ପାଇଁ ତା'ର ନିମ୍ନତନ ଆତ୍ମା ଶତ୍ରୁ ପରି ଅଟେ ଏବଂ ତାହା ମଧ୍ୟ ଶତ୍ରୁବତ୍ କାର୍ଯ୍ୟ କରେ ।''

ସୁତରାଂ ଅଧ୍ୟାତ୍ମ ସତ୍ତା ଦ୍ୱାରା ନିମ୍ନତର ପ୍ରକୃତିକୁ ନିୟନ୍ତ୍ରିତ କରିବା ହେଉଛି ମନୁଷ୍ୟ ପକ୍ଷରେ ସିଦ୍ଧି ଓ ମୁକ୍ତିର ମାର୍ଗ ।

ପ୍ରକୃତିର ଅଧଃରୁ ଉର୍ଦ୍ଧ୍ୱ ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ଗୁଣଗୁଡ଼ିକ କିପରି କାର୍ଯ୍ୟ କରନ୍ତି ତାହା ଯଦି ଆମେ ନିରୀକ୍ଷଣ କରୁ ତାହାହେଲେ ପ୍ରକୃତିର ଅଧୀନତାରୁ ମୁକ୍ତି ପାଇବା ସହଜସାଧ୍ୟ ହେବ । ପ୍ରକୃତିର ନିମ୍ନତମ ସ୍ତରରେ ତମୋଗୁଣର ଆଧିପତ୍ୟ ରହିଛି । ଏଠାରେ ସ୍ୱାଧୀନ ଇଚ୍ଛା ବୋଲି କିଛି ନାହିଁ, କାରଣ ଆତ୍ମ-ଚେତନାର ଆଲୋକ ଏହାକୁ ସ୍ପର୍ଶ କରି ନାହିଁ । ପରମାଣୁ ଭିତରେ ଯେଉଁ ଇଚ୍ଛାଶକ୍ତି କାର୍ଯ୍ୟ କରୁଛି ତାହା ସ୍ୱାଧୀନ ଇଚ୍ଛା ନୁହେଁ, ତାହା ଜଡ଼ତା ଓ ଅଜ୍ଞାନର ଏକ ତତ୍ତ୍ୱ । ଏଠାରେ ପ୍ରକୃତି ଯନ୍ତ୍ରବତ୍ କ୍ରିୟା କରି ଚାଲିଛି । ଏହାର ଉପରେ ଯେଉଁ ଉଦ୍ଭିଦ ଜଗତ୍ ରହିଛି ସେଠାରେ ରଜୋଗୁଣ ସମ୍ମୁଖଭାଗକୁ ଆସିଛି, ତେଣୁ ଜୀବନୀଶକ୍ତି ଓ ସ୍ନାୟବିକ ପ୍ରତିକ୍ରିୟା ସେଠାରେ ଦୃଷ୍ଟିଗୋଚର ହୁଏ । ଏଠାରେ ମଧ୍ୟ ସବୁକିଛି ଯନ୍ତ୍ରବତ୍ ଘଟି ଚାଲିଛି, ସବୁକିଛି ଅବଚେତନ ଓ ଅର୍ଦ୍ଧଚେତନ ଅବସ୍ଥାରେ ରହିଛି । ପଶୁ ଜଗତରେ ମଧ୍ୟ ତମୋଗୁଣ ପ୍ରଭାବଶାଳୀ ହୋଇ ରହିଛି, କିନ୍ତୁ ତଥାପି ଏଠାରେ ରଜୋଗୁଣ ତମୋଗୁଣ ଅପେକ୍ଷା ଅଧିକ ଶକ୍ତିଶାଳୀ । ଏହି ସ୍ତରରେ ଅଧିକ ବିକଶିତ ଶକ୍ତି ଓ ବାସନା, ପ୍ରାଣାବେଗ ଓ ଦୁଃଖସୁଖର ଶକ୍ତି ପ୍ରକାଶିତ ହୋଇଥାଏ । ଏଠାରେ ସତ୍ତ୍ୱଗୁଣର ଆବିର୍ଭାବ ହୋଇଥାଏ କିନ୍ତୁ ତାହା ନିମ୍ନତର କ୍ରିୟାର ଅଧୀନ ହୋଇ ରହିଥାଏ । ପଶୁ ଭିତରେ ଦେଖାଯାଏ ସହଜାତ ପ୍ରବୃତ୍ତି ଓ ବୋଧ, ଏକ ପ୍ରକାର କ୍ଷୀଣ ଚିନ୍ତାଶକ୍ତି, ଅହଂବୋଧ ଓ ସଚେତ ସ୍ମୃତି । ଏ ସ୍ତରରେ ବୁଦ୍ଧି ଯଥେଷ୍ଟ ବିକଶିତ ହୋଇ ନ ଥିବାରୁ ପଶୁକୁ ତା'ର କାର୍ଯ୍ୟ ପାଇଁ ଦାୟୀ କରାଯାଏ ନାହିଁ । ବାଘଟିଏ ହରିଣ ଭଳି ନିରୀହ ପ୍ରାଣୀମାନଙ୍କୁ ମାରି ଖାଇଗଲେ ମଧ୍ୟ ସେଥିପାଇଁ ତାକୁ ଦୋଷ ଦିଆଯାଏ ନାହିଁ । କାରଣ ବାଘ ଭିତରେ ବିବେକ ବୁଦ୍ଧିର ବିକାଶ ହୋଇ ନ ଥିବାରୁ ସେ ପ୍ରକୃତି ଦ୍ୱାରା ପୂର୍ଣ୍ଣ ରୂପେ ଚାଳିତ ହୋଇ ହତ୍ୟା କାର୍ଯ୍ୟରେ ପ୍ରବୃତ୍ତ ହୁଏ । ସେହିପରି ଜଡ଼ ସ୍ତରରେ ସବୁକିଛି ଯାନ୍ତ୍ରିକ ଭାବରେ ଘଟି ଚାଲିଥିବାରୁ ଆମେ କୌଣସି ଜଡ଼ ବସ୍ତୁକୁ ତା'ର କାର୍ଯ୍ୟ ପାଇଁ ଦାୟୀ କରୁ ନାହିଁ । ଅଗ୍ନି ଆମ ଘରକୁ ପୋଡ଼ି ନଷ୍ଟ କରି ଦେଲେ ମଧ୍ୟ ଆମେ ସେଥିପାଇଁ ଅଗ୍ନିକୁ ଦୋଷ ଦେଉ ନାହିଁ ।

କିନ୍ତୁ ମନୁଷ୍ୟ ସ୍ତରରେ ଏକ ସଚେତନ ବୁଦ୍ଧି କ୍ରିୟା କରିଥାଏ । ତା'ର ଏକ ସ୍ୱାଧୀନ ଇଚ୍ଛା ଥାଏ ଯଦିଓ ତାହା ସୀମିତ ଓ ଆଂଶିକ । ତା'ର ଏକ ଦାୟିତ୍ୱବୋଧ ରହିଥାଏ । ମନୁଷ୍ୟକୁ ଆମେ ବିଭିନ୍ନ କାର୍ଯ୍ୟର କର୍ତ୍ତା ରୂପେ ଦେଖୁ । ତା'ର କାର୍ଯ୍ୟର ତ୍ରୁଟିବିଚ୍ୟୁତି ପାଇଁ ତାକୁ ଦାୟୀ କରୁ । ଯଦି ସେ ଅନ୍ଧ ପ୍ରବୃତ୍ତି ଦ୍ୱାରା ଚାଳିତ ହୋଇ କୌଣସି ଭୁଲ୍ କାର୍ଯ୍ୟ କରିଛି, ତାହା ହେଲେ ଆମେ କହୁ ଯେ ସେ ତା'ର ସ୍ୱଧର୍ମ ଅନୁସାରେ ଆଚରଣ କରି ନାହିଁ । କାରଣ ସେ କାର୍ଯ୍ୟ କଲାବେଳେ ନିଜର ବିବେକବୁଦ୍ଧିକୁ ପ୍ରୟୋଗ କରି ନାହିଁ । ଏକ ମନୁଷ୍ୟଠାରୁ ଆମେ ଏତିକି ଆଶା କରୁ ଯେ ସେ ନିଜ ସାତ୍ତ୍ୱିକ ପ୍ରକୃତି ଦ୍ୱାରା ନିଜର ରାଜସିକ ଓ ତାମସିକ ପ୍ରକୃତିକୁ ଶାସନ କରି ଯଥାର୍ଥ କର୍ମ କରିବ ।

କିନ୍ତୁ ବୁଦ୍ଧି ମଧ୍ୟ ପ୍ରକୃତିର ଏକ ଯନ୍ତ୍ର । ସାତ୍ତ୍ୱିକ ପ୍ରକୃତି ଦ୍ୱାରା ଚାଳିତ ହୋଇ ଯଦି ଜଣେ କୌଣସି କାର୍ଯ୍ୟ କରୁଛି ତାହା ସମ୍ପୂର୍ଣ୍ଣ ଭାବେ ତା'ର ସ୍ୱାଧୀନ ଇଚ୍ଛା ବୋଲି କୁହାଯାଇ ପାରିବ ନାହିଁ । ସର୍ବଶ୍ରେଷ୍ଠ ସାତ୍ତ୍ୱିକ ଭାବ ନେଇ କର୍ମ କରୁଥିବାବେଳେ ମଧ୍ୟ ତାହା ବାସ୍ତବରେ ପ୍ରକୃତି ଦ୍ୱାରା ହିଁ ସମ୍ପାଦିତ ହୋଇଥାଏ । ଆତ୍ମା ଯନ୍ତ୍ରାରୂଢ଼ ପରି ମାୟା ଦ୍ୱାରା ହିଁ ଚାଳିତ ହେଉଥାଏ । ଆମର ପରିବେଶ, ଆମର ପରମ୍ପରା, ଆମର ଶିକ୍ଷା, ଆମର ବଂଶଗତ ଗୁଣ ଓ ଅତୀତ ସଂସ୍କାର ଆଦି ଆମର କର୍ମକୁ ପ୍ରେରିତ ଓ ନିର୍ଦ୍ଧାରିତ କରିଥା'ନ୍ତି । ଏହି ଜଟିଳତା ଯୋଗୁଁ ଆମେ କୌଣସି କର୍ମକୁ ଶତ ପ୍ରତିଶତ ସ୍ୱାଧୀନ ଇଚ୍ଛା ଦ୍ୱାରା ପରିଚାଳିତ ବୋଲି କହିପାରିବା ନାହିଁ । ଆମର ତଥାକଥିତ ସ୍ୱାଧୀନ କାର୍ଯ୍ୟର ପଛପଟେ ଅନେକ ସ୍ଥୂଳ ଓ ସୂକ୍ଷ୍ମ ଶକ୍ତି କାର୍ଯ୍ୟ କରୁଥା'ନ୍ତି । ସାଧୁ ବ୍ୟକ୍ତିର ସାତ୍ତ୍ୱିକ ପୁଣ୍ୟ କାର୍ଯ୍ୟ ପଛରେ ମଧ୍ୟ ଅହଂ ପ୍ରଚ୍ଛନ୍ନ ହୋଇ ରହିଥାଏ । ସତ୍ତ୍ୱଗୁଣ ମଧ୍ୟ ବନ୍ଧନ ସୃଷ୍ଟି କରିପାରେ । ସତ୍ତା ମଧ୍ୟରେ ଅହଂ ଓ ବାସନାର

ସାମାନ୍ୟତମ ଉପାଦାନ ଥିବା ପର୍ଯ୍ୟନ୍ତ ପୂର୍ଣ୍ଣ ସ୍ୱାଧୀନତା ରହିଛି ବୋଲି କୁହାଯାଇପାରିବ ନାହିଁ । ଏସବୁ କଥାକୁ ବିଚାରକୁ ନେଲେ ଆମେ ଏଇ ସିଦ୍ଧାନ୍ତରେ ଉପନୀତ ହୋଇପାରୁ ଯେ ପ୍ରକୃତରେ ଗୁଣସକଳହିଁ ଗୁଣସକଳ ଉପରେ କ୍ରିୟା କରୁଛନ୍ତି (ଗୁଣା ଗୁଣେଷୁ ବର୍ତ୍ତନ୍ତେ) । ଏହି ହେତୁ ବ୍ୟକ୍ତିଗତ ଇଚ୍ଛାର ସ୍ୱାଧୀନତା ହେଉଛି ଏକ ଆପେକ୍ଷିକ ଓ ଆଂଶିକ ସତ୍ୟ, ଏହା ପୂର୍ଣ୍ଣ ସତ୍ୟ ନୁହେଁ ।

ତେବେ ଆମେ ତଥାପି ଶେଷ ନିଷ୍ପତ୍ତିରେ ପହଞ୍ଚି ନାହୁଁ । କାରଣ ସ୍ୱାଧୀନ ଇଚ୍ଛା ଏକ ଅବାସ୍ତବ ଓ ଅସମ୍ଭବ ବ୍ୟାପାର ନୁହେଁ । ଯଦି ଜଣେ କେବେ ବି ନିଜର ଅହଂକୁ ତୃପ୍ତ କରିବାକୁ ଚାହିଁବ ନାହିଁ, ଅହଂରେ ଥାଇ କୌଣସି ଚିନ୍ତା ବା ସଂକଳ୍ପ କରିବ ନାହିଁ ତାହାହେଲେ ସେ ଯଥାର୍ଥ ସ୍ୱାଧୀନତାକୁ ନିଶ୍ଚିତ ଭାବେ ଉପଲବ୍ଧି କରିପାରିବ । ଶ୍ରୀଅରବିନ୍ଦଙ୍କ ଭାଷାରେ –

"...freedom, highest self-mastery begin when above the natural self we see and hold the supreme Self of which the ego is an obstructing veil and a blinding shadow. And that can only be when we see the one Self in us seated above Nature and make our individual being one with it in being and consciousness and in its individual nature of action only an instrument of a supreme Will, the one Will that is really free."

(Essays on the Gita, P. 223)

ଅର୍ଥାତ୍ ''...ସ୍ୱାଧୀନତା, ଉଚ୍ଚତମ ଆତ୍ମକର୍ତ୍ତୃତ୍ୱ ଆରମ୍ଭ ହୁଏ କେବଳ ସେତିକିବେଳେ ଯେତେବେଳେ ଆମେ ପ୍ରକୃତ ଆତ୍ମାର ଊର୍ଦ୍ଧ୍ୱରେ ସେହି ପରମ ଆତ୍ମାକୁ ଦେଖିପାରୁ ଓ ଧରିପାରୁ, ଅହଂ ହେଉଛି ଯାହାର ଏକ ବାଧକ ଆବରଣ ଓ ଅନ୍ଧ ଛାୟା । ତାହା କେବଳ ସେତିକିବେଳେ ସମ୍ଭବ, ଯେତେବେଳେ ପ୍ରକୃତିର ଊର୍ଦ୍ଧ୍ୱରେ ଅବସ୍ଥିତ ସେହି ଏକ ଆତ୍ମାକୁ ଆମ ଭିତରେ ଦେଖି ପାରିବୁ ଓ ଆମର ବ୍ୟକ୍ତିଗତ ସତ୍ତାକୁ, ଚେତନା ଓ ସତ୍ତାରେ ତାହା ସହିତ ଏକ କରି ଦେଇ ପାରିବୁ ଏବଂ ଆମର ବ୍ୟକ୍ତିଗତ କାର୍ଯ୍ୟକାରୀ ପ୍ରକୃତିକୁ ସେହି ପରମ ଇଚ୍ଛାର ଏକ ଯନ୍ତ୍ରରେ ପରିଣତ କରି ଦେଇପାରିବୁ ଏକମାତ୍ର ଯେଉଁ ଇଚ୍ଛାହିଁ ପ୍ରକୃତରେ ସ୍ୱାଧୀନ ।''

(ଗୀତା-ନିବନ୍ଧମାଳା, ପୃ. ୨୭୨)

ଉଭୟ ସ୍ୱାଧୀନ ଇଚ୍ଛା (Free Will) ଏବଂ ନିୟନ୍ତ୍ରତ୍ୱ (Determinism) ଜୀବନର ବାସ୍ତବ ସତ୍ୟ । ଉଭୟ ହିଁ ବିଶ୍ୱରେ ଏକ ସଙ୍ଗେ କ୍ରିୟାଶୀଳ । ପ୍ରକୃତ ସ୍ୱାଧୀନତା ପରମାତ୍ମାଙ୍କ ସ୍ତରରେ ଉପଲବ୍ଧ ହେଉଥିବା ବେଳେ ନିୟନ୍ତ୍ରତ୍ୱ ଭୌତିକ ପ୍ରକୃତିର ଅଧୀନରେ ଥିବା ବ୍ୟକ୍ତି ବା ପ୍ରାଣୀଙ୍କଠାରେ ଏହା କ୍ରିୟାଶୀଳ ।

ଏହି ପ୍ରସଙ୍ଗରେ ଦିବ୍ୟ ଗୁରୁଙ୍କର ଗୁରୁତ୍ୱପୂର୍ଣ୍ଣ ଉପଦେଶ ହେଲା, ଆମକୁ ଗୁଣତ୍ରୟର ବହୁ ଊର୍ଦ୍ଧ୍ୱକୁ ଉଠିବାକୁ ହେବ, ତ୍ରିଗୁଣାତୀତ ଅବସ୍ଥାରେ ପହଞ୍ଚିବାକୁ ହେବ, କାରଣ ସେହି ଆତ୍ମା ସାତ୍ତ୍ୱିକ ଗୁଣର ମଧ୍ୟ ଊର୍ଦ୍ଧ୍ୱରେ ପ୍ରତିଷ୍ଠିତ । ଯେତେବେଳେ ଆମ ଭିତରୁ ସକଳ ପ୍ରକାର ବାସନା, ଏପରିକି ମୁକ୍ତିର ବାସନା ମଧ୍ୟ ଖସି ପଡ଼ିବ ସେତେବେଳେ ହିଁ ଯଥାର୍ଥ ସ୍ୱାଧୀନତା ସମ୍ଭବ ହେବ ।

❑❑❑

ମନୁଷ୍ୟମାନଙ୍କ ଭିତରେ ଥାଇ ଏକାକୀ ଅନୁଭବ କରିବା ହେଉଛି ସେହି ଲକ୍ଷଣ ଯାହା ସୂଚିତ କରେ ଯେ ତୁମେ ନିଜ ସତ୍ତା ଭିତରେ ଭଗବତ୍ ଉପସ୍ଥିତି ସହ ସଂଯୋଗ-ସ୍ଥାପନର ପ୍ରୟୋଜନୀୟତା ଅନୁଭବ କରିବାକୁ ଆରମ୍ଭ କରୁଛ । ତେଣୁ ନୀରବତା ଭିତରେ ଏକାଗ୍ର ରହିବାକୁ ଓ ସମସ୍ତ ମାନସିକ କ୍ରିୟାକଳାପର ଅପହଞ୍ଚ ହୋଇ ତୁମ ଚେତନାର ଗଭୀରରେ ରହିଥିବା ଭଗବତ୍ ଉପସ୍ଥିତିର ଆବିଷ୍କାର ନିମନ୍ତେ ତୁମକୁ ଗଭୀର ଭିତରକୁ ପ୍ରବେଶ କରିବା ପାଇଁ ଚେଷ୍ଟା କରିବାକୁ ହେବ ।

– ଶ୍ରୀମା

# ଜୀବର ସାଧନା

## ନଳିନୀକାନ୍ତ ଗୁପ୍ତ

ପ୍ରତ୍ୟେକ ଜୀବ ସ୍ୱାଧୀନ, ସ୍ୱତନ୍ତ୍ର ।

ସୃଷ୍ଟି ମଧ୍ୟରେ ହିଁ ତା'ର ଆବିର୍ଭାବର ରହସ୍ୟ, ତା'ର ନିଜର ସାର୍ଥକତା – ତା' ସତ୍ତାର, ଚେତନାର କ୍ରମ-ଅଭିବ୍ୟକ୍ତି, କ୍ରମ-ପରିଣତି, ଭଗବାନଙ୍କ ଅଭିମୁଖେ ପ୍ରଗତି ।

ଜୀବନ ହେଲା ଅଭିଜ୍ଞତାର କ୍ଷେତ୍ର – ବିଭିନ୍ନ ଜନ୍ମର ମଧ୍ୟ ଦେଇ, ମୃତ୍ୟୁ ପରେ ମୃତ୍ୟୁ ପାର ହୋଇ ବହୁଜନ୍ମ ସହିତ ବହୁଳ ସମ୍ବନ୍ଧ ସ୍ଥାପନ କରି ଜୀବ ଏହି ଅଭିଜ୍ଞତା ସଂଗ୍ରହ କରି ଚାଲିଛି । ସେ ଅଭିଜ୍ଞତାର ଫଳ ଓ ଲକ୍ଷ୍ୟ ହେଲା ଚେତନାକୁ ଗଭୀରତର, ବୃହତ୍ତର, ଊର୍ଦ୍ଧ୍ୱତର କରି ଗଢ଼ିବା ।

ଜୀବ ବିଶେଷ ଦେଶରେ, ବିଶେଷ କାଳରେ, ବିଶେଷ ଅବସ୍ଥାରେ ଯେଉଁ ଶରୀର ଗ୍ରହଣ କରେ ତା'ର ଉଦ୍ଦେଶ୍ୟ ଏକ ବିଶେଷ ଅଭିଜ୍ଞତା ଆହରଣ, ଏକ ବିଶେଷ ଉପଲବ୍ଧି ଅର୍ଜନ । ଏଇ ପ୍ରୟୋଜନ ଅନୁସାରେ ଦେଶ-କାଳ-ଅବସ୍ଥା, ଆତ୍ମୀୟ-ପରିଜନ ସେ ପରିବର୍ତ୍ତନ କରି ଥାଏ । ସମସ୍ତ ସମ୍ବନ୍ଧ ତା'ର ''ଆତ୍ମନସ୍ତୁ କାମାୟ'', ନିଜର, ନିଜ ଆତ୍ମାର ସାର୍ଥକତା ପାଇଁ ।

*

ବିଶେଷ ଅଭିଜ୍ଞତା, ଉପଲବ୍ଧି ପାଇଁ ଏକ ବିଶେଷ ଜନ୍ମ ପ୍ରୟୋଜନ ହେଲେ ବି ସେହି ଅଭିଜ୍ଞତା, ଉପଲବ୍ଧିର ଉପଯୋଗୀ ବାଧା-ବିପତ୍ତିହୀନ ସର୍ବାଙ୍ଗ ସୁନ୍ଦର ଆଦର୍ଶ ଅବସ୍ଥା ଯେ ସିଏ ପାଏ, ତାହା ନୁହେଁ । ଅଭିଜ୍ଞତା ତଥା ଉପଲବ୍ଧି ପାଇବା ପାଇଁ ଠିକ୍ ହୁଏତ ଏପରି ବ୍ୟବସ୍ଥା ପ୍ରୟୋଜନ ଯାହା ଜଟିଳ, କୁଟିଳ, ବନ୍ଧୁର ଓ ବିଘ୍ନସଙ୍କୁଳ ।

ବାହ୍ୟ-ଜୀବନ ଅଜ୍ଞାନମୟ ପ୍ରକୃତିର ଜୀବନ । ତା' ହେଉଛି ଦ୍ୱନ୍ଦ୍ୱର, ସଂଘର୍ଷର, ଅପ୍ରୀତିକର କ୍ଳେଶର, ବିପତ୍ତିର କ୍ଷେତ୍ର । ତନ୍ମଧ୍ୟରେ ଖେଳିଥା'ନ୍ତି ଲକ୍ଷ୍ୟର ବିପରୀତ, ପରସ୍ପର-ବିରୋଧୀ ଶକ୍ତିସବୁ । ଯେତେବେଳେ ଜୀବ ଏହି ଅଜ୍ଞାନ କ୍ଷେତ୍ରକୁ ଓହ୍ଲାଇ ଆସେ ସେତେବେଳେ ତା'ର ଅନ୍ତରାତ୍ମାର ପ୍ରୟୋଜନୀୟ ଆହାର ତାକୁ ଏଇ ଜଞ୍ଜାଳ ମଧ୍ୟରୁ ଆହରଣ କରିବାକୁ ହୋଇଥାଏ । ଦୁଃଖ-କଷ୍ଟ, ଭୁଲ୍-ଭ୍ରାନ୍ତି, ଦ୍ୱନ୍ଦ୍ୱ-ବିରୋଧ ପ୍ରଭୃତିର ଭିତର ଦେଇ ଗତି କରି ତାକୁ ନୀଳକଣ୍ଠ ହେବାକୁ ପଡ଼ିଥାଏ ।

ଅବଶ୍ୟ ସାକ୍ଷାତ୍ ଭାବେ ଅନୁକୂଳ ଉପକରଣ ଯେ ତା' ପାଖକୁ ଆସିଯାଏ, ତା' ନୁହେଁ । ପ୍ରୀତି-ସମ୍ମେଳନ, ନିର୍ବିରୋଧ ସହଯୋଗ ତା' ପଥରେ ସହାୟକ ହୋଇପାରେ – କିନ୍ତୁ ଏସବୁକୁ ବି ସେ ଗ୍ରହଣ କରେ ସେଇ ''ଆତ୍ମନସ୍ତୁ କାମାୟ'' ବା ନିଜ ପାଇଁ; ତା'ର ନିଜର, ତା'ର ଅନ୍ତରାତ୍ମାର ପ୍ରୟୋଜନ ଅନୁସାରେ; ତାକୁ ଭଗବାନଙ୍କ ଅଭିମୁଖରେ ଯେତେ ଦୂର ସମ୍ଭବ ନେଇଯାଏ । ତେବେ ଏସବୁ ବସ୍ତୁର ପରିମାଣ କମ୍ । କାରଣ ବାହ୍ୟ-ଜଗତ୍, ବ୍ୟାବହାରିକ-ଜୀବନକ୍ଷେତ୍ର ଏବେ ବି ଅନ୍ଧ ଅଜ୍ଞାନ ପ୍ରକୃତି, ରାଜସିକ ଓ ତାମସିକ ଶକ୍ତିର ରାଜ୍ୟ ।

ତଥାପି ଏଇ ଅଜ୍ଞାନ-ରାଜ୍ୟ ମଧ୍ୟରେ ଜୀବର ଅନ୍ତରାତ୍ମାର ଅବତରଣର ଅର୍ଥ ଗୋଟାଏ ଦିଗରେ ଏହି ଅଜ୍ଞାନ ଜଗତକୁ ଦମନ କରି, ଜୟ କରି, ମନ୍ଥନ କରି ଏହା ଭିତରୁ ନିଜ ପାଇଁ ଅମୃତ ଆହରଣ କରିବା; ପୁଣି ଅନ୍ୟ ଦିଗରେ ତା'ର ନିଜସ୍ୱ ଜୟର, ଅମୃତତ୍ୱ ଲାଭର ଏଇ ସାଧନା ଫଳରେ ପୁନରାୟ ବାହ୍ୟ ପ୍ରକୃତିକୁ ବି ପରିବର୍ତ୍ତିତ ବା ରୂପାନ୍ତରିତ କରି ଗଢ଼ିବା ।

ଏହିପରି ଭାବେ ଜୀବ ଭଗବାନଙ୍କର ଯନ୍ତ୍ର । ତା'ର ନିଜସ୍ୱ ପୂର୍ଣ୍ଣ ସାର୍ଥକତାର ମଧ୍ୟ ଦେଇ ଏକ ସାର୍ବଭୌମ, ସମଷ୍ଟିଗତ ସାର୍ଥକତା ପୃଥିବୀରେ ପ୍ରକଟିତ ଓ ସ୍ଥାପିତ ହେବାକୁ ଯାଉଛି ।

(ମୂଳ ବଙ୍ଗଳାର ପୂର୍ଣ୍ଣଯୋଗ, ଅଷ୍ଟମ ଖଣ୍ଡରୁ ଅନୂଦିତ)

ଅନୁବାଦ : ରାମଚନ୍ଦ୍ର ପାଣି

❑❑❑

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୮୬)

**'ଅଧିମାନସ ସୃଷ୍ଟି' ନୁହେଁ, 'ଅତିମାନସ ପୃଥିବୀ' :**

ନଳିନୀଙ୍କର 'ଆମ ଆଶ୍ରମ-ଜୀବନର ଏକ ସମୀକ୍ଷା' ('A Review of Our Ashram Life') ପ୍ରବନ୍ଧରେ ବର୍ଣ୍ଣନା କରିଛନ୍ତି : ''ଅଧିମାନସ ସୃଷ୍ଟିର ସମସ୍ତ କ୍ରିୟା ମା'ଙ୍କ ତତ୍ତ୍ୱାବଧାନରୁ ତତ୍‌କ୍ଷଣାତ୍ ଅନ୍ତର୍ହିତ ହୋଇଯିବା ପରେ ଆଶ୍ରମ ଜୀବନଧାରାରେ ପ୍ରଳୟ ସୃଷ୍ଟି ହେଲା ।

''ଦେବଗଣ ନିଜ ନିଜକୁ ଅପସରାଇ ନେଲେ, ଆମେମାନେ ଆମମାନଙ୍କର ଉର୍ଦ୍ଧ୍ୱସ୍ଥିତିରୁ ଧପ୍‌ଧାପ୍ କରି ପୃଥିବୀରେ କଚାଡ଼ି ହୋଇ ପଡ଼ିଲୁ – ଭୂମିରେ, ଏକେବାରେ ରସାତଳରେ । ଏବେ ବି (ନଭେମ୍ବର ୧୯୭୩ରେ ଲିଖିତ) ସେଇଠି ରହିଛୁ, ଗୁରୁଣ୍ଡି ଗୁରୁଣ୍ଡି ପାରୁପର୍ଯ୍ୟନ୍ତ ଅଗ୍ରସର କରିବା ଆଶାରେ ମନ୍ଥର ଗତିରେ ଆଗେଇ ଚାଲିଛୁ ।

''ମଣିଷ ମନର ଉର୍ଦ୍ଧ୍ୱଭୂମିରେ ପ୍ରତିଷ୍ଠା କରିବାକୁ ଚାହୁଁଥିବା ମା'ଙ୍କର ସେହି ଉଜ୍ଜ୍ୱଳ ନବସୃଷ୍ଟିର କ୍ରିୟା ତା'ର ପୂର୍ଣ୍ଣ ପରିପ୍ରକାଶରେ ପହଞ୍ଚି ପାରି ନଥିଲା । କାରଣ ସେଥି ନିମିତ୍ତ ଭିତ୍ତିଭୂମିଗୁଡ଼ିକ ଉପଯୁକ୍ତ ଭାବରେ ସ୍ଥାପିତ ହୋଇ ନଥିଲା, ଅସଲ ଭୂମିଟି ପ୍ରସ୍ତୁତ ନଥିଲା । ଏହିସବୁ ଭିତ୍ତିଭୂମି ହେଉଛି ମଣିଷର ବିଶୁଦ୍ଧ ପ୍ରାଣସତ୍ତା ଓ ତା'ର ବିଶୁଦ୍ଧ ଭୌତିକ ଜୀବନଧାରା । ମଣିଷର ମନ ଓ ଅଧିମାନସର ଭୂମିରେ ଯେକୌଣସି ଉର୍ଦ୍ଧ୍ୱତର ସୃଷ୍ଟି-ସର୍ଜନା କରିବାକୁ ହେଲେ ନିଶ୍ଚିତ ରୂପେ ଉପର ବର୍ଣ୍ଣିତ ଭିତ୍ତିଭୂମିଗୁଡ଼ିକ ଉପରେ ହିଁ ନିର୍ମିତ ହେବା ଏକାନ୍ତ ଆବଶ୍ୟକ ।

''ମା'ଙ୍କର ଏହି ନବସୃଷ୍ଟିରେ ଆମେମାନେ ସେହିସବୁ ଭିତ୍ତିଭୂମିଗୁଡ଼ିକ ସମ୍ବନ୍ଧରେ କୌଣସି ବିଚାରକୁ ଗଭୀର ଭାବରେ ଧ୍ୟାନ ଦେଉ ନଥିଲୁ । ତେଣୁ ଆମର ଏହିସବୁ ଅନ୍ଧକାରମୟ ସ୍ଥିତିକୁ ପୁଙ୍ଖାନୁପୁଙ୍ଖ ଭାବରେ ପରିଷ୍କାର-ପରିଚ୍ଛନ୍ନ କରି ସମ୍ପୂର୍ଣ୍ଣ ବିଶୁଦ୍ଧ କରି ଗଢ଼ି ତୋଳିବା ସକାଶେ ଉର୍ଦ୍ଧ୍ୱତର ସ୍ଥିତିରୁ ସାମୟିକ ଭାବେ ରସାତଳକୁ ଖସି ପଡ଼ିବାକୁ ହୋଇଥିଲା ।''

ଏ ସମ୍ପର୍କରେ ଶ୍ରୀଅରବିନ୍ଦ ତାଙ୍କର ଜଣେ ଶିଷ୍ୟଙ୍କୁ ଲେଖିଥିଲେ : ''ସେଇ ପର୍ଯ୍ୟାୟରେ ମା ଶିଷ୍ୟମାନଙ୍କ ସହ ଧ୍ୟାନରେ ବସିଥା'ନ୍ତୁ କିଂବା ଦିନରେ କି ରାତିରେ ଆଦୌ ବିଶ୍ରାମ ନ ନେଇ, ଖାଇବା ପିଇବାରେ ବେଶ୍ ଅନିୟମିତ ରହି ଏକାଗ୍ରତାର ସହିତ ଆଶ୍ରମର ଯାବତୀୟ କାମରେ ବ୍ୟସ୍ତ ରହିଥା'ନ୍ତୁ – ଏସବୁ କେଉଁଥିରେ ବି ତାଙ୍କର ତିଳେମାତ୍ର କ୍ଳାନ୍ତିବୋଧ ନଥିଲା କି ସ୍ୱାସ୍ଥ୍ୟହାନୀ ମଧ ଘଟୁ ନଥିଲା, ଏବଂ ବିଜୁଳି ବେଗରେ ସବୁକିଛିର ଅଗ୍ରଗତି ହୋଇ ଚାଲିଥିଲା ।... ପରେ, ଯେହେତୁ ସାଧକମାନଙ୍କର ନିମ୍ନ-ପ୍ରାଣ ଓ ଭୌତିକ ସତ୍ତା ମା'ଙ୍କର ସେଇ ଉର୍ଦ୍ଧ୍ୱତର ଶକ୍ତିର କ୍ରିୟାକୁ ଅନୁସରଣ କରିବାରେ ଅକ୍ଷମ ହୋଇ ଉଠିଲେ, ତେଣୁ ଯେଉଁସବୁ ଦିବ୍ୟସତ୍ତାଗଣ ଓ ଦିବ୍ୟ- ଶକ୍ତିରାଜି ପରୋକ୍ଷରେ ରହି ମା'ଙ୍କର କ୍ରିୟାରେ ସହାୟତା କରି ଚାଲିଥିଲେ; ମା'ଙ୍କୁ ସେଇସବୁ ଦିବ୍ୟ-ସତ୍ତାଙ୍କୁ (ଦେବଦେବୀଙ୍କୁ) ଏବଂ ଶକ୍ତିସବୁକୁ ପ୍ରତ୍ୟାହାର କରି ନେବାକୁ ପଡ଼ିଲା । ଅତଏବ ମା'ଙ୍କୁ ମଣିଷର ଭୌତିକ ସ୍ତରକୁ ଖସି ଆସିବାକୁ ହେଲା ଏବଂ ସେଇ ସ୍ତରର ଅବସ୍ଥିତି ଓ ପରିବେଶ ଭିତରେ ରହି ହିଁ କାର୍ଯ୍ୟ କରିବାକୁ ପଡ଼ିଲା ।''

ପୁନଶ୍ଚ ନଳିନୀଙ୍କର ବର୍ଣ୍ଣନାରୁ : ''ତେଣୁ ଆମେ ରାତାରାତି ମଣିଷର ଯାବତୀୟ ଦୋଷତ୍ରୁଟି ଓ ଦୁର୍ବଳତା ସହିତ ସାଧାରଣ ମଣିଷ ହୋଇ ଉଠିଲୁ ଏବଂ ହୁଏତ ଯତ୍‌କିଞ୍ଚିତ୍ ବା ସାମାନ୍ୟ ମାତ୍ରାରେ ଆସ୍ପୃହାଟିଏ ରହିଥିଲା । ତା'ପରେ ଏହି ନିମ୍ନ ଭୂମିରେ ଏକାଗ୍ର ଭାବରେ ଯୁଦ୍ଧରତ ରହି ଆମର ସବୁକିଛି ଦୋଷ-ଦୁର୍ବଳତା ଓ ଦୁର୍ଗୁଣ ଉପରେ ପୂର୍ଣ୍ଣ ବିଜୟ ହାସଲ କରିବାର ଗୁରୁଦାୟିତ୍ୱ ଆମ ସମସ୍ତଙ୍କ ଉପରେ ନ୍ୟସ୍ତ ରହିଲା । ଆଶ୍ରମ ଜୀବନଧାରାର ପଟ୍ଟଭୂମି ଏକେବାରେ ପରିବର୍ତ୍ତିତ ହୋଇ ଉଠିଲା । ଗ୍ରୀଷ୍ମକାଳର ଦିବାସ୍ୱପ୍ନ ଏବେକାର ଏକ ଅନ୍ଧକାରମୟ ହାମଲେଟ୍-ଦୁର୍ଦ୍ଦଶାରେ ପରିଣତ ହେଲା । (ଅର୍ଥାତ୍, ପୃଥିବୀ-ପୃଷ୍ଠରେ ଅତିମାନସ ଅଭିବ୍ୟକ୍ତି ଓ କ୍ରିୟା ସକାଶେ ସମ୍ପୂର୍ଣ୍ଣ ନୂତନ ଭାବେ ଆଶ୍ରମ-ଜୀବନଧାରାର ସୂତ୍ରପାତ ହେଲା । ପୂର୍ଣ୍ଣଯୋଗର ସାଧନାରେ ଉତ୍ସର୍ଗୀକୃତ ହେଲା ଶ୍ରୀଅରବିନ୍ଦ ଆଶ୍ରମ ।)

''ଏହି 'ମହାପ୍ରସ୍ଥାନ'ର ପ୍ରଥମ ନିଦର୍ଶନ ହେଲା

ଜୀବନଟି ଯେଉଁ ସାଧାରଣ ସ୍ଥିତିରେ ରହିଥିଲା ସେଇ ସ୍ଥିତିକୁ ପୁନରାଗମନ; ଅର୍ଥାତ୍ ପୁନର୍ବାର ଦୃଢ଼ତାର ସହିତ ସଂକଳ୍ପବଦ୍ଧ ହୋଇ ସାଧାରଣ ବ୍ୟକ୍ତିସତ୍ତାଟି ମଧ୍ୟକୁ ପୁନଃପ୍ରବେଶ କରିବା; ଅର୍ଥାତ୍ ଏକକ ଓ ସମ୍ପୂର୍ଣ୍ଣ ବିବେଚିତ ବ୍ୟଷ୍ଟିସତ୍ତାର ସ୍ୱତନ୍ତ୍ରତା ଲାଭ ।

''ତେଣୁ ଆମମାନଙ୍କୁ ସ୍ୱତଃସ୍ଫୂର୍ତ୍ତ ଭାବରେ ବ୍ୟକ୍ତି ସ୍ୱାତନ୍ତ୍ର୍ୟକୁ ଊର୍ଦ୍ଧ୍ୱତର ଶକ୍ତି ନିକଟରେ (ମା'ଙ୍କଠାରେ) ସମର୍ପଣ କରି ପାରିବାର ଶିକ୍ଷାପ୍ରଦ ଅନୁଭୂତିଟିକୁ ଲାଭ କରିବାକୁ ହେବ, ଏଥିନିମିତ୍ତ ସିଦ୍ଧି ହାସଲ କରିବାକୁ ହେବ । ତେଣୁ ଏଥିନିମିତ୍ତ ଧୀରେ ଧୀରେ, ପାବଚ୍ଛ ପରେ ପାବଚ୍ଛ, କଠୋର ଅଧ୍ୟବସାୟ ଓ ଉତ୍ଥାନ-ପତନ ଏବଂ ଦୁଃଖକଷ୍ଟ ଭିତର ଦେଇ ଆଗେଇବାକୁ ହେବ; ଯାହାକି କ୍ରମଶଃ ଆମମାନଙ୍କ ସାଧନାରେ ସମର୍ପଣ ଓ ଆତ୍ମଦାନର ଊର୍ଦ୍ଧ୍ୱତର ସିଦ୍ଧିଲାଭର ନିଗୂଢ଼ ରହସ୍ୟମୟ ସ୍ଥିତିସବୁର ଦ୍ୱାର ଉନ୍ମୋଚନ କରି ଦେବ । ଆଉ ଏହି ସ୍ଥିତିସବୁର ସଂପୂରଣ ଦିଗରେ ଅଗ୍ରଗତି କରିବା ସକାଶେ ସ୍ୱାତନ୍ତ୍ର୍ୟବୋଧ, ସ୍ୱାଧୀନତା ଅର୍ଥାତ୍ ପ୍ରତ୍ୟେକଙ୍କୁ ତା'ର କାର୍ଯ୍ୟ-ପ୍ରଣାଳୀରେ ସ୍ୱାଧୀନତା ଲାଭ ହେଉଛି ପ୍ରଥମ ପଦକ୍ଷେପ ।

''ବର୍ତ୍ତମାନ ସାଧକମାନଙ୍କ ପାଖରେ ଯେଉଁ ସିଦ୍ଧିଲାଭର ଲକ୍ଷ୍ୟ ରଖାଗଲା ତା' ଦାବି କରେ ପୃଥିବୀପୃଷ୍ଠରେ ଏକ ପୂର୍ଣ୍ଣାଙ୍ଗ ପରିବର୍ତ୍ତନ ନିମିତ୍ତ ସାଧନା, ଏକ ପୂର୍ଣ୍ଣାଙ୍ଗ ରୂପାନ୍ତରର ସାଧନା । ଏହା କେବେ ହେଲେ ବ୍ୟଷ୍ଟିସତ୍ତାର ଆଂଶିକ ସଫଳତା ବା ସତ୍ତାଟିର କୌଣସି ନିର୍ଦ୍ଦିଷ୍ଟ ଅଂଶରେ କୃତିତ୍ୱପୂର୍ଣ୍ଣ ସାଫଲ୍ୟ ନୁହେଁ; ଏସବୁଥିରେ ସେ କେବେ ହେଲେ ତୃପ୍ତ ହୋଇ ବସି ରହିବା ନୁହେଁ ।

''ତେଣୁ ଏକ ପୃଥିବୀ ବ୍ୟାପୀ ମନ୍ଥନର ସୂତ୍ରପାତ । ଏହାର ପୁରାତନ ଜୀବନଧାରାର କୌଣସି ବିଷୟ ତା'ର ପୁରୁଣା ସ୍ଥିତିରେ ଅଲକ୍ଷିତ ଭାବରେ ରହିଗଲେ ଆଦୌ ଚଳିବ ନାହିଁ, ସବୁକିଛିକୁ ପଦାକୁ ବାହାର କରି ଆଣିବା ଦରକାର ଏବଂ ଦିବ୍ୟ-ଆଲୋକ ନିକଟରେ ପ୍ରକାଶ୍ୟ ଭାବରେ ପ୍ରକଟ କରିବା ଦରକାର । ନିଜ ସତ୍ତାରେ ଯେତେସବୁ ଅଶୁଦ୍ଧତା, କଳୁଷତା ରହିଛି, ଦୋଷଯୁକ୍ତ ଅପୂର୍ଣ୍ଣତା, ନୀଚତା ରହିଛି, ସବୁକିଛିର ମୂଳ ଉତ୍ସରେ ନିଜକୁ ଧରାଦେବା ଉଚିତ । ସେସବୁର ମୂଳୋତ୍ପାଟନପୂର୍ବକ ଲଙ୍ଗଳ ମୁନରେ ଭୂମିଟିକୁ ରୀତିମତ କର୍ଷଣ କରିବାକୁ ହେବ, ଧାର ଧାର ଶୀତା କାଟି ସେଥିରେ ଗୋଟି ଗୋଟି କରି ନୂତନ ବୀଜରୋପଣ ସକାଶେ ଯୋଗ୍ୟ ହୋଇ ଉଠିବାକୁ ହେବ । ଏହା ଆମ ସକାଶେ ପ୍ରକୃତରେ ଏକ କଠିନ ସମୟ । ବୀରୋଚିତ ନିର୍ଭୀକ ଆତ୍ମା ନିଶ୍ଚିତ ରୂପେ ସବୁକିଛି ସହ୍ୟ କରି ଦଣ୍ଡାୟମାନ ହେବ, ତା'ର ଅସଲ ରୂପ ସମ୍ୱନ୍ଧେ ସମ୍ୟକ୍ ଜ୍ଞାନ ଅର୍ଜନ ପୂର୍ବକ ସାହସ ଓ ବୀରତ୍ୱର ସହିତ ଅଗ୍ରସର ହେବ ।...

''ପରିସ୍ଥିତିର ଚାପରେ ଆଶ୍ରମର କଳେବର ଉତ୍ତରୋତ୍ତର ବୃଦ୍ଧି ପାଇବା ଯୋଗୁଁ ଅନ୍ତେବାସୀଙ୍କର ମୌଳିକ ବା ପ୍ରାଥମିକ ଜୀବନଧାରା ଆଉ ଲାଗୁ ହୋଇ ପାରିଲା ନାହିଁ ।...''

ଏବେ ମା'ଙ୍କର 'ପ୍ରଶ୍ନ ଓ ଉତ୍ତର'ରୁ : ''ପୂର୍ବେ ଆମେ ପଞ୍ଚତିରିଶ କି ଛତିଶ ଜଣରୁ ଆରମ୍ଭ କରିଥିଲୁ; ମାତ୍ର ସେହି ସଂଖ୍ୟା ବଢ଼ି ଶହେ ପଚାଶ ହେବା ପର୍ଯ୍ୟନ୍ତ ଏହା ଏହିପରି... ମୋର ଚେତନା ଭିତରେ ସେମାନେ ଯେପରି ଗୋଟିଏ ଅଣ୍ଡାର ଖୋଳ ଭିତରେ ଏକତ୍ର ଅବସ୍ଥାନ କରୁଥିଲେ; ଏତେ ନିକଟବର୍ତ୍ତୀ ହୋଇ ରହିଥିଲେ ଯେ, ମୁଁ ସେମାନଙ୍କର ଆନ୍ତର ଓ ବାହ୍ୟ ସକଳ କ୍ରିୟାକୁ ସର୍ବଦା ପରିଚାଳିତ କରି ପାରୁଥିଲି । ସବୁକିଛି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଥିଲା, ଦିବା-ନିଶି ନିରନ୍ତର ନିୟନ୍ତ୍ରଣ ମଧ୍ୟରେ ରହିଥିଲା । ଏବଂ ଅତ୍ୟନ୍ତ ସ୍ୱାଭାବିକ ଭାବରେ, ମୋର ମନେ ହୁଏ ଯେ ସେମାନେ କିଛି ଅଗ୍ରଗତି ମଧ୍ୟ କରିଥିଲେ । ଏହା ସମ୍ପୂର୍ଣ୍ଣ ଭାବରେ ସତ ଯେ ମୁଁ ସେମାନଙ୍କ ସକାଶେ ଆବଶ୍ୟକ ସାଧନା ବି କରୁଥିଲି, **ନିରନ୍ତର** ତା' କରୁଥିଲି । ମାତ୍ର ତା'ପରେ, (ସାନ ସାନ ପିଲାମାନଙ୍କୁ ଆଶ୍ରମରେ ରଖିବାକୁ ବାଧ୍ୟ ହେବା ପରେ) ତମେମାନେ ବେଶ୍ ବୁଝିପାରୁଥିବ ଯେ ତିନି, ଚାରି ବା ପାଞ୍ଚ ବର୍ଷର ସାନ ସାନ ପିଲାଙ୍କ ପାଇଁ ସାଧନା କରିବା ଆଉ ସମ୍ଭବ ହେଲା ନାହିଁ ।... ମୁଁ ତା'ପରେ ମୋର ଚେତନାକୁ ନେଇ ସମସ୍ତଙ୍କ ଉପରେ ଅବସ୍ଥାପିତ କରି ରଖି ପାରୁଛି, ଏବଂ ସେମାନେ ଯେପରି ସମ୍ଭାବ୍ୟ ସର୍ବୋତ୍ତମ ପରିସ୍ଥିତି ମଧ୍ୟରେ ନିଜ ନିଜର ବିକାଶ ସାଧନ କରି ପାରିବେ, ମୁଁ କେବଳ ତାହାହିଁ ଦେଖିବାକୁ ଚେଷ୍ଟା କରୁଛି ।

''ତେଣୁ ଏହାର ଏକ ଉତ୍ତମ ଫଳ ବି ହୋଇଛି । ସେଇଟି ହେଉଛି ଯେ, ଏପରି ସମ୍ପୂର୍ଣ୍ଣ ଓ ନିଷ୍କ୍ରିୟ ଭାବରେ (କେବଳ ମୋ'ରି ଉପରେ) ନିର୍ଭରଶୀଳ ହୋଇ ନରହି ପ୍ରତ୍ୟେକ ବ୍ୟକ୍ତି ଆପଣାର ଯଥାସାଧ୍ୟ କ୍ଷୁଦ୍ର ପ୍ରୟାସଟିକୁ ମଧ୍ୟ କରିବା ସକାଶେ ପ୍ରବୃତ୍ତ ହେବେ ।...''

(୨୫ ଅଗଷ୍ଟ ୧୯୫୪)

ଶ୍ରୀଅରବିନ୍ଦ ୩୦ ଏପ୍ରିଲ ୧୯୩୪ରେ ତାଙ୍କର ଏକ ପତ୍ରରେ ଉଲ୍ଲେଖ କରିଥିଲେ : ''...ଏଠାରେ (ଆଶ୍ରମରେ)

ଥିବା ସାଧକମାନେ ସବୁ ପ୍ରକାରର ଅଛନ୍ତି, ଏବଂ ସେମାନେ ସାଧନାର ସକଳ ସୋପାନରେ ରହିଛନ୍ତି । ମାତ୍ର ଯେଉଁମାନେ କିଛି ଅଗ୍ରଗତି କରିଛନ୍ତି, ସେମାନଙ୍କ ଲାଗି ମଧ୍ୟ ବାହ୍ୟ ମଣିଷଟିହିଁ ଅସଲ ବାଧା ହୋଇ ରହିଛି । ଏପରିକି ଯେଉଁମାନେ ପୁରାତନ ଆଦର୍ଶଟିର ଅନୁସରଣ କରୁଛନ୍ତି, କିଛି ନା କିଛି ଉପଲବ୍ଧି କରି ସାରିବା ପରେ ମଧ୍ୟ ସେମାନଙ୍କ ମଧ୍ୟରେ ରହିଥିବା ବାହ୍ୟ ମଣିଷଟି ପ୍ରାୟ ଯେମିତି ଥିଲା ସେମିତି ହୋଇ ରହିଛି । ଅନ୍ତଃ-ସତ୍ତା ମୁକ୍ତିଲାଭ କରିବାରେ ଲାଗିଛି, ମାତ୍ର ବାହ୍ୟ ସତ୍ତାଟି ତଥାପି ଆପଣାର ପୂର୍ବ-ନିର୍ଦ୍ଧାରିତ ପ୍ରକୃତିକୁ ଅନୁସରଣ କରିବାରେ ଲାଗିଛି । ବାହ୍ୟ ମଣିଷଟି **ମଧ୍ୟ** ବଦଳି ପାରିଲେ ଯାଇ ଆମର ଯୋଗ ସଫଳ ହେବ, ମାତ୍ର ସେଇଟି ହେଉଛି ସବୁଠାରୁ ଅଧିକ କଷ୍ଟକର । କେବଳ ଜଡ଼ ବା ଭୌତିକ ପ୍ରକୃତିର ପରିବର୍ତ୍ତନ ଦ୍ୱାରା ହିଁ ତାହା ସମ୍ଭବ ହେବ; ପ୍ରକୃତିର ଏହି ନିମ୍ନତମ ସ୍ତରରେ ବା ଅଂଶରେ ସର୍ବୋଚ୍ଚ ଆଲୋକର ଅବତରଣ ଦ୍ୱାରା ଏହା ସମ୍ଭବ ହେବ । ବର୍ତ୍ତମାନ ଠିକ୍ ଏଇ କ୍ଷେତ୍ରରେ ହିଁ ସଂଗ୍ରାମ ଚାଲିଛି । ଏଠାରେ ଥିବା ଅଧିକାଂଶ ସାଧକଙ୍କର ଅନ୍ତର୍ଗତ ସତ୍ତା, ଏବେ ମଧ୍ୟ ଯେତେ ଅପୂର୍ଣ୍ଣ ରହିଥିଲେ ବି ସାଧାରଣ ମନୁଷ୍ୟର ଅନ୍ତର୍ଗତ ସତ୍ତାଠାରୁ ଭିନ୍ନ ଧରଣର ହୋଇ ରହିଛି । ମାତ୍ର ବାହ୍ୟ ଅଂଶଟି ତଥାପି ସେଇ ପୁରୁଣା ରୀତି, ଆଚରଣ ଏବଂ ଅଭ୍ୟାସଗୁଡ଼ିକୁ ଜାବୁଡ଼ି କରି ଧରିଛି । ଏପରିକି ଅନେକ ସାଧକ ସେହି ଅଂଶରେ ଏକ ପରିବର୍ତ୍ତନର ପ୍ରୟୋଜନ ବିଷୟରେ ମଧ୍ୟ ଜାଗ୍ରତ୍ ହୋଇ ପାରି ନାହାନ୍ତି । ଯେତେବେଳେ ଏଇଟି ଉପଲବ୍ଧ ଏବଂ ସମ୍ପନ୍ନ ହୋଇ ଯାଇ ପାରିବ, ସେତେବେଳେ ଯାଇ ଏହି ଯୋଗ ଆଶ୍ରମରେ ହିଁ ତାହାର ସମ୍ପୂର୍ଣ୍ଣ ପରିଣାମକୁ ସମ୍ଭବ କରି ଆଣି ପାରିବ, ତା' ପୂର୍ବରୁ ତାହା ଆଦୌ ସମ୍ଭବ ହେବ ନାହିଁ ।''

('ମାତୃରଚନାବଳି', ୬ଷ୍ଠ ଖଣ୍ଡ, ୩୧ ଡିସେମ୍ବର ୧୯୫୪)

ମା'ଙ୍କର ଏକ ପତ୍ରରେ ମଧ୍ୟ ସମାନ ଧରଣର ମନ୍ତବ୍ୟ ରହିଛି : ''ଆମର ଏହି ଆଶ୍ରମ କେବଳ ସାଧକମାନଙ୍କ ଦ୍ୱାରା ଗଠିତ ନୁହେଁ । ଏହା ହେଉଛି ପାର୍ଥିବ ଜୀବନଧାରାର ଏକ କ୍ଷୁଦ୍ର ପ୍ରତିରୂପ ଯେଉଁଠି ଯୋଗ-ସାଧନା କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ଅତ୍ୟନ୍ତ କମ୍ ।...''

(ବୁଲେଟିନ୍, ନଭେମ୍ବର ୨୦୧୧, ପୃ. ୧୫)

ନଳିନୀ ତାଙ୍କର ଉପରୋକ୍ତ 'ସମୀକ୍ଷା'ର ଶେଷରେ ବର୍ଣ୍ଣନା କରିଛନ୍ତି : ''ତେଣୁ ଆମେମାନେ ଏହି ମୁହୂର୍ତ୍ତରେ ଏକ ପରିବର୍ତ୍ତନର ସମୟ କାଳରେ ରହିଛୁ, ଏହା ଏକ ଅବସ୍ଥାନ୍ତର ମଧ୍ୟ, ଗୋଟିଏ ଅବସ୍ଥାରୁ ଅନ୍ୟ ଏକ ଊର୍ଦ୍ଧ୍ୱତର ଅବସ୍ଥାକୁ ଉନ୍ନୀତ ହେବାର ବିରତି ମୁହୂର୍ତ୍ତ, ଏହା ଆମକୁ ପ୍ରବଳ ବାଧାବିପତ୍ତିଗୁଡ଼ିକ ଦ୍ୱାରା ଆକ୍ରମଣ ବା ବିବ୍ରତ କରୁଛି, କିନ୍ତୁ ସେସବୁ ମଧ୍ୟ ଅସାଧାରଣ ଭାବରେ ସୁଯୋଗ-ସୁବିଧାମାନ ଦେଉଛି । ଯିଶୁଙ୍କର କ୍ରୁଶବିଦ୍ଧ ହେବା ସ୍ଥାନକୁ ଗମନଟି କେବଳ ଦୁଃଖଯନ୍ତ୍ରଣା ଭୋଗର ଗମନ-ପ୍ରକ୍ରିୟା ନଥିଲା, ଏହା ତାଙ୍କର ପ୍ରିୟଜନଙ୍କର ଅଜ୍ଞାନତା, କଳୁଷ-କାଳିମାସବୁର ପ୍ରାୟଶ୍ଚିତ କରିବାର ବି ପୀଠ ଥିଲା, ଦେହାବସାନ ପରେ ସ୍ୱର୍ଗାରୋହଣ କରିବାର ବି ପଥ ଥିଲା । ଅର୍ଥାତ୍, ଏହା ଏକ ସମୟକାଳ, ଅଞ୍ଚଳ ବା ମଣ୍ଡଳ, ଏକ କ୍ରମିକ ଅଗ୍ରଗତି ଯେଉଁଠି ଆମର ସତ୍ତା ଓ ଚେତନା ନିଜକୁ ସମ୍ପୂର୍ଣ୍ଣ ରୂପେ ନିର୍ମଳ ଓ ପବିତ୍ର କରୁଛି, ନିଜର କାତି ବା ଛାଲିକୁ କାଢ଼ି ଫିଙ୍ଗି ଦେଉଛି, ଯେଉଁଠି ନିଜର ବାର୍ଦ୍ଧକ୍ୟ ଜରାଜୀର୍ଣ୍ଣ ଚର୍ମକୁ ଅପସାରିତ କରୁଛି ଏବଂ ଉପଯୁକ୍ତ ସମୟରେ, କାଳର ସର୍ପିଳ ଗତିରେ ଏହା ଏକ ସୁସଙ୍ଗତ ପରିବେଶରେ ନବଯୌବନ ପ୍ରାପ୍ତ କଳେବର ନେଇ ସେଥିରୁ ବାହାରି ଆସିବ । ତେଣୁ ବିଚ୍ଛିନ୍ନ ବା ଅପହୃତ ହୋଇଥିବା ସ୍ୱର୍ଗରାଜ୍ୟ (Paradise Lost) ଦିନେ ପୁନଃପ୍ରାପ୍ତ ହେବ (regained) । ଦିବ୍ୟ ହୃତ ସ୍ୱର୍ଗ (Paradise Lost) ଦିନେ ନା ଦିନେ ନିଶ୍ଚିତ ରୂପେ, ଅପରିହାର୍ଯ୍ୟ ଭାବରେ ତା'ର ଅନ୍ତିମ ପରିଣାମ ଓ ତା'ର ଚୂଡ଼ାନ୍ତ ସର୍ବାଙ୍ଗ ସୁନ୍ଦର ପରିସମାପ୍ତିରେ ପୁନଃ ଦିବ୍ୟ ସ୍ୱର୍ଗପ୍ରାପ୍ତି ଲାଭ କରିବ ।''

ଶ୍ରୀଅରବିନ୍ଦ ଆମକୁ ସଚେତନ କରି ଦେଇଛନ୍ତି :

''...ଆଉ କିଛି ଆକାଙ୍କ୍ଷା କର ନାହିଁ – କେବଳ ଦିବ୍ୟ-ଚେତନାର ବିଶୁଦ୍ଧି, ଶକ୍ତି, ଜ୍ୟୋତିଃ, ପ୍ରସାରତା, ପ୍ରଶାନ୍ତି, ଆନନ୍ଦ ସକାଶେ ଆକାଙ୍କ୍ଷା କର ଯେପରିକି ସେହି ଚେତନା ତୁମ ମନ, ପ୍ରାଣ, ଦେହକୁ ରୂପାନ୍ତରିତ ଓ ସର୍ବାଙ୍ଗ ସୁନ୍ଦର କରି ଗଢ଼ିବା ନିମିତ୍ତ ସତତ ସଚେଷ୍ଟ ହୋଇ ଉଠିବ । ଆଉ କିଛି ଚାହଁ ନାହିଁ କେବଳ ପୃଥିବୀ ଉପରେ, ତୁମ ମଧ୍ୟରେ, ଯେଉଁମାନେ ଅଧିକାର ପାଇଛନ୍ତି, ଯେଉଁମାନଙ୍କୁ ଗ୍ରହଣ କରାହୋଇଛି, ସେମାନଙ୍କ ମଧ୍ୟରେ ଭାଗବତ, ଆଧ୍ୟାତ୍ମିକ, ଅତିମାନସ ସତ୍ୟ ଓ ତାହାର ବାସ୍ତବ ସିଦ୍ଧିକୁ ଚାହଁ ଏବଂ ଚାହଁ ସେହି ଅବସ୍ଥା ଓ ବ୍ୟବସ୍ଥା ଯାହାର ଆନୁକୂଲ୍ୟରେ ହେବ ଏଇ ସତ୍ୟର ସୃଷ୍ଟି ଓ ସକଳ ବିରୋଧୀ ଶକ୍ତି ଉପରେ ପୂର୍ଣ୍ଣ ବିଜୟ ।''

('ମା' ପୁସ୍ତକ : ତୃତୀୟ ଅଧ୍ୟାୟ)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

**କାହାଣୀ :**

# ବର୍ଷା

## ମନୋଜ ଦାସ

ତ୍ରିଂଶ ବର୍ଷ ପରେ ଜୟପାଳ ରୋମାଞ୍ଚିତ ହୋଇଥିଲେ । ନଦୀରେ ଅତି-ମୃଦୁ ଲହରୀରାଶି ଏବଂ ଉପରେ ବେପରୁଆ ବିହଙ୍ଗ ଦଳ ସାଥିକୁ ସୁଲୁସୁଲୁ ବାଆରେ ଅଯାଚିତ ଭାବରେ କୌଣସି ବିସ୍ମୃତ ଗୀତଟିଏ ତାଙ୍କ ସ୍ମୃତିରେ ଗୁଞ୍ଜରି ଉଠିବାକୁ ଚାହୁଁଥିଲା । ସେ ତା'ର ସ୍ୱରଲିପି ଉଦ୍ଧାର ପାଇଁ ଚେଷ୍ଟା କରିବା ଅବସରରେ ପ୍ରସ୍ତାବିତ କାରଖାନାର ଦୁଇ ଭାବୀ ଅଂଶୀଦାରଙ୍କୁ କହିଲେ, ''ମୁଁ ଏଇଠି ଟିକିଏ ବସିଯାଏ, ତୁମେମାନେ ଯାଇ ତାଙ୍କୁ ଠାବ କର ।''

ଏକ ଦିଗରେ ସବୁଜ ପ୍ରାନ୍ତର ଓ ଅନ୍ୟ ଦିଗରେ ନଦୀ । ସେ ଗୋଟିଏ କାଠଗଡ଼ା ଉପରେ ବସି ପଡ଼ିଲେ । ଯାହାଙ୍କ ଆନୁକୂଲ୍ୟରେ ସେମାନେ ସେଠି ଜମି କିଣିବାର କଥା, ସେହି ଦଲାଲଙ୍କ ସନ୍ଧାନରେ ଦୁଇ ବନ୍ଧୁ କାର୍ ଧରି ପ୍ରାନ୍ତର ସେପାରି ଗାଁ ଅଭିମୁଖେ ଚାଲିଗଲେ ।

ଜୟପାଳ ନଦୀ ବକ୍ଷରେ ଦୃଷ୍ଟି ନିବଦ୍ଧ କରି ବସିଥିଲେ । ସ୍ୱରଲିପି ଧାଡ଼ିଏ ଉଦ୍ଧାର ହୋଇ ପାରୁଥିଲା ତ ଆଉ ଧାଡ଼ିଏ ପୂରା ଲିଭି ଯାଇଥିବାର ସେ ବୁଝୁଥିଲେ । ତଥାପି ସ୍ମୃତିରେ ସେତକ ଆଲୋଡ଼ନ ହିଁ ଥିଲା ବେଶ୍ ମଧୁର ।

ତାଙ୍କ ମନର ଆଲୋଡ଼ନ ସତେ ଅବା ପ୍ରତିଫଳିତ ହେଉଥିଲା ନଦୀ ବକ୍ଷରେ । ମୁହୂର୍ତ୍ତକ ତଳର ମୃଦୁ ଲହରୀମାନ ଯଥାଶୀଘ୍ର ଉତ୍ତାଳ ଦିଶିବାକୁ ଆରମ୍ଭ କରିଥିଲେ ।

ଜୟପାଳ ସଚେତନ ହେଲେ – ଆକାଶ, ବିଶାଳ ମେଘଖଣ୍ଡମାନଙ୍କରେ ପର୍ବତମୟ ଦିଶୁଥିଲା । ଜୟପାଳଙ୍କ ମୁଣ୍ଡର କେନ୍ଦ୍ରସ୍ଥଳରେ ଚକ୍ରାକାରରେ ଯେଉଁ ଚନ୍ଦାର ବିକାଶ ଘଟୁଥିଲା, ତାହାରି ଉପରେ ହେଲା ଏକ ଅନତି ବୃହତ୍ ବର୍ଷା ବିନ୍ଦୁର ପତନ । ସେ ଶିହରି ଉଠିଲେ, ଏକ ଶବ୍ଦହୀନ ଶୀତଳ ବିସ୍ଫୋରଣର ଚମକ ତାଙ୍କର ସମସ୍ତ ସ୍ନାୟୁକୁ ଥରାଇ ଦେଲା ।

ସେ ଠିଆ ହୋଇ ପଡ଼ି ଆଉ ଥରେ ଉପରକୁ ଅନାଇବା ମାତ୍ରେ ଅସଂଖ୍ୟ ଅଳ୍ପ-ଦୃଶ୍ୟ ବର୍ଷା ବିନ୍ଦୁ ତାଙ୍କ ସାରା ମୁହଁକୁ ବିନ୍ଧି ପକାଇଲେ । ସେ ବ୍ୟସ୍ତ ହେଲେ । ବର୍ଷା ସହ୍ୟ କରିବା ସେ କାହିଁ କେତେ କାଳରୁ ଭୁଲି ଯାଇଥିଲେ । ବ୍ୟସ୍ତ ଭାବରେ ସେ ଇତସ୍ତତଃ ଅନାଇଲେ । ଅଦୂରରେ ଏକମାତ୍ର ବରଗଛ ଛଡ଼ା ଅନ୍ୟ କୌଣସି ଆଶ୍ରୟ ଦିଶୁ ନ ଥିଲା ।

ସେ ଦୌଡ଼ିଲେ । ଦୌଡ଼ିବା ବି ସେ ପାସୋରି ଦେଇଥିଲେ । ତାଙ୍କ ପାଇଁ ଦୌଡ଼ିବାକୁ ସର୍ବଦା ମହଜୁଦ୍ ରହିଥିଲେ ଅନେକ ବାହନ, ଅନେକ ବାହକ ।

ଦୌଡ଼ି ଦୌଡ଼ି ସେ ବରଗଛ ମୂଳରେ ପହଞ୍ଚିଲେ ଓ ତା'ର ବିଶାଳତାରେ ଆଶ୍ୱସ୍ତ ହେଲେ । ଉପରକୁ ଉପରକୁ ବ୍ୟାପୀ ରହିଥିବା ଏତେ ପ୍ରସ୍ତ ଗହଳ ପତ୍ରରାଶି ଭେଦି ବର୍ଷା ତାଙ୍କ ଉପରେ ଜୁଲୁମ୍ କରିବା ପୂର୍ବରୁ କାର୍ ଓ ବନ୍ଧୁଦ୍ୱୟ ଫେରି ଆସିବେ ବୋଲି ସେ ଆଶା କରୁଥିଲେ ।

କିନ୍ତୁ ଆଶ୍ୱାସନା ଆତଙ୍କରେ ପରିଣତ ହେବାକୁ ବିଶେଷ ବିଳମ୍ୱ ହେଲା ନାହିଁ । ଗଛର ମୋଟା ମୋଟା ଚେର ଉପରେ, ଗୋଟିଏ କୋରଡ଼ର ଦୁଇ କଡ଼ରେ ବସି ଜଳନ୍ତା ଆଖିରେ ଯେଉଁ ଦୁଇଜଣ ବଳିଷ୍ଠ ଲୋକ ତାଙ୍କୁ ଏକ ଧ୍ୟାନରେ ଦେଖୁଥିଲେ, ସତେ ଅବା ସେହି ଦୁହିଁଙ୍କ ପ୍ରରୋଚନାରେ ପ୍ରକୃତି ତାଙ୍କୁ ସେଠାକୁ ତଡ଼ି ନେଇ ଆସିଥିଲା ।

ଜୟପାଳ ସେ ଦୁହିଁଙ୍କ ଅସ୍ତିତ୍ୱ ଅସ୍ୱୀକାର କରିବାର ଅଭିନୟ କରି ହାତ ଟେକି ଘଣ୍ଟା ଆଡ଼କୁ ଅନାଇଲେ ।

'ବାବୁ !'

'କ'ଣ ?' ସେମାନଙ୍କ ଆଡ଼େ ସର୍ବନିମ୍ନ ପରିମାଣ ଦୃଷ୍ଟିପାତ କରି ଜୟପାଳ ପଚାରିଲେ ।

'ଦାମୀ ଘଣ୍ଟା ?' ବଳିଷ୍ଠତର ବ୍ୟକ୍ତି ଜଣକ ପ୍ରଶ୍ନ କଲା ।

ଚମକି ପଡ଼ିଲେ ଜୟପାଳ, ଆଶଙ୍କା ତେବେ ସତ । ଏମାନେ ଗୁଣ୍ଡା । ସେ ଘଣ୍ଟାଖଚିତ ହାତ ପକେଟରେ ପୂରାଇ ଦେଲେ, କିନ୍ତୁ ବୁଝୁଥିଲେ ସେଥିରେ ଲାଭ ନାହିଁ, ବିଳମ୍ୱ ହୋଇ ଗଲାଣି । ତେବେ ଶସ୍ତା ହୋଇ ଥିଲେ କ'ଣ ସେମାନେ ତାଚ୍ଛଲ୍ୟ କରି ନିଜ ବାଟରେ ଚାଲି ଯାଆନ୍ତେ ? ସେ ଘଣ୍ଟାର ମୂଲ୍ୟ ବିଷୟରେ ମିଛ କହିଲେ ସେମାନେ ବା ପରତେ ଯିବେ କାହିଁକି ?

'ଦାମ୍ କଥା ପଚାରୁଛ ? ମାନେ...'

ଜୟପାଳଙ୍କର ବାକ୍‌ସ୍ଫୂର୍ତ୍ତି ହେଲା ନାହିଁ । ମାତ୍ର ଦୁଇଦିନ ତଳେ ବୋର୍ଡ଼ ଅଫ୍ ଡାଇରେକ୍‌ଟରସ୍ ବୈଠକରେ ତାଙ୍କର ବିଜ୍ଞ ଚତୁର ଅଭିଭାଷଣକୁ ଯେଉଁମାନେ ବାହାବା ଦେଇଥିଲେ, ସେମାନଙ୍କୁ ସେ ହଠାତ୍ ସନ୍ଦେହ କଲେ ।

ଜୟପାଳ ଘଣ୍ଟା ଆଡ଼କୁ ଅନାଇଲେ । ପୃଥିବୀରେ ନାମଜାଦା ଦାମୀ ଘଣ୍ଟାମାନଙ୍କ ଭିତରୁ ଇଏ ଗୋଟିଏ, କିନ୍ତୁ ଏଇ ଗୋଟିକ ମାତ୍ର ଚିଜ ଏ ଦୁଇ ଗୁଣ୍ଡାଙ୍କୁ ସମର୍ପଣ କରି ଦେଇ ସେ ଯଦି ଏ ସଙ୍କଟରୁ ବର୍ତ୍ତିଯାଇ ପାରନ୍ତେ, ତେବେ ତାଙ୍କର କୌଣସି କ୍ଷୋଭ ରହନ୍ତା ନାହିଁ ।

ବିଦ୍ୟୁତ୍‌ର ଏକ ବ୍ୟାପକ ଉଦ୍ଭାସନ ବେଳେ ହିଁ ଜୟପାଳଙ୍କ ଆଖି ପୁଣି ଥରେ ସେ ଦୁହିଁଙ୍କ ଉପରେ ବୁଲି ଆସିଲା । ସେମାନଙ୍କ ଦୃଷ୍ଟିର ଅବ୍ୟାହତ ଭୀଷଣତା ତାଙ୍କ ରକ୍ତକୁ ଶୀତଳ କରିଦେଲା । ସିନେମାରେ ଦେଖିଥିବା କେତୋଟି ଭୟାବହ ଅପରାଧୀଙ୍କ ଚେହେରା ମନେ ପଡ଼ିଗଲା ।

ଯଥାସମ୍ଭବ ସେ ନିଜ ଦୃଷ୍ଟି ଅନ୍ୟତ୍ର ନିବଦ୍ଧ କରିବାକୁ ବ୍ୟଗ୍ର ହେଲେ । ସେହି ମୁହୂର୍ତ୍ତରେ ଯେଉଁସବୁ ବସ୍ତୁରେ ଦୃଷ୍ଟି ତାଙ୍କର ଆପ୍ୟାୟିତ ଭାବରେ ବିଶ୍ରାମ କରି ପାରନ୍ତା, ସେସବୁ ହେଲେ, ଗୋଟିଏ ପୋଲିସ ବାହିନୀ ଅଥବା ତାଙ୍କ ନିଜ ସଂସ୍ଥାର ନିରାପତ୍ତା ରକ୍ଷୀଦଳ ।

ବିଶେଷ କାହାରି ଦୃଷ୍ଟି ଆକର୍ଷଣ ନ କରି ସ୍ଥାନଟି ଦେଖିଯିବା ଉଦ୍ଦେଶ୍ୟରେ ସେ ଦେହରକ୍ଷୀ ଆଣି ନ ଥିଲେ । ଜୀବନରେ ଏପରି ମାତ୍ରାର ଭୁଲ୍ ସେ ସଚରାଚର କରି ନ ଥା'ନ୍ତି ।

କାର୍‌ଟି ଯଦି ତତ୍‌କ୍ଷଣାତ୍ ଲେଉଟି ଆସନ୍ତା ! ଜଣେ ଅଂଶୀଦାରଙ୍କ ପକେଟରେ ଅଛି ଗୋଟିଏ ମାରାତ୍ମକ ପିସ୍ତଲ ।

ସେ ବିକଳ ଭାବରେ ଚତୁର୍ଦ୍ଦିଗକୁ ଅନାଇଲେ । ବର୍ଷାର ଝିଲ୍‌ମିଲ୍ ପର୍ଦ୍ଦା ଦୁର୍ଲଙ୍ଘ୍ୟ କାରା-ପ୍ରାଚୀର ଭଳି ମନେ ହେଲା । ଆଉ ମନେ ହେଲା, ଉପରେ ଚହଲୁଥିବା ମେଘମାଳା ଯେପରି ତାଙ୍କୁହିଁ ଦଳି ପକାଇବା ନିମନ୍ତେ ଉତ୍ସାହୀ କୌଣସି ରାକ୍ଷସିକ ଶତ୍ରୁର ମାଂସପେଶୀର ଆନ୍ଦୋଳନ ।

ସେ ଦୌଡ଼ି ପଳାଇବେ ? କିନ୍ତୁ ସେ ଦିଗରେ ଉଦ୍ୟମ କରିବା ମାତ୍ରେ ଏ ଦୁଇ ଗୁଣ୍ଡା ଯେ ତାଙ୍କୁ କାବୁ କରି ନେବେ, ସେଥିରେ ବା ସନ୍ଦେହ କ'ଣ ?

'ବାବୁ !'

'ଏଁ ?'

'ପକେଟରେ ବହୁତ ଟଙ୍କା ଅଛି ? ନୋଟ ବିଡ଼ା ?'

'ଏଁ ?' ଜୟପାଳଙ୍କ ହାତ ଛାତି ପକେଟକୁ ଚାଲିଗଲା । ପୁଣି ସେ ବିଦ୍ୟୁତ୍ ସ୍ପର୍ଶରୁ ଅପସରି ଗଲାଭଳି କ୍ଷିପ୍ରତାରେ ହାତ ତଳକୁ କଲେ । ପକେଟର ସମୁଦାୟ ସମ୍ପଦ ନେଇଯାଇ ବି ଯଦି ପକେଟ ତଳେ ଥିବା ହୃଦ୍‌ଯନ୍ତ୍ରଟିକୁ ଏମାନେ ଅକ୍ଷତ ଅବସ୍ଥାରେ ଛାଡ଼ି ଦିଅନ୍ତେ !

'ବାବୁଙ୍କ ପକେଟରେ ବିଡ଼ାଏ ନୋଟ !' ଗୁରୁ ଗୁଣ୍ଡା ଲଘୁ ଗୁଣ୍ଡାକୁ ତା' ସିଦ୍ଧାନ୍ତ ଜଣାଇ ଦେଲା ଓ ଆହୁରି କିଛି କହିଲା, କିନ୍ତୁ ଜୟପାଳ ତା' ବାର୍ତ୍ତାର ଦ୍ୱିତୀୟାର୍ଦ୍ଧ ଶୁଣି ପାରିଲେ ନାହିଁ, କାରଣ ଦୁଇ ବର୍ଷ ହେଲା ମଧ୍ୟେ ମଧ୍ୟେ ତାଙ୍କ ହୃତ୍‌ସ୍ପନ୍ଦନ ହଠାତ୍ ଭୀଷଣ ହୋଇ କିଛି ଶୁଣାଇ ଦିଏ ନାହିଁ । ବର୍ତ୍ତମାନ ତାହା ହେଲା ବିଭୀଷଣ ।

ଲଘୁ ଗୁଣ୍ଡା ତୀର ଭଳି ଦୌଡ଼ି ଚାଲିଗଲା ।

ଜୟପାଳଙ୍କ ମୁଣ୍ଡ ବୁଲାଉଥିଲା । ଭିତରେ ହିମ ସାଙ୍ଗକୁ ଉପରେ ଗରମର ସେଭଳି ତୀବ୍ର ବିରୋଧାତ୍ମକ ଅନୁଭୂତି ତାଙ୍କର ପୂର୍ବରୁ କେବେ ହୋଇ ନ ଥିଲା । ସେ ବୋକା ନୁହନ୍ତି । ଲଘୁ ଗୁଣ୍ଡା ଯେ କୌଣସି ଅସ୍ତ୍ର ଆଣିବାକୁ ଗଲା, ଆଖି ପଲକରେ ସେ ଏତକ ବୁଝିଗଲେ ।

ଅସ୍ତ୍ରର ବା କି ପ୍ରୟୋଜନ ଥିଲା ? ସେମାନେ ପାଖକୁ ମାଡ଼ି ଆସିବା ମାତ୍ରେ ସେ ଘଣ୍ଟା ଓ ନୋଟ ବିଡ଼ା ବାହାର କରି ଦେଇଥା'ନ୍ତେ । କିନ୍ତୁ ଦୁଷ୍ଟମାନେ ଅନେକ ସମୟରେ ଖାଲି ଲୁଣ୍ଠନ କରି ଖୁସି ହୋଇ ପାରନ୍ତି ନାହିଁ – ରକ୍ତପାତ ସେମାନଙ୍କୁ ସନ୍ତୋଷ ଦିଏ । ଏକଥା ସେ ତାଙ୍କ ପୋଲିସ କମିଶନର ସଙ୍ଗଠୁଁ ଶୁଣିଥିଲେ ।

ବର୍ଷ ବର୍ଷ ଧରି ଏତେ ସତର୍କତା, ନିରାପତ୍ତା ବ୍ୟବସ୍ଥା, ଜୀବନ ଓ ସମ୍ପଦର ନାନାବିଧ ବୀମା – ଏ ସବୁର ମୂଲ୍ୟ କ'ଣ, ଯଦି ଅସରାଏ ବର୍ଷା ତାଙ୍କର ସର୍ବନାଶ କରି ଦେଇ ପାରୁଛି !

ବହୁ ଦୂରର ଏକ ବଜ୍ରପାତ ଧ୍ୱନି ପ୍ରଶମିତ ହୋଇଯିବା ବେଳକୁ ଶୁଭିଲା ପରିଚିତ କାର୍‌ର ଶବ୍ଦ । ଆଃ, ମୃତ ଦେହରେ ପ୍ରାଣ ସଞ୍ଚାର ଯେ ଖାଲି ଚମକପ୍ରଦ କଳ୍ପନା ନୁହେଁ, ଜୟପାଳ ତାହା ହୃଦୟଙ୍ଗମ କରି ଚମତ୍କୃତ ହେଲେ । ଛାତି ଭିତରର ସେ ପ୍ରଚଣ୍ଡ ଶବ୍ଦ ଧିମେଇ ଆସିଲା କାର୍ ଆସି ଗଛ ତଳେ ଧୀରେ ଧୀରେ ବ୍ରେକ୍ ଦେବାର ଗତି ସହ ତାଳ ରଖି ।

ଜୟପାଳ ଦ୍ୱାର ଖୋଲି ପଛ ସିଟ୍‌ରେ ଦୁମ୍ କରି ବସି ପଡ଼ିଲେ । ଭୀଷଣ ଗରମ, ସେ କାଚ ଅବନମିତ କଲେ ।

ସେତିକି ବେଳେ ଘଟିଲା ଲଘୁ ଗୁଣ୍ଡାର ପ୍ରତ୍ୟାବର୍ତ୍ତନ । ଯଦି ଗୋଟିଏ ମିନିଟ ଆଗରୁ ସେ ବର୍ଷା ଭିତରୁ ସେମିତି ଫୁଟି ବାହାରିଥା'ନ୍ତା, ତେବେ ଜୟପାଳ ଚେତା ହରାଇଥା'ନ୍ତେ ।

''ଗାଡ଼ି ଆସିଗଲା ଆଜ୍ଞା ? ଭଲ ହେଲା ବାବୁ, ତାଙ୍କ ଦାମୀ ଘଣ୍ଟା ଓ ନୋଟ ବିଡ଼ା ସବୁ ଓଦା ହେବ ବୋଲି ମୁଁ ଛତା ନେଇ ଆସିଲି । ଘଣ୍ଟା ଉପରେ ରୁମାଲ ଗୁଡ଼େଇ ଦେଇ ଥିଲେ ଟି ? ଭଲ କରି ଥିଲେ ।''

ତାଳିପକା ଛତାଟି ଯୁବକ ଏତେ ବେଳେ ଯାଇ ଖୋଲିଲା । ଶୀଘ୍ର ପହଞ୍ଚିବା ପାଇଁ ସେ ତାକୁ କାଖରେ ଜାକି ଦୌଡ଼ି ଦୌଡ଼ି ଆସିଥିଲା ।

''ନମସ୍କାର ବାବୁ !'' ଗୁରୁଗୁଣ୍ଡା ବି ପାଖକୁ ଆସି କହିଲା ।

ଅବଶ୍ୟ ବର୍ଷା ଯୋଗୁଁ କାଚ ପୁଣି ଉଠାଇ ଦେବାକୁ ହେଲା । ଜୟପାଳ ସ୍ଥବିର-ପ୍ରାୟ ବସି ରହିଥିଲେ । ମୁଣ୍ଡରୁ ହଠାତ୍ ସବୁ ଚିନ୍ତା ଉଭେଇ ଯାଇଥିଲା । ମୁହୂର୍ତ୍ତକ ଆଗରୁ ସେ ଯେପରି ଦୁଇ ବିରୋଧାତ୍ମକ ଶିହରଣ ଅଙ୍ଗେ ନିଭେଇ ଥିଲେ, ବର୍ତ୍ତମାନ ତାହା ସେ ମନରେ ନିଭଉ ଥିଲେ । ଏହା ବି ଥିଲା ଅଭୂତପୂର୍ବ ।

କାର୍ ସନ୍ତର୍ପଣରେ ଖାଲ ଢିପ ଏଡ଼ାଇ ରାସ୍ତାକୁ ଉଠିଲା ।

''କିହୋ ଜୟପାଳ !'' କାର୍ ପ୍ରାୟ ବନ୍ଦ କରି ଦୁଇ ଅଂଶୀଦାର ଏକତ୍ର ପଛକୁ ଅନାଇ ପାଟି କରି କହିଲେ, ''ତୁମକୁ କ'ଣ ଶୁଭୁ ନାହିଁ ?''

''କ'ଣ ?'' ଜୟପାଳ ସଳଖି ବସିଲେ ଓ ବର୍ଷା ଛିଟିକା ସତ୍ତ୍ୱେ ଦୁଇ ପାଖର କାଚ ଅବନମିତ କଲେ ।

''ସେ ଦଲାଲକୁ ଆଜି ପାଇଲୁ ନାହିଁ । ପୁଣି କେବେ ଆସିବା ?''

''ନା, ଆଉ ଆସିବା ନାହିଁ, ଏ ସ୍ଥାନ ଆମର ଲୋଡ଼ା ନାହିଁ,'' — ଜୟପାଳ ଦୃଢ଼ କଣ୍ଠରେ କହିଲେ ।

ଗାଡ଼ିର ଗତି କ୍ଷିପ୍ର ହେଉଁ ହେଉଁ ପୁଣି ମନ୍ଥର ହେଲା ।

''କାହିଁକି ?'' ଜଣେ ବନ୍ଧୁ ପଚାରିଲେ ଓ ଚାଳକ ବନ୍ଧୁ ଉତ୍କର୍ଣ୍ଣ ରହିଲେ ।

''ସେ ସବୁ ପରେ ।''

ଗତି ପୁଣି କ୍ଷିପ୍ର ହେଲା । ଜୟପାଳଙ୍କର ପ୍ରବଳ ଇଚ୍ଛା ହେଉଥିଲା, ପ୍ରାନ୍ତର ଅତିକ୍ରାନ୍ତ ହେବା ପୂର୍ବରୁ ଥରେ ଗାଡ଼ି ଅଟକାଇ ସେ ବର୍ଷାରେ ଭିଜିବେ ଦାମୀଘଣ୍ଟା ଓ ନୋଟ ବିଡ଼ା ସତ୍ତ୍ୱେ ।

କିନ୍ତୁ ବନ୍ଧୁମାନେ ତାହା କରାଇ ଦେବେ ନାହିଁ — ଜୋର୍ କରି ସେତକ କଲେ ମୁଣ୍ଡ ବିଗିଡ଼ି ଗଲାଣି ବୋଲି ସନ୍ଦେହ କରିବେ ।

ସେ ବରଂ ଏକାକୀ ଆଉ ଥରେ ଆସିବେ । ବର୍ଷା ଋତୁର ଆରମ୍ଭ ମାତ୍ର ହୋଇଛି ।

କାରଖାନା ସେ ଏଠି କଦାପି ବସାଇ ଦେବେ ନାହିଁ । ଦୀର୍ଘଜୀବୀ ହେଉ ସେ ବରଗଛ, ଦୀର୍ଘଜୀବୀ ହୁଅନ୍ତୁ ସେ ବରଗଛ ତଳର ମଣିଷମାନେ, ଦୀର୍ଘଜୀବୀ ହେଉ ସେ ଛତା । ଦୀର୍ଘଜୀବୀ ହେଉ ସେ ନିଷ୍ପାପ ଶୁଭେଚ୍ଛା — ସେ ତାଳିପକା ଛତାଟି ଯାହାର ପ୍ରତୀକ ।

ସେ ପଛକୁ ଅନାଇଲେ । ବର୍ଷା ଭିତରେ ସେ ବିଶାଳ ବରଗଛ ହଜି ଯାଇଥିଲା, ମା କୋଳରେ ଶିଶୁଟିଏ ହଜିଗଲା ଭଳି । ❑

ସମସ୍ତଙ୍କ ପାଇଁ ଏକମାତ୍ର ଯଥାର୍ଥ ମନୋଭାବ ହେଲା ଏକ ବିନୟ ଭାବ, ତୁମେ ଯାହା ଜାଣି ନାହଁ ତା' ପ୍ରତି ଏକ ନୀରବ ସମ୍ମାନଜନକ ଭାବ; ଏବଂ ଅଜ୍ଞାନ ଭିତରୁ ବାହାରି ଆସିବା ପାଇଁ ଏକ ଆନ୍ତର ଆସ୍ପୃହା ।... ...

ଲୋକଙ୍କର ବିଶ୍ୱାସ ଯେ ସନ୍ଦେହ କରିବା ଏକ ଉଚ୍ଚତର ମାନସିକତାର ଲକ୍ଷଣ । କିନ୍ତୁ ଅସଲ କଥାଟି ହେଲା ଏଇ ଧରଣର ମନୋଭାବ ଏକ ହୀନମନ୍ୟତା ।

ସଂଶୟ ଓ ସନ୍ଦେହ ହେଲା ଜଣକର ଅଗ୍ରଗତି ପାଇଁ ଦୁଇଟି ବିରାଟ ପ୍ରତିବନ୍ଧକ; ଏ ଦୁଇଟିଯାକ ଅଜ୍ଞାନ ସଙ୍ଗେ ଏକ ଉଦ୍ଧତ ଆନୁମାନିକ ସିଦ୍ଧାନ୍ତକୁ ମିଶାଇ ଦିଅନ୍ତି ।

— ଶ୍ରୀମା

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୪୧)


## ମହେନ୍ଦ୍ରନାଥ ସ୍ୱାଇଁ


### ଦୀର୍ଘପଥକୁ ହ୍ରାସ କରିବାର ଉପାୟ

ପୂର୍ଣ୍ଣଯୋଗର ପଥରେ ଆଗକୁ ପାଦ ବଢ଼ାଉଥିଲା ବେଳେ ମନେ ହେଉଛି ଯେପରି ଗୋଟିଏ ପାଦ ଆଗକୁ ପକାଇଲେ କିଏ ଯେପରି ପଛକୁ ଦୁଇପାଦ ଠେଲି ଦେଉଛି । ନିର୍ଦ୍ଦିଷ୍ଟ ଏକ ଚେତନାର ଶୀର୍ଷରେ ପାଦ ଦେଲା ମାତ୍ରକେ କିଏ ଯେପରି ଠେଲି ନିମ୍ନକୁ ପକାଇ ଦେଉଛି । ଆମେ କ୍ଷତ-ବିକ୍ଷତ ହୋଇଥିଲେ ମଧ୍ୟ ପୁନର୍ବାର ଝାଡ଼ିଝୁଡ଼ି ହୋଇ ଉଠୁଛୁ, ଆମ ଭିତରେ ଥିବା ମିଥ୍ୟାଚାର, କାମନା-ବାସନା ଓ ଅନ୍ୟାନ୍ୟ ପ୍ରତିରୋଧକାରୀ ଶକ୍ତିମାନଙ୍କ ଯନ୍ତାରୁ ମୁକ୍ତ ହୋଇ ଊର୍ଦ୍ଧ୍ୱାରୋହଣ ପଥରେ ଅଣ୍ଟାଭିଡ଼ି ଆଗେଇ ଚାଲୁଛୁ । ମନେ ହେଉଛି ପୂର୍ଣ୍ଣତାର ପଥ ଯେପରି ଅସରନ୍ତି । ବିରୋଧୀ ଶକ୍ତିମାନେ ଭାବୁଛନ୍ତି ସେମାନଙ୍କ ମସ୍ତକସ୍ଥିତ ମୁକୁଟ ଖସି ପଡୁଛି, ସେଥିପାଇଁ ସେମାନେ ଚେଷ୍ଟା କରୁଛନ୍ତି ଭଗବାନଙ୍କ ନିକଟକୁ ଲମ୍ବିଥିବା ରାସ୍ତାରେ ପାଦ ଦେଇଥିବା ପଥିକକୁ କ୍ଷତ-ବିକ୍ଷତ କରି ଦେବା, ଯନ୍ତା ଭିତରେ ଭର୍ତ୍ତି କରିଦେବା ଏବଂ ଆଣ୍ଟେଇ ପକାଇ ରକ୍ତାକ୍ତ କରିଦେବା ପାଇଁ ।

ସାଧକକୁ ହଇରାଣ ହରକତରେ ପକାଇ ଯେତେବେଳେ ବିରୋଧୀ ଶକ୍ତିମାନେ କ୍ଳାନ୍ତ ହୋଇ ପଡ଼ନ୍ତି ସେମାନେ ଅନ୍ୟ ଏକ କୌଶଳ ପ୍ରୟୋଗ କରିଥା'ନ୍ତି; ତା'ହେଲା ପ୍ରଲୋଭିତ କରିବା, ସବୁ କାମରେ ସମର୍ଥନ କରିବା ଏବଂ ଖୋସାମତ କରିବା : ଫଳତଃ ସାଧକର ନାମ ଓ ପଦମର୍ଯ୍ୟାଦା ଖୁବ୍ ବଢ଼ିଯାଏ, ତଥାକଥିତ ଯଶଃ ତା'ର ପଦ ଲେହନ କରେ, ଅହଂକାରରେ ତା'ର ଛାତି ଫାଟିପଡ଼େ । ଏହିପରି ଭାବରେ କେତେବେଳେ ଧକ୍କା ଦେଇ, ପୁଣି କେତେ ମିଥ୍ୟା-ପ୍ରଶଂସାରେ ପୋତି ପକାଇ ପରମ ପ୍ରଭୁ ବିରୋଧୀ ଶକ୍ତିମାନଙ୍କର ମାଧ୍ୟମରେ ଆମକୁ ବା ସାଧକମାନଙ୍କୁ ପରୀକ୍ଷା କରୁଥା'ନ୍ତି, ଅଗ୍ନିରେ ପକାଉଥା'ନ୍ତି, ପୋଡୁଥା'ନ୍ତି ଯେପର୍ଯ୍ୟନ୍ତ ଆମେ ଶୁଦ୍ଧ ସୁବର୍ଣ୍ଣର ରୂପ ଧାରଣ ନ କରିଛୁ । ଏହି ପରିପ୍ରେକ୍ଷୀରେ ଦିବ୍ୟଜନନୀ ଶ୍ରୀମା ଜୁଲାଇ ୨୧, ୧୯୧୩ ତାରିଖରେ ଯେଉଁ ପ୍ରାର୍ଥନାଟି ଲେଖିଛନ୍ତି ତାକୁ ପାଠ କରିବା ଏବଂ ସେଥିରେ ଅବଗାହନ କରିବା । ତାହାହେଲା –

..."YET what patience is needed ! How imperceptible the stages of progress ! . . .

"Oh ! how I call Thee from the very depths of my heart, True Light, Sublime Love, Divine Master who art the source of our light and of our living, our guide and our protector, the Soul of our soul and the Life of our life, the Reason of our being, the supreme Knowledge, the immutable Peace !"

(Prayers and Meditations, P. 24)

''...ତଥାପି, କେତେ ଯେ ଧୈର୍ଯ୍ୟର ଆବଶ୍ୟକ ! ପ୍ରଗତିର ସ୍ତରସବୁ କେତେ ଅନନୁଭୂତ !

''ହେ ପ୍ରଭୁ ! ମୁଁ ଆପଣଙ୍କୁ କେଉଁ ଭାବରେ ଆହ୍ୱାନ କରିବି ମୋର ହୃଦୟ ଅଭ୍ୟନ୍ତରସ୍ଥ ନିଭୃତ କୋଣରୁ; ସତ୍ୟାଲୋକ, ମହିମାନ୍ୱିତ ପ୍ରେମ, ଦିବ୍ୟ-ଅଧୀଶ୍ୱର ଯିଏ କି ଆମ୍ଭମାନଙ୍କର ଆଲୋକର ଉତ୍ସ, ଆମ୍ଭମାନଙ୍କର ବଞ୍ଚି ରହିବାର ଉତ୍ସ, ଆମର ପଥପ୍ରଦର୍ଶନକାରୀ, ଦିଶାରୀ, ସୁରକ୍ଷା କବଚ, ଆମର ଆତ୍ମାମାନଙ୍କର ଆପଣ ହେଉଛନ୍ତି ଦିବ୍ୟାତ୍ମା, ଆମ ଜୀବନର ଆପଣ ହିଁ ଦିବ୍ୟପ୍ରାଣ, ଆମ ବୁଦ୍ଧିର ଆପଣ ହିଁ ଉଚ୍ଚତର ଚେତନାର ସଦ୍‌ବୁଦ୍ଧି, ସର୍ବୋତ୍ତମ ଜ୍ଞାନ, ଅପରିବର୍ତ୍ତନୀୟ ପ୍ରଶାନ୍ତି !''

"Perceptible" ଶବ୍ଦଟିର ଅର୍ଥ ହେଲା – obtained knowledge through senses, observance, understanding." – ଇନ୍ଦ୍ରିୟଗ୍ରାହ୍ୟ ସତ୍ତା ଯଥା : ଦର୍ଶନ, ଶ୍ରବଣ, ଘ୍ରାଣ, ଆସ୍ୱାଦନ ଓ ସ୍ପର୍ଶ ମାଧ୍ୟମରେ ଯେଉଁମାନଙ୍କୁ ଆମେ ଜାଣିପାରୁ, ଅନୁଶୀଳନ କରିପାରୁ ତଥା ବୁଝିପାରୁ ସେମାନଙ୍କୁ "Perceptible" କୁହାଯାଏ । "Imperceptible" ଶବ୍ଦଟି ତା'ର ବିପରୀତ ଶବ୍ଦ – ଅର୍ଥାତ୍

ଇନ୍ଦ୍ରିୟମାନେ ଯାହାଙ୍କୁ ଜାଣିପାରନ୍ତି ନାହିଁ, ଅନୁଶୀଳନ କରିପାରନ୍ତି ନାହିଁ ଏବଂ ବୁଝିପାରନ୍ତି ନାହିଁ ।

ମା କହୁଛନ୍ତି, ''ହେ ପ୍ରଭୁ ! ଆପଣଙ୍କ ପଥ ଏତେ ଦୀର୍ଘ ଯେ ସେଥିରେ ଚାଲିବା ନିମନ୍ତେ ଅପରିସୀମ ଧୈର୍ଯ୍ୟର ଆବଶ୍ୟକତା ରହିଛି । ପ୍ରଭୁଙ୍କ ପାଖକୁ ଲମ୍ବିଥିବା ପଥର ପଥିକ ନିମନ୍ତେ ଧୈର୍ଯ୍ୟ ହିଁ ଏକମାତ୍ର ସମ୍ବଳ । ଏହି ପଥର ଦୈର୍ଘ୍ୟ ମାପିବା ନିମନ୍ତେ କୌଣସି ଏକକ ନାହିଁ, ନିର୍ଦ୍ଦିଷ୍ଟ ନକ୍ସା ମଧ ନାହିଁ, ଆମେ କେତେ ବାଟ ଅଗ୍ରସର ହେଲେଣି ତାହା ଜାଣିବା ଆମ ଇନ୍ଦ୍ରିୟମାନଙ୍କର ସାଧ୍ୟାତୀତ ।

ଆଲୋଚ୍ୟ ପ୍ରାର୍ଥନାଟିର ଅନ୍ତଃସ୍ରୋତରେ ଦିବ୍ୟଜନନୀ ଶ୍ରୀମା ପ୍ରବାହିତ କରାଇଛନ୍ତି ପ୍ରଭୁଙ୍କ ପାଖକୁ ପଡ଼ିଥିବା ଦୀର୍ଘପଥକୁ ହ୍ରାସ କରିବାର ଉପାୟ । ଆମର ବହୁ ଦିନର ସଂଘର୍ଷ, ଭୟଙ୍କର ଜୀବନ ସଂଗ୍ରାମ ତଥା ହୃଦୟଥରା ପତନର ତୀବ୍ରତାକୁ କିଛି ପରିମାଣରେ ହ୍ରାସ କରିବାର ଏହାହିଁ ଏକମାତ୍ର ବାଟ – ତାହାହେଲା ଆମକୁ ଅନୁଭବ କରିବାକୁ ହେବ ଯେ ଆମ ଅନ୍ତର ଭିତରେ ଆମର ଦିବ୍ୟ ପରମପ୍ରଭୁ ବିରାଜମାନ, ତାଙ୍କରି ଆଲୋକରେ ଆମେ ଆଲୋକିତ ହେଉଛୁ, ତାଙ୍କରି ଶକ୍ତିରେ ଆମର ପ୍ରାଣ ଗତିଶୀଳ, ସେ ହିଁ ଆମର ସୁରକ୍ଷାର ସୁରକ୍ଷା, ସକଳ ପ୍ରକାର ବିପଦ-ଆପଦ, ବିକାରଗ୍ରସ୍ତ ଅବସ୍ଥା ଭିତରୁ ହାତଧରି ଉପରକୁ ଉଠାଇ ଦେବାର ତ୍ରାଣକର୍ତ୍ତା । ଆମର ଅସଂଖ୍ୟ ପତନ ସତ୍ତ୍ୱେ ବି ସିଏ ଆମକୁ ପୁନଶ୍ଚ ପଥୁରିଆ, ବନ୍ଧୁର, ତୀଖ ପାହାଡ଼ କାଛିରେ ଉପରକୁ ଉଠିଯିବାରେ ସାହାଯ୍ୟ କରିବା ନିମନ୍ତେ ହାତ ବଢ଼ାଇ ଦେଉଛନ୍ତି ।

ପ୍ରଭୁଙ୍କୁ ନାମଟିଏ ଦେଇ ଦେଲେ ସେ ତ ସୀମିତ ହୋଇଯିବେ, ସେ ତ ସର୍ବନାମ । ସେଥିପାଇଁ ତାଙ୍କୁ ''ତତ୍-ସତ୍'' ବୋଲି କୁହାଯାଇଛି । ସେ ହିଁ ଗୌରବୋଜ୍ଜ୍ୱଳ, ମହିମମୟ, ଚମତ୍କାର, ପ୍ରେରଣାପ୍ରଦାନକାରୀ ଦିବ୍ୟ-ପ୍ରେମ, ସର୍ବୋତ୍ତମ ଜ୍ଞାନ, ପରମ ଜ୍ୟୋତିଃ । ଯେଉଁ ଜ୍ୟୋତିଃ ଅନ୍ତର୍ଦୃଷ୍ଟି ଖୋଲିଦିଏ, ବୁଝି ହୁଏ, ସେହି ''ତତ୍-ସତ୍''ଙ୍କ ସହିତ ସମ୍ପର୍କ ରଖିଲେ ସବୁ ସହଜ ହୋଇଯାଏ; କାରଣ ସେ ତ ଅନନ୍ତ, ଅନାମ, ଅଣାକାର, ନିରାକାର, ଆମ ଜୀବାତ୍ମାର ସେ ହିଁ ପରମାତ୍ମା । ବୌଦ୍ଧିକ ଧାରଣା ବା ମନସ୍ତାତ୍ତ୍ୱିକ ଅନୁଭବ ଭିତରକୁ ସିଏ ଆସନ୍ତି ନାହିଁ । ଶ୍ରବଣ, ମନନ, ନିଦିଧ୍ୟାସନ (hearing, thinking and mentalising ) ଉପାୟ ଅବଲମ୍ବନ କରି କିଏ ବା ଏପର୍ଯ୍ୟନ୍ତ ତାଙ୍କୁ ଜାଣି ପାରିଲାଣି, ତାଙ୍କ ସ୍ୱରୂପକୁ ଦର୍ଶନ କରିବାରେ ସମର୍ଥ ହେଲାଣି ?

ଉକ୍ତ ପ୍ରାର୍ଥନାଟିରେ ମା ସମ୍ପୂର୍ଣ୍ଣଭାବେ ପରମପ୍ରଭୁଙ୍କ ନିକଟରେ ନିଜକୁ ସମର୍ପିତ କରିଦେଇ, ଆମକୁ କହୁଛନ୍ତି ତାହା ହିଁ କରିବାକୁ । ଆମର ଯଦି ଦୃଢ଼ ବିଶ୍ୱାସ ଥାଏ, ତେବେ ଆସନ୍ତୁ ଆଗେଇ ଚାଲିବା, ମା ଆମର ସଂଗ୍ରାମର ଦାୟିତ୍ୱ ନେଇଛନ୍ତି, ଆମର ସୁରକ୍ଷା ନିମନ୍ତେ ଅଭୟ ହସ୍ତଦ୍ୱୟ ପ୍ରସାରଣପୂର୍ବକ ଆମ୍ଭମାନଙ୍କୁ କୋଳେଇ ନେଉଛନ୍ତି ଏବଂ ଆମେ ଯେଉଁଠାକୁ ଯିବା କଥା ସେଠାରେ ପହଞ୍ଚାଇ ଦେଉଛନ୍ତି । ମା'ଙ୍କୁ ଭଲ ପାଇଲେ, ସବୁକଥା ତାଙ୍କୁ ଜଣାଇଲେ ଆମର ସକଳ ବାଧାବିଘ୍ନ ଦୂର ହୋଇଯିବ, ଅନ୍ତରରେ ଓ ବାହାରେ ଅଖଣ୍ଡ ପ୍ରଶାନ୍ତି ବିରାଜମାନ କରିବ । ଏହି ପରିପ୍ରେକ୍ଷୀରେ ନିମ୍ନ ବିଷୟଟିକୁ ଆଲୋଚନା କରି ଆନନ୍ଦ ପ୍ରାପ୍ତ ହେବା –

''ଜନୈକା ଗୁଜୁରାଟୀ ମହିଳା ଯେ କି ପରିବାର ସହ ମୁମ୍ବାଇ (ତତ୍କାଳୀନ ବମ୍ବେ)ରେ ବାସ କରୁଥିଲେ । ସେ ସପରିବାର ୧୯୬୩ ମସିହା ଗ୍ରୀଷ୍ମ ଋତୁରେ ପଣ୍ଡିଚେରୀ ଆସିଥା'ନ୍ତି । ଅନୁମତି ପ୍ରାପ୍ତ ହେଲା ପରେ ମା'ଙ୍କ ପ୍ରକୋଷ୍ଠକୁ ଦର୍ଶନ ନିମନ୍ତେ ଗଲେ, ଦେଖିଲେ ମା ଗୋଟିଏ ଅତି ସୁନ୍ଦର ସୂଚୀକାମ କରାହୋଇଥିବା ପୋଷାକଟିଏ ପରିଧାନ କରିଛନ୍ତି । ଯେହେତୁ ଭଦ୍ରମହିଳା ଜଣକ ନିଜେ ଛୁଞ୍ଚି ସୂତାରେ ସୂକ୍ଷ୍ମ କାରୁକାର୍ଯ୍ୟ କରିବାରେ ସିଦ୍ଧହସ୍ତା ଥିଲେ ସେ ସଂକଳ୍ପ କଲେ ସ୍ୱୟଂ ନିଜ ହାତରେ ପୋଷାକଟିଏ ତିଆରି କରି ଦିବ୍ୟଜନନୀଙ୍କୁ ନିବେଦନ କରିବେ । ତାଙ୍କର ଜଣେ ସମ୍ପର୍କୀୟ ମାମୁ ଆଶ୍ରମରେ ଥା'ନ୍ତି । ତାଙ୍କୁ ଅନୁରୋଧ କରି କୌଣସି ପ୍ରକାରେ ମା'ଙ୍କ ପୋଷାକର ମାପ ନେଇ ଆସିଲେ ଏବଂ ଏକ ସୁନ୍ଦର କପଡ଼ାରେ ଅତି ନିଖୁଣ ଭାବରେ ଧ୍ୟାନସ୍ଥ ହୋଇ ମା'ଙ୍କୁ ସ୍ମରଣ କରି ତାଙ୍କ ନିମନ୍ତେ ଏକ 'ଗାଉନ୍' ପ୍ରସ୍ତୁତ କଲେ ଯେଉଁଥିରେ ଛୁଞ୍ଚି ସୂତାରେ ସୁନ୍ଦର ଓ ଚମତ୍କାର ସୂର୍ଯ୍ୟମୁଖୀ ଫୁଲର 'ଏମ୍ବ୍ରୋଡ଼ରି' ହୋଇଥିଲା । ତାଙ୍କ ପୁଅର ଜନ୍ମଦିନରେ ମା'ଙ୍କୁ ଦର୍ଶନ କଲାବେଳେ ସେହି ଗାଉନ୍‌ଟିକୁ ମା'ଙ୍କୁ ନିବେଦନ କରି ପ୍ରଣାମ କଲେ । ସେ ବହୁତ ଖୁସି ହେଲେ, ତାଙ୍କ ଭିତର ଏକ ଅପୂର୍ବ ଆନନ୍ଦର ସ୍ରୋତରେ ପ୍ଲାବିତ ହେବାକୁ ଲାଗିଲା ।

''ଆଶ୍ରମରେ ପନ୍ଦରଦିନ ବିତିଗଲା । ସେହି ମାସ ୯ ତାରିଖରେ ତାଙ୍କର ଜନ୍ମଦିନରେ ମା'ଙ୍କ ପ୍ରକୋଷ୍ଠକୁ ଯାଇ ପ୍ରଣାମ କରିବାକୁ ଆଦେଶ ପ୍ରାପ୍ତ ହୋଇଥା'ନ୍ତି । ସେଦିନ ସେ ଭିତରେ

ପ୍ରବେଶ କରି ଯାହା ଦେଖିଲେ ସେଥିରେ ତାଙ୍କ ଆନନ୍ଦର ସୀମା ରହିଲା ନାହିଁ । ଦେଖିଲେ ମା ତାଙ୍କରି ଦ୍ୱାରା ପ୍ରସ୍ତୁତ 'ଗାଉନ୍'ଟି ପିନ୍ଧିଛନ୍ତି ଏବଂ ତାଙ୍କ ଆଡ଼କୁ ଚାହିଁ ସ୍ମିତହାସ୍ୟର ମଧୁଝର ଖୋଲି ଦେଇଛନ୍ତି । ବର୍ତ୍ତମାନ ତାଙ୍କ ହୃଦୟରେ ଭାବପ୍ରବଣତାର ଉଚ୍ଛ୍ୱାସ କୂଳ ଲଙ୍ଘୁଥାଏ । ହଠାତ୍ ତାଙ୍କ ପାଟିରୁ ବାହାରି ପଡ଼ିଲା କେତୋଟି ଶବ୍ଦ, ଯେଉଁ ଶବ୍ଦମାନଙ୍କରେ ଫୁଟି ଉଠୁଥିଲା ଅଭୀପ୍ସା ଓ ଆତ୍ମୋତ୍ସର୍ଗର ଭାବ – ତାହା ହେଲା, 'ମୋତେ ଏମ୍ବ୍ରୋଡ଼ରି କାମ ଜଣାଅଛି, ମା'ଙ୍କ ନିମନ୍ତେ ଏହି କାମ କରିବା ଲାଗି ମୁଁ ନିଜକୁ ଉତ୍ସର୍ଗ କରୁଛି ।' 'ବସୁଧା', ଆଶ୍ରମର ଜନୈକା ବରିଷ୍ଠ ସାଧିକା ଯେ କି ଆଶ୍ରମର 'ଏମ୍ବ୍ରୋଡ଼ରି ବିଭାଗ'ର ଦାୟିତ୍ୱରେ ଥିଲେ, ତାଙ୍କୁ ବହୁତ ଉତ୍ସାହିତ କଲେ । ଆଶ୍ରମରୁ ଫେରି ସେ ନିଜ ଘରେ ମା'ଙ୍କ ନିମନ୍ତେ ସୁନ୍ଦର ସୁନ୍ଦର ପୋଷାକ ତିଆରିରେ ଲାଗି ପଡ଼ିଲେ । ସେଇ କାର୍ଯ୍ୟରେ ସେ ଏତେ ମଜ୍ଜି ଯାଉଥିଲେ ଯେ ନିଜକୁ ଭୁଲି ଯାଉଥିଲେ । ତାଙ୍କ ସ୍ୱାମୀଙ୍କର ଭୟ ହେଉଥିଲା କାଳେ ସିଏ ଆଶ୍ରମକୁ ଚିର ଦିନ ପାଇଁ ମା'ଙ୍କ ପାଖକୁ ଚାଲିଯିବେ । ସେଥିପାଇଁ ସେ ସର୍ବଦା ତାଙ୍କ ସ୍ତ୍ରୀଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ପ୍ରକାଶ କରୁଥା'ନ୍ତି । ଏହା ଜାଣିପାରି ସ୍ୱାମୀ ତାଙ୍କର ଅଫିସକୁ ଚାଲିଗଲା ପରେ ସେ ତାଙ୍କ କାର୍ଯ୍ୟରେ ଲାଗି ପଡ଼ନ୍ତି ଏବଂ ସ୍ୱାମୀଙ୍କୁ ନ ଜଣାଇ ଲୁଚେଇ ଲୁଚେଇ ତିଆରି ପୋଷାକପତ୍ର ଆଶ୍ରମକୁ ପଠାଇ ଦେଉଥା'ନ୍ତି ।

ଉକ୍ତ ଭଦ୍ରମହିଳା କହନ୍ତି, ''୧୯୬୮ ମସିହା ଫେବ୍ରୁଆରୀ ବା ମାର୍ଚ୍ଚ ମାସରେ ଦୀର୍ଘ ପନ୍ଦର ଦିନ ଧରି ମୋର ଏକ ଅଦ୍ଭୁତ ଏବଂ ଚମତ୍କାର ଅନୁଭୂତି ହୋଇଥିଲା । ଯେତେବେଳେ ମୋ ସ୍ୱାମୀ ଅଫିସକୁ ଚାଲି ଯାଆନ୍ତି, ମୁଁ ମା'ଙ୍କ ନିମନ୍ତେ କରୁଥିବା 'ଏମ୍ବ୍ରୋଡ଼ରି' କାମ ଧରି ବସିଯାଏ, କିନ୍ତୁ ବସିଯିବା ମାତ୍ରକେ ମୋ ଭିତରେ ଏକ ଅନ୍ତର୍ଜଗତ ଖୋଲିଯାଏ ଏବଂ ମୋର ଉନ୍ମୁକ୍ତ ଚକ୍ଷୁ ସମ୍ମୁଖରେ ମୋର ଏବଂ ତତ୍ ସହିତ ମୋ ସ୍ୱାମୀଙ୍କର ତଥା ପିଲାମାନଙ୍କର ଏବଂ ଜ୍ଞାତି କୁଟୁମ୍ବମାନଙ୍କର ପୂର୍ବଜନ୍ମର ଛବି ଓ ସେମାନଙ୍କ ସହିତ ଘଟିଥିବା ସମସ୍ତ ଘଟଣା ଠିକ୍ ଚଳଚ୍ଚିତ୍ର ପରଦା ଉପରେ ଚିତ୍ରମାନେ ଭାସିଗଲା ପରି ଦେଖା ଯାଆନ୍ତି; ବେଳେବେଳେ ଅଧଘଣ୍ଟାଏ ଏବଂ ଆଉ କେତେବେଳେ ଦୀର୍ଘ ଦୁଇ ଘଣ୍ଟା ଧରି ଏହା ଘଟୁଥାଏ । ମୁଁ ସେହି ସମସ୍ତ ଦୃଶ୍ୟକୁ ଲେଖି ପକାଉଥାଏ, ଯେଉଁଦିନ ମୋ ଲେଖା ସରିଲା ସେଦିନ ଏକ ଅଦ୍ଭୁତ ଘଟଣା ଘଟିଲା – ମୁଁ ଦେଖିଲି ମୋ ପ୍ରକୋଷ୍ଠ ସୁନେଲି ଆଲୋକରେ ପରିପୂର୍ଣ୍ଣ । ଏହି ସମସ୍ତ ଲେଖାକୁ ଏକ ଚିଠି ଆକାରରେ ମା'ଙ୍କୁ ନିବେଦନ କରି ମୋର ଜଣାଶୁଣା ଆଶ୍ରମର ଜନୈକ ବରିଷ୍ଠ ସାଧକଙ୍କ ନିକଟକୁ ପଠାଇ ଦେଲି । ତାଙ୍କୁ ଅନୁରୋଧ କରିଥିଲି ମୋ ମାତୃଭାଷାରେ ଲିଖିତ ଚିଠିଟିକୁ ଇଂରାଜୀରେ ବା ଫ୍ରେଞ୍ଚ ଭାଷାରେ ଅନୁବାଦ କରି ମା'ଙ୍କ ସମ୍ମୁଖରେ ପଢ଼ିଦେବା ନିମନ୍ତେ । ଚିଠିଟିର ଉତ୍ତରରେ ସାଧକ ଜଣକ ଲେଖିଥିଲେ, 'How did you see all this ? We have lived here for so long but have not seen any such thing.' ('ତୁମେ ଏହିସବୁ ଦୃଶ୍ୟ କିପରି ଦେଖିଲ ? ଆମେ ଏଠାରେ ଦୀର୍ଘଦିନ ବାସ କରି ମଧ୍ୟ ଏହି ପ୍ରକାରର କୌଣସି ଦୃଶ୍ୟ ଦେଖି ନାହୁଁ ।')''

ଯଥାର୍ଥ ମନୋଭାବ ସହକାରେ ପ୍ରଭୁଙ୍କ ନିମନ୍ତେ, ମା'ଙ୍କ ନିମନ୍ତେ କର୍ମ କଲେ ସେଥିରୁ ଯେଉଁ ଫଳ ପ୍ରାପ୍ତ ହୁଏ ତାହା ସାଧନା ପଥରେ ବହୁତ ସାହାଯ୍ୟ କରିଥାଏ । ସେଥିପାଇଁ ଆସନ୍ତୁ ଦିବ୍ୟଜନନୀ ଶ୍ରୀମାଙ୍କର ନିମ୍ନୋକ୍ତ ବାଣୀଟିକୁ ଅନୁଧ୍ୟାନ କରିବା –

"One can progress through meditation, but through work provided it is done in the right spirit one can progress ten times more."

''ଧ୍ୟାନ ମାଧ୍ୟମରେ ଜଣେ ସାଧନା ପଥରେ ଅଗ୍ରସର ହୋଇପାରେ, କିନ୍ତୁ କର୍ମ ମାଧ୍ୟମରେ ସେହି କର୍ମକୁ ଯଦି ପ୍ରକୃତ ମନୋଭାବର ସହ କରାଯାଇଥାଏ ତା'ହେଲେ ସାଧନାରେ ସିଏ ତାହାଠାରୁ ଦଶଗୁଣ ଅଧିକ ଅଗ୍ରଗତି କରିପାରେ ।''

– ଶ୍ରୀମା

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା**

(୧) Prayers & Meditations - The Mother.
(୨) How They came to Sri Aurobindo and the Mother - Shyam Kumari.
(୩) Musing on the Mother's Prayers and Meditations - Shyam Kumari.

# ଉତ୍କଳ ଗୌରବ ଶ୍ରୀଜଗନ୍ନାଥ

## ରାମକୃଷ୍ଣ ଦାସ

ଉତ୍କଳରେ ଅତୀତରେ ଯେତେଗୁଡ଼ିଏ ଗୌରବାନ୍ୱିତ କୀର୍ତ୍ତି ହୋଇ ଯାଇଅଛି ତା' ମଧ୍ୟରେ ସର୍ବଶ୍ରେଷ୍ଠ ହେଉଛନ୍ତି ଶ୍ରୀଜଗନ୍ନାଥ । ସେ ସଗୁଣ, ନିର୍ଗୁଣ, ସାକାର ଓ ନିରାକାର ଉଭୟର ଧର୍ତ୍ତା ପୁରୁଷୋତ୍ତମ-ତତ୍ତ୍ୱ । ସେହି ପୁରୁଷୋତ୍ତମ-ତତ୍ତ୍ୱ କଳିଯୁଗରେ ଜୀବଙ୍କୁ ନିସ୍ତାର କରିବା ନିମିତ୍ତ ପୁରୁଷୋତ୍ତମ-କ୍ଷେତ୍ରରେ ଦାରୁବ୍ରହ୍ମ ରୂପେ ବିରାଜିତ ହୋଇଅଛନ୍ତି ।

ବର୍ତ୍ତମାନ ଉତ୍କଳର ହ୍ରାସ ଅବସ୍ଥା ଦେଖି ତାହାର ଅତୀତର ଗୌରବ ଓ କୀର୍ତ୍ତି ସକଳ ସ୍ୱପ୍ନ ପରି ମନେ ହେଉଛି । ଆଜି ଉତ୍କଳ ଅନ୍ୟାନ୍ୟ ପ୍ରଦେଶ ତୁଳନାରେ ବହୁ ପଛରେ ପଡ଼ିଛି । କଳା, ଶିଳ୍ପ, ସାହିତ୍ୟ, ବିଜ୍ଞାନ ଇତ୍ୟାଦି ପ୍ରତ୍ୟେକ କ୍ଷେତ୍ରରେ ସେ ନିଜକୁ ଅସହାୟ ମନେ କରୁଛି । ଭାରତର ଅନ୍ୟାନ୍ୟ ପ୍ରଦେଶ ଯେ ହ୍ରାସ ଅବସ୍ଥା ପ୍ରାପ୍ତ ହୋଇ ନାହିଁ ତାହା ନୁହେଁ, କିନ୍ତୁ ସେସବୁ ଅପେକ୍ଷା ଉତ୍କଳର ହ୍ରାସ ଅବସ୍ଥା ଅଧିକ ହୋଇ ପଡ଼ିଛି । ମନୁଷ୍ୟର ଯେପରି ଆତ୍ମା ଅଛି, ଦେଶର ବି ସେହିପରି ଆତ୍ମା ଅଛି । ମନୁଷ୍ୟ ଜୀବନରେ ଯେପରି ଉତ୍‌ଥାନ-ପତନ ଦେଖାଯାଏ, ସେହିପରି ଦେଶର ଉତ୍‌ଥାନ-ପତନ ଘଟେ, ଏହି ଉନ୍ନତି-ଅବନତି ଚକ୍ରାକାରରେ ଘୂରୁଥାଏ । ଅବନତି ଶେଷ ପାବଚ୍ଛରେ ପହଞ୍ଚିଲେ ପୁଣି ଉନ୍ନତି ଆରମ୍ଭ ହୁଏ ।

ଏବେ ଅବନତିର ସମୟ ଶେଷ ହୋଇଛି । ସେଥିପାଇଁ ମନୁଷ୍ୟ ବର୍ତ୍ତମାନ ଅବସ୍ଥାରେ ସନ୍ତୁଷ୍ଟ ନ ରହି ନୂତନ କିଛି ଚାହୁଁଛି । ଆଜି ନବଯୁଗର ଉଷା ନୂତନ ସନ୍ଦେଶ ବହନ କରି ପ୍ରାଚୀ ଗଗନରେ ଲାଲିମା ବିଚ୍ଛୁରିତ କରୁଅଛି । ବର୍ତ୍ତମାନ ମନୁଷ୍ୟର କର୍ତ୍ତବ୍ୟ ହେଲା ତାମସିକତାକୁ ତ୍ୟାଗ କରି ଆଗତ ନୂତନ ଯୁଗର ସତ୍ୟକୁ ଗ୍ରହଣ କରିବା ନିମିତ୍ତ ବଦ୍ଧପରିକର ହେବା ଏବଂ ସେହି ସତ୍ୟକୁ ନିଜ ଜୀବନରେ ଉତାରି ନେଇ ଜୀବନ ଓ ଜଗତର ଉନ୍ନତି ସାଧନ କରିବା ।

ପ୍ରାଚୀନ ଉତ୍କଳ କଳା, ଶିଳ୍ପ, ସାହିତ୍ୟରେ ଯେପରି ଉନ୍ନତ ଥିଲା, ସେହିପରି ବୀର ବିଦ୍ୱାନ୍ ସନ୍ତାନମାନଙ୍କୁ ମଧ୍ୟ ଜନ୍ମ ଦେଇଥିଲା । ତାହା ଧନଧାନ୍ୟରେ ପରିପୂର୍ଣ୍ଣ ଏକ ସମୃଦ୍ଧିଶାଳୀ ରାଜ୍ୟ ଥିଲା । ଏସବୁର ପ୍ରତ୍ୟକ୍ଷ ପ୍ରମାଣସ୍ୱରୂପ ଉତ୍କଳର ପ୍ରାଚୀନ ସାହିତ୍ୟ ଓ କୋଣାର୍କ, ଭୁବନେଶ୍ୱର ଆଦି ମନ୍ଦିର । ଏହିସବୁ ମଧ୍ୟରେ ଶ୍ରେଷ୍ଠତମ ହେଉଛି ପୁରୁଷୋତ୍ତମ-କ୍ଷେତ୍ର, ଶ୍ରୀଜଗନ୍ନାଥ । ପୁରୁଷୋତ୍ତମ-କ୍ଷେତ୍ରର ମହିମା ସ୍ମରଣ କଲେ ଭାରତର ଅନ୍ୟାନ୍ୟ ପ୍ରାନ୍ତଠାରୁ ଉତ୍କଳର ମସ୍ତକ ନଇଁଛି ବୋଲି ମନେ ହେବ ନାହିଁ ।

ପ୍ରାଚୀନ ଉତ୍କଳୀୟ କବି, ସନ୍ଥ ଓ ମହାତ୍ମାମାନେ ଶ୍ରୀଜଗନ୍ନାଥଙ୍କୁ ବୁଦ୍ଧ ବା ବୌଦ୍ଧ, ଶୂନ୍ୟ, ନିରାକାର, କୃଷ୍ଣ, ବିଷ୍ଣୁ, ନାରାୟଣ ନାମରେ ସ୍ତୁତି କରି ଅଛନ୍ତି । ପ୍ରକୃତରେ ତାଙ୍କ ସ୍ୱରୂପ କ'ଣ ଏଠାରେ ତାହା ବିଚାର କରିବା ।

ବ୍ରହ୍ମ ଏକ ହିଁ ସତ୍, ଚିତ୍, ଆନନ୍ଦ, ପୁରୁଷୋତ୍ତମ-ତତ୍ତ୍ୱ । ତାଙ୍କର ସକ୍ରିୟ ଓ ନିଷ୍କ୍ରିୟ ଦୁଇଟି ଦିଗ ଅଛି । ଏହି ଉଭୟଙ୍କୁ ଯେ ଧାରଣ କରି ଅଛନ୍ତି । ତାଙ୍କୁ ବେଦ, ଉପନିଷଦ୍, ଗୀତା ଇତ୍ୟାଦି ଶାସ୍ତ୍ର ପୁରୁଷୋତ୍ତମ-ତତ୍ତ୍ୱ ବୋଲି ପ୍ରତିପାଦିତ କରି ଅଛି । ଆଉ ଏହି ପୁରୁଷୋତ୍ତମ-ତତ୍ତ୍ୱ ହେଉଛନ୍ତି ଶ୍ରୀଅରବିନ୍ଦ ଯୋଗର ଲକ୍ଷ୍ୟ । କ୍ରମୋନ୍ନତିର ମାର୍ଗରେ ମନୁଷ୍ୟଜାତିକୁ ଏକ ପାବଚ୍ଛ ଆଗେଇ ଦେବା ସକାଶେ ଏହି ପୁରୁଷୋତ୍ତମ-ତତ୍ତ୍ୱ ଆବଶ୍ୟକ ଅନୁସାରେ ଭିନ୍ନ ଭିନ୍ନ ସ୍ୱରୂପରେ ଅବତାର ଗ୍ରହଣ କରନ୍ତି ଏବଂ ସ୍ୱୀୟ କର୍ମ ଦ୍ୱାରା ଜଗତରେ ନିଜ ଆଦର୍ଶ ସ୍ଥାପନ କରନ୍ତି । ଗୀତା ବର୍ଣ୍ଣନା କରିଅଛି : —

''ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁତ୍‌ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ॥
ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍ ।
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥''

(୪/୭-୮)

ଗୀତାର ଏହି ସାରାଂଶକୁ ତୁଳସୀଦାସଜି ତାଙ୍କ ରାମାୟଣରେ ବର୍ଣ୍ଣନା କରିଅଛନ୍ତି :

''ଜବ ଜବ ହୋଇ ଧରମକେ ହାନି
ବଢ଼ଇ ଅସୁର ଅଧମ ଅଭିମାନୀ ॥
ତବ ତବ ଧରି ହରି ମନୁଜ ଶରୀରା ।
ନାଶଇ କୃପାନିଧି ସଜ୍ଜନ ପୀରା ॥''

''ଧର୍ମର ହ୍ରାସ, ଅସୁର, ଅଧମ ଓ ଅହଂକାରୀ ଲୋକଙ୍କ ବୃଦ୍ଧି ହେଲେ ଶ୍ରୀହରି ମନୁଷ୍ୟ ଶରୀର ଧାରଣ କରି

ଅସୁରଙ୍କୁ ଅର୍ଥାତ୍ ଦୂଷିତ କର୍ମ କରିବା ଲୋକଙ୍କୁ ବିନାଶ କରି ଧର୍ମ ସ୍ଥାପନ କରନ୍ତି, ଯଦ୍ଦ୍ୱାରା ସଜ୍ଜନଙ୍କ ଦୁଃଖ ଦୂର ହୁଏ ।''

ଏହି ପୁରୁଷୋତ୍ତମ-ତତ୍ତ୍ୱ ସଚ୍ଚିଦାନନ୍ଦ ବ୍ରହ୍ମ ପୁରୀରେ ଜଗନ୍ନାଥ ନାମରେ ଦାରୁବ୍ରହ୍ମ ରୂପେ ପ୍ରଘଟ ହୋଇ ଅଛନ୍ତି ।

ପ୍ରଶ୍ନ ଉଠୁଛି ପୁରୁଷୋତ୍ତମ-ତତ୍ତ୍ୱ ଯେ ଶ୍ରୀଜଗନ୍ନାଥ ଏହାର ପ୍ରମାଣ କ'ଣ ?

ଏହା ନିର୍ବିବାଦ ଯେ ଜଗନ୍ନାଥ ସ୍ୱୟଂ ଭଗବାନ୍ । ଜଗନ୍ନାଥ ଶବ୍ଦର ଅର୍ଥ ଜଗତର କାରଣ ଅର୍ଥାତ୍ ଜଗତକୁ ଯେ ସର୍ଜନା କରି ଅଛନ୍ତି । ''ଏକୋଽହଂ ବହୁ ସ୍ୟାମ୍ ।'' ଫେରେ ତାଙ୍କ ଧାମର ନାମ ''ପୁରୁଷୋତ୍ତମ-କ୍ଷେତ୍ର'' । ସେ ସ୍ୱୟଂ ପୁରୁଷୋତ୍ତମ ହେବାରୁ ତାଙ୍କ ଧାମର ନାମ ହୋଇଛି ପୁରୁଷୋତ୍ତମ-କ୍ଷେତ୍ର ।

ସଚ୍ଚିଦାନନ୍ଦ ପୁରୁଷୋତ୍ତମ-ତତ୍ତ୍ୱ ମତ୍ସ୍ୟ, କୂର୍ମ, ବରାହ, ବାମନ, ନରହରି, ପରଶୁରାମ, ରାମ, କୃଷ୍ଣ, ବୁଦ୍ଧ ରୂପେ ପୃଥିବୀରେ ଅବତାର ନେଇ ଅଛନ୍ତି ଓ ସେ ହିଁ ହେଉଛନ୍ତି ସାକାର, ନିରାକାର, ବିଷ୍ଣୁ, ନାରାୟଣ । ଶ୍ରୀଜଗନ୍ନାଥ ସେହି ପୁରୁଷୋତ୍ତମ-ତତ୍ତ୍ୱର ବିଗ୍ରହ ହେବାରୁ ସବୁ ସମ୍ପ୍ରଦାୟର ବ୍ୟକ୍ତି ଭେଦଭାବ ଛାଡ଼ି ନିଜ ନିଜ ଇଷ୍ଟଦେବ ନାରାୟଣ, ରାମ, କୃଷ୍ଣ, ବୁଦ୍ଧ ରୂପେ ତାଙ୍କୁ ପୂଜା କରୁଛନ୍ତି । ଏପରି କି ଶ୍ରୀ ଭାଷ୍ୟକାର ବିଶିଷ୍ଟାଦ୍ୱୈତ ସିଦ୍ଧାନ୍ତର ପ୍ରବର୍ତ୍ତକ ଶ୍ରୀ ସମ୍ପ୍ରଦାୟର ଆଚାର୍ଯ୍ୟ ଶ୍ରୀ ରାମାନୁଜ ସ୍ୱାମୀ କିଛି ଦିନ ପୁରୀରେ ରହି ଶ୍ରୀଜଗନ୍ନାଥଙ୍କୁ ତାଙ୍କ ମନ୍ଦିରରେ ପୂଜା କରିବା କଥା ନାଭାଜିଙ୍କ ପ୍ରସିଦ୍ଧ ଗ୍ରନ୍ଥ 'ଭକ୍ତମାଳା'ରେ ଓ 'ଦାର୍ଢ୍ୟତା ଭକ୍ତି'ର ଦ୍ୱିତୀୟ ଖଣ୍ଡରେ ବର୍ଣ୍ଣିତ ହୋଇଅଛି । ପୁଣି ମଧ୍ୟ ଭକ୍ତ-ମାନ୍ୟ ଅବତାର ଶ୍ରୀଚୈତନ୍ୟ ମହାପ୍ରଭୁ ତାଙ୍କ ଲୀଳାର ଶେଷ ଚବିଶ ବର୍ଷ ଶ୍ରୀପୁରୁଷୋତ୍ତମ-କ୍ଷେତ୍ରରେ ବ୍ୟତୀତ କରିଥିଲେ ଏବଂ ମନ୍ଦିରରେ ବହୁତ ସମୟ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରୁ ଥିଲେ ।

ବ୍ରହ୍ମ ଏକ, କିନ୍ତୁ ଲକ୍ଷ୍ୟ ଆଉ ସାଧନା ପ୍ରଣାଳୀ ଭିନ୍ନ ଭିନ୍ନ ହେବାରୁ ବେଦ ପ୍ରତିପାଦ୍ୟ ସେହି ଏକ ହିଁ ଚତୁଷ୍ପାଦ ବିଭୂତିଯୁକ୍ତ ସଚ୍ଚିଦାନନ୍ଦ ପୁରୁଷୋତ୍ତମ-ତତ୍ତ୍ୱଙ୍କୁ ଭକ୍ତ ଓ ଯୋଗୀମାନେ ଶୂନ୍ୟ, ନିରାକାର, ନିର୍ଗୁଣ ଶବ୍ଦ-ବ୍ରହ୍ମ, ନାରାୟଣ, ବିଷ୍ଣୁ, ରାମ, କୃଷ୍ଣ, ବୁଦ୍ଧ ରୂପେ ଅନୁଭୂତିରେ ପାଇ ଅଛନ୍ତି; ଏବଂ ସେହି ରୂପ ଓ ସେହି ନାମରେ ତାଙ୍କୁ ଇଷ୍ଟଦେବ ମାନି ପୂଜା ମଧ୍ୟ କରୁ ଅଛନ୍ତି । ଏହି କାରଣରୁ ଶ୍ରୀଜଗନ୍ନାଥଙ୍କୁ ବୌଦ୍ଧ, ଶୂନ୍ୟ, ବୁଦ୍ଧ, ନିରାକାର, ନାରାୟଣ, ରାମ, କୃଷ୍ଣ ନାମରେ ଭକ୍ତମାନେ ସ୍ତୁତି କରି ଅଛନ୍ତି । ସେ ଅବତାରୀ, ସେଥିପାଇଁ ନିର୍ଦ୍ଦିଷ୍ଟ ଦିନମାନଙ୍କରେ ତାଙ୍କୁ ଶ୍ରୀରାମ, ଶ୍ରୀକୃଷ୍ଣ ଆଦି ଅବତାରମାନଙ୍କ ଶିଙ୍ଗାର (ବେଶ) କରାହୁଏ ।

ତା'ଛଡ଼ା ତାଙ୍କ ବିଗ୍ରହ ପ୍ରତୀକ ରୂପେ ଏହି ସୂଚନା କରୁଅଛି ଯେ ସେ ପରାତ୍ପର ବ୍ରହ୍ମ । ଯଦି ନାରାୟଣ ରାମ, କୃଷ୍ଣ, ବୁଦ୍ଧଙ୍କ ବିଗ୍ରହ ହୋଇ ଥା'ନ୍ତେ, ତେବେ ତାଙ୍କ ବିଗ୍ରହ ମଧ୍ୟ ସେମାନଙ୍କ ଆକାରରେ ହୋଇଥା'ନ୍ତେ । କିନ୍ତୁ ଏପରି ହୋଇ ନାହିଁ । ତାଙ୍କ ବିଗ୍ରହର କିଛି ଆକାର ଥିବା ସତ୍ତ୍ୱେ କୌଣସି ନିର୍ଦ୍ଦିଷ୍ଟ ଆକାର ନାହିଁ । ସେଥିପାଇଁ ସେ କୌଣସି ଅବତାରଙ୍କ ବିଗ୍ରହ ନୁହନ୍ତି ଆଉ ବିଗ୍ରହର ସ୍ଥୂଳ ଆକାର ଥିବାରୁ ନିରାକାର ବି ନୁହନ୍ତି । ଅତଏବ ତାଙ୍କ ବିଗ୍ରହ ସ୍ପଷ୍ଟ ରୂପେ ବୁଝେଇ ଦେଉଛି ଯେ ସେ ସାକାର ଓ ନିରାକାରଙ୍କ ଊର୍ଦ୍ଧ୍ୱସ୍ଥ ପୁରୁଷୋତ୍ତମ-ତତ୍ତ୍ୱ । ଏହି କାରଣରୁ ତାଙ୍କ ନାମ ହେଉଛି ଦାରୁ-ବ୍ରହ୍ମ ।

ବିଭିନ୍ନ ରୁଚି, ସ୍ୱଭାବ ଓ ବିଚାର ହେତୁ ଏଠାରେ ତିନୋଟି ପ୍ରଶ୍ନ ଉଠିପାରେ : –

ପ୍ରଥମ : ଭଗବାନ୍ ସର୍ବତ୍ର ବିଦ୍ୟମାନ୍, ଏକ ବ୍ୟାପକ ଭଗବାନଙ୍କୁ ଏକ ମନ୍ଦିର ସୀମାରେ ଆବଦ୍ଧ କରିବା କ'ଣ ଅଜ୍ଞାନତା ନୁହେଁ ?

ଦ୍ୱିତୀୟ : ଭାରତ ବର୍ଷରେ ବହୁ ବିଗ୍ରହ ଅଛନ୍ତି, କିନ୍ତୁ ଶ୍ରୀଜଗନ୍ନାଥଙ୍କୁ କାହିଁକି ସାକ୍ଷାତ୍ ବ୍ରହ୍ମ କୁହାଯାଏ, ସେଥିରେ ବିଶେଷତା କ'ଣ ?

ତୃତୀୟ : ଯେ ପରାତ୍ପର ପୁରୁଷୋତ୍ତମ ତତ୍ତ୍ୱ, ସେ ବିଗ୍ରହରୂପ ସ୍ୱୀକାର କଲେ କାହିଁକି ?

ଭଗବାନ୍ ବ୍ୟାପକ, ନିର୍ଗୁଣ, ସଗୁଣର ଊର୍ଦ୍ଧ୍ୱରେ ଥିବା ସତ୍ତ୍ୱେ ଓ ନିଜ ଅହେତୁକୀ କୃପା, ଭକ୍ତ-ବତ୍ସଳତା ଗୁଣରେ ବଶୀଭୂତ ହୋଇ ଅବତାର ନେଇ ଶରୀର ଧାରଣ କରନ୍ତି ଓ ବିଗ୍ରହରେ ନିଜକୁ ପ୍ରକାଶ କରନ୍ତି, ଯାହା ଦ୍ୱାରା ଭକ୍ତ ସୁଲଭରେ ତାଙ୍କୁ ପ୍ରାପ୍ତ ହେବେ ଓ ଭବସାଗରରୁ ଉଦ୍ଧାର ହେବେ । ଭଗବାନ୍ ସର୍ବତ୍ର – ଯେପରି ସବୁଠାରେ, ସେହିପରି ପ୍ରତିମାରେ ବି ଅଛନ୍ତି । କିନ୍ତୁ ସାଧାରଣ ମନୁଷ୍ୟ ପଶୁ, ପକ୍ଷୀ, ବୃକ୍ଷ, ଲତା ଇତ୍ୟାଦିରେ ଭଗବାନଙ୍କୁ କେବେ ବି ମନରେ ଭାବେ ନାହିଁ, ପରନ୍ତୁ ମନ୍ଦିରରେ ପ୍ରତିମା ଦେଖିବା ମାତ୍ରକେ ଭଗବାନ୍ ଭାବରେ ମୁଣ୍ଡିଆ ମାରେ ଆଉ ସେତେବେଳେ କିଛି ସମୟ ସକାଶେ ତାହାର ସାତ୍ତ୍ୱିକ ଭାବ ବି ଜାଗ୍ରତ୍ ହୁଏ । ବ୍ୟାପକ ବ୍ରହ୍ମ ମନ ଆଦି ଇନ୍ଦ୍ରିୟର ଅତୀତ । ସେହି ବ୍ରହ୍ମଙ୍କୁ ଅନୁଭୂତିରେ ପ୍ରାପ୍ତ

କରିବାକୁ ହେଲେ ବହୁ କଠିନ ସାଧନା ଦ୍ୱାରା ଇନ୍ଦ୍ରିୟକୁ ଅତିକ୍ରମ କରି ମନର ଊର୍ଦ୍ଧ୍ୱକୁ ଯିବାକୁ ହେବ, ତେବେ ଯାଇ ସେହି ଅନୁଭୂତି ମିଳିବ । ଏହା ସାଧାରଣ ମନୁଷ୍ୟ ସକାଶେ ସମ୍ଭବ ନୁହେଁ ।

ସାଧାରଣ ମନୁଷ୍ୟର ସମ୍ପଦ ମନ ଆଦି ସ୍ଥୂଳ ଇନ୍ଦ୍ରିୟ ଏବଂ ଇନ୍ଦ୍ରିୟ ଗ୍ରାହ୍ୟ ସ୍ଥୂଳ ବସ୍ତୁ । ସେ ସ୍ଥୂଳ ବସ୍ତୁକୁ ହିଁ ଗ୍ରହଣ କରିପାରେ ଏବଂ ସେଥିରେ ଚେତନାକୁ କେନ୍ଦ୍ରିତ କରିପାରେ । ସାଧାରଣ ମନୁଷ୍ୟ ସକାଶେ ବ୍ୟାପକ ବ୍ରହ୍ମ ଭାବନା କରିବା ଏକେବାରେ ଅସମ୍ଭବ କିନ୍ତୁ ପ୍ରତିମାରେ ଭଗବତ୍ ଭାବ ରଖିବା ଏକେବାରେ ସମ୍ଭବ । ଏହି ସ୍ଥୂଳ ପ୍ରତିମାକୁ ଭଗବତ୍ ଭାବରେ ସେବା, ଦର୍ଶନ, କୀର୍ତ୍ତନ, ପ୍ରେମ-ଭକ୍ତି କରିବା ଦ୍ୱାରା ଚିତ୍ତଶୁଦ୍ଧି ହୁଏ, ଚେତନାର ବିକାଶ ହୁଏ ଏବଂ ସାଧକ ଯଦି ପ୍ରତିମାରେ ଏକହି ସ୍ଥାନରେ ଭଗବାନଙ୍କୁ ଉପଲବ୍ଧି କରିପାରେ ତେବେ ତାଙ୍କୁ ସର୍ବତ୍ର ଉପଲବ୍ଧି କରିବାରେ ସହଜ ହୁଏ । ଏପରି କି ସାଧକ ଯଦି ପୁରୁଷୋତ୍ତମ-ତତ୍ତ୍ୱକୁ ନିଜର ସମସ୍ତ ସତ୍ତାରେ ଉପଲବ୍ଧି କରିବାର ଲକ୍ଷ୍ୟ ରୂପେ ଗ୍ରହଣ କରିପାରେ ଏବଂ ମନ-ପ୍ରାଣ-ଶରୀରକୁ ତାହାର ମୂଳ ଦିବ୍ୟ-ତତ୍ତ୍ୱରେ ରୂପାନ୍ତର କରିବାକୁ ଅଭୀପ୍ସା ଜାଗ୍ରତ୍ କରେ ତେବେ ସେ ସାଧନାର ଯଥାର୍ଥ ମାର୍ଗରେ ଅଗ୍ରସର ହୋଇପାରେ । ଏପରି ସ୍ଥଳେ ଯଦି ଅଜ୍ଞାନ ଦ୍ୱାରା ପରମ ଜ୍ଞାନରେ, ସୀମା ଦ୍ୱାରା ଅସୀମର ସନ୍ଧାନ ମିଳେ, ସେହି ଅଜ୍ଞାନକୁ ଗ୍ରହଣ କଲେ କିଛି କ୍ଷତି ହେବ ନାହିଁ । ଫେରେ ଯେଉଁ ପ୍ରତିମା ପୂଜା ଜ୍ଞାନରେ ପହୁଞ୍ଚିବାକୁ ସାହାଯ୍ୟ କରେ ତାହା ଅଜ୍ଞାନ ହେବ କିପରି ?

ସବୁ ବିଗ୍ରହରେ ଦେବତାମାନେ ସମାନ ଭାବେ ପ୍ରକାଶିତ ହୁଅନ୍ତି ନାହିଁ । ପ୍ରକାଶିତ ହୁଅନ୍ତି ସ୍ଥାପନ କରିବା ବ୍ୟକ୍ତିର ଭାବ ଓ ଭକ୍ତି ଅନୁସାରେ । ସେହିପରି ସମସ୍ତ ସାଧକମାନଙ୍କୁ ଭଗବାନ୍ ସମାନ ଭାବେ ପ୍ରାପ୍ତ ହୁଅନ୍ତି ନାହିଁ, ପ୍ରାପ୍ତ ହୁଅନ୍ତି ତାଙ୍କର ସମର୍ପଣ, ଅଭୀପ୍ସା ଓ ଆଧାର ପ୍ରସ୍ତୁତି ଅନୁସାରେ । ଶ୍ରୀଜଗନ୍ନାଥଙ୍କୁ ଯେଉଁ ଭକ୍ତ ରାଜା ସ୍ଥାପନ କରି ଅଛନ୍ତି ସେ ଚାହିଁଥିଲେ ସ୍ୱୟଂବ୍ରହ୍ମ କଳିରେ ପ୍ରଘଟ ହୋଇ ମୂର୍ତ୍ତି ରୂପରେ ବିରାଜମାନ ହେବାକୁ ! ସେଥିପାଇଁ ସେ ବହୁ ବର୍ଷ ଅପେକ୍ଷା କଲେ ଏବଂ ବିଦ୍ୟାପତିଙ୍କୁ ଦୂତ ରୂପେ ପଠାଇ ଦଇତାପତିଙ୍କ ଇଷ୍ଟଦେବଙ୍କ ସନ୍ଧାନ ପାଇ ତାଙ୍କୁ ଆଣିବାକୁ ଗଲେ । କିନ୍ତୁ ବିଗ୍ରହ ନ ଦେଖି ଅତ୍ୟନ୍ତ ବ୍ୟାକୁଳ ହୋଇ ପଡ଼ିବାରୁ ତାଙ୍କୁ ଆକାଶବାଣୀ ହେଲା, ''ଅମୁକ ଦିନ ସମୁଦ୍ରରେ ଯେଉଁ କାଷ୍ଠ ପାଇବୁ ତାହାକୁ ହିଁ ମୂର୍ତ୍ତି ତୟାର କରି ମନ୍ଦିରରେ ପ୍ରତିଷ୍ଠା କରିବୁ । ମୁଁ ସ୍ୱୟଂ ସେହି ମୂର୍ତ୍ତିରେ ବିରାଜିତ ହେବି ।'' ଏକଥା ଦେଉଳତୋଳା ଗ୍ରନ୍ଥରୁ ଅଧିକ ବ୍ୟକ୍ତି ପଢ଼ିଥିବେ ଓ ଶୁଣିଥିବେ । ତା'ପରେ ବହୁଦିନ ପରେ ସ୍ୱୟଂ ଭଗବାନ୍ ବୃଦ୍ଧ ବଢ଼େଇ ରୂପେ ପ୍ରତିମା ଗଢ଼ିବା ଆରମ୍ଭ କଲେ । ଭଗବାନଙ୍କ ଇଚ୍ଛାରେ ହିଁ ବୃଦ୍ଧ ବଢ଼େଇଙ୍କ ନିର୍ଦ୍ଧାରିତ ଏକୋଇଶ ଦିନ ପୂର୍ବରୁ କୋଡ଼ିଏ ଦିନରେ ମନ୍ଦିର ଦ୍ୱାର ଖୋଲା ହେଲା । ପ୍ରତିମା ସେତେବେଳକୁ ପୂର୍ଣ୍ଣ ରୂପେ ତୟାରି ହୋଇ ନ ଥିଲା । ଶ୍ରୀଜଗନ୍ନାଥଙ୍କ ବିଗ୍ରହକୁ ସ୍ୱୟଂ ଭଗବାନ୍ ତୟାର କରିଥିବାରୁ ଏଥିରେ ରହିଲା ବିଶେଷତା । ଫେରେ ସେ କଳି ଅବତାର ବୋଲି ସମୟ ସମୟରେ ତାଙ୍କ ବିଗ୍ରହ ନୂଆ କଳେବର ଧାରଣ କରେ ।

ଭକ୍ତ ରାଜାଙ୍କ ଦୃଢ଼ ସଂକଳ୍ପ ଓ ଦୃଢ଼ ଭକ୍ତି କାରଣରୁ ସ୍ୱୟଂ ଭଗବାନ୍ ପରମବ୍ରହ୍ମ ପୂର୍ଣ୍ଣ ଐଶ୍ୱର୍ଯ୍ୟ ସହ ପ୍ରତିମାରେ ଦାରୁବ୍ରହ୍ମ ରୂପେ କଳିର ଜୀବଙ୍କୁ ଉଦ୍ଧାର କରିବା ସକାଶେ ପ୍ରଘଟ ହେଲେ । ସେଥିପାଇଁ କୁହାହୁଏ କଳି ଅବତାର ଦାରୁବ୍ରହ୍ମ । ଏହି କାରଣରୁ ପୁରୀ ପରିଣତ ହେଲା କଳିଯୁଗର ଧାମରେ । ବଦ୍ରି-ନାରାୟଣ ସତ୍ୟଯୁଗ, ରାମେଶ୍ୱର ତ୍ରେତା, ଦ୍ୱାରକା ଦ୍ୱାପର ଓ ପୁରୀ କଳିଯୁଗର ଧାମ । ଏହାକୁ ସର୍ବ ସମ୍ପ୍ରଦାୟ ଓ ଆଚାର୍ଯ୍ୟଗଣ ମାନନ୍ତି ।

ଭଗବାନ୍ ଭକ୍ତ-ବତ୍ସଳ, ଭକ୍ତର ଅଧୀନ । ଭକ୍ତ ପାଇଁ ସମସ୍ତ ଐଶ୍ୱର୍ଯ୍ୟ ଭୁଲି ଭକ୍ତିର ବାଳକ ହୋଇ ତାଙ୍କ କୋଳରେ ଖେଳନ୍ତି । ଏହା କେବଳ ଭାବୁକତା ନୁହେଁ, ଏହାର ସାକ୍ଷୀ ଭକ୍ତମାନେ ଓ ଇତିହାସ । ସେ ଦଶରଥ-କୌଶଲ୍ୟା, ନନ୍ଦ-ଯଶୋଦାଙ୍କ ପୁତ୍ର ଥିଲେ । ଯେତେବେଳେ ଯଶୋଦା ଛାଟ ନେଇ ତାଙ୍କୁ ପିଟିବାକୁ ଲାଗିଲେ ସେତେବେଳେ ସେ ଭୟରେ ଅସ୍ଥିର ହୋଇ କାନ୍ଦି ଆଖିରୁ କୋଳି ପରି ଟପ୍ ଟପ୍ କରି ଲୁହ ବୁହାଇଲେ । ଯେ ବ୍ରହ୍ମାଣ୍ଡ ନାୟକ, ଯାହାଙ୍କ ଚକ୍ଷୁର ଇଙ୍ଗିତରେ ତାଙ୍କ ଶକ୍ତି କୋଟି କୋଟି ବ୍ରହ୍ମାଣ୍ଡ ଏକ କ୍ଷଣରେ ସୃଷ୍ଟି କରିପାରେ, ଆଉ ଯାହାଙ୍କୁ ପାଇବା ସକାଶେ କେତେ ଯୋଗୀ-ମୁନି ତପସ୍ୟା କରି ଅନୁଭୂତିରେ ପାଆନ୍ତି ନାହିଁ, ସେହି ବ୍ରହ୍ମ ଭକ୍ତ ଭାବରେ ବନ୍ଦୀ ହୋଇ କାନ୍ଦୁ ଅଛନ୍ତି ! ଧନ୍ୟ ପ୍ରଭୁ ତୋର ଭକ୍ତ-ବତ୍ସଳତା । ଏପରି ଯେ ଦୟାମୟ ପ୍ରଭୁ, ନିଜର ଅହେତୁକୀ କୃପାରୁ ଭକ୍ତ ରାଜାର ଭକ୍ତି ପାଶରେ ବନ୍ଦୀ ହୋଇ ପ୍ରତିମାରେ ସାକ୍ଷାତ୍ ପୁରୁଷୋତ୍ତମ-ତତ୍ତ୍ୱ ରୂପେ ପ୍ରକଟ ହେବା ଆଶ୍ଚର୍ଯ୍ୟ କ'ଣ ? ଭକ୍ତ ସକାଶେ ଭଗବାନଙ୍କର ଅଦେୟ କିଛି ନାହିଁ ।

କେବଳ ବିଶ୍ୱାସ ହେବା ଉଚିତ । ବିଶ୍ୱାସ ହେଲେ ଭଗବାନ୍ ପ୍ରାପ୍ତ ହୁଅନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ । ବିଶ୍ୱାସ, ନିର୍ଭରତା, ପ୍ରେମ କୌଣସି ସାଧନାର ଆଶ୍ରୟ ଚାହେଁ ନାହିଁ । ଭଗବାନଙ୍କୁ ପ୍ରାପ୍ତ କରିବା ସକାଶେ ଏହାହିଁ ପର୍ଯ୍ୟାପ୍ତ । ଉତ୍କଳବାସୀ ପ୍ରାୟ ସମସ୍ତେ ଜାଣନ୍ତି କରମାବାଇ ଘରେ ଜଗନ୍ନାଥ ଖେଚୁଡ଼ି ଖାଇଥିଲେ । ସେ'ତ ଯୋଗୀ-ମୁନି ନ ଥିଲେ, ତାଙ୍କର ବିଶ୍ୱାସ, ଭକ୍ତି ଓ ସରଳ ପ୍ରେମ ଥିଲା ।

(ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃ. ୭୭୬ -୭୭୯)

❑❑❑

# ଗୋଟିଏ ସ୍ପଷ୍ଟୀକରଣ

ଜନୈକ ବିଶିଷ୍ଟ ପାଠକ ଜଣାଇଛନ୍ତି, 'ନବପ୍ରକାଶ'ର ଗତ ଏପ୍ରିଲ-ଜୁନ୍ ୨୦୨୦ ସଂଖ୍ୟାରେ ପ୍ରକାଶିତ ''ଛଳନା ଓ ରୂପାନ୍ତର'' ଶୀର୍ଷକ ପ୍ରବନ୍ଧଟିରେ ଏକ ମୌଳିକ ସତ୍ୟ ପରିବେଷଣ କରାଯାଇଛି । ସେ ଦୃଷ୍ଟିରୁ ପ୍ରବନ୍ଧଟି ପ୍ରଶଂସନୀୟ । କିନ୍ତୁ ପ୍ରବନ୍ଧର ଦୁଇଟି ସ୍ଥାନରେ ଲେଖକ ମହାଶୟ ଏଭଳି ବାକ୍ୟ ବ୍ୟବହାର କରିଛନ୍ତି, ଯାହାର ନିରୋଳ ଅର୍ଥ ଛଳନା ମନ୍ଦ ଅଭ୍ୟାସ ନୁହେଁ ଏବଂ ''ଏହା ଭଗବାନଙ୍କର ଏକ ମହାନ୍ ବରଦାନ ।'' ପ୍ରବନ୍ଧଟିର ଶିରୋନାମାରେ ରୂପାନ୍ତର ଶବ୍ଦର ବ୍ୟବହାର ମଧ୍ୟ ସଙ୍ଗତ ମନେ ହେଲା ନାହିଁ । ରୂପାନ୍ତର ଗୋଟିଏ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବ୍ୟାପାର ।

'ନବପ୍ରକାଶ' ପାଠକ ମହାଶୟଙ୍କର ଏଭଳି ସୁଚିନ୍ତିତ ମତ ସହ ଏକମତ । ରଚନାଟିରେ ପ୍ରଭୂତ ମୌଳିକତା ରହିଛି ଏବଂ ତାହା ଗୋଟିଏ ବିଶେଷ ମନସ୍ତାତ୍ତ୍ୱିକ ସତ୍ୟ ପ୍ରକଟ କରୁଛି; ତାହା ହେଲା ଜଣେ ଯେତେବେଳେ କପଟ ଭାବରେ ସାଧୁତାର କିଂବା ସତ୍ୟବାଦିତାର ଛଳନା କରେ ସେତେବେଳେ ସେ ସ୍ୱୀକାର କରୁଛି ଯେ ସାଧୁତା ବା ସତ୍ୟବାଦିତା ମହାନ୍ ଗୁଣ । ଇଂରାଜୀରେ କଥା ଅଛି Hypocrisy is the tribute vice pays to virtue; ଛଳନା ବା କପଟ ସାଧୁତା ହେଲା ସୁମତି ପ୍ରତି କୁମତିର ଶ୍ରଦ୍ଧାର୍ଘ୍ୟ ପ୍ରଦାନ ।

ସଂପୃକ୍ତ ପ୍ରବନ୍ଧଟିର ଲେଖକଙ୍କ ବକ୍ତବ୍ୟର ଅନ୍ୟତମ କଥା ହେଲା, ମଣିଷର ଯାବତୀୟ ସୁଗୁଣ ଓ ଦୁର୍ଗୁଣର ଉତ୍ସ ଏକ । ତାହାର ସମସ୍ତ ଦୁର୍ଗୁଣ ସୁଗୁଣର ହିଁ ବିକୃତି – ଅଜ୍ଞାନ କବଳିତ ମଣିଷ ଅସତ୍ୟ ପଥରେ ଯାଏ, କିନ୍ତୁ ସତ୍ୟକୁ ସମ୍ମାନ ଦିଏ । 'ଛଳନା' ତାହା ହିଁ ସୂଚାଏ ।

ଆମର ସ୍ୱାଭାବିକ ସାମାଜିକ ଜୀବନ ଯାତ୍ରାରେ ଆମେ ସର୍ବଦା ଛଳନା ସମେତ ସବୁ ପ୍ରକାର ମିଥ୍ୟାଚାର ବର୍ଜନ କରିବାକୁ ସଚେଷ୍ଟ ରହିବା ଆବଶ୍ୟକ । ଆଧ୍ୟାତ୍ମିକ ଲକ୍ଷ୍ୟ ଥିଲେ ଏହାହିଁ ହେବ ଆମର ପ୍ରଥମ ପଦକ୍ଷେପ । ତେଣୁ ସାଧୁତା, ସତ୍ୟବାଦିତା ଅଭ୍ୟାସ କଲା ଭଳି ଆମେ ଯେ ଛଳନା ଅଭ୍ୟାସ କରିବୁ, ତାହା ହାସ୍ୟକର ପଦକ୍ଷେପ । ଲେଖକ ମହାଶୟ ତାହା ବୁଝାଇ ନ ଥିବେ ନିଶ୍ଚୟ । ଆମେ କେବଳ ଆମର ମହତ୍ତର ସାଧାରଣ ଜ୍ଞାନ ନିମନ୍ତେ ଏତିକି ଜାଣିବା ଆବଶ୍ୟକ ଯେ ଛଳନାକାରୀ ପରୋକ୍ଷ ଭାବରେ ମହତ୍‌ଗୁଣର ହିଁ ସ୍ତାବକ ।

ଅତ୍ୟନ୍ତ ଅସ୍ୱାଭାବିକ ବାତାବରଣ ଭିତରେ ଗତ ସଂଖ୍ୟାଟି ପ୍ରସ୍ତୁତ ହୋଇଥିଲା । ନ ହେଲେ ଆମେ ଲେଖକଙ୍କୁ କେତୋଟି ବାକ୍ୟ ଓ ଶିରୋନାମା ପରିବର୍ତ୍ତନ କରିବାକୁ ଅବଶ୍ୟ ଅନୁରୋଧ କରିଥା'ନ୍ତୁ । ବିବେକୀ ପାଠକଙ୍କୁ 'ନବପ୍ରକାଶ'ର ଆନ୍ତରିକ ଧନ୍ୟବାଦ ।

('ନବପ୍ରକାଶ') ❑

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୬୯)

## ସାହାନା ଦେବୀ

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

**ଶ୍ରୀଅରବିନ୍ଦଙ୍କ ପତ୍ର :** ତୁମେ ଯାହା ଲେଖିଛ ତାହା ଅତ୍ୟନ୍ତ ପରିଷ୍କାର, ସଠିକ ଏବଂ ସନ୍ତୋଷଜନକ । ଏହାହିଁ ହେଉଛି ଯଥାର୍ଥ କଥା ଯାହାକୁ କୁହାଯାଏ ଅନ୍ତରରେ ସଚେତନ ହେବା । ଏହି ଉପାୟରେ ପ୍ରକୃତିର ଆବଶ୍ୟକୀୟ ପରିବର୍ତ୍ତନ କେହି ବି କରିପାରେ । ବାହ୍ୟିକ ଚେତନାରେ ଏହି ପରିବର୍ତ୍ତନ ସାଧିତ ହୁଏ, ବାସ୍ତବ ସ୍ତରରେ ସତ୍ତାକୁ ଗଢ଼ି ତୋଳାଯାଏ ଏବଂ ସେଠାରେ ସର୍ବଦା ହିଁ ବା ପ୍ରାଣ ସର୍ବଦା ହିଁ କେବଳ ଏଇ ପ୍ରକାର ସ୍ଥିର ଭାବରେ କାର୍ଯ୍ୟ କରିବା ଦ୍ୱାରା ତାହା କରାଯାଏ । ଏହାକୁ କରିବାକୁ ହେଲେ ଆବଶ୍ୟକ ପରିପୂର୍ଣ୍ଣ ଶାନ୍ତ ସମତା ରକ୍ଷା କରିବା, ଏହି ରୂପେ ସଚେତନ ହେବା ଏବଂ ଆନ୍ତର ନିର୍ଦ୍ଦେଶକୁ ଅନୁସରଣ କରିବା ।

(୧୪.୧୦.୩୫)

**ଶ୍ରୀଅରବିନ୍ଦଙ୍କ ପତ୍ର :** ଚେତନା ଯେ ଘୁରିଯାଇ (conversion) ଆଲୋକ ଦିଗକୁ ମୁହଁ କରେ ଏବଂ ମୂଳଭାବକୁ ସ୍ୱୟଂସ୍ଫୂର୍ତ୍ତ, ସ୍ୱାଭାବିକ ଓ ସ୍ଥାୟୀ କରେ ଏବଂ ଏଇ ବଦଳି ଯିବାକୁ କରେ ସ୍ୱତଃସ୍ଫୂର୍ତ୍ତ, ତାହା ହେଉଛି ଚୈତ୍ୟିକ ପରିବର୍ତ୍ତନ । ପ୍ରକୃତରେ ମନୁଷ୍ୟ ସାଧାରଣତଃ ବାସ କରେ ପ୍ରାଣରେ, ଏବଂ ଶରୀର ହୁଏ ତା'ର ଯନ୍ତ୍ର ଏବଂ ମନ ପରାମର୍ଶଦାତା ଓ ମନ୍ତ୍ରୀ (କତିପୟ ମନୋମୟ ମନୁଷ୍ୟ ବ୍ୟତୀତ ଯେଉଁମାନେ ବେଶୀ ଭାଗ ବାସ କରନ୍ତି ମନରେ ଓ ମନ ସଂକ୍ରାନ୍ତ ବିଷୟକୁ ନେଇ, ଏପରିକି ସେମାନେ ବି ତାଙ୍କର ସାଧାରଣ ଗତିବୃତ୍ତିରେ ପ୍ରାଣର ବଶବର୍ତ୍ତୀ ହୋଇ ଥାଆନ୍ତି) । ଆଧ୍ୟାତ୍ମିକ ପରିବର୍ତ୍ତନ ଆରମ୍ଭ ହୁଏ ସେଇ ସମୟରୁ ଯେତେବେଳେ ଆତ୍ମା ଗଭୀରତର ଜୀବନ ନିମନ୍ତେ ଦୃଢ଼ତାର ସହିତ ଲାଗି ରହେ ଏବଂ ତାହା ସମ୍ପୂର୍ଣ୍ଣ ହୁଏ ସେତେବେଳେ ଯେତେବେଳେ ଚୈତ୍ୟପୁରୁଷ ହୁଏ ଚେତନାର ଭିତ୍ତି ବା ଅଧିନାୟକ ଏବଂ ମନ, ପ୍ରାଣ ଓ ଶରୀର ତାହା ଦ୍ୱାରା ପରିଚାଳିତ ଏବଂ ତା'ର ଆଜ୍ଞାବହ ହୁଏ । ଅବଶ୍ୟ ଏହା ଯେତେବେଳେ ପରିପୂର୍ଣ୍ଣ ଭାବରେ ହୋଇଥାଏ, ସେତେବେଳେ ସଂଶୟ, ଅବସାଦ ଏବଂ ହତାଶା ଆଉ ଆସି ପାରେନା, ଯଦିଓ ବାଧାବିଘ୍ନ ସେତେବେଳେ ବି ରହି ଥାଇପାରେ ଏବଂ ରହିଥାଏ ମଧ୍ୟ । ପରିପୂର୍ଣ୍ଣ ଭାବରେ ନ ହୋଇ ମଧ୍ୟ ଯଦି ଭିତ୍ତିଗତଭାବେ ତାହା ସଂଶୋଧିତ ହୁଏ, ତା'ହେଲେ ମଧ୍ୟ ଏସବୁ ଆସନ୍ତି ନାହିଁ, କିଂବା ଅଳ୍ପ ସମୟ ପାଇଁ ଭାସମାନ ବାଦଲ ସଦୃଶ ଆସି ଉପର ଦେଇ ଚାଲି ଯାଆନ୍ତି – ତା'ର ମୂଳରେ ଅଛି ଅଟଳ ପ୍ରସ୍ତରସମ ଏକ ଦୃଢ଼ ନିଶ୍ଚିତ ଭାବ – ଯାହା ଏପରିକି ଯଦିଓ ସାମୟିକ ରୂପେ ଢାଙ୍କି ବି ହୋଇଯାଏ ତାହା ସବୁ ସମୟ ପାଇଁ ଅଦୃଶ୍ୟ ହୋଇଯାଇ ନ ପାରେ ।

ଅଧିକାଂଶ କ୍ଷେତ୍ରରେ ଯେଉଁଭାବେ ହେଉ ନା କାହିଁକି, ଅବସାଦ ଏବଂ ହତାଶା ବା ସଂଶୟ ଏବଂ ବିଦ୍ରୋହର ଅନବରତ ପୁନରାବର୍ତ୍ତନ ହୁଏ, କାରଣ ମନ ଏବଂ ପ୍ରାଣର ରୂପସୃଷ୍ଟି (formation) ପ୍ରାଣିକ ମନକୁ ଅଧିକାର କରିଥାଏ, ଏବଂ ସାମାନ୍ୟ ଉତ୍ତେଜକ କାରଣ କିଂବା ବିନା କାରଣରୁ ମଧ୍ୟ ସର୍ବଦା ଏକହିଁ ଚକ୍ର ମଧ୍ୟରେ ଘୂରାଉ ଥାଏ । ଏହା ଏକ ଅସୁସ୍ଥତା ଭଳି ଅବସ୍ଥା । ଶରୀର ଏଥିରେ ସମ୍ମତ ହୁଏ ଅଭ୍ୟାସବଶତଃ ଏବଂ ବିଶ୍ୱାସବଶତଃ ଏପରିକି ଯଦିଓ ସେଥିରେ ସେ କଷ୍ଟ ଭୋଗ ମଧ୍ୟ କରେ ଏବଂ ଥରେ ଅସୁସ୍ଥତା ଆରମ୍ଭ ହେଲେ ତାହା ଚାଲୁଥାଏ ତା'ର ଅଭ୍ୟସ୍ତ ଗତି ପଥରେ ଯଦି କୌଣସି ଶକ୍ତିଶାଳୀ ପ୍ରତିରୋଧକାରୀ ଶକ୍ତି ତାକୁ ଜୋର୍ କରି ବାଧା ନ ଦିଏ । ଯଦି ଶରୀର ଥରେ ମାତ୍ର ତା'ର ସମ୍ମତି ପ୍ରତ୍ୟାହାର କରି ନେଇପାରେ, ଅସୁସ୍ଥତା ତତ୍‌କ୍ଷଣାତ୍ ବା ଖୁବ୍ ଶୀଘ୍ର ବନ୍ଦ ହୋଇଯାଏ – ଏଇଟାହିଁ ହେଉଛି Coué ର ('କୁଏ'– ର) ଦେହଗତ ଅସୁସ୍ଥତାର ଗୋପନ ରହସ୍ୟପୂର୍ଣ୍ଣ ତତ୍ତ୍ୱ । ସେହିପରି ପ୍ରାଣିକ ମନ ଯଦି ତା'ର ସମ୍ମତି ପ୍ରତ୍ୟାହାର କରେ, ଅସ୍ୱୀକାର କରେ ଅଭ୍ୟସ୍ତ ଗତିବୃତ୍ତି ବା ପ୍ରସ୍ତାବାଦିର ପ୍ରଭୁତ୍ୱର ଅଧୀନରେ ରହିବାକୁ, ଏଇ ସବୁ ଅବସାଦ, ହତାଶାର ପୁନରାବର୍ତ୍ତନ ଯଥା ଶୀଘ୍ର ବନ୍ଦ କରାଯାଇପାରେ । କିନ୍ତୁ ସେହି ଅଭ୍ୟାସକୁ ବାତିଲ କରିବା ଏବଂ ସେଇ ଘୋର ଅନ୍ଧକାରାଚ୍ଛନ୍ନ ଚକ୍ରର ହାତରୁ ପରିତ୍ରାଣ ପାଇବା ଏଇ ମନ ପକ୍ଷରେ ସହଜ ନୁହେଁ; ଯଦିଓ

ଥରେ ସେ ସମ୍ମତି ଦେବାରେ ଅଭ୍ୟସ୍ତ ହୋଇଯାଏ, ଏପରିକି ସେସବୁ ଯଦି ଯଥେଷ୍ଟ ନିଷ୍କ୍ରିୟ, କଷ୍ଟକର ଏବଂ ଅନିଚ୍ଛୁକ ହୁଏ । ଏହା ସହଜରେ ହୋଇ ପାରିବ କେବଳ ସେତେବେଳେ ଯେତେବେଳେ ମନ ବିଶ୍ୱାସ କରେ ନାହିଁ ଏଇସବୁ ପ୍ରସ୍ତାବଗୁଡ଼ିକରେ ଅବା ଅସମ୍ମତ ହୁଏ ଗ୍ରହଣ କରିବାକୁ ସେଇସବୁ ଧାରଣା ଏବଂ ଅନୁଭୂତି ଯାହା ସେଇ ଚକ୍ରହିଁ ସୂଚନା ଦେଉଥାଏ ।

(୧୩.୦୩.୩୬)

**ଶ୍ରୀଅରବିନ୍ଦଙ୍କ ପତ୍ର :** ତୁମେ ଅନୁଭବ କରୁଛ କେବଳ ଏଇ କାରଣରୁ ଯେ ତୁମେ ଅନେକାଂଶରେ ଅଙ୍ଗୀଭୂତ ହୋଇ ରହିଛ ତୁମର ସେଇ ଅଂଶ ସହ ଯାହାକୁ ପରିବର୍ତ୍ତନ କରିବାକୁ ହେବ; ତେଣୁ ଏତେ କଷ୍ଟ ପାଉଛ, ଏପରିକି ତୁମର ମନେ ହେଉଛି ପରିବର୍ତ୍ତନ ମଧ୍ୟ ଅସମ୍ଭବ । କିନ୍ତୁ ବାଧା ଯଦିଓ ଅଛି, ଅସମ୍ଭବ ବୋଲି କିଛି ନାହିଁ । ଏପରିକି ଏଇ ଅଭିନ୍ନତା ହୁଏତ ସାହାଯ୍ୟରେ ମଧ୍ୟ ଆସିପାରେ କାରଣ ତା'ହେଲେ ମନ ଓ ଉଚ୍ଚତର ପ୍ରାଣର (higher vital) ସେଇ ଅଂଶ ଉପରେ ଏକ ପରୋକ୍ଷ ପ୍ରଭାବ ଭିତର ଦେଇ ନ ଯାଇ ତା' ବଦଳରେ ତା' ନିଜର ପ୍ରତ୍ୟକ୍ଷ ଚେଷ୍ଟା ଦ୍ୱାରା ପରିବର୍ତ୍ତନ ନିଶ୍ଚିତ ହୋଇ ପାରିବ । ବିଶ୍ରାମ କର, ତୁମର ଶାରୀରିକ ଶକ୍ତି ସମୁଦାୟକୁ ପୁନଃ ପ୍ରତିଷ୍ଠିତ କର, ଖୋଲି ଧର, ଯେପରିକି ମା'ଙ୍କର ଶକ୍ତି ନିର୍ବିବାଦରେ ତୁମ ମଧ୍ୟରେ କାର୍ଯ୍ୟ କରିପାରେ, ସମସ୍ତ ଦୁଃଖକଷ୍ଟ ଦୂର ହୋଇଯାଏ ଏବଂ ଏକ ନୂତନ ଅଧିକତର ଶକ୍ତି-ସମ୍ପନ୍ନ ଗତିବୃତ୍ତିର ଆରମ୍ଭ ହୁଏ ।

(୨୨.୦୩.୩୬)

ଅନୁବାଦ : ଶୁଭ୍ରା ଦାସ

(କ୍ରମଶଃ)

❑❑❑

# ଆଗୋ ମଧୁମୟୀ

## ଶରତ କୁମାରୀ ସ୍ୱାଇଁ



ମଧୁମୟୀ ଆଗୋ ! ତୁମ ପ୍ରେମ ପାଶେ
ସହଜେ ପଡ଼ିଛି ଧରା,
ଭାଙ୍ଗିବ କିଏ ସେ ଶକତି କାହାର
ଆମ ଏ ବନ୍ଧନ କାରା ?? ।୦।

କାମନା-ବାସନା ଦୁଃଖ-ଯାତନା
ଓଗାଳୁଛି ପଥ ମୋର,
ନିରାଶା ମରୁରେ ହତାଶାର ଝଡ଼
ବେଳୁ ବେଳ ଘୋରତର ।
ହେଲେ ପ୍ରେମମୟୀ ଜଡ଼ାଇ ଧରିଛ
ଝରାଇ କରୁଣା ଧାର ।୧।

ସଜ କୁସୁମର କଅଁଳ ଦଳରେ
ତବ ରୂପ ହୃଦେ ଆଙ୍କି
ମିଥ୍ୟା ଅହଂକାର ଛଳନା ଦୁଆର
ସଜୋରେ ଦିଅ ମା ଭାଙ୍ଗି
ଆଲୋକମୟି ଗୋ ମୋ ମରମ ତଳେ
ତବ ନାମ ଦିଅ ଲେଖି ।୨। ❑

# ଯୋଗାନନ୍ଦ

## (୧୫)

''ଯୋଗ-ସାଧନାରେ ମୌଳିକ ବିଶ୍ୱାସ, ଯାହାକି ସାଧକର ଅନ୍ତରାତ୍ମାର ସହଜାତ ଗୁଣ ବା ବୈଶିଷ୍ଟ୍ୟ, ତା' ହେଉଛି ଭଗବାନ୍ ନିଶ୍ଚୟ ଅଛନ୍ତି ଏବଂ କେବଳ ତାଙ୍କରି ଅନ୍ବେଷଣରେ ହିଁ ଜୀବନ ଉତ୍ସର୍ଗ କରିବା ଉଚିତ — ଜୀବନରେ ଏହି ଏକମାତ୍ର ଲକ୍ଷ୍ୟର ମୂଲ୍ୟ ରହିଛି, ଏତତ୍ ବ୍ୟତୀତ ଅନ୍ୟ କୌଣସି କିଛି ଏହା ସହିତ ଅତୁଳନୀୟ । ସାଧକ ଭିତରେ ଯଦି ଏହି ଧରଣର ବିଶ୍ୱାସ ଅତୁଟ ରହିଥାଏ, ସେ ଆଧ୍ୟାତ୍ମିକ ଜୀବନ ସକାଶେ ଚିହ୍ନଟ ହୋଇ ରହିଛି, ଏବଂ ମୁଁ ଏକଥା ବି କହିବି ଯେ ଯଦିଓ ତା'ର ଚରିତ୍ରରେ ବାଧାବିପତ୍ତି ଭର୍ତ୍ତି ହୋଇ ରହିଥାଏ, ଅସ୍ୱୀକୃତି ଓ ଦୁଃଖକଷ୍ଟ ସବୁ ଖୁନ୍ଦି ହୋଇ ରହିଥାଏ, ଏବଂ ଏପରିକି ବର୍ଷ ବର୍ଷ ଧରି ତାକୁ ଏସବୁଥିରୁ ମୁକ୍ତ ହେବା ସକାଶେ ଛଟପଟ ହେବାକୁ ହୋଇଥାଏ, ପ୍ରବଳ ଚେଷ୍ଟା କରିବାକୁ ହୋଇଥାଏ, ତଥାପି ତା'ର ଆଧ୍ୟାତ୍ମିକ ଜୀବନରେ ସାଫଲ୍ୟ ବିଧିନିର୍ଦ୍ଦିଷ୍ଟ ।''

(SABCL, Vol. 23, p. 573) — ଶ୍ରୀଅରବିନ୍ଦ

ଯୋଗାନନ୍ଦଙ୍କର କର୍ମ-ସାଧନାରେ ତାଙ୍କ ବାହ୍ୟ-ଚରିତ୍ରରେ ହଠାତ୍ ସ୍ଫୁରିତ ହେଉଥିବା ତୀକ୍ଷ୍ଣ ମେଜାଜର ଆଉ ଏକ ଘଟଣା ବର୍ଣ୍ଣନା କରୁଛୁ —

ଆମର ନିଶ୍ଚୟ ସ୍ମରଣରେ ଥିବ ଯେ ବ୍ରହ୍ମଚାରୀ ବାବାଙ୍କ ଆଦେଶରେ ଗଭୀର ଭାବରେ ବିନା ବାଧାରେ ଯୋଗ-ସାଧନାରେ ବ୍ରତୀ ହେବାକୁ ଯୋଗାନନ୍ଦ, ମୋକ୍ଷଦାନନ୍ଦ, ରାମାନନ୍ଦ ଓ ଧୀରାନନ୍ଦ ପ୍ରଭୃତି କେତେକ ଶିଷ୍ୟଗଣ ଲକ୍ଷ୍ମୀୟା ସିଦ୍ଧାଶ୍ରମରେ ରହିଥିଲେ ।... ପରବର୍ତ୍ତୀ କାଳରେ ଧୀରାନନ୍ଦ ପଣ୍ଡିଚେରୀ ଆଶ୍ରମରେ ସ୍ଥାୟୀ ଭାବରେ ରହିଥିଲେ ।

ବର୍ତ୍ତମାନ ପ୍ରଭାକର (ବାଟ୍ଟୀ)ଙ୍କ ଲେଖାରୁ ଉଦ୍ଧୃତି : ''ଥରେ ଯୋଗାନନ୍ଦ, ଧୀରାନନ୍ଦ ଓ ପ୍ରଣବ-ଦା'ଙ୍କ ମଧ୍ୟରେ ଟିକିଏ ଭିନ୍ନ ପ୍ରକାରର (ହାସ୍ୟକର) ଘଟଣାଟିଏ ଘଟିଥିଲା । ଯୋଗାନନ୍ଦଙ୍କ ମାଧ୍ୟମରେହିଁ ଧୀରାନନ୍ଦ ୧୯୪୭ରେ ଆଶ୍ରମରେ ରହିଥିଲେ । ଧୀରାନନ୍ଦ କଥାରେ କଥାରେ ଚିଡ଼ି ଉଠୁଥିଲେ । ଆମେ ଯୁବ-ବାଳକ ଗୋଷ୍ଠୀ ମଉକା ପାଇଲେହିଁ ତାଙ୍କୁ ଚିଡ଼ାଇ ବେଶ୍ ମଜା ପାଉଥିଲୁ । ଥରେ ଦୁଇ ଗୁରୁଭାଇଙ୍କ ମଧ୍ୟରେ ଶ୍ରୀଅରବିନ୍ଦଙ୍କୁ ନେଇ ଏକ ତର୍କ ଲାଗିଲା — ଯୋଗାନନ୍ଦ କହିଲେ, 'ଶ୍ରୀଅରବିନ୍ଦ ହେଉଛନ୍ତି ଅବତାର ।' ଧୀରାନନ୍ଦ ଜବାବ ଦେଲେ, 'ମହାପୁରୁଷ, ଯୋଗୀ, ଋଷି,...ହଁ; କିନ୍ତୁ ଅବତାର — ନା ।' ଅପରିହାର୍ଯ୍ୟ ରୂପେ ଯା' ଘଟିବାର ଥିଲା ତା' ଅବିଳମ୍ବେ ଘଟିବାକୁ ବସିଲା । ଯୋଗାନନ୍ଦ ତାଙ୍କ ଦୃଢ଼ ବିଶ୍ୱାସରେ ଅଟଳ ରହିଥିବାରୁ ବଳବତ୍ତର ଥିଲେ । ଦେଖୁ ଦେଖୁ ଦୁହେଁ ନିଜ ନିଜର ମିଜାଜ ହରାଇ ବସିଲେ । ଯୋଗାନନ୍ଦ ନିଜର ଶକ୍ତି ପ୍ରଦର୍ଶନରେ ସକ୍ରିୟ ହୋଇଉଠି (ମୋର ଯେତେଦୂର ସ୍ମରଣରେ ଅଛି) ଧୀରାନନ୍ଦଙ୍କୁ ନିଜ ଖଡ଼ମରେ ବେଶ୍ କେତୋଟି ପ୍ରହାର ଦେଇ ତାଙ୍କର ଅନ୍ତିମ ସଂଳାପଟିକୁ ଏହି ପ୍ରକାରେ ସମାପ୍ତ କଲେ : 'ଏଇଠି ରହି, ଖାଇପିଇ କହୁଛି କ'ଣ ନା ଶ୍ରୀଅରବିନ୍ଦ ଅବତାର ନୁହଁନ୍ତି !! ତା'ହେଲେ ଏଠି ରହିଛୁ କାହିଁକି ? ଯା, ଚାଲି ଯା !!!'

''କହିବା ବାହୁଲ୍ୟ, ଏଇ ଘଟଣାର ପରେ ପରେ ହିଁ ଧୀରାନନ୍ଦ ନିଜ ଜନ୍ମସ୍ଥାନ ମୟମନ୍‌ସିଂ (ତଦାନୀନ୍ତନ ପୂର୍ବ ପାକିସ୍ତାନ, ଅଧୁନା ବାଂଲାଦେଶ)କୁ ଚାଲି ଯାଇଥିଲେ । ସେଠାରେ କିଛି ଦିନ ରହିବା ପରେ ନିଜକୁ ସେଇ ପରିବେଶରେ ଆଉ ଖାପଖୁଆଇ ପାରିଲେ ନାହିଁ । ସେହି ସମୟରେ ଭାରତକୁ ଫେରି ଆସୁଥିବା ଦଳ ଦଳ ଶରଣାର୍ଥୀଙ୍କ ମଧ୍ୟରେ ସେ ନିଜେ ଜଣେ ଶରଣାର୍ଥୀ ହୋଇ ଭାରତକୁ ଫେରି ଆସିଲେ । ତା'ପରେ ତୁରନ୍ତ ଯୋଗାନନ୍ଦଙ୍କୁ ଏହି ମର୍ମରେ ଚିଠିଟିଏ ଲେଖିଲେ ଯେ ସେ ପୁଣି ଆଶ୍ରମକୁ ଫେରି ଆସି ପାରିବେ କି ନାହିଁ । କେବଳ ଖଡ଼ମ ପ୍ରହାରରେ ତ ବନ୍ଧୁତ୍ୱ କଟିଯାଏ ନାହିଁ ! ତେଣୁ ଯୋଗାନନ୍ଦ ପ୍ରଣବ-ଦା'ଙ୍କୁ ପଚାରିଲେ ପୁଣି ତାଙ୍କର ବନ୍ଧୁଟି ଆଶ୍ରମକୁ ଫେରି ଆସି ତାଙ୍କ ସହିତ ସ୍ପୋର୍ଟସ୍ ଗ୍ରାଉଣ୍ଡରେ କାମ କରି ପାରିବ କି ନାହିଁ । ପ୍ରଣବ-ଦା କହିଲେ, 'ହଁ' । ତା'ପରେ ଥଟ୍ଟା କରି କହିଲେ, 'ତୁମେ ହିଁ ତ ତାଙ୍କୁ ମାରି ଏଠୁ ତଡ଼ି

ଦେଇଥିଲ !' ଯୋଗାନନ୍ଦ ବିନ୍ଦୁମାତ୍ର ଅନୁତାପ ନ କରି ତତ୍‌କ୍ଷଣାତ୍ କହି ଉଠିଲେ, 'ହଁ, ଯଦି ଦରକାର ହୁଏ, ପୁଣି ମାରି ତଡ଼ି ଦେବି !'

''ଧୀରାନନ୍ଦ ଆସି ସ୍ପୋର୍ଟସ୍ ଗ୍ରାଉଣ୍ଡରେ ମୋ ନିୟନ୍ତ୍ରଣରେ କାମ ଆରମ୍ଭ କଲେ । ହୁଏତ ଏଥର ମୋତେ ସେ ଚିହ୍ନି ପାରି ନ ଥିଲେ ଯେ ୧୯୪୭ରେ ତାଙ୍କୁ ହରଦମ୍ ଚିଡ଼ାଉଥିବା ଯୁବ-ବାଳକ ଗୋଷ୍ଠୀଙ୍କ ମଧ୍ୟରେ ମୁଁ ଅନ୍ୟତମ ଥିଲି । ଧୀରାନନ୍ଦ ବନ୍ଧୁ ଯୋଗାନନ୍ଦଙ୍କଠାରୁ ବୟସରେ ବଡ଼ ଥିଲେ । ଦ୍ୱିତୀୟ ଥର ଏଠାକୁ ଆସିବାର କିଛି ମାସ ପରେ ହିଁ ତାଙ୍କର ଦୃଷ୍ଟିଶକ୍ତି କ୍ରମଶଃ ହ୍ରାସ ପାଇବାକୁ ଲାଗିଲା ଏବଂ ଏହାର ଅଳ୍ପ କେଇ ମାସ ପରେ ହିଁ ସେ ଦେହତ୍ୟାଗ କରିଥିଲେ ।

''ଚାହୁଁ ଚାହୁଁ ସମୟର ସୁଅ ପ୍ରଖର ବେଗରେ ବହିଗଲା । ଯୋଗାନନ୍ଦଙ୍କର ବୃଦ୍ଧାବସ୍ଥା ଆସିଲା । ଆମେ ଆଉ ନୂଆ ଶିଖାଳି ବା ନବାଗତ ବ୍ୟକ୍ତି (Tenderfoot) ହୋଇ ରହିଲୁ ନାହିଁ । ସେ ସିଦ୍ଧାନ୍ତ ନେଲେ ଯେ ଏଇଟି ହେଉଛି ପ୍ରଖର କାମରୁ ଅବସର ନେବାର ଉପଯୁକ୍ତ ସମୟ । ସେ ମୋତେ ଏହାର ସୂଚନା ଏହି ମର୍ମରେ ଦେଇଥିଲେ, 'ମୁଁ ତଥାପି ଅଛି, କୌଣସି ବଡ଼ ଧରଣର କାମ ହେଲେ ମୋତେ ଡାକିବ ।' ସେ ଯାଇ ନଳିନୀ-ଦା'ଙ୍କୁ କହିଲେ, 'ମୋତେ କିଛି ହାଲୁକା କାମ ଦିଅନ୍ତୁ ।' ନଳିନୀ-ଦା' ତାଙ୍କ ପ୍ରତି ଅତ୍ୟନ୍ତ ଶୁଭେଚ୍ଛାପୂର୍ଣ୍ଣ ହୋଇ ତାଙ୍କୁ 'ଫିଲ୍‌ଟର୍‌ସ୍'ରେ କାମ ଦେଲେ । (ଆଶ୍ରମର 'ପିଲାମାନଙ୍କ ଡାକ୍ତରଖାନା'ର ପଶ୍ଚାତରେ ଥିବା ପିଇବା ପାଣି ଟାଙ୍କିସବୁ ପାଖରେ ବସି ରହି ସାଧକ-ସାଧିକାମାନଙ୍କୁ ସୁରେଇରେ ପାଣି ନେବାରେ ସାହାଯ୍ୟ କରିବା ।) ତେଣୁ କାମଟି ହେଉଛି ପାଣିକଳଗୁଡ଼ିକୁ ନିଜେ ଖୋଲିବା ଓ ବନ୍ଦ କରିବା, ଯଦ୍ୱାରା ଅନ୍ୟ କେହି କଳଗୁଡ଼ିକରେ ହାତ ଲଗାଇବେ ନାହିଁ । ଯୋଗାନନ୍ଦ କାମଟିକୁ ଆରମ୍ଭ କରି ନଳିନୀ-ଦା'ଙ୍କୁ ଯାଇ କହିଲେ, 'ନଳିନୀ-ଦା' ମୁଁ କ'ଣ ଏତେ ରୋଗା ଆଉ ଅକର୍ମା ! ଏ କାମ ମୋତେ ପୋଷେଇବ ନାହିଁ ।' ସେଇଠୁ ସେ ନିଜେ ଏ. ବି. ପଟେଲଙ୍କ ତତ୍ତ୍ୱାବଧାନରେ ନବ ପ୍ରତିଷ୍ଠିତ 'ଶ୍ରୀଅରବିନ୍ଦ ଆକ୍‌ସନ୍'ରେ କାମ ନେଲେ – ସାଇକେଲରେ ଯା-ଆସ କରି ପାରୁଥିବା ନିଜ ଇଲାକା ମଧ୍ୟରେ ଗ୍ରାହକମାନଙ୍କୁ 'ଆକ୍‌ସନ୍' ପତ୍ରିକା ବାଣ୍ଟିବା । ସେ କିନ୍ତୁ ତାଙ୍କ 'ଅଫିସ'ର ଠିକ୍ ପାଖ ଘରେ ରହିଥିବା ବା ବସି ରହିଥିବା ବ୍ୟକ୍ତିଙ୍କୁ ହାତରେ ପତ୍ରିକା ଧରାଇ ଦେବା କାମଟିକୁ ତୁଚ୍ଛ ମଣୁଥିଲେ । କାମଟି ଅବଶ୍ୟ ଏକ ପ୍ରଭାବଶାଳୀ, ମର୍ଯ୍ୟାଦାସମ୍ପନ୍ନ ଧରଣର ଥିଲା ଅଥଚ ଉପର ବର୍ଣ୍ଣିତ ଅଭ୍ୟାସଟିକୁ ଅପବ୍ୟୟିତ ଅଭ୍ୟାସ ବୋଲି ମଣୁ ଥିଲେ ।

''ଏହା ପରେ ଯୋଗାନନ୍ଦ ନିଜେ ଅନ୍ୟ ଏକ କାମ ହାତକୁ ନେଲେ । ବିଶେଷ ନିପୁଣତା ଓ ପ୍ରଚେଷ୍ଟାର ଆବଶ୍ୟକ ହେଉଥିବା ଏକ କାମ – 'ଜୁଲ୍‌ସ୍ ହାଉସ୍' ନିର୍ମାଣ । (ପରେ ଆଶ୍ରମର ଅନ୍ତେବାସୀ ହୋଇ ରହିଥିବା ତାଙ୍କ ପରିବାରର ବ୍ୟକ୍ତିମାନେ ସେଇ ଘରେ ରହିଲେ ।) କାମଟି କିନ୍ତୁ ସେ ଯଥାର୍ଥ ଭାବରେ ଶେଷ କଲେ । ଏହା ଥିଲା ତାଙ୍କ ଜୀବଦ୍ଦଶାରେ ଅନ୍ତିମ କର୍ମ । କ୍ରମଶଃ ତାଙ୍କର ସ୍ୱାସ୍ଥ୍ୟର ଅବନତି ଘଟୁଥିଲା । ତାଙ୍କୁ ସେତେବେଳକୁ ଅଶୀ ଟପୁ ଥିଲା । ଏପରି କିଛି ବର୍ଷ ବି ବିତିଗଲା । ବାରବାର ଅସୁସ୍ଥ ହୋଇ ପଡୁଥିବାରୁ ତାଙ୍କୁ ଶେଷରେ ଆଶ୍ରମର 'ନର୍ସିଂ ହୋମ୍'କୁ ନିଆଗଲା । ତା'ପରେ ଟିକିଏ ସୁସ୍ଥ ହୋଇ ଉଠିବାରୁ ସେ ତାଙ୍କର ବାସସ୍ଥାନ 'ଆରୋଗ୍ୟ ହାଉସ୍'କୁ ଆସିଲେ । ଏଇ ବାସଭବନରେ ସେ ଏକାଦିକ୍ରମେ ଷାଠିଏ ବର୍ଷ ଧରି ରହିଥିଲେ । ପରେ ସେ ଏଇଠି ଶେଷ ପର୍ଯ୍ୟନ୍ତ ରହିଥିଲେ । ତାଙ୍କର ପରିବାରବର୍ଗ ତାଙ୍କର ଦେଖାଶୁଣା କରୁଥିଲେ । ଧୀରେ ଧୀରେ ସେ ଅତ୍ୟନ୍ତ ଦୁର୍ବଳ ହୋଇ ଉଠିଲେ, ବେଶ୍ ଅନ୍ତର୍ମୁଖୀ ହୋଇ ରହୁଥିଲେ – ୧୪ ମାର୍ଚ୍ଚ ୧୯୯୧ରେ ତାଙ୍କର ମର ତନୁରୁ କାଳଜୟୀ ଜୀବାତ୍ମା ବିଦାୟ ନେଲା । ପରିଶେଷରେ ଦୀର୍ଘ କଷ୍ଟସାଧ ଅନ୍ୱେଷଣରେ ପ୍ରାପ୍ତ ଶ୍ରୀ ଶ୍ରୀ ଜଗନ୍ମାତାଙ୍କର କୋଳରେ ଉପବିଷ୍ଟ ହେବା ସକାଶେ, ବହୁ ଦିନରୁ ତାଙ୍କର ଅଟଳ ପ୍ରତିଜ୍ଞାର ଉପଲବ୍ଧି କରିବା ସକାଶେ ସେ ତାଙ୍କ ମର ତନୁରୁ ବିଦାୟ ନେଲେ ।

''ଶେଷାବସ୍ଥାରେ ତାଙ୍କ କଥାବାର୍ତ୍ତାରେ ବା ଚିନ୍ତାଧାରାରେ କିଞ୍ଚିତ୍ ଅସଂଲଗ୍ନତା ପରିଲକ୍ଷିତ ହେଉଥିଲା । ତନ୍ମଧ୍ୟରୁ ଅତି ଆଶ୍ଚର୍ଯ୍ୟର କଥା ଏଇ ଯେ ଭାରତ ବ୍ରହ୍ମଚାରୀ ତାଙ୍କୁ ଥରେ 'ବିବାହ କର' ବୋଲି ଉପଦେଶ ଦେଇଥିଲେ । ତେଣୁ ଗୁରୁଦେବଙ୍କର ଉପଦେଶକୁ ପୂରଣ ନକରି ଥିବାର ଚିନ୍ତା ଯାହାକି ତାଙ୍କ ଅବଚେତନ ସ୍ତରରେ ନିମଜ୍ଜିତ ରହିଥିଲା, ଏବେ ସେଇ ଭାବଧାରା ସମ୍ମୁଖକୁ ଉଠି ଆସି ତାଙ୍କୁ କାବୁ କରି ନେଲା । ସେ ବାଉଳା ହୋଇ କହୁଥିଲେ ଯେ ବିବାହ ସକାଶେ ତାଙ୍କର କନ୍ୟା ତାଙ୍କ ପାଇଁ ଅପେକ୍ଷା କରି ରହିଛନ୍ତି, ତାଙ୍କୁ ଯାଇ ଦେଖା କରିବାକୁ ହେବ ।... ଠିକ୍ ପରେ ପରେ ବ୍ରହ୍ମଚାରୀ ବାବାଙ୍କର କଥା ତାଙ୍କର ସ୍ମରଣରେ ଆସୁଥିଲା, '...ଶ୍ରୀ ଶ୍ରୀ ଜଗନ୍ମାତା ତୁମ ଉପରେ ସନ୍ତୁଷ୍ଟ ଅଛନ୍ତି,... ତେଣୁ ନୀରବ ରୁହ । ତୁମର

ଉଦ୍‌ବିଗ୍ନ ହେବା ଉଚିତ ନୁହେଁ, ଅଶାନ୍ତିକୁ କସ୍ମିନ୍ କାଳେ ପ୍ରଶ୍ରୟ ଦିଅ ନାହିଁ । ମା'ଙ୍କ କୋଳରୁ କେବେ ବି ଓହରି ଆସ ନାହିଁ, ଆଉ ଦୁଃଖଯନ୍ତ୍ରଣାରୁ ମୁକ୍ତ ରୁହ ।' — ମନେ ହେଉଥିଲା ଏହି ଧରଣର ବାକ୍ୟାଳାପ ତାଙ୍କ ଜୀବନଧାରାର ଆନ୍ତର ସ୍ରୋତରେ, ତାଙ୍କ ଚରିତ୍ରରେ ଦୃଢ଼ ଭାବରେ ବସା ବାନ୍ଧିଥିବା ଅଧୀରତା, ଅସହିଷ୍ଣୁତା ଓ ଉଦ୍‌ବିଗ୍ନତା ଆଦି ବଦଗୁଣକୁ ଦମନ ଓ ଶାନ୍ତ କରିବା ସକାଶେ ବାରବାର ପ୍ରତିଧ୍ୱନିତ ହେଉଥିଲା ।

''ସେ ମୋତେ କଥାଛଳରେ ଏକାଧିକ ବାର କହୁଥିଲେ, 'ଜାଣ ବାଛି, ଶ୍ରୀଅରବିନ୍ଦ ମୋତେ ଗାଳି ଦେଲେ ସହ୍ୟ କରି ନିଏ, ମାତ୍ର ଶ୍ରୀମା ଗାଳି ଦେଲେ ମୋତେ କେମିତି ଟିକିଏ ବିରକ୍ତ ଲାଗୁଥିଲା, ଠିକ୍ ଠିକ୍ ଭାବରେ ଗ୍ରହଣ କରିପାରୁ ନ ଥିଲି ।' ହୁଏତ ଶ୍ରୀ ଶ୍ରୀ ଜଗନ୍ମାତା ତାଙ୍କୁ ସ୍ୱପ୍ନରେ ଦେଇଥିବା ଗାଳି ଏବେ ବି ସକ୍ରିୟ ଥିଲା, କିଂବା ଶ୍ରୀ ଶ୍ରୀ ଜଗନ୍ମାତା ଘୂରିପଡ଼ି ତାଙ୍କର ବାହୁ ଯୁଗଳରେ ତାଙ୍କୁ ତୋଳି ନେଉଥିଲେ ।

''ଯୋଗାନନ୍ଦଙ୍କର ମନ, ପ୍ରାଣ ଓ ସ୍ନାୟୁତନ୍ତ୍ରୀ ଥିଲା ଇସ୍ପାତରେ ଗଢ଼ା । ସେଥିପାଇଁ ସେ ପ୍ରାୟ କଠୋର ଥିଲେ, ଆଉ ସେଇ କାରଣରୁ ସେ ଅନ୍ୟମାନଙ୍କ ପ୍ରତି ବେଳେ ବେଳେ ବେଶ୍ ରୁକ୍ଷ ହୋଇ ଉଠୁଥିଲେ, ଏପରିକି ଆଘାତ ବି ଦେଇ ପାରୁଥିଲେ । କିନ୍ତୁ ସିଏ ମଧ ତାଙ୍କ ଅନ୍ତରଙ୍ଗ ବ୍ୟକ୍ତିଙ୍କର ବିପଦର ବନ୍ଧୁ ଓ ଯଥାର୍ଥରେ ନିର୍ଭରଶୀଳ ବନ୍ଧୁ ହୋଇ ପାରୁଥିଲେ, ସେମାନଙ୍କୁ ଦୃଢ଼ ସାମର୍ଥ୍ୟ ବି ଦେଇ ପାରୁଥିଲେ । ଅଧିକନ୍ତୁ, ମୋର ବିଶ୍ୱାସ ତାଙ୍କ ଅନ୍ତଃସ୍ଥ ଗର୍ଭଗୃହଟି ସୁବର୍ଣ୍ଣ ଧାତୁରେ ନିର୍ମିତ ଥିଲା । ପୁନଶ୍ଚ ଯଦି ବନ୍ଧୁତ୍ୱରେ ନିଃସ୍ୱାର୍ଥପରତା ବା ଅନ୍ତରଙ୍ଗତା ଭରି ରହିଥାଏ, ତେବେ ତାଙ୍କ ବ୍ୟବହାରରେ କେତେକ ଫାଟ ବା ଛିଦ୍ର ଦେଇ ମୁହୂର୍ତ୍ତକ ସକାଶେ ଜଣେ ତାଙ୍କ ଅନ୍ତରର ସେଇ ସୁବର୍ଣ୍ଣ ଧାତୁଟିକୁ ଲକ୍ଷ୍ୟ କରି ପାରିବ । କାରଣ ତାଙ୍କର ବ୍ୟବହାରରେ ବେଶ୍ କେତେକ ଛିଦ୍ର (ଅର୍ଥାତ୍, କୋମଳତା) ଥିଲା — କେତୋଟି ଅନଭିପ୍ରେତ ବା ଅନିଚ୍ଛାକୃତ ଆଉ କେତୋଟି ଅଜ୍ଞାତ ବା ଅଲକ୍ଷିତ ଭାବରେ ସୃଷ୍ଟ ହେଉଥିଲା । ଆମର କେବଳ ଏତିକି ଜାଣି ରଖିବା ଉଚିତ ଯେ ଇସ୍ପାତରେ କଳଙ୍କି ଧରେ, କିନ୍ତୁ ସୁବର୍ଣ୍ଣ-ଧାତୁଟି ସଦାବେଳେ ଅକ୍ଷୁଣ୍ଣ ରହିଥାଏ, ଚହଟୁ ଥାଏ ।''

(ସମାପ୍ତ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑

ପ୍ରଭୁ ହେଉଛନ୍ତି ଆମର ପ୍ରଜ୍ଞାଶାଳୀ ଓ ପରିପୂର୍ଣ୍ଣ ବନ୍ଧୁ । କାରଣ, କେତେବେଳେ ଆଘାତ କରିବାକୁ ହେବ ଓ କେତେବେଳେ ଆଦର କରିବାକୁ ହେବ, କେତେବେଳେ ଆମକୁ ସଂହାର କରିବାକୁ ହେବ ଅଥବା ରକ୍ଷା କରିବାକୁ ହେବ ଓ ସହାୟତା ପ୍ରଦାନ କରିବାକୁ ହେବ, ସେକଥା ତାଙ୍କୁ ଅବଶ୍ୟ ଜଣାଅଛି ।

*

ପ୍ରଭୁଙ୍କର ସେବକ ହେବାରେ ନିଶ୍ଚୟ ଗୌରବ ରହିଛି; ପ୍ରଭୁଙ୍କର ଦାସ ହୋଇ ରହିବା ହେଉଛି ଆହୁରି ଅଧିକ ଗୌରବର ବିଷୟ ।

(Thoughts and Aphorisms) -ଶ୍ରୀଅରବିନ୍ଦ

# ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ

## (୨)

## ଗୟାଧର ଦାଶ

### ଶିଶୁ ଏକ ବର୍ଦ୍ଧିଷ୍ଣୁ ଆତ୍ମା

ମାତାପିତାଙ୍କ ମାଧ୍ୟମରେ ଶିଶୁ ଏହି ପୃଥିବୀକୁ ଆସିଥାଏ । ସେମାନେ ଶିଶୁର ସ୍ରଷ୍ଟା ନୁହଁନ୍ତି । ଏପରିକି ଶିଶୁଟି ମାତାପିତାଙ୍କର ସମ୍ପତ୍ତି ନୁହେଁ । ସେ ପ୍ରକୃତରେ ଭଗବାନଙ୍କର ଦାନ ବା ସମ୍ପତ୍ତି । ସେ ଏକ ବର୍ଦ୍ଧିଷ୍ଣୁ ଆତ୍ମା । ଭଗବାନଙ୍କର ଏକ ସ୍ୱତନ୍ତ୍ର କାର୍ଯ୍ୟ ସମ୍ପାଦନ କରିବା ସକାଶେ, ଭଗବାନଙ୍କ ଉଦ୍ଦେଶ୍ୟରେ ବା ତାଙ୍କର ଅଭିବ୍ୟକ୍ତି ବା କାର୍ଯ୍ୟରେ ସାହାଯ୍ୟ ନିମନ୍ତେ ଶିଶୁକୁ ତା'ର ଜୀବନ ଦିଆଯାଇଛି । ତେଣୁ ପ୍ରତ୍ୟେକ ଶିଶୁ ସ୍ୱତନ୍ତ୍ର ଏବଂ ଭଗବାନଙ୍କର ଆତ୍ମ-ପ୍ରକାଶ ବା ଆତ୍ମ-ଅଭିବ୍ୟକ୍ତିର ଏକ ନୂତନ ରୂପ । ପ୍ରତ୍ୟେକ ରୂପ ପଶ୍ଚାତରେ ଏକ ଚେତନା ଓ ଶକ୍ତି ଥିବାରୁ ପ୍ରତ୍ୟେକ ରୂପର ଅଭିବ୍ୟକ୍ତିରେ ଏକ ଉଦ୍ଦେଶ୍ୟ ରହିଛି ଯାହାକୁ ପୂରଣ କରିବା ନିମିତ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏକ ସ୍ୱତନ୍ତ୍ର ଜୀବନ ଦିଆ ଯାଇଥାଏ । ସେହି ଉଦ୍ଦେଶ୍ୟ ସାଧନ କରିବା ସକାଶେ ସ୍ୱୟଂ ଭଗବାନ୍ ଅନ୍ତରାତ୍ମା ରୂପେ ଶିଶୁର ଅନ୍ତରରେ ରହି ତାକୁ ପରିଚାଳନା କରନ୍ତି । ମାତାପିତା ଶିଶୁର ମାଲିକ ନୁହଁନ୍ତି, କେବଳ ରକ୍ଷକ ବା ଟ୍ରଷ୍ଟି ମାତ୍ର । ଭଗବାନଙ୍କର ଏହି ଦାନ ବା ସମ୍ପତ୍ତି ପ୍ରତି ଆମେ ବୃଥାରେ ଅଧିକାର ସାବ୍ୟସ୍ତ କରିଥାଉ । ଆଜି ଆମ ପାଖରେ ସେ ସମ୍ପତ୍ତି ରହିଛି, କାଲି ହୁଏତ ଅନ୍ୟତ୍ର ଚାଲି ଯାଇପାରେ । ଯେତେଦିନ ପର୍ଯ୍ୟନ୍ତ ଏହି ଶିଶୁ ରୂପକ ଧନଟି ଆମ ପାଖରେ ଥାଏ, ସେତେଦିନ ପର୍ଯ୍ୟନ୍ତ ଆମେ କିପରି ତା'ର ରକ୍ଷଣାବେକ୍ଷଣ କରୁ, ସେଥିରେ ହେବ ଆମର ପରୀକ୍ଷା । ଏହା ଏକ ଅଗ୍ନି ପରୀକ୍ଷା । ଏହି ପରୀକ୍ଷାରେ ପ୍ରତ୍ୟେକ ଅଭିଭାବକ କିପରି ଭାବେ ଉତ୍ତୀର୍ଣ୍ଣ ହେବେ ତାହାହିଁ ହେବ ଶିଶୁ ପ୍ରତି ତାଙ୍କର ଶ୍ରେଷ୍ଠ ଅବଦାନ ।

ଭଗବାନଙ୍କର ଏହି ଅମାନତକୁ ନିଜର ସ୍ୱାର୍ଥରେ ଅପବ୍ୟବହାର ନ କରି ତାହାକୁ ଭଗବତ କାର୍ଯ୍ୟରେ ଯଥାର୍ଥ ଉପାୟରେ ଏବଂ ଯଥାର୍ଥ ମନୋଭାବ ନେଇ ଉପଯୋଗ କରିବା ହିଁ ପ୍ରତ୍ୟେକ ଅଭିଭାବକଙ୍କର ମହାନ୍ କର୍ତ୍ତବ୍ୟ । ଯଦି ମାତାପିତା ନିଜର କାମନାବାସନା, ମୋହାସକ୍ତି ଯୋଗୁଁ ସେମାନଙ୍କର ଅଧିକାର ପିଲା ଉପରେ ସାବ୍ୟସ୍ତ କରନ୍ତି ତେବେ ନିଜକୁ ନିଜର କାମନାବାସନା ତୃପ୍ତିର ବିଷମୟ ଫଳ ଭୋଗିବାକୁ ପଡ଼ିଥାଏ । ଧନର ଅପବ୍ୟବହାର ଦ୍ୱାରା ଧନ ସଇତାନ ବା ଅସୁର କବଳରେ ପଡ଼ିଯାଏ । ଅର୍ଥାତ୍, ନିଜର କାମନା-ବାସନା ରୂପକ ରାକ୍ଷସ ପ୍ରବୃତ୍ତିଟି ଆମର ଜ୍ଞାତରେ ବା ଅଜ୍ଞାତରେ ଶିଶୁର ଚେତନାକୁ କଳୁଷିତ କରେ ଏବଂ ସେ ନିଜର ଜୀବନ କ୍ଷେତ୍ରରେ ମିଥ୍ୟାଚାରର ଶିକାର ହେବା ସହ ନାନା ଅସତ୍ ପନ୍ଥା ଅବଲମ୍ବନ କରେ ।

ମାତାପିତା ଯଦି ପ୍ରକୃତରେ ସେମାନଙ୍କର ପିଲାମାନଙ୍କୁ ଭଲ ପାଉ ଥାଆନ୍ତି ତେବେ ସେମାନେ ଜାଣି ରଖିବା ଉଚିତ ଯେ ମାତାପିତାଙ୍କ ଜରିଆରେ ଭଗବାନଙ୍କର ଏକ ସ୍ୱତନ୍ତ୍ର ରୂପ ପୁତ୍ର ବା କନ୍ୟା ରୂପେ ପୃଥିବୀକୁ ଆସିଥାଏ । ସେମାନେ ଶିଶୁର ସ୍ରଷ୍ଟା ନୁହଁନ୍ତି କି ଶିଶୁ ତାଙ୍କର ସମ୍ପତ୍ତି ନୁହେଁ । ତାଙ୍କର ଏଇ ଅମାନତଟିର ଯତ୍ନ ନେବା ସହ ରକ୍ଷଣାବେକ୍ଷଣ କରି କୃତଜ୍ଞତାର ସହ ଶେଷରେ ଭଗବାନଙ୍କୁହିଁ ଫେରାଇ ଦେବା ଉଚିତ । ଏହା ଯଦି ନ ହୁଏ ତେବେ ନିଜର ମୋହାସକ୍ତି, ସ୍ୱାର୍ଥ ଯୋଗୁଁ ଆମେ ଭଗବାନଙ୍କଠାରେ ନିଜକୁ ଅପରାଧୀ, ବିଶ୍ୱାସଘାତକ, କୃତଘ୍ନର ପରିଚୟ ଦେଇଥାଉ । ଏହା ଆମ ଜୀବନରେ ନାନା ଅସଙ୍ଗତି, ଅସନ୍ତୋଷ ଭରିଦିଏ ଏବଂ ପିଲାମାନଙ୍କର ପରବର୍ତ୍ତୀ ବିଶୃଙ୍ଖଳ ଜୀବନ ପାଇଁ ଆମେ ହିଁ ଦାୟୀ ହୋଇଥାଉ ।

ଶିଶୁ ଏକ ପଣ୍ୟଦ୍ରବ୍ୟ ନୁହେଁ ଯେ ଆମେ ତାହାକୁ ଯେଉଁଠୁ ପାଇଲେ ସେଇଠୁ କିଣି ଆଣିବା ବା ବିକିଦେବା । ଏପରିକି ଶିଶୁ ଏକ ଉପଭୋଗ୍ୟ ବସ୍ତୁ ନୁହେଁ ଯେ ଆମେ ଆମର ଖିଆଲ ଖୁସି ପାଇଁ ମନ ଇଚ୍ଛା ତା' ଉପରେ ନିଜର ଅହଂ-ସ୍ୱାର୍ଥକୁ ସାବ୍ୟସ୍ତ କରିବା ବା ଆମର ସ୍ୱପ୍ନକୁ ସାକାର କରିବାର ଏକ ସାମଗ୍ରୀ ଭାବେ ତାକୁ ବ୍ୟବହାର କରିବା । ଆମେ ଆଶା କରୁ ଯେ ଆମର ପିଲା ଆମ କଥା ମାନିବ, ଆମର ସାହାରା ହେବ, ଗୋଟାପଣେ ଆମରି ହୋଇ ରହିବ । ତେବେ ଯାଇ ଆମ ଜୀବନ ବଞ୍ଚିବା ସାର୍ଥକ ହେବ । ମୁଁ ତା'

ପାଇଁ ଏତେ କରିଛି, ଛୋଟରୁ ବଡ଼ କରିଛି, ତା' ପାଇଁ ସର୍ବସ୍ୱ ଦେଇ ଅନେକ ଦୁଃଖ-କଷ୍ଟ ଭୋଗିଛି, ତାକୁ ମଣିଷ କରିଛି । ମୋ ତ୍ୟାଗର କ'ଣ ମୂଲ୍ୟ ନାହିଁ ?

ବିଶିଷ୍ଟ ଶିକ୍ଷାବିତ୍ ଜେ. କୃଷ୍ଣମୂର୍ତ୍ତି କହନ୍ତି, ''କାହିଁକି ମାତାପିତାମାନେ ପିଲା ଜନ୍ମ କରିଛନ୍ତି ସେକଥା ସେମାନେ ନିଜକୁ କେବେ ପ୍ରଶ୍ନ ପଚାରିଛନ୍ତି କି ? କେବଳ ବଂଶ ରକ୍ଷା ନିମନ୍ତେ ବା ଧନ ସମ୍ପତ୍ତିର ଉତ୍ତରାଧିକାରୀ ହୋଇ ରହିବେ ବୋଲି କ'ଣ ଜନ୍ମ କରିଥା'ନ୍ତି ? ସେମାନେ କ'ଣ କେବଳ ନିଜର ସୁଖ ପାଇଁ, ନିଜ ଆବେଗର ତୁଷ୍ଟି ପାଇଁ ପିଲା ଲୋଡ଼ିଥା'ନ୍ତି । ଏଇଆ ଯଦି ହୋଇଥାଏ, ତେବେ ପିଲାଏ ହେଲେ ମାଆବାପାଙ୍କର କାମନାବାସନା ଓ ଭୟ ଆଶଙ୍କାର ପ୍ରକ୍ଷେପଣ ମାତ୍ର ।'' ଏଭଳି କଥା ହୁଏତ ମାତାପିତାଙ୍କର ମୁଣ୍ଡ ବ୍ୟଥାର କାରଣ ହୋଇପାରେ । ସେମାନେ ଏ ପ୍ରକାର କଥାକୁ ସହଜରେ ହଜମ କରିପାରନ୍ତି ନାହିଁ । ଏହା କେବଳ ଶାସ୍ତ୍ରର କହିବା କଥା, କିନ୍ତୁ ବାସ୍ତବ ଦୁନିଆରେ ଏହାର କୌଣସି ମୂଲ୍ୟ ନାହିଁ ବୋଲି ପ୍ରତିବାଦ କରନ୍ତି । ଏ ପ୍ରକାର ଅଜ୍ଞତା, ସଂକୀର୍ଣ୍ଣତା, ମୋହ ଓ ଅହଂକାରଗ୍ରସ୍ତ ଦାବିର ଯେ ଏକ ଭୟାନକ ପରିଣତି ରହିଛି ତାହା ହୁଏତ କମ୍ ମାତାପିତା ବୁଝି ଥାଆନ୍ତି । ଅଧିକାଂଶ ଏପରି ବି ଦାବି କରନ୍ତି ଯେ କେଉଁ ମାତାପିତା ଛାତିରେ ହାତ ରଖି କହି ପାରିବ ଯେ ନିଜ ପୁତ୍ର କନ୍ୟା ପ୍ରତି ସେମାନଙ୍କର ଆସକ୍ତି ନାହିଁ ? ସେମାନେ ତାଙ୍କଠାରୁ କିଛି ବି ଆଶା କରନ୍ତି ନାହିଁ ବୋଲି କିଏ କହିପାରିବ ? ବାହାଦୁରୀ ଦେଖାଇ ଜଣେ ଏହା କହିପାରେ; କିନ୍ତୁ ଆଚରଣରେ ନୁହେଁ । ଭଗବାନଙ୍କର ମଧ୍ୟ ନିଜ ପୁତ୍ରକନ୍ୟା ପ୍ରତି ଆସକ୍ତି ଥିଲା ବୋଲି ଶାସ୍ତ୍ରରେ ଅନେକ ଉଦାହରଣ ରହିଛି ।

ଆମେ ଆମର ପିଲାମାନଙ୍କୁ ଭଲପାଉ । ତେଣୁ ତାଙ୍କର ଭଲ ପାଇଁ ଆମେ ଯାହାକିଛି କରିଥାଉ । ଆମର ପିଲା ବଡ଼ ମଣିଷ ହେଉ, ଖୁସିରେ ରହୁ । ସେତିକି ଦେଖିଲେ ଆମର ଆତ୍ମାକୁ ଶାନ୍ତି ମିଳିବ । ଏପରିକି ଅନେକ ମାତାପିତା ଛାତି ଫୁଲାଇ କହନ୍ତି ଯେ ଆମେ ଆମର ପିଲାମାନଙ୍କ ପାଇଁ ଯାହାକିଛି କରିଛୁ ଓ କରୁଛୁ ତାହା କେହି କରିବେ ନାହିଁ । କେତେ ଦୁଃଖକଷ୍ଟ ଭୋଗିଛୁ ତାହା ଆମକୁ ଜଣା । ଏସବୁ କଥାର ପଶ୍ଚାତରେ ଆମେ କେତେ ସଚ୍ଚୋଟ ଓ କପଟଶୂନ୍ୟ ତାହା ମଧ୍ୟ ଆମକୁ ଜଣା ନଥାଏ । ଆମର ଛଳନା, ଅଭିସନ୍ଧିଗୁଡ଼ିକ ମୋହାସକ୍ତିର ପୋଷାକ ଭିତରୁ ଜଳ ଜଳ କରି ବାହାରକୁ ଅନାଇ ଥାଆନ୍ତି । ଆମର ବୃଦ୍ଧାବସ୍ଥା ପ୍ରତି ଆମର ବହୁତ ଚିନ୍ତା ଥାଏ । ଏହି ଚିନ୍ତାହିଁ ଆମକୁ ଦୁର୍ବଳ କରିଥାଏ ।

ଯିଏ ପ୍ରକୃତରେ ଚାହେଁ ଯେ ତା'ର ପିଲା ସୁଖ ଓ ଶାନ୍ତିରେ ରହୁ, ଅଗ୍ରଗତି କରୁ ତେବେ ସେ କେବେ ବି ତା'ର ପିଲାକୁ ପେୟ ବା ଭୋଗର ଦୁନିଆରେ ବାନ୍ଧି ହେବାକୁ ଉତ୍ସାହିତ କରେନା । ବଡ଼ ମଣିଷ ବା ଭଲ ମଣିଷ କହିଲେ ବଡ଼ ଅଫିସର, ବଡ଼ ଧନୀ, ବଡ଼ ଜ୍ଞାନୀ, ପ୍ରତିପତ୍ତି, ମର୍ଯ୍ୟାଦା, ପଦପଦବୀ, ନାମ, ଯଶ ଥିବା ବ୍ୟକ୍ତିଙ୍କୁ ବୁଝାଏ ନାହିଁ । ସିଏ ହିଁ ବଡ଼ ଯିଏ ଅଳ୍ପକରେ ସନ୍ତୁଷ୍ଟ ନୁହେଁ । ବୃହତରେ ଯା'ର ଲକ୍ଷ୍ୟ ସିଏ ହିଁ ପ୍ରକୃତରେ ବଡ଼ ବା ମହତ୍ ମଣିଷ । ଯିଏ ତ୍ୟାଗ ଓ ସମର୍ପଣର ଜୀବନ ବଞ୍ଚେ ସେ ହିଁ ସୁଖୀ । ଯିଏ ଭୂମା ବା ଅସଲ ଚେତନାର ପ୍ରେରଣାରେ ଜୀବନ ବଞ୍ଚେ ସିଏ ହିଁ ସୁଖୀ ବା ବଡ଼ । ବଡ଼ ମଣିଷଟି ପ୍ରକୃତିରେ ନିଜକୁ ବଡ଼ ବୋଲି ଜାଣି ନ ଥାଏ କି ନିଜକୁ ବଡ଼ ବୋଲି କେବେ ବି କହେ ନାହିଁ । ଆଜି ହୁଏତ ଏସବୁ ଆମକୁ କଳ୍ପନା ପରି ବୋଧ ହୋଇପାରେ, ଆଚରଣ କ୍ଷେତ୍ରରେ କଷ୍ଟକର ହୋଇପାରେ, କିନ୍ତୁ ଅସମ୍ଭବ ନୁହେଁ । ପୂର୍ଣ୍ଣାଙ୍ଗ ଶିକ୍ଷାର ଅଭିଭାବକମାନେ ଏହାହିଁ ସତ୍ୟ ବୋଲି ଜାଣି ରଖିବା ଉଚିତ । ଆମର ନୂତନ ଦୃଷ୍ଟିଭଙ୍ଗୀ ଓ ସଚେତନ ପ୍ରୟାସ ହିଁ ଏ ଦିଗରେ ଆମକୁ ଆଗେଇ ନେବାରେ ସାହାଯ୍ୟ କରିବ ଏବଂ ଅନେକ ଅସଙ୍ଗତି, ମିଥ୍ୟାଚାରରୁ ଆମକୁ ଦୂରେଇ ରଖି ପାରିବ । ସତ୍ୟ ଓ ଆଦର୍ଶ ପ୍ରତି ଆମର ଗଭୀର ଶ୍ରଦ୍ଧା ଓ ବିଶ୍ୱାସ ହିଁ ଏ ଦିଗରେ ଆମର ପ୍ରୟାସକୁ ସହଜ ଓ ସୁଗମ କରିପାରିବ ।

ଖଲିଲ୍ ଜିବ୍ରାନ୍ (Khalil Gibran) କହନ୍ତି –

"Your children are not your children.
They are the sons and daughters of
Life's longing for itself.
They come through you but not from you,
And though they are with you,
yet they belong not to you.
You may give them your love
but not your thoughts,
For they have their own thoughts.
You may house their bodies
but not their souls,

For their souls dwell in the house
of tomorrow,
which you cannot visit,
not even in your dreams.
You may strive to be like them,
but seek not to make them like you.
For life goes not backward
nor tarries with yesterday."

''ତୁମର ପିଲାମାନେ ତୁମର ନୁହଁନ୍ତି । ସେମାନେ ଜୀବନ ଆକାଙ୍କ୍ଷାର ପୁତ୍ର ଓ କନ୍ୟା ଅଟନ୍ତି । ସେମାନେ ତୁମମାନଙ୍କ ମାଧ୍ୟମରେ ପୃଥିବୀକୁ ଆସନ୍ତି; କିନ୍ତୁ ତୁମଠାରୁ ନୁହେଁ ଏବଂ ଯଦିଓ ସେମାନେ ତୁମ ସହିତ ରହନ୍ତି ତଥାପି ସେମାନେ ତୁମର ନୁହଁନ୍ତି । ତୁମେ ସେମାନଙ୍କୁ ତୁମର ଶ୍ରଦ୍ଧା ଦେଇପାର, କିନ୍ତୁ ତୁମର ଚିନ୍ତା ବା ଭାବନା ନୁହେଁ, କାରଣ ସେମାନଙ୍କର ନିଜସ୍ୱ ଭାବନା ରହିଛି । ତୁମେ ସେମାନଙ୍କର ଶରୀରକୁ ପୋଷଣ କରିପାର; କିନ୍ତୁ ସେମାନଙ୍କର ଅନ୍ତରାତ୍ମାକୁ ନୁହେଁ, କାରଣ ସେମାନଙ୍କର ଅନ୍ତରାତ୍ମା ଆସନ୍ତାକାଲିର ଗୃହରେ ନିବାସ କରନ୍ତି । ଯେଉଁ ସ୍ଥାନକୁ ତୁମ ସ୍ୱପ୍ନରେ ମଧ୍ୟ ପ୍ରବେଶ କରି ପାରିବ ନାହିଁ । ତୁମେ ତାଙ୍କ ଭଳି ହେବା ପାଇଁ ଦୃଢ଼ ଭାବରେ ପ୍ରୟାସ କରିପାର; କିନ୍ତୁ ସେମାନେ ତୁମ ଭଳି ହେବାକୁ କେବେ ବି ଉଦ୍ୟମ କର ନାହିଁ । ଜୀବନ କେବେ ପଛକୁ ଯାଏନା କିଂବା ଗତକାଲି ସଙ୍ଗେ ରହେନା ।''

ପୁନଶ୍ଚ ସେ କହନ୍ତି, ''ତୁମେମାନେ ହେଉଛ ଧନୁ ଏବଂ ତୁମର ସନ୍ତାନମାନେ ତୀର ଭଳି ସେଠାରୁ ବାହାରି ଯାଆନ୍ତି ।''

ଜୀବନ ଯଦି ଚେତନାର ଆତ୍ମ-ଅଭିବ୍ୟକ୍ତିର କ୍ରୀଡ଼ା ସ୍ଥଳ ହୁଏ ତେବେ ପୁତ୍ର ଓ କନ୍ୟା ହେଉଛନ୍ତି ସେହି ଚେତନାର ଏକ ଏକ ପ୍ରକାଶ । ଶିଶୁ ଆଜି ପାଇଁ ନୁହେଁ, ଆସନ୍ତାକାଲି ପାଇଁ ଆସିଥାଏ । ଅତୀତକୁ ସେ ଭଲ ପାଏନା, ଭବିଷ୍ୟତ୍ ପାଇଁ ସେ ଜୀବନ ବଞ୍ଚେ । ଜୀବନଟା କେବଳ ବିଶ୍ୱାସ, ଚିନ୍ତା, ଆବେଗ, ଉଦ୍‌ବେଗ, କ୍ରିୟା, ପ୍ରତିକ୍ରିୟା ଆଦିର ଏକ ସମଷ୍ଟି ନୁହେଁ । ମାତାପିତା, ସମାଜ, ଶିକ୍ଷକ, ସାଙ୍ଗସାଥୀ ଯାହା ସବୁ କହନ୍ତି ତାହା ମଧ୍ୟ ଜୀବନ ନୁହେଁ । ରାଜନୈତିକ, ସାମାଜିକ, ଅର୍ଥନୈତିକ, ନୈତିକ ଓ ପରିବେଶଗତ ପ୍ରଭାବଗୁଡ଼ିକ ଆମ ଭିତରେ କେନ୍ଦ୍ରୀଭୂତ ହୋଇଛି ଏବଂ ଆମେ ତାହାକୁ ଜୀବନ ବୋଲି କହିଥାଉ । ଏହି ଜୀବନ ବଞ୍ଚିବା ପାଇଁ ଆମେ ତତ୍ପରତା ପ୍ରକାଶ କରିଥାଉ । ଏହିସବୁ ପ୍ରଭାବରୁ ନିଜକୁ ଦୂରେଇ ରଖି ଗଭୀର ନିରୀକ୍ଷଣ ଦ୍ୱାରା ନିଜ ସ୍ଥିତିର ଉଦ୍ଦେଶ୍ୟକୁ ବୁଝିପାରିଲେ ଆମେ ଜାଣିପାରିବା ଯେ ଜୀବନଟା ମୋ ନିଜର ନୁହେଁ କି ଆଉ କାହାର ନୁହେଁ । ଏହା ପରମ ସତ୍ୟର ଏକ ଅନ୍ତହୀନ ଫଲ୍‌ଗୁଧାରା । ଆମେ ଏହି ଶରୀର, ପ୍ରାଣ ଓ ମନ ଦେଇ ସେହି ସତ୍ୟର କ୍ରିୟାଶୀଳତା ପ୍ରତି ସଚେତନ ହେବାରେ ହିଁ ଜୀବନର ଚରମ ଉଦ୍ଦେଶ୍ୟ ନିହିତ ହୋଇ ରହିଛି । ତେଣୁ ଜୀବନଟା ହେଉଛି ପରମ ସତ୍ୟର ଅଭିବ୍ୟକ୍ତି ପାଇଁ ଏକ ମୁକ୍ତ କ୍ଷେତ୍ର ।

(କ୍ରମଶଃ) ❑


## ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ

ସମ୍ପାଦକ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବନ୍ଧପଡ଼ା, କେଶିଙ୍ଗା, କଳାହାଣ୍ଡି, ପିନ୍ – ୭୬୬ ୦୧୨, ଜଣାଇଛନ୍ତି ଯେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନିମନ୍ତେ ଜଣେ B. A. (English Hons.)ଶିକ୍ଷାଗତ ଯୋଗ୍ୟତା ଥିବା ଇଂରାଜୀ ଶିକ୍ଷକ ଏବଂ ଜଣେ +2 ଶିକ୍ଷାଗତ ଯୋଗ୍ୟତା ଥିବା ଛାତ୍ରାବାସର ଶିକ୍ଷୟିତ୍ରୀ ଆବଶ୍ୟକ । ଶ୍ରୀମାଶ୍ରୀଅରବିନ୍ଦଙ୍କ ପ୍ରଦର୍ଶିତ ଯୋଗ ଓ ଦର୍ଶନରେ ଅନୁରାଗୀ ଓ ସଂପୃକ୍ତ ମାତୃପ୍ରେମୀମାନଙ୍କୁ ଅଗ୍ରାଧିକାର ଦିଆଯିବ । ଏଥିପାଇଁ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ ଉପରୋକ୍ତ ଠିକଣାରେ ଯଥାଶୀଘ୍ର ଯୋଗାଯୋଗ କରିବା ଲାଗି ଅନୁରୋଧ ।

ଯୋଗାଯୋଗ : ସମ୍ପାଦକ : ମୋବାଇଲ୍, ୯୯୩୮୨୫୪୯୫୧
ଅଧ୍ୟକ୍ଷ : ମୋବାଇଲ୍, ୯୯୩୮୮୪୦୧୯୯

# ମହାଶକ୍ତିଙ୍କ ପାର୍ଥିବ ଅଭିଯାତ୍ରା

## (୧)

## କୁମାର ଚନ୍ଦ୍ର ମିଶ୍ର

''ଜନ୍ମ କର୍ମ ଚ ମେ ଦିବ୍ୟମେବଂ ଯୋ ବେତ୍ତି ତତ୍ତ୍ୱତଃ ।
ତ୍ୟକ୍ତ୍ୱା ଦେହଂ ପୁନର୍ଜନ୍ମ ନୈତି ମାମେତି ସୋଽର୍ଜୁନ ॥''
(ଗୀତା ୯/୪)

ଶ୍ରୀମଦ୍ ଭଗବଦ୍ ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି : ''ହେ ଅର୍ଜୁନ ! ଯିଏ ମୋର ଏହି ଦିବ୍ୟଜନ୍ମ ଓ ଅଲୌକିକ କର୍ମ ଯଥାର୍ଥତଃ ଜାଣନ୍ତି, ସେ ଦେହତ୍ୟାଗ କରି ପୁନର୍ବାର ସଂସାର ପ୍ରାପ୍ତ ହୁଅନ୍ତି ନାହିଁ; ସେ ଜନ୍ମ-ମୃତ୍ୟୁର ପ୍ରହେଳିକାରୁ ଚିର ମୁକ୍ତ ହୋଇ ମୋର ସ୍ୱରୂପତାକୁ ପ୍ରାପ୍ତ କରନ୍ତି ।''

ଦିବ୍ୟସତ୍ତାମାନଙ୍କର ଦିବ୍ୟଜନ୍ମ ଓ କର୍ମ ସମ୍ବନ୍ଧରେ ସମ୍ୟକ୍ ଜ୍ଞାନ ଲାଭ କଲେ କିପରି ଐଶ୍ୱର ଭାବ ପ୍ରାପ୍ତ ହୁଏ ତାହାହିଁ ଏଠାରେ କୁହାଯାଇଛି ।

ମହାଯୋଗୀ ଶ୍ରୀଅରବିନ୍ଦ ଦିବ୍ୟଜନନୀ ଶ୍ରୀମାଙ୍କ ଆବିର୍ଭାବ ସମ୍ବନ୍ଧରେ କହିବାକୁ ଯାଇ ସ୍ପଷ୍ଟ କରି ଯାଇଛନ୍ତି ଯେ ଶ୍ରୀମା ଜନ୍ମରୁହିଁ ଦିବ୍ୟ ଥିଲେ । ମାନଷୀ ଜନ୍ମ ନେବା ପରେ ସାଧନା କରି ଦିବ୍ୟଜନନୀ ହୋଇ ନାହାନ୍ତି ।

(*ନିଜ ସମ୍ବନ୍ଧେ ଓ ଶ୍ରୀମାଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ*, ଶ୍ରୀଅରବିନ୍ଦ ସାହିତ୍ୟ ସଂଗ୍ରହ, ୨ୟ ଖଣ୍ଡ ଦ୍ରଷ୍ଟବ୍ୟ)

"...The Mother was inwardly above the human even in childhood, so the view held by 'many' is erroneous."

(17. 08. 1938) – Sri Aurobindo

''ମା ତାଙ୍କର ଶୈଶବରେ ବି ଅନ୍ତରରେ ମାନବତ୍ୱର ବହୁ ଊର୍ଦ୍ଧ୍ୱରେ ଥିଲେ । ତେଣୁ ତୁମର ସେହି ବହୁ ଲୋକଙ୍କ ମତ ଭ୍ରାନ୍ତ ।'' – ଶ୍ରୀଅରବିନ୍ଦ

ଶ୍ରୀମା ଆଗେ ମାନବୀ ଥିଲେ ଓ ପରେ ମୂର୍ତ୍ତ ଦିବ୍ୟଜନନୀ ହୋଇଛନ୍ତି ବୋଲି କେତେକଙ୍କ ଭ୍ରାନ୍ତ ଧାରଣାକୁ ଶ୍ରୀଅରବିନ୍ଦ ଏଠାରେ ଖଣ୍ଡନ କରିଛନ୍ତି । କୌଣସି ଗୁରୁ, ପରାମର୍ଶଦାତା ବା କୌଣସି ବାହ୍ୟ ସାହାଯ୍ୟ ବିନା ଶ୍ରୀମା ଶୈଶବରୁ ସ୍ୱତଃ ସାଧନାରେ ବ୍ୟାପୃତ ହୋଇ ଅଗ୍ରଗତି କରିଯାଇଛନ୍ତି ଯାହାର ପଟାନ୍ତର ନାହିଁ । ସେ ଯେତେବେଳେ ପାଞ୍ଚବର୍ଷର ଶିଶୁ, ସେତେବେଳର ଅନୁଭୂତି ଶ୍ରୀମାଙ୍କ ନିଜ ଭାଷାରେ : "It was a very pleasant sensation. I would sit in a little armchair made especially for me, all alone in my room, and I... (I didn't know what it was, you see, not a thing, nothing – mentally zero) and I had a VERY PLEASANT feeling of something very strong, very luminous, and it was here (above the head). Consciousness. And I felt, 'That's what I have to live, what I have to be.' Not with all those words, naturally, but... (*Mother makes a gesture of aspiration Upward*). Then I would pull it down, for it was... it was truly my raison d'être."

(Mother's Agenda, Vol. 3, 25 July, 1962, P. 278)

ଏହାର ଭାବାନୁବାଦ ଏପରି ହୋଇପାରେ – ''ତାହା ଏକ ସୁଖଦ ଅନୁଭବ ଥିଲା । ବିଶେଷତଃ ମୋ ପାଇଁ ନିର୍ମିତ ଗୋଟିଏ ଛୋଟ ଆରାମ ଚୌକିରେ ମୋ ରୁମ୍‌ରେ ମୁଁ ଏକୁଟିଆ ବସେ ଓ ମୁଁ... (ମୁଁ ସେତେବେଳେ ଜାଣି ନଥାଏ ତାହା ପ୍ରକୃତରେ କ'ଣ, ତୁମେ ଦେଖ – ତାହା କୌଣସି ବସ୍ତୁ ନ ଥିଲା – କିଛି ନୁହେଁ – ମାନସିକ ଦୃଷ୍ଟିରୁ ଶୂନ୍ୟ) ଓ ମୋର ଅତି ସୁଖକର ଅନୁଭୂତି ହେଉଥାଏ, ଯାହା ଅତି ଶକ୍ତିଶାଳୀ, ଅତିଶୟ ଜ୍ୟୋତିର୍ମୟ ଓ ତାହା ଏଠାରେ (ମସ୍ତକର ଊର୍ଦ୍ଧ୍ୱରେ) ଥିଲା । ଚେତନା । ଏବଂ ମୋର ହୃଦ୍‌ବୋଧ ହେଲା – 'ଏଥି ନିମିତ୍ତହିଁ ମୋତେ ବଞ୍ଚିବାକୁ ହେବ, ଏହାହିଁ ମୋତେ ହାସଲ କରିବାକୁ ହେବ ।' ଅବଶ୍ୟ ସେପରି କିଛି କୁହାଯାଇ ନଥିଲା... କିନ୍ତୁ (ମା ଊର୍ଦ୍ଧ୍ୱକୁ ଅଭୀପ୍ସାର ଏକ ଅଙ୍ଗଭଙ୍ଗୀ କଲେ) । ତତ୍ପରେ ମୁଁ ତାକୁ ନିମ୍ନ ଭୂମିକୁ ଟାଣିଆଣେ । କାରଣ ତାହାହିଁ ଯଥାର୍ଥରେ ମୋର ଅସ୍ତିତ୍ୱର କାରଣ ବା ଉଦ୍ଦେଶ୍ୟ ।'' (ଜନୈକ ସାଧକଙ୍କ ସହ କଥୋପକଥନ, ଜୁଲାଇ ୨୫, ୧୯୬୨, ପୃ. ୨୭୮)

ପୁନଶ୍ଚ ଅଗଷ୍ଟ ୫, ୧୯୬୧ ମସିହାରେ କଥୋପକଥନ ଛଳରେ ଜଣେ ସାଧକଙ୍କୁ ଦିବ୍ୟଜନନୀ କହନ୍ତି : ''ଆଉ ଏକ କଥା ଅଛି । (ହସି ହସି) ଜଣେ ଛୋଟ ଶିଶୁ ଅବସ୍ଥାରେ ମଧ୍ୟ ମୁଁ କୌଣସି କାମ କରିବା ସମୟରେ କିଂବା କହୁଥିବା ବାକ୍ୟର ମଝିରେ କିଂବା ସେପରି କିଛି ଅସତର୍କ ଅବସ୍ଥାରେ ହଠାତ୍ ସମାଧିସ୍ଥ ହୋଇ ଯାଉଥିଲି – କେହି ବି ଜାଣୁ ନ ଥିଲେ ତାହା କ'ଣ ! ସେମାନେ ସମସ୍ତେ ଭାବନ୍ତି ଯେ ମୁଁ ନିଦରେ ଶୋଇଯାଇଛି । ମୁଁ କିନ୍ତୁ ପୂରା ସଚେତନ ଥାଏ, ଗୋଟିଏ ହାତ ଉପରକୁ ଟେକି ଦେଇ କିଂବା ଅସମ୍ପୂର୍ଣ୍ଣ କୌଣସି ବାକ୍ୟର ମଝିରେ – ଓଃ, ଫୁଃ ! କେହି ବି (ମା ହସି ହସି) ବାହ୍ୟତଃ ସେଠାରେ ନଥା'ନ୍ତି ଏବଂ ଅନ୍ତରରେ ତୀବ୍ର ଓ ଚମତ୍କାର ଆଗ୍ରହପ୍ରଦ ଅନୁଭୂତି ମୋତେ ଆଚ୍ଛନ୍ନ କରି ରଖିଥାଏ । ମୁଁ ଅତି ଛୋଟ ଥିଲାବେଳେ ମଧ୍ୟ ଏପରି ଘଟୁଥିଲା ।''

(ଶ୍ରୀମାଙ୍କର ଜଣେ ସାଧକଙ୍କ ସହ କଥୋପକଥନ)

**ଶରୀରରୁ ବହିର୍ଗମନ : (Extereorisation)** : ରାତିରେ ଚତୁର୍ଦ୍ଦିଗରେ ଯେତେବେଳେ ନିରବତା ବିରାଜମାନ କରେ ସେତେବେଳେ ଶ୍ରୀମା ସଶରୀରେ ନିଦ୍ରାଚ୍ଛନ୍ନ ଅବସ୍ଥାରେ ଶଯ୍ୟାତ୍ୟାଗ କରି ନିଜ ଟେବୁଲ ନିକଟରେ ବସି କବିତା ଲେଖନ୍ତି, ଗଳ୍ପ ଲେଖନ୍ତି, ଚିତ୍ରାଙ୍କନ କରନ୍ତି ! ପରେ ସେ ସବୁ ଲେଖାଗୁଡ଼ିକୁ ଯତ୍ନର ସହ ଡ୍ରଏର୍ ମଧ୍ୟରେ ସଜେଇ ରଖି ଶଯ୍ୟାକୁ ଫେରି ଆସନ୍ତି । କିନ୍ତୁ ଏହା ନିଦ୍ରାଚାରଣ ବା Somnambulism ନ ଥିଲା । ସେ ପୂରା ସଚେତନ ରହୁଥିଲେ । ସେ ଅବଶ୍ୟ ଜଣେ କବୟିତ୍ରୀ ନ ଥିଲେ । ଦିନେ ନିଜ ଲେଖା କାଗଜଗୁଡ଼ିକୁ ଡ୍ରଏର୍ ଭିତରେ ରଖିବା ପାଇଁ ଶ୍ରୀମା ଭୁଲି ଗଲେ । ପ୍ରାତଃକାଳରେ ତାଙ୍କ ମାଆ ଶୟନ କକ୍ଷକୁ ପ୍ରବେଶ କରି ସବୁଦିନ ପରି ବାତାୟନଗୁଡ଼ିକରେ ଟଙ୍ଗା ଯାଇଥିବା ମୋଟା ପରଦାଗୁଡ଼ିକୁ ବଳପୂର୍ବକ ଅପସାରିତ କରିବା ଯୋଗୁଁ ସୂର୍ଯ୍ୟାଲୋକରେ ଶୟନ କକ୍ଷଟି ଉଦ୍ଭାସିତ ହୋଇ ଉଠିଲା । ଶ୍ରୀମାଙ୍କ ମାଆ ଟେବୁଲ ଉପରେ ଥିବା ଲେଖାଗୁଡ଼ିକୁ ଦେଖି ଉତ୍କଣ୍ଠାର ସହ ପଢ଼ିଲେ । ସେ ଥିଲେ ପୂରାପୂରି ଜଣେ ବସ୍ତୁବାଦୀ (Materialist) । ସେ ଲେଖାଗୁଡ଼ିକୁ ପଢ଼ି ଆଶ୍ଚର୍ଯ୍ୟ ଓ ଆତଙ୍କିତ ହୋଇ ସେଦିନ ଝିଅକୁ ଡାକ୍ତରଙ୍କ ପାଖକୁ ନେଇ ତା'ର ମାନସିକ ଅବସ୍ଥାର ଅସ୍ୱାଭାବିକତାକୁ ଅନୁଧ୍ୟାନ କରିବା ଲାଗି ଅନୁରୋଧ କରିଥିଲେ ।

**ଦିବ୍ୟଜନନୀଙ୍କର ଅନ୍ତରୀକ୍ଷ ଅଭିଯାନ** : ଶ୍ରୀମା ଯେତେବେଳେ ତେର ବର୍ଷ ବୟସର ବାଳିକା ଥିଲେ ସେତେବେଳେ ପ୍ରାୟ ବର୍ଷକ ପର୍ଯ୍ୟନ୍ତ ଅବିଚ୍ଛିନ୍ନ ଭାବେ ପ୍ରତ୍ୟେକ ରାତ୍ରିରେ ଗୋଟିଏ ସ୍ୱପ୍ନ ଦେଖୁଥିଲେ – ଯାହା ଥିଲା ଅଦ୍ଭୁତ, ରହସ୍ୟମୟ – ହୁଏତ ଭବିଷ୍ୟତ୍ ସମ୍ଭାବନାର ଏକ ଇଙ୍ଗିତ ବା ସୂଚନା । ସ୍ୱପ୍ନରେ ଦେହ ଛାଡ଼ି ସେ ଊର୍ଦ୍ଧ୍ୱକୁ, ଆହୁରି ଊର୍ଦ୍ଧ୍ୱକୁ ଅନ୍ତରୀକ୍ଷକୁ ଉଠିଯା'ନ୍ତି । ସେତେବେଳେ ସେ ପରିଧାନ କରିଥିବା ସୁନେଲି ବସ୍ତ୍ରଟି ବିସ୍ତାରିତ ହୋଇ ସମଗ୍ର ପୃଥିବୀକୁ ଗୋଟିଏ ଛତା ପରି ଆବୃତ କରି ଦିଏ । ପୃଥିବୀର କୋଣ ଅନୁକୋଣରୁ ଦୁଃସ୍ଥ, ଦୁଃଖୀ, ରୋଗୀ, ଯନ୍ତ୍ରଣାକ୍ଲିଷ୍ଟ ବ୍ୟକ୍ତିଗଣ ତାଙ୍କର ସେହି ପ୍ରସାରିତ ବସ୍ତ୍ରର ଛାୟା ତଳେ ଆସି ଏକତ୍ରିତ ହୁଅନ୍ତି । ସେମାନଙ୍କର ଦୁଃଖ ଦୁର୍ଦ୍ଦଶାକୁ ଜଣାଇ ତାହାର ନିରାକରଣ ଲାଗି ପ୍ରାର୍ଥନା କରନ୍ତି । ସେତେବେଳେ ସୁନେଲି ବସ୍ତ୍ରର ଜୀବନ୍ତ ଅଞ୍ଚଳଟି ପ୍ରସାରିତ ହୋଇ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସ୍ପର୍ଶ କରେ । ସେମାନେ ସୁସ୍ଥ, ସବଳ ଓ ଆଶ୍ୱସ୍ତ ହୋଇ ନିଜ ନିଜ ଶରୀର ମଧ୍ୟରେ ପ୍ରବେଶ କରି ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କରନ୍ତି । ଦିବ୍ୟଜନନୀ କହନ୍ତି : ''ଏହା ଅପେକ୍ଷା ବେଶୀ ଉପଭୋଗ୍ୟ, ବେଶୀ ଆନନ୍ଦଦାୟକ ବିଷୟ ମୋ ପାଖରେ ସେତେବେଳେ ଆଉ କିଛି ନ ଥିଲା; ରାତ୍ରିର ଏହି ପ୍ରାତ୍ୟହିକ ଘଟଣାଟି ଯେପରି ମୋର ପ୍ରକୃତ ଜୀବନ, ଦିନଗୁଡ଼ିକର ଅନ୍ୟ ବିଷୟଗୁଡ଼ିକ ତା' ତୁଳନାରେ ମନେ ହେଉଥାଏ ନୀରସ ଓ ପ୍ରାଣହୀନ । ଏହି ଉପରକୁ ଉଠିବା ସମୟରେ ମୋ ବାମ ପାର୍ଶ୍ୱରେ ଜଣେ ନିର୍ବାକ୍ ଓ ପ୍ରଶାନ୍ତମତି ବୃଦ୍ଧ ଲୋକଙ୍କୁ ଥିବାର ଦେଖୁଥାଏ । ସେ ତାଙ୍କର ସ୍ନିଗ୍ଧ ଦୃଷ୍ଟି ଦ୍ୱାରା ମୋତେ ଯଥେଷ୍ଟ ଉତ୍ସାହିତ କରୁଥା'ନ୍ତି । ତାଙ୍କ ଦେହରେ ବି ଥିଲା ବାଇଗଣୀ ରଙ୍ଗର ଲମ୍ବା ଗୋଟିଏ ପୋଷାକ; ପରେ ଜାଣିଲି ସେ ହେଲେ ମୂର୍ତ୍ତିମାନ ପରମ କାରୁଣିକ ପୁରୁଷ ।''

ଦିବ୍ୟଜନନୀ ନିଜ ମନକଥା କହନ୍ତି : ''ଏହି ଗଭୀର ଉପଲବ୍ଧି, ଏଇ ଅନିର୍ବଚନୀୟ ସତ୍ୟଟି ତା'ପରଠାରୁ ମୋ ମସ୍ତିଷ୍କରେ ଅନ୍ୟ ଏକ ରୂପ ନେଇଛି । ଏଣିକି ଅନୁଭବ କଲି ଯେ ମୁଁ ସ୍ୱୟଂ ଏକ ଦିବ୍ୟପ୍ରେମରେ ପରିଣତ ହୋଇ ଯେପରି ସାରା ଜଗତର ସମସ୍ତ ବିଷୟର କେନ୍ଦ୍ର ସ୍ୱରୂପ ହୋଇଛି, ମୋର ପ୍ରସାରିତ ବାହୁ ଦୁଇଟି ଆହୁରି ଯେପରି ପ୍ରସାରିତ ହେଉଛି, ମୋର ଏହି ବକ୍ଷ ଯେପରି ବିଶ୍ୱ ଅପେକ୍ଷା ମଧ୍ୟ ଅନେକ ବେଶୀ ବଡ଼, ଏହା ଭିତରେ ସକଳ ପ୍ରାଣୀଙ୍କୁ ଆଲିଙ୍ଗନ କରି ଅସୀମ ସ୍ନେହରେ ମୁଁ ସେମାନଙ୍କୁ ଦୁଇ ବାହୁ ଦେଇ ରକ୍ଷା କରିଛି । କିନ୍ତୁ

ହେ ମୋର ପରମପ୍ରଭୁ ! ଭାବ ପ୍ରକାଶର ବାକ୍ୟଗୁଡ଼ିକ ତ ନିତାନ୍ତ ଅକ୍ଷମ ଓ ଦୁର୍ବଳ, ମନ ତା'ର ନିଜ ଭାଷାରେ ଯେଉଁ ଅର୍ଥଟି କୌଣସି ପ୍ରକାରେ ପ୍ରକାଶ କରିପାରେ ଅସଲ ଭାବର ତୁଳନାରେ ତାହା ନିତାନ୍ତ ହିଁ ପିଲା ଖେଳ ।''

ଦିବ୍ୟଜନନୀଙ୍କର ଏହା କେବଳ ନିଜ ଭାବକୁ ପ୍ରକାଶ କରୁ ନଥିଲା – ସେ ସ୍ୱୟଂ ତାହା ହିଁ ଅଟନ୍ତି । ତେଣୁ ମହାଯୋଗୀ ଶ୍ରୀଅରବିନ୍ଦ ତାଙ୍କ ସାବିତ୍ରୀ ମହାକାବ୍ୟରେ ଦିବ୍ୟଜନନୀଙ୍କ ପରିଚୟ ଦେବା ନିମିତ୍ତ ଲେଖିଲେ –

"A deep of compassion, a hushed sanctuary,
Her inward help unbarred a gate in heaven;
Love in her was wider than the universe,
The whole world could take refuge in her single heart."

(Savitri, p. 15)

ଅର୍ଥାତ୍, ''ସେ ହେଉଛନ୍ତି ଏକ ଅଗାଧ କରୁଣା ବାରିଧି ଓ ନିସ୍ତବ୍ଧ ତପୋବନ, ତାଙ୍କ ଆନ୍ତର ସହାୟତା ସ୍ୱର୍ଗର ଏକ ଦ୍ୱାରର ଅର୍ଗଳ ମୁକ୍ତ କରି ଦେଲା । ପ୍ରେମ ତାଙ୍କଠାରେ ବିଶ୍ୱଠାରୁ ବିଶାଳତର ହୋଇ ଉଠିଲା । ତାଙ୍କର ଏକାନ୍ତ ହୃଦୟରେ ସମଗ୍ର ଜଗତ୍ ଆଶ୍ରୟ ନେଲା ।''

ଆଧ୍ୟାତ୍ମିକ ଉପଲବ୍ଧି ପାଇଁ ସାଧନା କରିବାକୁ ହୁଏ । ବୁଦ୍ଧଦେବ, ଯିଶୁଖ୍ରୀଷ୍ଟ, ଶଙ୍କରାଚାର୍ଯ୍ୟ, ଶ୍ରୀରାମକୃଷ୍ଣ ପରମହଂସାଦି ମହାପୁରୁଷମାନଙ୍କ ଜୀବନୀ ଅନୁଧ୍ୟାନ କଲେ ଏହା ସାବ୍ୟସ୍ତ ହୁଏ । ଏପରିକି ମହାଯୋଗୀ ଶ୍ରୀଅରବିନ୍ଦ ମଧ୍ୟ ଅନେକ ସାଧନା କଲା ପରେ ଆଧ୍ୟାତ୍ମିକ ଉପଲବ୍ଧିସବୁ ପ୍ରାପ୍ତ କରିଥିଲେ । ରେକର୍ଡ଼ ଅଫ୍ ଯୋଗ (Record of Yoga, Vol. I & II) ଅଧ୍ୟୟନ କଲେ ତାଙ୍କ ସାଧନା କେତେ ଦୁରୂହ, ଗଭୀର, ନିଖୁଣ ଓ ବିଜ୍ଞାନ ସମ୍ମତ ଥିଲା ତାହା ସ୍ପଷ୍ଟ ଅବଗତ ହୁଏ । କିନ୍ତୁ ଦିବ୍ୟଜନନୀଙ୍କ ସାଧନା ଆରମ୍ଭ ହୋଇଥିଲା ବାଲ୍ୟକାଳରୁ, ତା' ପୁଣି ନିଜ ଅଜ୍ଞାତସାରରେ । ସେ ଯେ ଏ ଜଗତର ନୁହଁନ୍ତି – ଏହି ଭାବନା ତାଙ୍କ ମନରେ ଶୈଶବରୁ ହିଁ ସଞ୍ଚାରିତ ହୋଇ ସାରିଥିଲା । ପୃଥିବୀରେ ଏକ ବିଶେଷ କାର୍ଯ୍ୟ ସାଧନ ପାଇଁ ଯେ ତାଙ୍କର ଆବିର୍ଭାବ – ଏହା ମଧ୍ୟ ତାଙ୍କର ହୃଦ୍‌ବୋଧ ହୋଇ ସାରିଥିଲା । ଅଳ୍ପ ବୟସୀ ସ୍ୱଳ୍ପଭାଷୀ ଝିଅଟି ସବୁବେଳେ ଗମ୍ଭୀର ରହୁଥିବାର ଦେଖି ତାଙ୍କ ଉଚ୍ଚାଭିଳାଷୀ ବସ୍ତୁବାଦୀ ମା ଦିନେ ଭର୍ତ୍ସନା ସ୍ୱରରେ ପ୍ରଶ୍ନ କଲେ – ''ତୁ ସବୁବେଳେ ଏତେ ଗମ୍ଭୀର ଓ ନିରବ କାହିଁକି ରହୁ ? ଯେମିତି କି ପୃଥିବୀର ସବୁ ବୋଝ ମୁଣ୍ଡରେ ବୋହି ବୁଲୁଛୁ ?'' ଝିଅର ମଧ୍ୟ ସମାନ ଭାବେ ଗମ୍ଭୀରତାର ସହ ସ୍ପଷ୍ଟ ଉତ୍ତର ଥିଲା – ''ହଁ, ସତରେ ସେଇଆ, ଏ ପୃଥିବୀର ସମସ୍ତ ଦୁଃଖ, କଷ୍ଟ, ଯନ୍ତ୍ରଣା ବୋହିବାକୁ ହିଁ ମୁଁ ଜନ୍ମ ହୋଇଛି ଓ ସେଥିପାଇଁ ହିଁ ମୋର ପ୍ରକୃତି ଏତେ ଗମ୍ଭୀର ।''

ଶ୍ରୀମାଙ୍କ ମାଆ ଭାବିଲେ ଝିଅଟିର ନିଶ୍ଚୟ ମୁଣ୍ଡ ଖରାପ ହୋଇଯାଇଛି । ଶ୍ରୀମା ପାର୍ଥିବ ଜୀବନରେ ଅନେକ ବିରୋଧାତ୍ମକ ଅନୁଭୂତି ମଧ୍ୟ ଦେଇ ଗତି କରି ଥିଲେ ବି ଅବିଚ୍ଛିନ୍ନ ଭାବେ ନିରନ୍ତର ଦିବ୍ୟ ଉପସ୍ଥିତି ତାଙ୍କୁ ଘେରି ରହିଥାଏ । ସ୍ୱର୍ଗରେ ବା ଊର୍ଦ୍ଧ୍ୱଲୋକରେ ଜଣେ ନିଷ୍ଠୁର ଭଗବାନ୍ ଏ ସଂସାରକୁ ପରିଚାଳିତ କରୁଛନ୍ତି ବୋଲି ଯେଉଁ ପ୍ରଚଳିତ ଧାରଣା – ତାହାକୁ ସେ ପ୍ରଚଣ୍ଡ ବିରୋଧ କରୁଥିଲେ । ସମାଜରେ ଧର୍ମ ନାମରେ ପୁରୋହିତ ତଥା ଧର୍ମଯାଜକମାନଙ୍କର ଉଗ୍ର, କର୍କଶ ଓ ରୁକ୍ଷ ବ୍ୟବହାରକୁ ସେ ଘୃଣା କରୁଥିଲେ ।

ଅଠର ବର୍ଷ ବୟସରେ ଦିବ୍ୟଜନନୀଙ୍କ ଜ୍ଞାନପିପାସା ଚରମ ଶୀର୍ଷରେ ଉପନୀତ ହୁଏ । ସେ ଯେଉଁ ରହସ୍ୟମୟ ଅନୁଭୂତି ମଧ୍ୟ ଦେଇ ଗତି କରୁଥା'ନ୍ତି ତାହାର ବୌଦ୍ଧିକ ବ୍ୟାଖ୍ୟା ସେ କେଉଁଠି ହେଲେ ପାଉ ନଥା'ନ୍ତି । କୌଣସି ଗ୍ରନ୍ଥରୁ ନୁହେଁ କି କୌଣସି ବିଜ୍ଞ ବ୍ୟକ୍ତିଙ୍କଠାରୁ ନୁହେଁ । ଅବଶ୍ୟ ସେ ଅନେକ ବିଷୟ ଶିକ୍ଷା କରିବାର ସୁଯୋଗ ପାଇଥିଲେ । ଏପରି କି ତାଙ୍କ ବଡ଼ ଭାଇ ଅଧ୍ୟୟନ କରୁଥିବା ଉଚ୍ଚ ଗଣିତ ଶାସ୍ତ୍ର (Higher Mathematics)କୁ ସେ ଅନୁଶୀଳନ କରି ଥିଲେ । କିନ୍ତୁ ସେ ପ୍ରାପ୍ତ କରୁଥିବା ଅନ୍ୟାନ୍ୟ ଅସଂଖ୍ୟ ଅନୁଭୂତିଗୁଡ଼ିକର ଅର୍ଥ, କାରଣ ବା ତାତ୍ପର୍ଯ୍ୟ ସମ୍ପର୍କରେ କୌଣସି କୂଳକିନାରା ପାଉ ନଥିଲେ । ଏହି ଅବସରରେ ଆକସ୍ମିକ ଭାବେ ସ୍ୱାମୀ ବିବେକାନନ୍ଦଙ୍କ ରଚିତ ''ରାଜଯୋଗ'' ବହିଟି ତାଙ୍କର ହସ୍ତଗତ ହୋଇଥିଲା । ଏ ସଂକ୍ରାନ୍ତରେ ଶ୍ରୀମାଙ୍କ ନିଜସ୍ୱ ବକ୍ତବ୍ୟ ହେଲା – ''ପ୍ରକୃତରେ ତାହା ମୋତେ ଅତି ଚମତ୍କାର ମନେ ହେଲା – ଯାହା ମୋତେ କିଛି ବୁଝେଇ ପାରିଥିଲା ଓ ଏହା କେତୋଟି ମାସ ମଧ୍ୟରେ ଅନେକ ଉପଲବ୍ଧି ପ୍ରାପ୍ତ କରିବା ଲାଗି ସାହାଯ୍ୟ କରିଥିଲା – ଯାହା ପ୍ରାପ୍ତ କରିବା ଲାଗି ଅନ୍ୟଥା ହୁଏତ କେତେ ବର୍ଷ ଲାଗନ୍ତା ।''

ଦିବ୍ୟଜନନୀ କଥୋପକଥନ ଛଳରେ, ଗଳ୍ପ ମାଧ୍ୟମରେ ଅନେକ ଗୂଢ଼ ଆଧ୍ୟାତ୍ମିକ ସତ୍ୟସବୁ ବ୍ୟକ୍ତ କରି ଯାଇଛନ୍ତି । ବିଶ୍ୱର ଆଧ୍ୟାତ୍ମିକ ଇତିହାସରେ ସେସବୁ ଅନନ୍ୟ ଓ ବିରଳ ।

``ମାତୃରଚନାବଳୀ'' ୧୭ ଖଣ୍ଡରେ ଓ ``ମା'ଙ୍କ ଏଜେଣ୍ଡା'' ୧୩ ଖଣ୍ଡରେ ଯେଉଁ ଶତ ଶତ ଅନୁଭୂତିର ବର୍ଣ୍ଣନା କରାଯାଇଛି ତାହା ଯୁଗେ ଯୁଗେ ସାଧକମାନଙ୍କୁ ତଥା ମାନବସମାଜକୁ ଦିଗ୍‌ଦର୍ଶନ ଦେବ । ଅବଶ୍ୟ ଏକାଗ୍ରତା ଓ ସଚେତନତା ସହ ସେଗୁଡ଼ିକୁ ଅଧ୍ୟୟନ କଲେ ସେଥିରେ ପ୍ରଚ୍ଛନ୍ନ ରହିଥିବା ଆଧ୍ୟାତ୍ମିକ ସୂତ୍ରଗୁଡ଼ିକ ସମ୍ପର୍କରେ ଜଣେ ଅବଗତ ହୋଇପାରିବ । ବିଶ୍ୱାସ ଓ ଆତ୍ମ ପ୍ରତ୍ୟୟ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ସାଧକ ପ୍ରେରଣା ଓ ଉତ୍ସାହର ସହ ସାଧନାପଥରେ ଅଗ୍ରସର ହୋଇପାରିବ ।

ଶ୍ରୀମାଙ୍କୁ ଯେତେବେଳେ କୋଡ଼ିଏ କିଂବା ଏକୋଇଶ ବର୍ଷ ବୟସ ସେତେବେଳେ ଜଣେ ଭାରତୀୟଙ୍କ ସହ ତାଙ୍କର ସାକ୍ଷାତ୍ ହୋଇଥିଲା । ସେ ବ୍ୟକ୍ତି ଜଣକ ଗୀତା ସମ୍ପର୍କରେ ସୂଚନା ଦେଇ ଫରାସୀ ଭାଷାରେ ଅନୁବାଦିତ ଗୀତା ବହିଟିଏ ତାଙ୍କୁ ଉପହାର ଦେଇଥିଲେ । ଅନୁବାଦଟି ନିମ୍ନମାନର ଥିଲା । ଶ୍ରୀଅରବିନ୍ଦ ସେତେବେଳକୁ 'ଗୀତାନିବନ୍ଧମାଳା' ଲେଖି ନ ଥା'ନ୍ତି । ଶ୍ରୀମା'ଙ୍କ ନିଜ ଭାଷାରେ – "He (the Indian) said, 'Read the Gita, and take Krishna as the symbol of the immanent God, the inner Godhead.' This was all that he told me, He said to me, 'Read it with that – the knowledge that Krishna represents the immanent God in Gita, the God who is within you.'

"Well, in one month the whole work was done !"

(25th August 1954) (CWM - 6, p. 298 - 299)

ଅର୍ଥାତ୍, ``ସେ (ଭାରତୀୟ) କହିଲେ : 'ଗୀତା ବହିଟି ଅଧ୍ୟୟନ କର, କୃଷ୍ଣଙ୍କୁ ସର୍ବବ୍ୟାପୀ ଭଗବାନଙ୍କ ପ୍ରତୀକ ରୂପେ ଓ ହୃଦ୍ଦେଶର ଭଗବାନ୍ ରୂପେ ଗ୍ରହଣ କର ।' ସର୍ବମୋଟ ଏତିକି କେବଳ ସେ କହିଥିଲେ । ସେ ମୋତେ କହିଥିଲେ ଯେ ଗୀତାର କୃଷ୍ଣଙ୍କୁ ସର୍ବବ୍ୟାପୀ ଭଗବାନ୍ ଓ ତୁମ ଅନ୍ତରସ୍ଥ ଭଗବାନ୍ ବୋଲି ଜ୍ଞାନ କରି ତାକୁ ଅଧ୍ୟୟନ କର ।

``ମାସକ ମଧ୍ୟରେ ସବୁ କିଛି ସମ୍ପାଦିତ ହେଲା ।''

ଏହାର ଅର୍ଥ କ'ଣ ? ଦିବ୍ୟଜନନୀ ଅସମ୍ଭବକୁ ସମ୍ଭବ କରି ଦେଇଥିଲେ । ଅର୍ଥାତ୍ ଗୀତାରେ ବର୍ଣ୍ଣିତ ସମତା, ସ୍ୱଧର୍ମ, ସମର୍ପଣ, ଅନାସକ୍ତି ଆଦି ତତ୍ତ୍ୱଗୁଡ଼ିକୁ ଆତ୍ମସ୍ଥ କରିବା ସଙ୍ଗେ ସଙ୍ଗେ ବର୍ଣ୍ଣିତ ସମସ୍ତ ଯୋଗକୁ ନିଜ ସାଧନାର ଅନ୍ତର୍ଭୁକ୍ତ କରିଥିଲେ ।

ଅସୀମ ଉତ୍ସାହ ଓ ପ୍ରେରଣାର କି ଅଦ୍ଭୁତ ନିଦର୍ଶନ !

"When I was told that the Divine was within – the teaching of Gita, but in a word understandable to a westerner – that there was an inner presence, that one carried the Divine within oneself, oh !... what a revelation ! In a few minutes I suddenly understood all, all, all. Understood everything. It brought the contact instantly."

– The Mother

(Conversation with a disciple, April 29, 1961)

ଅର୍ଥାତ୍, ``ଯେତେବେଳେ ମୋତେ କୁହାଗଲା ଯେ ଭଗବାନ୍ ଆମ ଅନ୍ତରରେ ଅଛନ୍ତି – ଗୀତାର ଶିକ୍ଷା, କିନ୍ତୁ ଏପରି ଭାଷାରେ ଯାହା ଜଣେ ପାଶ୍ଚାତ୍ୟ ଦେଶର ଲୋକ ବୁଝିପାରିବ – ଜଣକ ମଧ୍ୟରେ ଅନ୍ତରରେ ଏକ ଦିବ୍ୟ ଉପସ୍ଥିତି ରହିଛି, ଜଣେ ନିଜ ମଧ୍ୟରେ ଦିବ୍ୟ ଉପସ୍ଥିତିକୁ ବହନ କରି ଚାଲିଛି, ଓଃ ! କି ଦିବ୍ୟ ପ୍ରଘଟନ ! କିଛି ମିନିଟ ମଧ୍ୟରେ ମୁଁ ସବୁକିଛି ବୁଝିଗଲି । ସବୁକିଛି... ସବୁକିଛି... ସବୁକିଛି । ସବୁକିଛି ବୁଝିଗଲି । ତାହା ତତ୍‌କ୍ଷଣାତ୍ ସଂସ୍ପର୍ଶଟିକୁ ନେଇଆସିଲା ।

– ଶ୍ରୀମା

(କ୍ରମଶଃ) ❑

ତୁମେ ଯଦି ତୁମ ଚେତନାକୁ ପରିବର୍ତ୍ତନ କର, ତେବେ ଜଗତ୍ ତୁମ ଲାଗି ନିଜକୁ ପରିବର୍ତ୍ତନ କରିଦେଇ ପାରେ ।

– ଶ୍ରୀମା

# ସୁସ୍ଥତାର ପରମ ଗୋପନୀୟତା

## (୧)

**ସୂର୍ଯ୍ୟକାନ୍ତି ମହାନ୍ତି**

କୁହାଯାଏ ଯେ ହାତ ପାହାନ୍ତାରେ ହିଁ ସ୍ୱର୍ଗ ରାଜ୍ୟର ସ୍ଥିତି । ସ୍ୱର୍ଗର ଅର୍ଥ ସଂହତି । ଯେତେବେଳେ ମଣିଷ ନିଜ ଜୀବନରେ, ନିଜ ପରିବେଶରେ ଓ ନିଜ ପୃଥିବୀରେ ସଂହତି ଲାଭ କରେ, ସେ ନିଶ୍ଚିତ ଭାବରେ ଲାଭ କରେ ଏକ ସ୍ୱର୍ଗୀୟ ଅବସ୍ଥା । ଆଉ ସେତେବେଳେ ସେ ନିର୍ମାଣ କରେ ଏକ ସୁନ୍ଦର ପୃଥିବୀ । ଅର୍ଥାତ୍, ଏ ମାନବସମାଜ ନିଜର ଇଚ୍ଛାନୁଯାୟୀ ସ୍ୱର୍ଗକୁ ହସ୍ତରେ ଧାରଣ କରିପାରିବ । ଅତଏବ ମଣିଷ ସ୍ୱର୍ଗ ରାଜ୍ୟରେ ପହଞ୍ଚିବା ପାଇଁ କଦାପି ନର୍କ ମଧ୍ୟ ଦେଇ ଯିବା ଆବଶ୍ୟକ ନାହିଁ ।

ଏ ପୃଥିବୀକୁ ଭଗବାନ୍ କେବେ ହେଲେ ମନୁଷ୍ୟକୁ ଅସୁସ୍ଥତା ଓ ଯନ୍ତ୍ରଣା ଭୋଗ କରିବା ପାଇଁ ପଠାଇ ନାହାନ୍ତି । ଅପରପକ୍ଷରେ ପ୍ରକୃତି ମନୁଷ୍ୟକୁ ଯେଉଁ ଉପାଦାନରେ ତିଆରି କରିଛି ଏବଂ ଯେଉଁ ଶକ୍ତି ତାକୁ ପ୍ରଦାନ କରିଛି, ତା'ର ସୀମା ଲଂଘନ କଲେ କିଂବା ସେହି ଶକ୍ତିର ଦୁରୁପଯୋଗ କଲେ ମନୁଷ୍ୟ ନିଜକୁ ରକ୍ଷା କରି ପାରିବା ସମ୍ଭବ ନୁହେଁ । ତେବେ ସେହି ଶକ୍ତି କ'ଣ ଯାହାର ସୁବିନିଯୋଗ ହେଲେ ମଣିଷ ସୁସ୍ଥତା, ସଂହତି ଓ ଶାନ୍ତିରେ ବଞ୍ଚି ପାରିବ ?

ବିପୁଳ ପରିମାଣର ଅର୍ଥ, ମାନସିକ ଚାପ ଏବଂ ଶାରୀରିକ ଯନ୍ତ୍ରଣାରୁ ମଣିଷ ନିଜକୁ ରକ୍ଷା କରିପାରନ୍ତା; ଯଦି ସେ ଜାଣନ୍ତା ତା' ନିଜ ମଧ୍ୟରେ ନିହିତ ଥିବା ଅସୀମ ଶକ୍ତିକୁ କିପରି ସଠିକ୍ ଭାବରେ ବ୍ୟବହାର କରି ପାରିବ । ଏହି ଶକ୍ତିର ସୁବିନିଯୋଗ ମୁଖ୍ୟତଃ ନିର୍ଭର କରେ ମଣିଷର ଉପଯୁକ୍ତ ଖାଦ୍ୟ ଓ ପାନୀୟ, ଆବଶ୍ୟକୀୟ ବ୍ୟାୟାମ ଓ ବିଶ୍ରାମ, ଶୃଙ୍ଖଳିତ ଜୀବନ ଶୈଳୀ, ସୃଜନାତ୍ମକ ଚିନ୍ତାଧାରା, ନିୟମିତ ଧ୍ୟାନ ଓ ପ୍ରାର୍ଥନା ଏବଂ ସର୍ବୋପରି ଶରୀର ମଧ୍ୟରେ ଥିବା ଗ୍ରନ୍ଥି ଓ ସ୍ନାୟୁ ସମୂହକୁ ପରିଚାଳିତ କରୁଥିବା 'ମନଃଶକ୍ତି'ର ସଠିକ୍ ପ୍ରୟୋଗ ଉପରେ ।

ମାତ୍ର ଏ ବିଷୟରେ ମନୁଷ୍ୟ ଚରମ ଉଦାସୀନ ଥିବା ବେଳେ, ଏହାହିଁ ହେଉଛି ସୁସ୍ଥତାର ପରମ ଗୋପନୀୟତା । ଏହା ସତ୍ୟ ଯେ ମନୁଷ୍ୟ କେବେ ବି ଅସୁସ୍ଥତାର ଦୟାରେ ବଞ୍ଚି ନାହିଁ । ସୁସ୍ଥତା ନିଶ୍ଚିତ ଭାବରେ ମନୁଷ୍ୟର ମୌଳିକ ଅଧିକାର ।

ଆଧୁନିକ ମଣିଷ ତା' ସୁସ୍ଥତା ପାଇଁ ମୁଖ୍ୟତଃ ଡାକ୍ତର ଓ ହସ୍‌ପିଟାଲ ଉପରେ ନିର୍ଭର କରେ । ଗୋଟିଏ ମେଡ଼ିକାଲ କଲେଜ ପ୍ରତିଷ୍ଠା କରିବା ପାଇଁ ଏବଂ ଏହାର ପରିଚାଳନା ନିମନ୍ତେ କୋଟି କୋଟି ଟଙ୍କା ଆବଶ୍ୟକ ହୋଇଥାଏ । ବର୍ତ୍ତମାନ ସମୟରେ ଲୋକ ସଂଖ୍ୟା ଓ ରୋଗୀ ସଂଖ୍ୟା ଅନୁଯାୟୀ ହସ୍‌ପିଟାଲ ସଂଖ୍ୟାର ଘୋର ଅଭାବ । ପୁଣି ସେଠାରେ ସାଧାରଣତଃ ରୋଗୀମାନଙ୍କର ଭିଡ଼ ଏବଂ ଆବଶ୍ୟକତାଠାରୁ କମ୍ ଚିକିତ୍ସକ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀ ଥାଆନ୍ତି । ସର୍ବୋପରି ମଣିଷ ନିଜ ଶରୀର ସହିତ ବେପରୱା ଭାବରେ ବ୍ୟବହାର କରୁଥାଏ । ଏପରିକି ସେ ନିଜର ସ୍ୱାସ୍ଥ୍ୟଠାରୁ ତା' ଜୋତାର ଯତ୍ନ ଅଧିକ ନେଉଥାଏ ।

ବର୍ତ୍ତମାନ ବହୁ ବୈଜ୍ଞାନିକ ତଥ୍ୟର ଆବିଷ୍କାର ସତ୍ତ୍ୱେ ବି ମଣିଷ ତଥାପି ଭାବେ ଯେ ସୁସ୍ଥତା ନିର୍ଭର କରେ କିଛି ବାହ୍ୟ ତଥ୍ୟ ଉପରେ । ତା' ନିଜ ଭିତରେ ଯେ ଆରୋଗ୍ୟକାରୀ ଶକ୍ତି ଅଛି, ତାହା ସେ ଜାଣେ ନାହିଁ ବା ଜାଣିଲେ ବି ବିଶ୍ୱାସ କରେ ନାହିଁ । ଅନେକ ସମୟରେ ଦେଖାଯାଏ ଯେ ଯେତେ ସଫଳ ଚିକିତ୍ସା କରାଗଲେ ମଧ୍ୟ ଜଣେ ବାରଂବାର ଅସୁସ୍ଥ ହେଉଥାଏ । କାରଣ, ତା'ର ଅସୁସ୍ଥ ପରିବେଶ, ଚିନ୍ତାଧାରା ବା ଅନୁଭୂତି ତା' ପ୍ରାଣ ଶକ୍ତି ତଥା ତା'ର କୋଷ ସମୂହକୁ ଶୁଷ୍କ କରି ଦେଉଥାଏ ।

ଏକ ଉଚ୍ଚତର ନିୟମ ଅନୁଯାୟୀ ବିଶ୍ୱ ଚାଲେ । ତାହା ମନ ଓ ଶରୀରକୁ ନିର୍ମାଣ କରେ ଏବଂ ତାକୁ ରକ୍ଷା ବି କରେ । ଏଣୁ ମାନସିକ ସୁସ୍ଥତାହିଁ ଶରୀରକୁ ସୁସ୍ଥ ରଖେ । ବାସ୍ତବରେ ସୁସ୍ଥତା ଆସେ ନାହିଁ କି ଯାଏ ନାହିଁ । ଏହା ଶାଶ୍ୱତ ଭାବରେ ବିଦ୍ୟମାନ; ମନୁଷ୍ୟର ସହଜାତ । ଏହାକୁ ଚିକିତ୍ସା ବିଜ୍ଞାନ ବି ସ୍ୱୀକାର କରେ । ପ୍ରାଚୀନ ଗ୍ରନ୍ଥ ଅନୁଯାୟୀ ଶରୀରରେ ସମସ୍ତ ସମସ୍ୟା ଦେଖାଦିଏ ମାନସିକ ଓ ଆଧ୍ୟାତ୍ମିକ କୁପୋଷଣରୁ । କାରଣ, ସମସ୍ତ ଶକ୍ତିର ସଞ୍ଚାରଣ ହୋଇଥାଏ ଅନ୍ତର୍ଦେଶରେ ।

ଶ୍ରୀମା କହନ୍ତି, "Look for the inner causes of disharmony much more than the outer ones. It is the inside which governs the outside."

(CWM, Vol. 14, p. 198)

ଅର୍ଥାତ୍,

''ଅସମଞ୍ଜସତାର ବାହ୍ୟ କାରଣଗୁଡ଼ିକ ଅପେକ୍ଷା ତାହାର ଆନ୍ତର କାରଣଗୁଡ଼ିକୁ ନିର୍ଣ୍ଣୟ କରିବା ଲାଗି ଅଧିକ ଚେଷ୍ଟା କର । ସେହି ଅନ୍ତଃରାଜ୍ୟଟି ହିଁ ବହିଃରାଜ୍ୟର ନିୟନ୍ତ୍ରଣ କରୁଥାଏ ।'' (୪ ଜୁଲାଇ ୧୯୬୬)

ଭାରତୀୟ ଦର୍ଶନ ଅନୁଯାୟୀ ମନୁଷ୍ୟ ମଧ୍ୟରେ ଅଛି ସାତୋଟି ଶକ୍ତିକେନ୍ଦ୍ର, ଯାହାର ସ୍ଥିତି ସାତୋଟି ସ୍ନାୟୁ କେନ୍ଦ୍ରରେ । ଏସବୁକୁ ଚକ୍ର ବି କୁହାଯାଏ । ଏମାନେ ହେଲେ – ସହସ୍ରାର, ଆଜ୍ଞା, ବିଶୁଦ୍ଧ, ଅନାହତ, ମଣିପୁର, ସ୍ୱାଧିଷ୍ଠାନ ଓ ମୂଳାଧାର । ସରଳ ଭାବରେ ବୁଝିବା ଏବଂ ଏହାକୁ ସହଜ ଉପାୟରେ ବ୍ୟବହାରରେ ଲଗାଇବା ପାଇଁ ଏହି ସାତୋଟି ଶକ୍ତି କେନ୍ଦ୍ର ବା ଚକ୍ରର ପରିବର୍ଦ୍ଧିତ ସ୍ତର ଭାବରେ ବାରଟି ଶକ୍ତିକେନ୍ଦ୍ରକୁ ଗ୍ରହଣ କରାଯାଇଛି, ଯାହାକୁ 'ମନଃଶକ୍ତି' କୁହାଯାଏ । ଏହି 'ମନଃଶକ୍ତି' କେନ୍ଦ୍ରସବୁ ହେଲେ –

୧. ବିଶ୍ୱାସ କେନ୍ଦ୍ର (ସହସ୍ରାର)
୨. କଳ୍ପନା (ଆଜ୍ଞା)
୩. ଉତ୍ସାହ (ଆଜ୍ଞା)
୪. ଇଚ୍ଛା ଶକ୍ତି (ଆଜ୍ଞା)
୫. ଅନ୍ତର୍ଜ୍ଞାନ (ଆଜ୍ଞା)
୬. ସାମର୍ଥ୍ୟ (ବିଶୁଦ୍ଧ)
୭. ପ୍ରେମ (ଅନାହତ)
୮. ବିଚାର ଶକ୍ତି (ମଣିପୁର)
୯. ଶୃଙ୍ଖଳା (ମଣିପୁର)
୧୦. ବଳ (ମଣିପୁର)
୧୧. ଜୀବନ (ସ୍ୱାଧିଷ୍ଠାନ)
୧୨. ବହିଃଷ୍କରଣ (ମୂଳାଧାର)

ଏହି ବାରଟି ଶକ୍ତିଶାଳୀ ମନଃଶକ୍ତି କେନ୍ଦ୍ର ବାରଟି ପ୍ରଭାବଶାଳୀ ସ୍ନାୟୁ କେନ୍ଦ୍ରରେ ଅବସ୍ଥିତ । ଏଥିମଧ୍ୟରୁ ବିଶ୍ୱାସ, କଳ୍ପନା, ଉତ୍ସାହ, ଇଚ୍ଛାଶକ୍ତି, ଅନ୍ତର୍ଜ୍ଞାନ ଓ ସାମର୍ଥ୍ୟ – ଏହି ଛଅଟି କେନ୍ଦ୍ର ସଚେତନ ମନର କାର୍ଯ୍ୟ ପରିସର ଏବଂ ବିଚାର ଶକ୍ତି, ଶୃଙ୍ଖଳା, ବଳ, ଜୀବନ ଓ ବହିଃଷ୍କରଣ – ଏହି ପାଞ୍ଚଟି କେନ୍ଦ୍ର ଅବଚେତନ ମନର ପରିସରଭୁକ୍ତ । ପ୍ରେମ-କେନ୍ଦ୍ର ହେଉଛି ସଚେତନ ଓ ଅବଚେତନ ମନର ସଂଯୋଗକାରୀ ସ୍ନେହଶୀଳ ମଣିଷର ପରିସର । ସେହିପରି ବୌଦ୍ଧିକ ଶକ୍ତି ସମ୍ପନ୍ନ ମନୁଷ୍ୟ ବାସ କରେ ମସ୍ତକରେ, ସ୍ନେହଶୀଳ ମଣିଷ ଜୀବିତ ରହେ ହୃଦୟରେ ଏବଂ ଇନ୍ଦ୍ରିୟାସକ୍ତ ନିଜକୁ ଉଦର ମଧ୍ୟ ଦେଇ ପ୍ରକାଶ କରେ ।[୧]

ଏସବୁର ବର୍ଣ୍ଣନା ପ୍ରାଚୀନ ଭାରତୀୟ ଶାସ୍ତ୍ରମାନଙ୍କରେ ଦେଖିବାକୁ ମିଳେ । ଏପରିକି ଏହି ଶକ୍ତି କେନ୍ଦ୍ରଗୁଡ଼ିକର ପ୍ରଚଣ୍ଡ କାର୍ଯ୍ୟକାରିତା ପାଇଁ ଏହାକୁ ମହାଜାଗତିକ କେନ୍ଦ୍ର (Cosmic Centre) ବୋଲି ବିବେଚନା କରାଯାଉଥିଲା । ଏହା ଇନ୍ଦ୍ରଜାଲ ବା କୁହୁକ ଭଳି କାର୍ଯ୍ୟ କରେ । ଏହି ବାରଟି ମନଃଶକ୍ତିର ଅପବ୍ୟବହାର ହିଁ ଶରୀରର ବିଭିନ୍ନ ଅଙ୍ଗରେ ଅସୁସ୍ଥତା ସୃଷ୍ଟି କରେ । ବାସ୍ତବରେ ରୋଗ ଯେତେ ପରିମାଣରେ ଶରୀରରେ ନଥାଏ, ସେତେ ଥାଏ ମନରେ ।

ବୈଜ୍ଞାନିକ Alexi Carrelଙ୍କ ମତାନୁଯାୟୀ ମନୁଷ୍ୟର ସୁସ୍ଥତା ନିର୍ଭର କରେ ତା' ଗ୍ରନ୍ଥି ଓ ସ୍ନାୟୁର ଅବସ୍ଥା ଉପରେ, ଯାହା ବାର ପ୍ରକାର ମନଃଶକ୍ତିରେ ହିଁ କାର୍ଯ୍ୟଶୀଳ । ଏ ବିଷୟରେ ମଣିଷର ଜ୍ଞାନ ଥିଲେ, ସ୍ୱାଭାବିକ ଭାବରେ ସେ ଏହାକୁ ଗଠନମୂଳକ ଭାବରେ ବ୍ୟବହାର କରି ପାରିବ । ସେହିପରି ମନସ୍ତତ୍ତ୍ୱବିଦ୍ B. F. Skinner କହନ୍ତି ଯେ ମନ ହେଉଛି ଏକ Black Box ପରି । ଅର୍ଥାତ୍, ଜୀବନରେ ଘଟୁଥିବା ସମସ୍ତ ଘଟଣା ଏବଂ ଚିନ୍ତା କରୁଥିବା ସବୁ କଥା ମନରେ ଲିପିବଦ୍ଧ ହୋଇ ରହିଯାଏ । ଏପରିକି ପୁଷ୍ପ ଚିକିତ୍ସା (Bach Flower Remedy)ର ଆବିଷ୍କର୍ତ୍ତା Dr. Edward Bach ଯେଉଁ ଅଠତିରିଶ ପ୍ରକାରର ଔଷଧ ପ୍ରସ୍ତୁତ କରିଥିଲେ, ସେସବୁ କେବଳ ମନ ସ୍ତରରେ ହିଁ କାମ କରେ । ଏଇ ଔଷଧ ରୁଗ୍ଣ ବ୍ୟକ୍ତିର ମନର ଅବସ୍ଥାକୁ ଠିକ୍ କରେ । ଫଳରେ ଶରୀର ଆରୋଗ୍ୟ ଲାଭ କରେ । ଅନ୍ୟ ଚିକିତ୍ସା ପଦ୍ଧତି ତୁଳନାରେ ଏହା ଏକ ନୂତନ ବିଜ୍ଞାନ ।[୨]

ପୃଥିବୀ ହେଉଛି ଶକ୍ତିର ଭଣ୍ଡାର ଏବଂ ମଣିଷ ଶରୀର ହେଉଛି ଏହି ଶକ୍ତିର ଅଂଶ ବିଶେଷ । ଏଠାରେ ସବୁକିଛି ସ୍ଥୂଳ ଭାବରେ ଦୃଶ୍ୟମାନ ହେଉଥିଲେ ମଧ୍ୟ ଏହା କେବଳ ବିଚ୍ଛୁରିତ ଶକ୍ତିର ପରିପ୍ରକାଶ । ଏହି ଶକ୍ତିର ସ୍ପନ୍ଦନ ଭିନ୍ନ ଭିନ୍ନ ପୌନଃପୁନ୍ୟ (frequency) ପାଇଁ ଏପରି କଠିନ ଅବସ୍ଥା ମନେ ହେଉଥାଏ । ଆମ ଭୌତିକ ଶରୀର ହେଉଛି ପ୍ରତିଧ୍ୱନିତ ବିଦ୍ୟୁତ୍-ଚୁମ୍ବକୀୟ କ୍ଷେତ୍ର (resonant electro-magnetic fields) । ଏପରିକି ମଣିଷ ଯେତେବେଳେ କିଛି ଭାବେ, ଏଥିରୁ ସୃଷ୍ଟ ଏକ ଅଦ୍ୱିତୀୟ ବିଦ୍ୟୁତ୍-ଚୁମ୍ବକୀୟ ତରଙ୍ଗ (electro-magnetic wave) ମହାକାଶକୁ ପ୍ରେରିତ ହୋଇଥାଏ । ଏହି

ତରଙ୍ଗ ହିଁ ତା' ଜୀବନ, ସ୍ୱାସ୍ଥ୍ୟ, ତା' ପରିବେଶ ତଥା ପୃଥିବୀର ସବୁ କିଛିକୁ ପ୍ରଭାବିତ କରିଥାଏ । ଦେଖାଯାଏ ଯେ ପ୍ରାଚ୍ୟର ଅଧିକାଂଶ ଚିକିତ୍ସା ବିଜ୍ଞାନ ଯଥା : ଆୟୁର୍ବେଦ, ଏକ୍ୟୁପ୍ରେସର, ସିଦ୍ଧ ପଦ୍ଧତି, ହୋମିଓପ୍ୟାଥି ଏବଂ ୟୁନାନୀ – ଏସବୁ ପଦ୍ଧତି ରୋଗ ପରିଚାଳନାରେ ଶକ୍ତି ସିଦ୍ଧାନ୍ତ ବା ଶକ୍ତିର ନିୟମକୁ ପାଳନ କରନ୍ତି । ଏପରିକି ପୌନଃପୁନ୍ୟ ଓ ବିଦ୍ୟୁତ୍ ଚୁମ୍ବକୀୟ ବିକିରଣ – DNA, କୋଷ ବିଭାଜନ, ହରମୋନ୍ କ୍ଷରଣ, ସ୍ନାୟୁର ବୃଦ୍ଧି ଓ କାର୍ଯ୍ୟ ଆଦିକୁ ନିୟନ୍ତ୍ରଣ କରନ୍ତି । ବାସ୍ତବରେ ବସ୍ତୁ ହେଉଛି ଶକ୍ତି ଏବଂ ଶକ୍ତି ହେଉଛି ବସ୍ତୁ । ଏ ବିଶ୍ୱବ୍ରହ୍ମାଣ୍ଡ ହେଉଛି ଅଭୌତିକ, ଯାହା କେବଳ ମାନସିକ ଓ ଆଧ୍ୟାତ୍ମିକ ।

ଏ ପୃଥିବୀ କିଛି ପ୍ରାକୃତିକ ନିୟମାନୁସାରେ ଚାଲୁଥିଲେ ମଧ୍ୟ ମାନସିକ ଓ ଆଧ୍ୟାତ୍ମିକ ନିୟମ ଏହାଠାରୁ ଉଚ୍ଚତର । ଯେତେବେଳେ ମଣିଷ ଏପରି ନିୟମକୁ ଆବାହନ କରେ, ତାହା ପ୍ରାକୃତିକ ନିୟମକୁ ବି ଅକାମୀ ବା ନିରପେକ୍ଷ କରି ଦେଇପାରେ । ତା'ର ପରିଣାମ ବିସ୍ମୟକର ଲାଗେ । ସେତେବେଳେ ଅସମ୍ଭବ ହୁଏ ସମ୍ଭବ, ଦୁରାରୋଗ୍ୟ ହୁଏ ଆରୋଗ୍ୟ । ଏହାକୁ କୁହାଯାଏ ଅଲୌକିକ ଘଟଣା ।

ଅପରପକ୍ଷରେ ମାନସିକ ସ୍ତରରେ ଦୁର୍ବଳ ଥିବା ବ୍ୟକ୍ତି ଅନ୍ୟକୁ ଗାଳି ଦିଏ, ଚିତ୍କାର କରେ, ଧମକ ଦିଏ, ଅପମାନିତ କରେ, ଅତ୍ୟାଚାର କରେ, ଲୋକଙ୍କୁ ହଇରାଣ କରିବା ପାଇଁ ଷଡ଼ଯନ୍ତ୍ର କରେ ଇତ୍ୟାଦି । ଏହାର ଉଦ୍ଦେଶ୍ୟ ନିଜ ଦୁର୍ବଳତାକୁ ଲୁଚାଇବା । ଖ୍ରୀ : ପୂ : ୪୦୦ରେ ପାଶ୍ଚାତ୍ୟ ଚିକିତ୍ସା ବିଜ୍ଞାନର ଜନକ ଗ୍ରୀକ୍ ଚିକିତ୍ସକ ହିପୋକ୍ରେଟ୍ସ (Hippocrates) କହିଥିଲେ ଯେ ମନୁଷ୍ୟର ସୁଖ, ଆନନ୍ଦ, ହସ ତଥା ଦୁଃଖ, ଯନ୍ତ୍ରଣା, ଭୟ ସୃଷ୍ଟି ହୋଇଥାଏ ନିଜ ମସ୍ତିଷ୍କରୁ । ଏଣୁ ପ୍ରତ୍ୟେକ ପରିସ୍ଥିତିରେ ସାମ୍ୟାବସ୍ଥା ବଜାୟ ରଖିବା ହିଁ ପ୍ରକୃତ ମାନବିକତାର ପରିଚାୟକ । ଏହାର ଅର୍ଥ ନୁହେଁ ଜଣେ ରୋଗୀ ଡାକ୍ତରଙ୍କ ପାଖକୁ ଯିବା ହଠାତ୍ ବନ୍ଦ କରିଦେବ । ବରଂ ନିଜ ଭିତରେ ଜାଗତିକ ଶକ୍ତିର ପ୍ରୟୋଗ କରିବାକୁ ଧୀରେ ଧୀରେ ଶିଖିବା ଆବଶ୍ୟକ । ସକାରାତ୍ମକ ଭାବରେ ଜଣେ କିପରି ନିଜର ମନଃଶକ୍ତିକୁ ପରିଚାଳିତ କରି ପୂର୍ଣ୍ଣ ସୁସ୍ଥତା ଫେରି ପାଇଥିଲେ, ତା'ର ଏକ ଉଦାହରଣ ନିମ୍ନରେ ପ୍ରଦତ୍ତ କରାଯାଉଛି ।

ଏକଦା ତିନି ଶିଶୁଙ୍କର ଜନନୀ ଜଣେ ମହିଳାଙ୍କୁ ଯକ୍ଷ୍ମା ରୋଗ ହୋଇଥିଲା । ସେ ସମୟରେ ଏହାର ସଫଳ ଚିକିତ୍ସା କରାଯାଇ ପାରୁ ନଥିଲା । ରୋଗୀ ଜଣକ ଏତେ ଗୁରୁତର ଥିଲେ ଯେ ତାଙ୍କର ଜୀବନ କାଳ ଖୁବ୍ ବେଶୀରେ ଆଉ ଛଅ ମାସ ବୋଲି ଡକ୍ଟର କହି ଦେଇଥିଲେ । ମାତ୍ର ଦିନେ ସନ୍ଧ୍ୟାରେ ତାଙ୍କ ସ୍ୱାମୀ ତାଙ୍କୁ ନେଇ ଯାଇଥିଲେ ଏକ ଆଧ୍ୟାତ୍ମିକ ପ୍ରବଚନ ଶୁଣିବା ପାଇଁ । ପ୍ରଥମ ଥର ପାଇଁ ସେ ପୀଡ଼ିତା ଜଣକ ସେଠାରେ ଶୁଣିଲେ ମଣିଷ ମନର ଭାବନା କିପରି ବ୍ୟକ୍ତିର ଶରୀରକୁ ସୁସ୍ଥ କରି ଦେଇପାରେ । ସେତେବେଳକାର ସମାଜରେ ପୁରାତନ ବିଶ୍ୱାସ ଥିଲା ଯେ ରୋଗ ହେଉଛି ଭଗବାନଙ୍କର ଦଣ୍ଡ । ମାତ୍ର ଏହି କଥାକୁ ପ୍ରବଚନକାରୀ ଖଣ୍ଡନ କରି କହିଥିଲେ ଯେ ଭଗବାନ୍ କେବେ ବି ଦଣ୍ଡ ଦିଅନ୍ତି ନାହିଁ । ମଣିଷ ଇଚ୍ଛା କଲେ ନିଜକୁ ସୁସ୍ଥ ରଖିପାରେ । ନିଜ ମନର ଭାବନା, କାର୍ଯ୍ୟ ଓ ଭାଷା ଜଣକୁ ଠିକ୍ ରଖିଥାଏ । ଏକଥା ସେହି ମାଆର ମନକୁ ଛୁଇଁ ଥିଲା ।

ତା'ପରେ ସେ ତାଙ୍କ ନିଜ ଜୀବନୀ ଶକ୍ତିକୁ ଆବାହନ କରିଥିଲେ । ତାଙ୍କର ଫୁସ୍‌ଫୁସ୍, ହୃତ୍‌ପିଣ୍ଡ, ଯକୃତ, ପାକସ୍ଥଳୀ ଆଦି ଅଙ୍ଗକୁ କହି ଚାଲିଲେ ସେମାନେ କିପରି ଆଦୌ ଜଡ଼ ନୁହନ୍ତି, ବରଂ ଶକ୍ତିଶାଳୀ, ବଳଶାଳୀ ଓ ଧୀ-ସମ୍ପନ୍ନ ଅଟନ୍ତି । ନିଜର ଅଙ୍ଗ ପ୍ରତି ତାଙ୍କର ନିର୍ବୋଧ ଓ ଅଜ୍ଞ ବ୍ୟବହାର ପାଇଁ ନିଜକୁ କ୍ଷମା ମାଗି ଚାଲିଲେ ଏବଂ ସୁସ୍ଥତା ପାଇଁ ଭଗବାନଙ୍କୁ ପ୍ରାର୍ଥନା କଲେ । ତା'ପରେ ତାଙ୍କର ସ୍ୱାସ୍ଥ୍ୟର ଉନ୍ନତି ଆରମ୍ଭ ହେଲା । ପ୍ରାୟ ଦୁଇ ବର୍ଷ ମଧ୍ୟରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲେ । ଏପରିକି ସେ ଆହୁରି ଚାଳିଶ ବର୍ଷ ଖୁସିରେ ବଞ୍ଚିଥିଲେ । ଏହା ତାଙ୍କ ଜୀବନରେ ଏକ ଆବିଷ୍କାର ବୋଲି ସେହି ମହିଳା ଜଣକ ତାଙ୍କର ପରିଜନମାନଙ୍କୁ କହୁଥିଲେ ।

ଏ ପୃଥିବୀ ଏକ ବିସ୍ମୟ, ଏକ ବିସ୍ମୟକର ବିସ୍ମୟ । ଅତଏବ ହେ ମନୁଷ୍ୟ ! ତନ୍ଦ୍ରା ପରିହାର କରି ଜାଗ୍ରତ୍ ହୁଅ । ନିଜର ସ୍ପନ୍ଦନ ପରିବର୍ତ୍ତନ କରି ଜୀବନ ପରିବର୍ତ୍ତନ କର ।

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା :**


୧. 'The Healing Secret of the Ages' by Catherine Ponder, P. 14, Published by Parker Publishing Company.

୨. 'Bach Flower Remedies' by Dr. D. S. Vohra, P. 15, Published by Kuldeep Jain.

## ମନଶକ୍ତିର ସାରଣୀ

| ଚକ୍ର | | ମନଃ ଶକ୍ତି | ଅବସ୍ଥିତି | ରଙ୍ଗ | ମୌଳିକ ଉପାଦାନ | ଧ୍ୱନି |
|---|---|---|---|---|---|---|
| ସହସ୍ରାର | ସଚେତନ ମନର କାର୍ଯ୍ୟ ପରିସର | ବିଶ୍ୱାସ | ପିନିଅଲ ଗ୍ରନ୍ଥି | ବାଇଗଣି | ଆକାଶ | ଓମ୍ |
| ଆଜ୍ଞା | | କଳ୍ପନା | ପିଟ୍ୟୁଟାରୀ ଗ୍ରନ୍ଥିର ନିକଟ | ଘନନୀଳ | ଆକାଶ | କ୍ଷମ୍ |
| | | ଉତ୍ସାହ | ବେକର ମୂଳରେ ମେଡୁଲା ଓବ୍ଲାଙ୍ଗଟା | ଘନନୀଳ | ଆକାଶ | କ୍ଷମ୍ |
| | | ଇଚ୍ଛାଶକ୍ତି | ମସ୍ତିଷ୍କର ସମ୍ମୁଖ ଭାଗ | ଘନନୀଳ | ଆକାଶ | କ୍ଷମ୍ |
| | | ଅନ୍ତର୍ଜ୍ଞାନ | ମସ୍ତିଷ୍କର ସମ୍ମୁଖ ଭାଗ | ଘନନୀଳ | ଆକାଶ | କ୍ଷମ୍ |
| ବିଶୁଦ୍ଧ | | ସାମର୍ଥ୍ୟ | ଥାଇରଏଡ୍ ଗ୍ରନ୍ଥିର ନିକଟ | ନୀଳ | ଆକାଶ | ହମ୍ |
| ଅନାହତ | ସଂଯୋଗ-କାରୀ | ପ୍ରେମ | ଥାଇମସ୍ ଗ୍ରନ୍ଥିର ନିକଟ | ସବୁଜ ଓ ଗୋଲାପୀ | ବାୟୁ | ୟମ୍ |
| ମଣିପୁର | ଅବଚେତନ ମନର କାର୍ଯ୍ୟ ପରିସର | ବିଚାର ଶକ୍ତି | ସୋଲାର ପ୍ଲେକ୍ସସ୍‌ରେ ପାକସ୍ଥଳିରେ | ହଳଦୀ | ଅଗ୍ନି | ରାମ୍ |
| | | ଶୃଙ୍ଖଳା | ସୋଲାର ପ୍ଲେକ୍ସସ୍ ପରିସର, ନାଭିର ପଛପଟ | ହଳଦୀ | ଅଗ୍ନି | ରାମ୍ |
| | | ବଳ | ଆଡ୍ରିନାଲ ଗ୍ରନ୍ଥିର ନିକଟ, ଅଣ୍ଟାର ପଛପଟ | ହଳଦୀ | ଅଗ୍ନି | ରାମ୍ |
| ସ୍ୱାଧିଷ୍ଠାନ | | ଜୀବନ | ପ୍ରଜନନ ଅଙ୍ଗ | ନାରଙ୍ଗୀ | ଜଳ | ବାମ୍ |
| ମୂଳାଧାର | | ବହିଃଷ୍କରଣ | ମେରୁଦଣ୍ଡର ମୂଳ | ଲାଲ | ପୃଥିବୀ | ଲାମ୍ |

## ମନର ତିନୋଟି କାର୍ଯ୍ୟକାରୀ ସ୍ତର



# ଆମ ଶରୀର

## (୨୭)

## ଭୋଳେଶ୍ୱର ଭୂୟାଁ

### କରୋନା ରୋଗ ଜୀବାଣୁ

ମହାମାରୀ କୋଭିଡ୍-୧୯ ଆଜି ସାରା ପୃଥିବୀର ସଂକଟ ରୂପେ ମଣିଷ ସମ୍ମୁଖରେ ଦଣ୍ଡାୟମାନ ହୋଇ ରହିଛି । ଏହି ସଂକଟ ସମୟରେ ଆମକୁ ଆହୁରି ଗ୍ରହଣଶୀଳ ହେବାକୁ ପଡ଼ିବ ଭଗବତ୍ ଶକ୍ତି ପାଇଁ । ପ୍ରକୃତ ପକ୍ଷେ ଆମେ ଯାହା କରିବା କଥା ତାହା କରୁ ନାହୁଁ ଏବଂ ଯାହା କରିବା କଥା ନୁହେଁ ତାହା କରି ଚାଲିଛୁ – ଏହାହିଁ ଆମ ପାଇଁ ଅଦୃଶ୍ୟର ନିର୍ମମ ଇଙ୍ଗିତ । ଏକଥା ଆମେ ଏହି ମହାମାରୀର ନାମରୁହିଁ ବୁଝି ପାରିବୁ – ବଙ୍ଗଳା ଭାଷାନୁଯାୟୀ, 'କରୋନା' ଶବ୍ଦର ଅର୍ଥ 'କର ନାହିଁ' । କ'ଣ କର ନାହିଁ ? ଅସତ୍ୟ, ଅତ୍ୟାଚାର, ବ୍ୟଭିଚାର, ସ୍ୱାର୍ଥପରତା, ନିଷ୍ଠାପରହୀନତା, ଅହଂକାର, ନିମ୍ନ-ପ୍ରକୃତିର ବଶୀଭୂତ ହେବା, ଆସକ୍ତି, ଲୋଭ ଆଦି ଗୁଣରେ ମଣିଷ ଆଜି ବି ବୁଡ଼ି ରହିଛି । ମଣିଷ ନିଜକୁ ଭଲ ବୋଲି ଦେଖାଇ ହେବାକୁ ଚାହେଁ । କିନ୍ତୁ ଭିତରେ ଭିତରେ ନିଭୃତରେ ସମସ୍ତ ଖରାପ କାମରେ ଲିପ୍ତ ରହିଥାଏ, ପରିବେଶକୁ ନିଜର ଖିଆଲ ଖୁସିରେ ବ୍ୟବହାର କରୁଛି । ଆଜି ମଣିଷର କୃତକର୍ମରୁ ଏହି ଭୟଙ୍କର ମହାମାରୀର ଉତ୍ପନ୍ନ ହୋଇଛି । ଏପରି ଅବସ୍ଥାରେ ଆମେ ସତ୍ୟଯୁଗ ପ୍ରତିଷ୍ଠାର, 'ଅତିମାନସ ସତ୍ୟ' ପ୍ରତିଷ୍ଠାର ଆଶା କରିବୁ କିପରି ? ଏହି ପରିପେକ୍ଷୀରେ ଦିବ୍ୟଜନନୀ ୧୯୬୭ ନବବର୍ଷରେ ଦେଇଥିବା ବାଣୀ ସ୍ମରଣୀୟ –

"Men, countries, continents !
The choice is imperative :
Truth or the abyss."

ଅର୍ଥାତ୍, ''ମନୁଷ୍ୟ, ଦେଶ, ମହାଦେଶ ସକଳ !
ବାଛିନିଅ, ଅନ୍ୟ ପନ୍ଥା ନାହିଁ :
ସତ୍ୟ ଅବା ରସାତଳ ।''

ଶ୍ରୀମା ସଙ୍କଟ ମୁହୂର୍ତ୍ତ ସମ୍ପର୍କରେ ସୂଚାଇ ଦେବାକୁ ଯାଇ କହିଛନ୍ତି :

"Difficult hours come to the earth to compel men to overcome their small personal egoism and turn exclusively to the Divine for help and light. The wisdom of men is ignorant. Only the Divine knows."

(MCW. 16, P. 425)

''ମନୁଷ୍ୟମାନେ ଯେପରି ଆପଣାର କ୍ଷୁଦ୍ର ବ୍ୟକ୍ତିଗତ ଅହଂକାରକୁ ଅତିକ୍ରମ କରିପାରିବେ ଏବଂ ସାହାଯ୍ୟ ତଥା ଆଲୋକ ଲାଗି ଐକାନ୍ତିକ ଭାବରେ ଦିବ୍ୟ ପରମସତ୍ତାଙ୍କ ଆଡ଼କୁ ଆପଣାକୁ ପରିଚାଳିତ କରିନେବେ, ସେଥିଲାଗି ସେମାନଙ୍କୁ ବାଧ୍ୟ କରିବା ସକାଶେହିଁ ପୃଥିବୀରେ ଦୁରୂହ ସମୟଗୁଡ଼ିକର ଆଗମନ ହୋଇଥାଏ । ମନୁଷ୍ୟମାନଙ୍କର ବୁଦ୍ଧି ଓ ବିବେକ ଅନ୍ଧକାର ମଧ୍ୟରେ ରହିଥାଏ । କେବଳ ସେହି ଦିବ୍ୟ-ପରମସତ୍ତାହିଁ ସବୁ ଜାଣିଥା'ନ୍ତି । ''

(ମାତୃ-ରଚନାବଳୀ, ଷୋଡ଼ଶ ଖଣ୍ଡ)

ଅତଏବ ଏହି ସମୟରେ ଆମକୁ ଭଗବତ୍ ପ୍ରଭାବରେ ରହିବାକୁ ହେବ । ଆମେ ତାଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଓ ଭରସା ରଖି କେବଳ ତାଙ୍କରି ଇଚ୍ଛା ପୂର୍ଣ୍ଣ ହେବା ପାଇଁ ପ୍ରାର୍ଥନା କରିବାକୁ ହେବ । ଏ ବିଷୟରେ ଶ୍ରୀମା କହୁଛନ୍ତି :

"If everybody expressed the divine Will, there would be no conflict any longer, anywhere, all would be in harmony. That is what one tries to do, but it is not very easy."

(CWM Vol. 4, p. 208)

ଅର୍ଥାତ୍, ''ଯଦି ସମସ୍ତେ ଭଗବତ୍ **ଇଚ୍ଛା**କୁ ପ୍ରକାଶ କରନ୍ତି ତେବେ କେଉଁଠି ବି ଆଉ ଏପରି ସଂଘର୍ଷ ବା ଦ୍ୱନ୍ଦ୍ୱ ରହିବ ନାହିଁ । ସବୁକିଛି ସାମଞ୍ଜସ୍ୟ ପୂର୍ଣ୍ଣ ହୋଇଉଠିବ । ଏହାକୁ କରିବା ପାଇଁ ତୁମକୁ ଚେଷ୍ଟା କରିବାକୁ ହେବ, କିନ୍ତୁ ଏହା ଏତେ ସହଜ ନୁହେଁ ।''

ଶ୍ରୀମା 'କାହିଁକି ଏହା ଏତେ ସହଜ ନୁହେଁ' ବୋଲି କହିଛନ୍ତି ? ଏହାର ଅସଲ କାରଣ ହେଲା ଆମେ ନିଜର

ପ୍ରକୃତିକୁ ପରିବର୍ତ୍ତନ କରିବାକୁ ଚାହୁଁନା । ଅଭ୍ୟାସବଶତଃ ଆମେ ସେହି ପୁରୁଣା ପ୍ରକୃତିକୁ ଦୋହରାଇ ଥାଉ ।

ରୋଗ ଆମକୁ କାହିଁକି ହୁଏ – ତାହା ଜାଣିଲେ ଆମେ ସମସ୍ତ ରୋଗ ଓ ଭୟଙ୍କର ମହାମାରୀ ସହିତ ଲଢ଼ି ପାରିବା । ସ୍ୱାସ୍ଥ୍ୟରକ୍ଷା ବିଜ୍ଞାନ ଆମକୁ କହିଥାଏ ସବୁ ରୋଗର କାରଣ ହେଲା ଏହାର ରୋଗ ଜୀବାଣୁ । ଜୀବାଣୁ ହିଁ ଆମ ଭିତରେ ରୋଗ ସୃଷ୍ଟି କରିଥାଏ । କିନ୍ତୁ ବାସ୍ତବରେ ସମସ୍ତ ପ୍ରକାର ରୋଗ ଜୀବାଣୁ ଆମ ଅନ୍ତନଳୀରେ ହିଁ ମହଜୁତ ରହିଛି । ଯେପର୍ଯ୍ୟନ୍ତ ପ୍ରତିରକ୍ଷା ଶକ୍ତି ସଶକ୍ତ ଥାଏ, ସେପର୍ଯ୍ୟନ୍ତ ଆମକୁ ରୋଗ ହୋଇ ନ ଥାଏ । ଅର୍ଥାତ୍ ରୋଗ ଜୀବାଣୁ ରୋଗର ପ୍ରକୃତ କାରଣ ନୁହେଁ । ତେବେ ପ୍ରକୃତ କାରଣ କ'ଣ ? ଏ ବିଷୟରେ ମା କହୁଛନ୍ତି :

''ସମସ୍ତ ରୋଗ ଓ ଅସୁସ୍ଥତାର ସମ୍ଭାବନା ତୁମ ଭିତରେ ଏବଂ ତୁମ ଚତୁଃପାର୍ଶ୍ୱ ବାତାବରଣରେ ରହିଥାଏ; ତୁମେ ସମସ୍ତ ରୋଗର ଜୀବାଣୁକୁ ତୁମ ଭିତରେ ବହନ କରିଥାଅ ବା ତୁମ ଚତୁଃପାର୍ଶ୍ୱରେ ଏହିସବୁ ଜୀବାଣୁ ଘୂରି ବୁଲୁ ଥାଆନ୍ତି । ତେବେ ହଠାତ୍ କୌଣସି ଏକ ରୋଗରେ ତୁମେ ଆକ୍ରାନ୍ତ ହୋଇଥାଅ ଯେଉଁଠି କି ବହୁ ବର୍ଷ ଧରି ତୁମର ଏହି ରୋଗ ନ ଥିଲା । ତୁମେ କହିପାର ଏହା ତୁମ ପ୍ରାଣସତ୍ତାର ଅବସାଦ ପାଇଁ ହୋଇଛି । କିନ୍ତୁ ଏହି ଅବସାଦ ଆସିଲା କେଉଁଠାରୁ ? ଏହି ଅବସାଦ ତୁମ ସତ୍ତାର ଅସାମଞ୍ଜସ୍ୟତାରୁ, ଭଗବତ୍ ଶକ୍ତିର ଗ୍ରହଣଶୀଳତାର ଅଭାବରୁ ହିଁ ଆସିଥାଏ । ତୁମେ ଯେତେବେଳେ ଶକ୍ତି ଓ ଆଲୋକଠାରୁ ନିଜକୁ ଅଲଗା କରି ନିଅ ତୁମକୁ ଏହି ଅବସାଦ ବହନ କରିବାକୁ ପଡ଼ିଥାଏ, ଯାହାକି ଚିକିତ୍ସା ବିଜ୍ଞାନରେ (ରୋଗ ପାଇଁ) ଏକ ଅନୁକୂଳ ଭୂମି ପ୍ରସ୍ତୁତ କରିବା କଥା କୁହାଯାଇଥାଏ; ଯାହାର ସୁଯୋଗ ଏହି ରୋଗ ନେଇଥାଏ । ଏହା ତୁମର ଅବିଶ୍ୱାସ, ବିମର୍ଷତା, (ଭଗବତ୍) ଭରସାର ଅଭାବ, ସ୍ୱାର୍ଥପର ଭାବେ ନିଜକୁ ଆଲୋକ ଓ ଭଗବତ୍ ଶକ୍ତିଠାରୁ ଅଲଗା କରିବା ଦ୍ୱାରା ହିଁ ଏହି ଅନୁକୂଳ ପରିସ୍ଥିତି ଉପୁଜି ଥାଏ । ଏହାହିଁ ହେଲା ରୋଗର ପ୍ରକୃତ କାରଣ – ଜୀବାଣୁ ନୁହେଁ ।''

(MCW, Vol. 4, p. 209)

ମା'ଙ୍କର ଉକ୍ତି ଅନୁଧ୍ୟାନ କରି ଆମକୁ ବିଚାର କରିବାକୁ ହେବ ରୋଗର ପ୍ରତିରୋଧ କିପରି କରିବାକୁ ହେବ ? ଆମର ପ୍ରଥମ କାମ ହେଲା ଭଗବତ୍ ଶକ୍ତି ଓ ଆଲୋକ ପ୍ରତି ଆମକୁ ଆସ୍ଥା ଓ ବିଶ୍ୱାସ ସ୍ଥାପନ କରିବାକୁ ହେବ । ଏ ପୃଥିବୀରେ ସବୁ କିଛି ଘଟେ ଭଗବତ୍ ଇଚ୍ଛାରେ । ଏହି ଭଗବତ୍ ଇଚ୍ଛା ଶକ୍ତି ପ୍ରତି ଆମେ ସମ୍ପର୍କିତ ହୋଇ ପାରିଲେ ଭଗବାନ୍ ଆମକୁ ତାଙ୍କ ଶକ୍ତି, ସାମର୍ଥ୍ୟ ଓ କୃପା ମାଧ୍ୟମରେ ଆମ ଭିତରେ ଏକ ରକ୍ଷାକବଚ ରଚନା କରି ଥାଆନ୍ତି । ନାମଜପ ମାଧ୍ୟମରେ ମଧ୍ୟ ଆମେ ଭଗବାନଙ୍କ ସହିତ ସମ୍ପର୍କିତ ହୋଇଥାଉ ଏବଂ ଆମେ ଏହି କବଚ ଦ୍ୱାରା ଆବୃତ ହୋଇଥାଉ । ଏହି କବଚକୁ କୌଣସି ରୋଗ, କୌଣସି ଅପଶକ୍ତି, କୌଣସି ଅସ୍ତ୍ରଶସ୍ତ୍ର ଭେଦ କରି ପାରେ ନାହିଁ । ଏହାହିଁ ହେଲା ଶରୀରର ଯଥାର୍ଥ ପ୍ରତିରକ୍ଷା ଶକ୍ତି ।

ଶରୀର ପ୍ରାକୃତିକ ଭାବେ ନିଜର ପ୍ରତିରକ୍ଷା ନିଜେ ହିଁ ସୃଷ୍ଟି କରିଥାଏ । ରୋଗ ଜୀବାଣୁଙ୍କ ସହିତ ଲଢ଼ି ତାକୁ ଧ୍ୱଂସ କରିବା ପାଇଁ ଆମ ରକ୍ତରେ B-Cell, White Cell ଆଦି କାମ କରି ଥାଆନ୍ତି । ଏହା ଛଡ଼ା ଆମ ଶରୀରର ପ୍ରତିରକ୍ଷା ପାଇଁ ଆମ ଭିତରେ ଏକ ପ୍ରକାର କମାଣ୍ଡୋ ବାହିନୀ ଅଛନ୍ତି ଯାହାକୁ 'T-Cell' କୁହାଯାଏ । ଏମାନଙ୍କ କବଳରୁ କୌଣସି ରୋଗ ଜୀବାଣୁ ରକ୍ଷା ପାଇପାରନ୍ତି ନାହିଁ । ଏହି T-Cell ଆମ ହୃତ୍‌ପିଣ୍ଡର ପଛପଟେ ଥିବା ଥାଇମସ ଗ୍ରନ୍ଥିରୁ ତିଆରି ହୋଇ ଥାଆନ୍ତି । କିନ୍ତୁ ବୟସ ବଢ଼ିବା ସଙ୍ଗେ ସଙ୍ଗେ ଏହି ଗ୍ରନ୍ଥି ଆସ୍ତେ ଆସ୍ତେ ଛୋଟ ହୋଇ ଏହାର କାମ ବନ୍ଦ ହୋଇ ଯାଇଥାଏ । ଏଗାର ବାର ବର୍ଷ ବୟସ ପରେ ଆଉ ଆମ ଶରୀରରେ T-Cell ଉତ୍ପନ୍ନ ହୋଇପାରେ ନାହିଁ । ତେଣୁ ବୃଦ୍ଧ ବୟସରେ ଆମ ଶରୀରରେ T-Cell କମି ଯାଇଥିବାରୁ ଆମ ପ୍ରତିରକ୍ଷା ଶକ୍ତି (Immunity) କମି ଯାଇଥାଏ । ଫଳରେ ସେତେବେଳେ ରୋଗ ହେଲେ ତାକୁ ଆରୋଗ୍ୟ କରିବା କଠିନ ହୋଇଥାଏ । ଏହିପରି ଶରୀରର ନାନା ପ୍ରକାରର ପ୍ରତିରକ୍ଷା ଉପାଦାନ ରହିଥାଏ – ଆମ ଲାଳ, ପାଚକରସ, ପିତ୍ତ ରସ ଆଦି ଆମକୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ ।

ଶ୍ରୀମା ପୁଣି ଆମ ଶରୀରର ସୁରକ୍ଷା ବିଷୟରେ କହୁଛନ୍ତି : ''ସମସ୍ତେ, ଏପରିକି ଚିକିତ୍ସା-ବିଜ୍ଞାନକ୍ଷେତ୍ରର ବ୍ୟକ୍ତିମାନେ ଏବେ ଏହି କଥାଟିକୁ କ୍ରମେ ସ୍ୱୀକାର କରିବାକୁ ଆରମ୍ଭ କରୁଛନ୍ତି ଯେ, ଉଦାହରଣସ୍ୱରୂପ ସ୍ୱାସ୍ଥ୍ୟରକ୍ଷାର ନାନା ବିଧିଗୁଡ଼ିକ ଉପରେ ଆମର ଯେତିକି ବିଶ୍ୱାସ ରହିଥିବ, କେବଳ ସେତିକି ପରିମାଣରେହିଁ ସେମାନେ ଫଳଦାୟକ ସାଧନ ରୂପେ ବ୍ୟବହୃତ ହୋଇ ପାରିବେ । ଗୋଟିଏ ମହାମାରୀ ରୋଗର

କଥା ବିଚାର କରାଯାଉ । ବହୁ ବର୍ଷ ପୂର୍ବେ ଏଠାରେ (ପଣ୍ଡିଚେରୀରେ) କଲେରା ରୋଗର ମହାମାରୀ ହୋଇଥିଲା – ଏହା ଅତ୍ୟନ୍ତ ଖରାପ । କିନ୍ତୁ ଏଠାକାର ହାସପାତାଲର ମୁଖ୍ୟ ଡାକ୍ତର ଜଣେ ଉଦ୍ୟମଶୀଳ ବ୍ୟକ୍ତି ଥିଲେ । ସେ ନିଷ୍ପତ୍ତି ନେଲେ ସମସ୍ତଙ୍କୁ ରୋଗ ପ୍ରତିରୋଧକ ଟିକା ଦିଆଯିବ । ଟିକା ନେଉଥିବା ବ୍ୟକ୍ତିମାନଙ୍କୁ ଟିକା ନେଇ ହାସପାତାଲରୁ ଯିବା ସମୟରେ ସିଏ ସେମାନଙ୍କୁ କହୁଥିଲେ : 'ଦେଖ ତୁମକୁ ରୋଗ ପ୍ରତିରୋଧକ ଟିକା ଦିଆ ହୋଇଛି – ତୁମର କିଛି ହେବ ନାହିଁ, କିନ୍ତୁ ତୁମକୁ ଟିକା ଦିଆହୋଇ ନ ଥିଲେ ତୁମେ ହୁଏତ ମରି ଯାଇ ଥାଆନ୍ତ !' ଜଣେ ସର୍ବଜ୍ଞ ବ୍ୟକ୍ତି ପରି ସେ ସମସ୍ତଙ୍କୁ ଏହି କଥାଟି କହୁଥିଲେ । ସାଧାରଣତଃ ଏହିସବୁ ପ୍ରକାରର ସଂକ୍ରାମକ ରୋଗ ଅନେକ ଦିନ ପର୍ଯ୍ୟନ୍ତ ଲାଗି ରହେ ଏବଂ ତାହାର ଗତିରୋଧ କରିବା ଭାରି କଷ୍ଟକର ହୋଇପଡ଼େ, ମାତ୍ର, ମୋର ମନେ ପଡୁଛି, ପ୍ରାୟ ପନ୍ଦରଟି ଦିନ ଭିତରେ ଏହି ଡାକ୍ତର ଜଣକ ରୋଗଟିକୁ ଆୟତ୍ତକୁ ଆଣି ପାରିଲେ । ଯାହା ହେଉ ପଛକେ, ପ୍ରାୟ ଏକ କିମିଆ କାର୍ଯ୍ୟ କଲା ପରି ଏହି କାର୍ଯ୍ୟଟି ଅତି ଶୀଘ୍ର ସାଧିତ ହୋଇଗଲା । ମାତ୍ର ସେହି ଡାକ୍ତର ଭଲକରି ଜାଣିଥିଲେ ଯେ, ଲୋକମାନଙ୍କ ମନରେ ସେ ଯେଉଁ ବିଶ୍ୱାସ ଆଣି ଦେଇଥିଲେ, ତାହାକୁ ହିଁ ଟିକା ଦେବାରେ ସବୁଠାରୁ ବଡ଼ ଫଳ ବୋଲି କୁହାଯିବ ।''

(MCW, Vol - 4, pp. 209)

ଏହି ଯେଉଁ ଟିକା କଥା କୁହାଗଲା ତାହା କ'ଣ ଓ ଆମ ଶରୀରରେ କିପରି କ୍ରିୟା କରିଥାଏ ? ଧର ବସନ୍ତ ରୋଗର ଟିକା – ଗୋବୀଜ ଟିକା । ଗାଈକୁ ହୋଇଥିବା ବସନ୍ତ ରୋଗର ଜୀବାଣୁକୁ ସଂଗ୍ରହ କରି ତାକୁ ଆମ ଶରୀରରେ ଅଳ୍ପ ମାତ୍ରାରେ ପ୍ରବେଶ କରାଯାଏ ଯାହାକୁ ଆମେ ଟିକା କହୁ । ଏହାର ପ୍ରଭାବରେ ଆମ ଶରୀରରେ ବସନ୍ତ ରୋଗ ଅଳ୍ପ ପରିମାଣରେ ଉତ୍ପନ୍ନ ହୋଇଥାଏ । ଏହାକୁ ଆରୋଗ୍ୟ କରିବା ପାଇଁ ଆମ ଶରୀରରେ ଥିବା B-Cell, White Cell ଆଦି ପ୍ରତିରକ୍ଷା ବାହିନୀ କୋଷମାନେ ଏହି ବସନ୍ତ ରୋଗକୁ ଆରୋଗ୍ୟ କରି ଥାଆନ୍ତି । ଅର୍ଥାତ୍ ଏହି ରୋଗ ସହିତ ଲଢ଼ିବା ପାଇଁ ଆମ ପ୍ରତିରକ୍ଷା ଶକ୍ତିକୁ ବୃଦ୍ଧି କରିଥାଏ । ଅର୍ଥାତ୍ ଆମ ଶରୀରରେ ସେହି ରୋଗ ଆରୋଗ୍ୟ କରିବାର ଏକ ପ୍ରକାର ମାଇକ୍ରୋବ୍ ବା ବୀଜାଣୁ ସୃଷ୍ଟି କରିଥାଏ ।

ଏ ବିଷୟରେ ମା କହୁଛନ୍ତି : ''ବର୍ତ୍ତମାନ କିଛିଦିନ ଆଗରୁ ସେମାନେ (ଡାକ୍ତରମାନେ) ଅନ୍ୟ କିଛି ଦେଖିଛନ୍ତି ଏବଂ ମୁଁ ମନେ କରେ ଏହା ଆଶ୍ଚର୍ଯ୍ୟଜନକ । ସେମାନେ ଉଦ୍ଭାବନ କରିଛନ୍ତି ପ୍ରତ୍ୟେକ ରୋଗର ଏକ ପ୍ରକାର ମାଇକ୍ରୋବ୍ ରହିଛି ଯାହା ଏହାକୁ ଆରୋଗ୍ୟ କରିଥାଏ (ଏହାକୁ ତୁମେ ମାଇକ୍ରୋବ୍ କୁହ ବା ଏକ ପ୍ରକାର ଜୀବାଣୁ କୁହ) । କିନ୍ତୁ ସବୁଠାରୁ ବିଶେଷ କଥା ହେଲା ଏହି 'Microbe' ହେଲା ଅତ୍ୟନ୍ତ ସଂକ୍ରାମକ, ଏପରିକି ଏହା ରୋଗଜୀବାଣୁଠାରୁ ମଧ୍ୟ ବେଶୀ ସଂକ୍ରାମକ ହୋଇଥାଏ । ଏବଂ ଏହା ସାଧାରଣତଃ ଦୁଇଟି ଅବସ୍ଥାରେ ଉତ୍ପନ୍ନ ହୋଇଥାଏ : ଯେଉଁମାନଙ୍କର ଏକ ପ୍ରକାର ପ୍ରାକୃତିକ ଭଲ ମେଜାଜ ଓ ଶକ୍ତି ରହିଥାଏ ଏବଂ ଯେଉଁମାନଙ୍କର ଏକ ଶକ୍ତିଶାଳୀ ଇଚ୍ଛା ଶକ୍ତି ରହିଥାଏ ଭଲ ହେବା ପାଇଁ । ଏହି ଲୋକମାନେ ହଠାତ୍ ଏହି (ଆରୋଗ୍ୟକାରୀ) ଜୀବାଣୁକୁ ଧରି ପାରନ୍ତି ଏବଂ ଭଲ ହୋଇ ଥାଆନ୍ତି । ଏବଂ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଯଦି କୌଣସି ସଂକ୍ରାମକ ରୋଗ ଲାଗିଥିବା ସମୟରେ ଜଣେ ଚିକିତ୍ସା ଦ୍ୱାରା ରୋଗମୁକ୍ତ ହୁଏ, ସେହି ସଂକ୍ରମଣରେ ଆକ୍ରାନ୍ତ ଅନ୍ୟ ତିନିଜଣ ମଧ୍ୟ ତତ୍କ୍ଷଣାତ୍ ଆରୋଗ୍ୟ ହୋଇ ଥାଆନ୍ତି । ଏବଂ ଯେଉଁମାନେ ରୋଗମୁକ୍ତ ହୁଅନ୍ତି ସେମାନଙ୍କ ଶରୀରରେ ମଧ୍ୟ ଏହି (ଆରୋଗ୍ୟକାରୀ) ଜୀବାଣୁ ମିଳିଥାଏ ।''

(MCW, Vol. 4, p. 210)

୧୯୧୯ ମସିହା, ପ୍ରଥମ ମହାଯୁଦ୍ଧ ସମୟରେ ଶ୍ରୀମା ଜାପାନରେ ଅବସ୍ଥାନ କରୁଥିଲେ । ସେତେବେଳେ ସେ ଏକ ଭୟାନକ ଫ୍ଲୁ (flu)ରେ ଆକ୍ରାନ୍ତ ହୋଇଥିଲେ । କିପରି ସେଥିରୁ ସେ ନିଜେ ସୁସ୍ଥ ହେବା ସଙ୍ଗେ ସଙ୍ଗେ ସମଗ୍ର ମାନବସମାଜକୁ ସେହି ମହାମାରୀରୁ ମୁକ୍ତ କରି ସୁରକ୍ଷା ପ୍ରଦାନ କରିଥିଲେ ସେସମ୍ପର୍କରେ ଗତ ସଂଖ୍ୟା 'ନବପ୍ରକାଶ'ର 'ଅପ୍ରତ୍ୟାଶିତ ବିଭୀଷିକା' ପ୍ରବନ୍ଧରେ ବିବୃତ୍ତ ହୋଇଛି ।

ବର୍ତ୍ତମାନ କଥା ହେଲା ଏ ପୃଥିବୀର କୋଭିଡ୍-୧୯ ଜୀବାଣୁ ପରି ମହାମାରୀରୁ ଆମକୁ ରକ୍ଷା କରିବ କିଏ ? ଏହାର ପଶ୍ଚାତରେ ଥିବା ସତ୍ତାକୁ ଧ୍ୱଂସ କରିବ କିଏ ? ଏହା ଆମ ବିଶ୍ୱାସ, ନିଷ୍ଠାପରତା ଓ ଆମ ଆଚାର ବ୍ୟବହାରର ଆମୂଳ ପରିବର୍ତ୍ତନ ଉପରେ ନିର୍ଭର କରେ । ଆମେ ବାଧାବିପତ୍ତିକୁ ନିଜର ଦୁର୍ଭାଗ୍ୟ ବୋଲି ମନେ କରୁ । ଆଜିର ଏହି ମହାମାରୀ ସାରା ପୃଥିବୀର ବିପତ୍ତି । ଶ୍ରୀମା କହୁଛନ୍ତି ଯେ ପ୍ରତ୍ୟେକ ବାଧା ଓ ବିପତ୍ତି ଆସିଥାଏ ଆମର ଅଗ୍ରଗତି ପାଇଁ । ଅତଏବ ଏହି

ବିପତ୍ତି ମାଧ୍ୟମରେ ପୃଥିବୀ ଏକ ବିରାଟ ଅଗ୍ରଗତି କରିପାରିବ । ଆଜିର ଏ ମହାମାରୀର ବିପତ୍ତି କେବଳ ବ୍ୟକ୍ତିଗତ ନୁହେଁ, ଏହା ଆସିଛି ସାରା ପୃଥିବୀକୁ ଏକ ସୂତ୍ରରେ ବାନ୍ଧିବା ପାଇଁ, ପୃଥିବୀପୃଷ୍ଠରେ ଶାନ୍ତି ଓ ସମଞ୍ଜସତା ପ୍ରତିଷ୍ଠା କରିବା ପାଇଁ । ଶ୍ରୀମାଶ୍ରୀଅରବିନ୍ଦ ସତତ ଅତିମାନସ ଶକ୍ତିକୁ ନେଇ ଜାଗ୍ରତ୍ ଓ ସର୍ବବ୍ୟାପୀ ଭାବରେ ବିଦ୍ୟମାନ ରହିଛନ୍ତି । ସେମାନେ ସଚେତନ ଭାବେ ଏ କାମ କରୁଛନ୍ତି । ଅତିମାନସର ପ୍ରଥମ କାମ ହେଲା ସତ୍ୟକୁ ବଞ୍ଚାଇ ରଖିବା । ଏହା ପାଖରେ ଅସମ୍ଭବ ବୋଲି କିଛି ନାହିଁ । ଆମେ ଯଦି ଏହି ଅତିମାନସ ଶକ୍ତି ପ୍ରତି ନିଜକୁ ଖୋଲି ଧରୁ ଏବଂ ଶ୍ରୀମାଶ୍ରୀଅରବିନ୍ଦଙ୍କ ସାହାଯ୍ୟ ପାଇଁ ତାଙ୍କର ଶରଣ ନେଉ ଏବଂ ନିଜର ମନ-ପ୍ରାଣ-ଶରୀରର ରୂପାନ୍ତର ପାଇଁ ସଂକଳ୍ପ ନେଉ ତେବେ ଏହି ସଙ୍କଟ ଅବସ୍ଥାରୁ ଆମେ ଅବଶ୍ୟ ରକ୍ଷା ପାଇବୁ ।

(କ୍ରମଶଃ) ❑

# କରୋନା

## ଝରଣା ଘୋଷାଲ

ହେ କରୋନା ମହାମାରୀ !
ଭୁବନେ ଭୁବନେ ଆତଙ୍କ ବିଛାଇ
କାହିଁକି ଆସିଛୁ କହ ?
ଦେଖି କି ପାରୁନୁ
ଅସହାୟ ଏଇ ମଣିଷ ଆଖିରୁ
ଲିଭୁନି ଅସରା ଲୁହ ।

ଝଞ୍ଜା ପରାଏ ଅଚାନକେ ଆସି
ବିତରି ଚାଲିଛୁ
ବ୍ୟଥା ବେଦନାର ଅନୁଭୂତି,
ମାଟିରୁ ଆକାଶ ନିର୍ବାକ୍, ନିଷ୍ପନ୍ଦ
ନିର୍ମମ ଭାବେ
ପୋଛିଦେଲୁ ଯେତେ ସୁଧାସ୍ମୃତି ।

ପାଷାଣ ପରାଏ ମନ ମରୁଭୂମି
ଲିଭିଛି ତାହାର ବର୍ଣ୍ଣବିଭା,
ଅନାବିଳ ଶତ ଶୂନ୍ୟ ହୃଦୟେ
ତୋହରି ଲୀଳାର ନବଶୋଭା ।

ଇଙ୍ଗିତ ଦିଏ ସ୍ତବ୍ଧ ବୁକୁରେ
ସଙ୍ଗୀନ ସମୟ
ଆସିଛି ଆଜି,
ଜୀବନ କୁଞ୍ଜେ ସୁଖ ଆହ୍ଲାଦ
ନିମିଷକେ କାହିଁ
ଗଲା ତ ହଜି ।

ଆଶା ପାରାବାରେ ଗୁଞ୍ଜରି ଉଠେ
ଫେନପୁଞ୍ଜ ଯାହା
ଦୁନ୍ଦୁଭି ହତାଶାର,
ଶୂନ୍ୟ ସାଗର ତଟ ଦେଶେ ଆଜି
ଅଞ୍ଜଳି ଭରି ବାଲୁକା
ସାଉଁଟେ ବେଦନାର ।

ନିବିଡ଼ ଛନ୍ଦେ ସ୍ନେହ, ପ୍ରୀତି ଝରା
ସଂକ୍ଷିପ୍ତ ସୀମିତ ଜୀବନଟି,
ପୋଛି ଦେଲା ତୋର କଠୋର ହସ୍ତ
ରଖିଲାନି ତିଳେ ଶେଷସ୍ମୃତି ।

କିଏ ଗୋ ତୁମେ ! କେଉଁ ଅପରାଧେ
ବିତରି ଚାଲିଛ
କରୋନା ଦାଉ ?
ଅବତରି ଆସ ଅଭୟ ଦାୟିନି !
ପାବନୀ ଗଙ୍ଗା
କରୋନାର ଶଙ୍କା ନ ରହୁ ଆଉ । ❑

# ରାଜାଙ୍କ ଉତ୍ତରାଧିକାରୀ ନିର୍ବାଚନ

## ଦୌଲତ ପାଣ୍ଡେ

ବହୁକାଳ ପୂର୍ବେ ବିନ୍ଧ୍ୟ ପର୍ବତମାଳାର ଉତ୍ତରରେ ଥିବା ଏକ ରାଜ୍ୟରେ ଜଣେ ବିଜ୍ଞ ରାଜା ରାଜୁତି କରୁଥିଲେ । ତାଙ୍କର ଥିଲେ ପାଞ୍ଚ ପୁଅ । ବୟସ ବଢ଼ିବାରୁ ରାଜା ପୁଅମାନଙ୍କ ଭିତରୁ ଜଣକୁ ରାଜ୍ୟ ଶାସନର ଦାୟିତ୍ୱ ଦେଇ ଜୀବନର ଅବଶିଷ୍ଟ ସମୟ ଘନ ଜଙ୍ଗଲରେ ଧ୍ୟାନ ଓ ପ୍ରାର୍ଥନାରେ ବାନପ୍ରସ୍ଥ ଜୀବନଯାପନ ପାଇଁ ମନେ ମନେ ସ୍ଥିର କଲେ । ସାଧାରଣତଃ ରାଜାମାନଙ୍କ ପରେ ବଡ଼ ପୁଅ ରାଜା ହେବାର ପରମ୍ପରା ପ୍ରଚଳିତ ଥିଲା । ମାତ୍ର ବୁଦ୍ଧିମାନ୍ ରାଜା ପ୍ରଜାମାନଙ୍କ ହିତ ପାଇଁ ଅତ୍ୟନ୍ତ ଚିନ୍ତିତ ଥିବାରୁ ବଡ଼ ପୁଅ ଉପରେ ଶାସନ ଭାର ନ ଦେଇ ସର୍ବାଧିକ ଯୋଗ୍ୟ ପୁଅ ଉପରେ ଦାୟିତ୍ୱ ଅର୍ପଣ କରିବା ପାଇଁ ସିଦ୍ଧାନ୍ତ କଲେ । ନିରପେକ୍ଷ ରାଜା ରାଜ୍ୟକୁ ପାଞ୍ଚ ଭାଇଙ୍କ ମଧ୍ୟରେ ସମାନ ଭାବରେ ବାଣ୍ଟି ଦେଇ ପାରିଥା'ନ୍ତେ । ସେପରି କଲେ ପରବର୍ତ୍ତୀ କାଳରେ ପୁଅମାନଙ୍କ ଭିତରେ କଳହ ଓ ଯୁଦ୍ଧ ହେବାର ଆଶଙ୍କା କରି ତାହା ମଧ୍ୟ କଲେ ନାହିଁ ।

ପୁଅମାନଙ୍କୁ ପାଖକୁ ଡାକି ରାଜା ଜଣାଇ ଦେଲେ, ''ବୟସ ଅଧିକ ହେବାରୁ ରାଜ୍ୟ ଶାସନ ପାଇଁ ମୁଁ କ୍ରମେ ନିଜକୁ ଦୁର୍ବଳ ଓ ଅସମର୍ଥ ବୋଧ କରୁଛି । ମୁଁ ସ୍ଥିର କରିଛି, ତୁମମାନଙ୍କ ଭିତରୁ ଯିଏ ସର୍ବାଧିକ ଯୋଗ୍ୟ ଓ ସମର୍ଥ, ତାହାରି ମୁଣ୍ଡରେ ମୋର ଏହି ରାଜମୁକୁଟ ପିନ୍ଧାଇ ଦେଇ ମୁଁ ସନ୍ନ୍ୟାସ ଗ୍ରହଣ କରିବି । ଉତ୍ତମ ରାଜା ଭାବେ ନିଜକୁ ଗଢ଼ି ତୋଳିବା ପାଇଁ ତୁମେମାନେ ଯାହା ଯାହା ଦରକାର ବୋଲି ଉଚିତ ମନେ କରୁଛ, ସେପରି ଭାବେ ନିଜକୁ ପ୍ରସ୍ତୁତ କରିବା ପାଇଁ ରାଜପ୍ରାସାଦ ଛାଡ଼ି ଦୁନିଆର ବିଭିନ୍ନ କ୍ଷେତ୍ରକୁ ଜ୍ଞାନ ଆହରଣ ପାଇଁ ଚାଲିଯାଅ । ଆସନ୍ତା ବାସନ୍ତିକ ତିଥିରେ ତୁମେମାନେ ଫେରି ଆସି ମୋତେ ସାକ୍ଷାତ୍ କରିବ । ସେହି ଦିନ ମୁଁ ମୋର ବିଶ୍ୱସ୍ତ ପାରିଷଦ ଏବଂ ବିଜ୍ଞ ବ୍ୟକ୍ତିମାନଙ୍କ ପରାମର୍ଶରେ ତୁମମାନଙ୍କ ଯୋଗ୍ୟତା ପରୀକ୍ଷା କରିବି ।''

ପାଞ୍ଚଜଣ ଯାକ ଯୁବରାଜଙ୍କ ଉପରେ ରାଜାଙ୍କର ଅଗାଧ ବିଶ୍ୱାସ ଥିଲା । ତାଙ୍କ ଆଦେଶରେ ରାଜମୁକୁଟ ପାଇଁ ନିଜକୁ ଯୋଗ୍ୟ କରିବା ପାଇଁ ଯୁବରାଜମାନେ ସେହି ଦିନ ହିଁ ପ୍ରାସାଦ ଛାଡ଼ି ବାହାରି ଗଲେ । ଉଆସରେ କେବଳ ରାଜା ଓ ରାଣୀ ସେମାନଙ୍କ ଫେରିବା ଅପେକ୍ଷାରେ ରହିଲେ । ମାର୍ଚ୍ଚ ୨୧ ବସନ୍ତ-କାଳୀନ ତିଥି ପାଖେଇ ଆସିଲା । ରାଜପ୍ରାସାଦ ନିକଟରେ ରାଜା ଏକ ସ୍ୱତନ୍ତ୍ର ଉତ୍ସବ ମଣ୍ଡପ ନିର୍ମାଣ କରାଇଲେ । ଯୁବରାଜମାନଙ୍କର ଶକ୍ତି ସାମର୍ଥ୍ୟ ପରୀକ୍ଷା କରି ଉପଯୁକ୍ତ ଉତ୍ତରାଧିକାରୀ ନିର୍ବାଚନ ପାଇଁ ବିଜ୍ଞ ପଣ୍ଡିତ ଓ ରାଜସଭାର ପାରିଷଦମାନଙ୍କୁ ନିମନ୍ତ୍ରଣ କଲେ । ରାଜମୁକୁଟ ପିନ୍ଧିବା ପାଇଁ ନିଜକୁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ମାସ ମାସ ଧରି କଠିନ ସାଧନା କରି ଫେରି ଆସିଥିବା ଯୁବରାଜମାନଙ୍କ ଚେହେରାରେ ପ୍ରସନ୍ନତା ସ୍ପଷ୍ଟ ବାରି ହେଉଥିଲା । ପରୀକ୍ଷାରେ ଜୟଯୁକ୍ତ ହୋଇ ରାଜମୁକୁଟ ପିନ୍ଧିବା ପାଇଁ ପ୍ରତ୍ୟେକଙ୍କ ମୁଖମଣ୍ଡଳରେ ଗଭୀର ଆତ୍ମବିଶ୍ୱାସ ପରିଲକ୍ଷିତ ହେଉଥିଲା ।

ସମାବେଶ ପାଇଁ ସମସ୍ତ ବିଧିବ୍ୟବସ୍ଥା ପ୍ରସ୍ତୁତ ହୋଇସାରିବା ପରେ କୁଳଗୁରୁଙ୍କ ବେଦମନ୍ତ୍ର ଉଚ୍ଚାରଣ ସହିତ ଉତ୍ସବ ଉଦ୍‌ଘାଟିତ ହେଲା । ଶୁଭଶଙ୍ଖ ଓ ଘଣ୍ଟଘଣ୍ଟା ଧ୍ୱନିରେ ସଭାମଣ୍ଡପ ମୁଖରିତ ହେଲା । ପ୍ରଥମେ ଜ୍ୟେଷ୍ଠ ଯୁବରାଜ ସଭାରେ ଉପସ୍ଥିତ ହୋଇ ରାଜାଙ୍କୁ ପ୍ରଣିପାତ କରି ଜଣାଇଲେ, ''ମହାରାଜ ! ମୋ ମତରେ ଆପଣଙ୍କ ପରେ ଯିଏ ଏହି ରାଜ ସିଂହାସନର ଉତ୍ତରାଧିକାରୀ ହେବ, ସେ ପ୍ରଥମେ ଜଣେ ବଳବାନ୍ ବ୍ୟକ୍ତି ହେବା ଆବଶ୍ୟକ । ସେଥିପାଇଁ ହଠଯୋଗରେ ବର୍ଣ୍ଣିତ ସମସ୍ତ ପ୍ରକାର ଆସନ ଓ ବ୍ୟାୟାମ ମୁଁ ଆୟତ୍ତ କରିଛି । ତା'ଛଡ଼ା ପ୍ରାଣାୟାମ ସାହାଯ୍ୟରେ ପ୍ରାଣବାୟୁକୁ ନିୟନ୍ତ୍ରଣ କରି ମୁଁ ମୋର ଶରୀରକୁ ଶୁଦ୍ଧ ଓ ଶକ୍ତିଶାଳୀ କରି ପାରିଛି ।'' ତା'ପରେ ଶାରୀରିକ ଶକ୍ତି ଓ ଦୃଢ଼ତାର ପ୍ରମାଣ ସ୍ୱରୂପ ବିଭିନ୍ନ କଳା କୌଶଳ ପ୍ରଦର୍ଶନ କରି ସେ ସମବେତ ଜନତାର ପ୍ରଶଂସାଭାଜନ ହେଲେ ।

ତା'ପରେ ଆସିଲା ଦ୍ୱିତୀୟ ରାଜପୁତ୍ରଙ୍କ ପାଳି । ସେ ସମ୍ଭ୍ରମ ସହକାରେ ରାଜାଙ୍କୁ ଜଣାଇଲେ, ''ହେ ମହାରାଜା ! ଆପଣଙ୍କ ପୁତ୍ର ତଥା ରାଜ୍ୟର ଜଣେ ପ୍ରଜା ଭାବେ ମୋର ଦୃଢ଼ ବିଶ୍ୱାସ, ରାଜ୍ୟ ଶାସନ ପାଇଁ ସର୍ବାଧିକ ଯୋଗ୍ୟ ବ୍ୟକ୍ତି ଧନୁଶର ଚାଳନାରେ ଧୁରନ୍ଧର ହେବା ଆବଶ୍ୟକ ।'' ତା'ପରେ ସେ ଉଭୟ ପଦାତିକ ଏବଂ ଅଶ୍ୱାରୋହୀ ଭାବେ କିଭଳି ଦକ୍ଷତାର

ସହିତ ତୀର ଚାଳନା କରି ଉଭୟ ସମ୍ମୁଖ ଏବଂ ପଶ୍ଚାତ୍ ଦିଗରୁ ଶତ୍ରୁକୁ ପରାସ୍ତ କରି ହେବ, ତାହାର ନମୁନା ପ୍ରଦର୍ଶନ କଲେ । ତାଙ୍କୁ ମଧ୍ୟ ଦର୍ଶକମାନେ ଭୂରି ଭୂରି ପ୍ରଶଂସା କଲେ ।

ତା'ପରେ ଡକାହେଲା ତୃତୀୟ ଯୁବରାଜଙ୍କୁ । ସଭାରେ ଉପସ୍ଥିତ ହୋଇ ସେ ମଧ୍ୟ ମହାରାଜା ଓ ମହାରାଣୀଙ୍କୁ ପ୍ରଣାମ କରି ଘୋଷଣା କଲେ, ''ମୋ ମତରେ ଯେଉଁ ବ୍ୟକ୍ତି ଅସି ଚାଳନାରେ ଅତ୍ୟନ୍ତ ଦକ୍ଷ ସେ ହିଁ ରାଜ ସିଂହାସନ ପାଇଁ ସର୍ବାଧିକ ଯୋଗ୍ୟ ବ୍ୟକ୍ତି । କାରଣ ଯୁଦ୍ଧ କ୍ଷେତ୍ରରେ ଶତ୍ରୁ ବିପକ୍ଷରେ ନିଜ ସେନାବାହିନୀକୁ ଉପଯୁକ୍ତ ନେତୃତ୍ୱ ଦେଇ ଜୟଯୁକ୍ତ କରାଇବା କେବଳ ଖଡ୍ଗ ଚାଳନା ଦ୍ୱାରା ସମ୍ଭବ ।'' ତା'ପରେ ଯୁବରାଜ ଅସି ଚାଳନା କରି ସଭାସ୍ଥଳକୁ ଝଲସାଇ ଦେଲେ । ରଥରେ ବସି ହେଉ ଅଥବା ପାଦରେ ଚାଲି ହେଉ କିଭଳି ଦକ୍ଷତାର ସହିତ ଅସି ଚାଳନା କରାଯାଏ ତାହାର ନମୁନା ପ୍ରଦର୍ଶନ କରି ପ୍ରମାଣ କରି ଦେଲେ ଯେ ଶତ୍ରୁମାନଙ୍କୁ ସେ ଘାସ ପରି ଟିକି ଟିକି କରି କାଟି ଦେଇ ପାରିବେ । ଅସି ଚାଳନାରେ ଦର୍ଶକମାନେ ଏଭଳି ଚମତ୍କୃତ ହୋଇ ଗଲେ ଯେ ଅନ୍ୟ ଦୁଇ ଯୁବରାଜଙ୍କ ପରୀକ୍ଷା ବାକି ନ ଥିଲେ ସେମାନେ ହୁଏତ ତାଙ୍କୁ ସର୍ବାଧିକ ଯୋଗ୍ୟ ବ୍ୟକ୍ତି ଭାବେ ଘୋଷଣା କରିଥା'ନ୍ତେ ।

ତା'ପରେ ଆସିଲେ ଚତୁର୍ଥ ପୁତ୍ର । ମହାରାଜା ଓ ପାରିଷଦମାନଙ୍କୁ ସମ୍ମାନ ଜଣାଇ ସେ କହିଲେ, ''ମୁଁ ଜଣେ ଶାନ୍ତିପ୍ରିୟ ବ୍ୟକ୍ତି । କଳି, ଝଗଡ଼ା ଓ ଯୁଦ୍ଧ ଆଦିରୁ ରାଜ୍ୟବାସୀଙ୍କ ମୁହଁ ଫେରାଇ ଆଣି ଶାନ୍ତି, ସଂହତି ପ୍ରତିଷ୍ଠା ଦ୍ୱାରା ରାଜ୍ୟକୁ ପ୍ରଗତି ପଥରେ ଆଗେଇ ନେବାକୁ ମୁଁ ଉଦ୍ୟମ କରିବି । ସେଥିପାଇଁ ରାଜ୍ୟରେ କାରୁକଳା, ବିଜ୍ଞାନ, ସାହିତ୍ୟ ଓ ସଂସ୍କୃତିର ବିକାଶ ଆବଶ୍ୟକ । ମୁଁ ଇତି ମଧ୍ୟରେ ବହୁ କଳା କୌଶଳ ଓ କାରିଗରୀ ବିଦ୍ୟା ହାସଲ କରିଛି । ସେହିସବୁ ଅଭିଜ୍ଞତା ଆଧାରରେ ମୁଁ ଲୋକଙ୍କ ମନୋଭାବରେ ପରିବର୍ତ୍ତନ ଆଣି ପାରିବି ।'' ତା'ପରେ ସେ ରଙ୍ଗ ଓ ତୂଳି ସାହାଯ୍ୟରେ କେତେକ ଚିତ୍ର ଆଙ୍କି ଦେଖାଇଲେ ଏବଂ ନିଜେ ରଚନା କରିଥିବା କେତେକ ସୁନ୍ଦର କବିତା ଆବୃତ୍ତି କରି ସମସ୍ତଙ୍କୁ ମୁଗ୍ଧ କଲେ ।

ତା'ପରେ ଆସିଲେ ପଞ୍ଚମ ତଥା ସର୍ବକନିଷ୍ଠ ଯୁବରାଜ । ସେ ଅତି ବିନୀତ ଭାବେ ଘୋଷଣା କଲେ, ''ମୁଁ ସବୁ ବିଷୟରେ ଯୋଗ୍ୟତା ହାସଲ କରିଛି ବୋଲି ବିଚାରୁ ନାହିଁ । ତଥାପି ଏଇ କେତେ ମାସ ଭିତରେ ମୁଁ ଯେଉଁ ଶିକ୍ଷା ଓ ଅଭିଜ୍ଞତା ଅର୍ଜନ କରିଛି ସେ ସମ୍ପର୍କରେ ଆପଣମାନଙ୍କୁ ଜଣାଇବା ମୋର ପବିତ୍ର କର୍ତ୍ତବ୍ୟ । ମୋ ମତରେ ଜଣେ ରାଜାଙ୍କର କେବଳ ଶାରୀରିକ ଶକ୍ତି ଏବଂ ମାନସିକ ଦୃଢ଼ତା ଥିଲେ ମଧ୍ୟ ଚଳିବ ନାହିଁ । ସେହିପରି ନିର୍ଭୀକଭାବେ ଯୁଦ୍ଧ କ୍ଷେତ୍ରରେ ଅସ୍ତ୍ରଶସ୍ତ୍ର ଚାଳନା କରି ପାରିବା ମଧ୍ୟ ରାଜ୍ୟ ଶାସନ ପାଇଁ ଯଥେଷ୍ଟ ହେବ ନାହିଁ । ମୋର ଉଦାରଚେତା ଭାଇ ଏବେ ଯାହା କହିଗଲେ, ସେହିପରି ଭାବେ ଶାନ୍ତି ସମୟରେ ରାଜ୍ୟରେ ଶିଳ୍ପକଳା ଓ କାରିଗରୀ କୌଶଳର ଉନ୍ନତି ଘଟାଇ ପାରିଲେ ପ୍ରଜାମାନେ ସୁଖ ଶାନ୍ତିରେ ଜୀବନ ବିତାଇବେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବୁଦ୍ଧି ବିବେକ ପ୍ରୟୋଗ କରି ଉତ୍ତମ ଶାସନ ପ୍ରତିଷ୍ଠା ଦ୍ୱାରା ପ୍ରଜାମାନଙ୍କୁ ପ୍ରେମର ବନ୍ଧନରେ ବାନ୍ଧିବା ରାଜାଙ୍କର ପରମ କର୍ତ୍ତବ୍ୟ । ନ୍ୟାୟସମ୍ମତ ଆଇନ ପ୍ରଣୟନ କରି, ନିଜ ଅପେକ୍ଷା ଅଧିକ ଅଭିଜ୍ଞତାସମ୍ପନ୍ନ ବିଜ୍ଞ ବ୍ୟକ୍ତିଙ୍କ ପରାମର୍ଶ ଅନୁସାରେ ରାଜ୍ୟ ଶାସନ କରି ପାରିଲେ ପ୍ରଜାମାନେ ରାଜାଙ୍କୁ ପିତୃତୁଲ୍ୟ ଶ୍ରଦ୍ଧା ଓ ସମ୍ମାନ କରିବେ । ଧନୀ ଓ ଦରିଦ୍ର, ଜ୍ଞାନୀ ଓ ମୂର୍ଖ, ରାଜ୍ୟର ସମସ୍ତ ପ୍ରଜାଙ୍କୁ ନିଜ ପରିବାରର ସଦସ୍ୟ ଭାବେ ବିବେଚନା କରି ସମସ୍ତଙ୍କୁ ସମାନ ଚକ୍ଷୁରେ ଦେଖିବା ଉଚିତ । ସମସ୍ତଙ୍କୁ ନିରାପତ୍ତା ଏବଂ ଉତ୍ତମ ଶାସନ ଯୋଗାଇ ଦେବା ରାଜାର କର୍ତ୍ତବ୍ୟ । ଏହିସବୁ ବିଷୟରେ ମୁଁ କିଛି ଜ୍ଞାନ ଅର୍ଜନ କରିଛି । ମାତ୍ର ଯାହାସବୁ ଜାଣିବା କଥା ମୁଁ ସବୁକିଛି ଜାଣିଛି ବୋଲି କଦାପି କହି ପାରିବି ନାହିଁ । କୌଣସି ବ୍ୟକ୍ତି ଦୃଢ଼ଭାବେ କହିପାରିବ ନାହିଁ ଯେ ତା'ର ଆଉ କିଛି ଜାଣିବାର ନାହିଁ । ମୁଁ ଯେତେ ଯେତେ ଆଗକୁ ବଢୁଥିବି, ଅଧିକ ଜ୍ଞାନ ଅର୍ଜନ ପାଇଁ ସେତେ ବେଶୀ ଆଗ୍ରହୀ ହେଉଥିବି ।''

ସବା ସାନ ଯୁବରାଜଙ୍କ କଥା ଶୁଣି ସମବେତ ଜନତା ତାଙ୍କୁ ଧନ୍ୟ ଧନ୍ୟ କହିଲେ । ସେମାନେ ଏକ ସ୍ୱରରେ ଘୋଷଣା କଲେ ଯେ କେବଳ ସେ ହିଁ ରାଜମୁକୁଟ ପିନ୍ଧିବା ପାଇଁ ସର୍ବାଧିକ ଉପଯୁକ୍ତ ବ୍ୟକ୍ତି । ମହାରାଜା ସଙ୍ଗେ ସଙ୍ଗେ ତାଙ୍କର ସିଂହାସନ ଆରୋହଣ ପାଇଁ ଆଦେଶ ଦେଲେ । ତାଙ୍କୁ ପିନ୍ଧାଇବା ପାଇଁ ଯେତେବେଳେ ରାଜମୁକୁଟ ତାଙ୍କ ପାଖକୁ ଅଣାଗଲା, ସେ ତାହା ନିଜ ମସ୍ତକରେ ଧାରଣ ନ କରି ନିଜ ବାପାଙ୍କ ସିଂହାସନରେ ସ୍ଥାପନ କଲେ । ଅନ୍ୟ ଚାରିଭାଇଙ୍କୁ ଡାକି ପରସ୍ପର ହାତ ଧରି ସିଂହାସନ ଚାରି ପାଖରେ ଏକ ବୃତ୍ତ ସୃଷ୍ଟି କରି ଠିଆ ହେଲେ । ତା'ପରେ ସେ ଘୋଷଣା କଲେ, ''ଆମ୍ଭେମାନେ ଏହିପରି ଭାବେ ଆମ୍ଭମାନଙ୍କର ସମସ୍ତ ଜ୍ଞାନ ଓ ବୁଦ୍ଧି, ବିବେକ ପ୍ରୟୋଗ

କରି ମିଳିମିଶି ରାଜ୍ୟ ଶାସନ କରିବା, ଯେପରି କି ପ୍ରଜାମାନେ ସୁଖ ଶାନ୍ତିରେ ରହିବେ ।''

ସମବେତ ଜନତା ଭିତରେ ଆନନ୍ଦର ଲହରୀ ଖେଳିଗଲା । ସବୁଠାରୁ ଅଧିକ ଖୁସି ହେଲେ ମହାରାଜା ଓ ମହାରାଣୀ । ସେମାନଙ୍କ ସମସ୍ୟା ନିର୍ବିଘ୍ନରେ ସମାଧାନ ହୋଇ ଯାଇଥିବାରୁ ମୁଣ୍ଡ ନୁଆଁଇ ଯୋଡ଼ ହସ୍ତରେ କରୁଣାମୟ ପରମେଶ୍ୱରଙ୍କୁ ଗଭୀର କୃତଜ୍ଞତା ଜଣାଇଲେ । ତା' ସହିତ ରାଜ୍ୟ ଶାସନରେ ପୁଅମାନଙ୍କ ସଫଳତା କାମନା କରି ସେମାନଙ୍କୁ ଆଶୀର୍ବାଦ କଲେ ।

ଅନୁବାଦ : ସନାତନ ମହାନ୍ତି

❑❑❑

# ନବ ଚେତନାର ପୁଲକ

## ସୁନାମଣି ରାଉତ

କରି ଦିଅ ମୋତେ ଫୁଲଟିଏ ପ୍ରଭୁ
ତୁମ ବଗିଚାରେ ଫୁଟିବି
ପାହାନ୍ତି ଶିଶିରେ ଅବଗାହି ମୁହିଁ
ପାବନ-ପୀଠକୁ ଛୁଟିବି ।

ଜାତି ଜାତି ଫୁଲ ନେଥି ନେଥି ହୋଇ
ମେଳି ହୋଇ ଥିବେ ସରାଗେ
ପୁଣ୍ୟ ଭୂଇଁକୁ ଛୁଇଁ ଧନ୍ୟ ହେବି
ନମ୍ର ପାଖୁଡ଼ା, ପରାଗେ ।

ଶ୍ରଦ୍ଧାଳୁଙ୍କ ମେଳେ ସ୍ନିଗ୍ଧ ପରିବେଶ
ହୋଇବ ନୀରବ, ନିଥର
ଅନ୍ତରେ କିଏ ଗୁଞ୍ଜାରୁ ଥିବ
ଦିବ୍ୟ-ଚେତନା ବିତର !

ମନରେ ମୋହର ନ ରଖିବ ପ୍ରଭୁ
ଗରବ, ଗରିମା, ଭରମ
ସକାଳୁ ଫୁଟି ମୁଁ ସଞ୍ଜେ ଝଡ଼ିବି
ଏଇ ତ ଜୀବନ-ଧରମ ।



ମାଆଙ୍କ ଚରଣେ ଲାଗି ହେବି ମୁହିଁ
ଏଇ ଆଜ୍ଞା ମତେ ହେଉ ହେ
ମୋହରି ସୁବାସ ଭରୁ ହେ ବିଶ୍ୱାସ
ପରାଣ-ପରାସ ନେଉ ହେ !

ଅହଂକାର କିଆଁ ରଖିବି ମନରେ
ସକାଳୁ ସଞ୍ଜ ତ ଜୀବନ
ମାଆଙ୍କ ସେବାରେ ବିତିଯାଉ ଦିନ
ତୁମ ନାମ କରି ସୀବନ ।

ଝଡ଼ି ଗଲେ ମୁହିଁ କଢ଼ିଟିଏ ପୁଣି
ଆଗାମୀ କାଲିକୁ ଫୁଟିବ
ଯୁଗ ଯୁଗ ଯାଏ ନବ ପ୍ରଭାତରେ
ପାବନ ପୀଠକୁ ଛୁଟିବ ।

ସ୍ନିଗ୍ଧ-ସୁବାସେ ମହକାଇ ଦେବ
ଭୂମିରୁ ଭୂମାର ମୁଲକ
ଅନ୍ତର୍ଚେତନାରେ ସଞ୍ଚରି ଯିବ
ନବ ଚେତନାର ପୁଲକ !! ❑

**ଚେତନାର ଦିଗ୍‌ବଳୟ :**

# ପ୍ରକୃତିର ନିଷ୍ଫଳ ଚେତାବନୀ

ଆଜି ପୂର୍ବାହ୍ଣରେ ସାଂପ୍ରତିକ ବିଶ୍ୱବ୍ୟାପ୍ତ ବ୍ୟାଧି-ଘଟିତ ପରିସ୍ଥିତି ସମ୍ପର୍କରେ ଏ ଲେଖକ ସହ ଆଲୋଚନା କଲା ବେଳେ ଜଣେ ଉଦୀୟମାନ ଯୁବକ ଯଥାର୍ଥ ଅଭିବ୍ୟକ୍ତିଟିଏ ଦେଲେ : ପ୍ରକୃତି ସମସ୍ତଙ୍କୁ ଗୃହବନ୍ଦୀ କରି ଏହି ନିର୍ଦ୍ଦେଶ ଦେଉଥିଲା : ''ରୋକି ଯାଅ !''

ମନେ ପଡୁଛି ଅଢ଼େଇ ହଜାରରୁ ଊର୍ଦ୍ଧ୍ୱ ବର୍ଷ ତଳର କଥା । ବାରାଣସୀ ଅଦୂରବର୍ତ୍ତୀ ସାରନାଥଠାରେ ଏକ ମନୋରମ ଉଦ୍ୟାନରେ ଦିନେ କେଇଜଣ ଧନୀକ ଯୁବକ ନର୍ତ୍ତକୀ କେଇଜଣଙ୍କୁ ଧରି ଭୋଜି ଓ ମଉଜ ମଜଲିସ କରିବାକୁ ଆସି ଶିବିର ପକାଇଥା'ନ୍ତି । ଦିବାହାର ଓ ପାନୀୟ ସେବନ ଅନ୍ତେ ଯୁବକମାନେ ନିଦରେ ଶୋଇ ପଡ଼ିଥିବା ଅବସରରେ ନର୍ତ୍ତକୀବୃନ୍ଦ ସେମାନଙ୍କ ବିତ୍ତତକ ଧରି ପଳାୟନ କଲେ ।

ସୂର୍ଯ୍ୟାସ୍ତ ବେଳକୁ ନିଦରୁ ଉଠି ବିଳାସୀ ଯୁବକମାନେ ପରିସ୍ଥିତି ବୁଝି ପଳାତକାମାନଙ୍କୁ ଠାବ କରିବା ନିମନ୍ତେ ଦୌଡ଼ିଲେ । ''ରୋକ !'' କହି ହଠାତ୍ ସେମାନଙ୍କ ପଥରୋଧ କଲେ ଏଭଳି ଜଣେ ବ୍ୟକ୍ତି ଯାହାଙ୍କୁ ଅନାଇ ସେ ବିସ୍ମିତ ଯୁବକମାନେ ଆପଣା ଗତିରୋଧ କରିବାକୁ ବାଧ୍ୟ ହେଲେ । ସେ ଜଣକ ବୁଦ୍ଧଦେବ ।

''କ'ଣ ପାଇଁ ଏ ଅତର୍ଚ୍ଛା ଦୌଡ଼ ?'' ବୁଦ୍ଧ ପ୍ରଶ୍ନ କଲେ ।

''ଆମ ଐଶ୍ୱର୍ଯ୍ୟ ହରଣ କରି ପଳାଇ ଯାଇଛନ୍ତି କେତେ ଜଣ ଦସ୍ୟୁ ନାରୀ,'' ଉତ୍ତର ଦେଲେ ସେ ଧାବକମାନେ ।

''କିଏ ତୁମକୁ ସେ ଧାରଣା ଦେଲା ?'' ପ୍ରଶ୍ନ କଲେ ବୁଦ୍ଧ ।

''ଆମେ ଦେଖୁଛୁଁ ତାହା ଅପହୃତ !''

''ମୁଁ ଦେଖୁଛି ତାହା ଯଥାସ୍ଥାନରେ ଅବସ୍ଥିତ; ଅନାବିଷ୍କୃତ ମାତ୍ର,'' କହି ବୁଦ୍ଧ ଯୁବକମାନଙ୍କୁ ଏକାନ୍ତକୁ ନେଇ ଗଲେ ଏବଂ ପ୍ରକୃତ ଐଶ୍ୱର୍ଯ୍ୟ ଯେ ସେମାନଙ୍କ ଚେତନା ଗହନରେ ରହିଛି ଏବଂ ତାହା କେହି ହରଣ କରି ପାରେନା, ଏହା ହୃଦୟଙ୍ଗମ କରାଇ ଦେଲେ । ଯୁବକମାନଙ୍କ ସକାଶେ ଜୀବନର ମୂଲ୍ୟବୋଧ ସମ୍ପୂର୍ଣ୍ଣ ବଦଳି ଗଲା ।

ଯୁଗେ ଯୁଗେ ବ୍ୟକ୍ତିଗତ ପର୍ଯ୍ୟାୟରେ ଏହା ସମ୍ଭବପର ହୋଇଛି । ସୁଖର ସଂଧାନରେ ଭ୍ରାନ୍ତ ମାର୍ଗରେ ଦୌଡ଼ ଦେଉଥିବା କୌଣସି କୌଣସି ମଣିଷକୁ ଚମକାଇ ଦେଇଛି କେହି କେହି ମହାନ୍ ବ୍ୟକ୍ତିଙ୍କ ଚେତାବନୀ; ଚେତାଇ ଦେଇଛି ଯେ ଆମେ ଯାହାର ଅନ୍ୱେଷଣ କରୁଛୁଁ, ଆମ ବାହାରେ ରହିଛି ତାହାର ମରୀଚିକା ପ୍ରାୟ ପ୍ରତିଫଳନ ମାତ୍ର, ପ୍ରକୃତରେ ତାହା ରହିଛି ଆମ ନିଜ ଅଭ୍ୟନ୍ତରରେ । ଏ ସତ୍ୟ କେବଳ ବହୁ ମହାନ୍ ଶିକ୍ଷକଙ୍କ ଦ୍ୱାରା ପୁନରାବୃତ୍ତ ହୋଇ ନାହିଁ, ହଜାର ହଜାର ବର୍ଷ ଭିତରେ ଆମର ବିପୁଳ ବିକଶିତ ସଭ୍ୟତା, ଆମର ସାମୂହିକ ଅଭିଜ୍ଞତା, ଏହା ଆମକୁ ହୃଦୟଙ୍ଗମ କରାଇ ଦେବା ଥିଲା ସ୍ୱାଭାବିକ । ଅନେକେ ନିଶ୍ଚୟ ପ୍ରଭାବିତ ହୋଇଛନ୍ତି ଏବଂ ତଦନୁସାରେ ନିଜ ନିଜ ଭାବନା ନିୟନ୍ତ୍ରଣ କରିଛନ୍ତି । କିନ୍ତୁ ବୃହତ୍ତର ସମାଜ ଅପରିବର୍ତ୍ତିତ ରହିଛି ।

ଆଜିର କରୋନା-ଜନିତ ସଂକଟ ସେହି ଅପରିବର୍ତ୍ତିତ ଅବସ୍ଥା ଉପରେ ଏକ ପ୍ରଚଣ୍ଡ, ନାହିଁ ନଥିବା ଧକ୍କା । ପ୍ରତିଯୋଗିତା, ମେଳି, ଶୋଭାଯାତ୍ରା, ହୁହୁଙ୍କାର ଇତ୍ୟାଦିରୁ ନିବୃତ୍ତ ରହି, ସାମୂହିକ ପ୍ରଭାବରୁ ବିଚ୍ଛିନ୍ନ ହୋଇ, ଯଥାସମ୍ଭବ ଏକାକୀ ଆମେ ସମଗ୍ର ଜନସାଧାରଣ ଚିନ୍ତା କରିବା ଆବଶ୍ୟକ ଥିଲା; ପ୍ରଗତି ଆଖ୍ୟା ଦେଉଥିବା ଆମର ଏ ବିପୁଳ ବୈଜ୍ଞାନିକ ଓ ବୈଷୟିକ ବିକାଶ, ଅଚିରେ ଗ୍ରହାନ୍ତରରେ ଉପନିବେଶ ସ୍ଥାପନ କରିବାର ସଗର୍ବ ଉଚ୍ଚାଭିଳାଷ – ଏ ସମସ୍ତ କୃତିତ୍ୱର ଅର୍ଥ କ'ଣ ଯଦି ଅଚାନକେ ଆମକୁ ବିମୂଢ଼ ବନାଇ ଦେଇପାରେ ଗୋଟାଏ ଅଜଣା ଅଦୃଶ୍ୟ ଶତ୍ରୁ – ଯାହାର ମୁକାବିଲା କରିବାର ଶକ୍ତି ଆମର ନାହିଁ ? ଅଧିକରୁ ଅଧିକ ଲୌକିକ ସ୍ୱାଚ୍ଛନ୍ଦ୍ୟ – ଯାହାର ମାଧ୍ୟମ ବିତ୍ତ ଓ କ୍ଷମତା – ଜନ୍ମ ଜନ୍ମାନ୍ତର ଧରି ଆମ ଜୀବନର ଉଦ୍ଦେଶ୍ୟ ସେହିଥିରେ ସୀମିତ ରହିଥିବ ? ଯେହେତୁ ଆମେ ଆଜି ଶାରୀରିକ ଭାବରେ ଆପଣା ନିଳୟରେ ରୋକି ଯିବାକୁ ବାଧ୍ୟ, ସ୍ୱତଃସ୍ଫୂର୍ତ୍ତ ଭାବରେ ଆମେ ଆମ ଗତାନୁଗତିକ ଚିନ୍ତାଧାରାରେ କିଞ୍ଚିତ୍ ରୋକିଯାଇ ଆମ ଆଭିମୁଖ୍ୟର ପୁନଃ ମୂଲ୍ୟାୟନ କରିବା ଉଚିତ ହେବ ନାହିଁ କି ?

କିନ୍ତୁ ଏ 'ରୋକ' ଚେତାବନୀର ତାତ୍ପର୍ଯ୍ୟ ଆମେ ସାମୂହିକ ସ୍ତରରେ ହୃଦୟଙ୍ଗମ କରି ନାହୁଁ; ବ୍ୟକ୍ତିଗତ ସ୍ତର

କଥା ଅଲଗା । ନିଶ୍ଚୟ ବହୁ ଚିନ୍ତାଶୀଳ ବ୍ୟକ୍ତି ଏହାର ଗୁରୁତ୍ୱ ଅନୁଭବ କରି ଥିବେ । କିନ୍ତୁ ପ୍ରକୃତିର ଏ ଭୟାବହ ବାର୍ତ୍ତା ସମଗ୍ର ମାନବସମାଜ ସକାଶେ ହିଁ ଅଭିପ୍ରେତ । ଭାରତବର୍ଷ ପରିପ୍ରେକ୍ଷୀରେ ଦୈନିକ ଉପାର୍ଜନ ଉପରେ ପ୍ରାଣ ଧାରଣ କରୁଥିବା ଜନତାର ଚେତନା ଉପରେ ଆମେ ଦୋଷାରୋପ କରି ପାରିବା ନାହିଁ; ଆଜିର ବାସ୍ତବ ପରିସ୍ଥିତିରେ ବିଶାଳ ମଧ୍ୟବିତ୍ତ (ନିମ୍ନ, ମଧ୍ୟ, ଉଚ୍ଚ ସମେତ) ଶ୍ରେଣୀ ହିଁ ସମାଜର ମାନଦଣ୍ଡ । ସେମାନଙ୍କ ଚେତନା ହିଁ ସଭ୍ୟତା ଓ ସଂସ୍କୃତିର ନିରୂପକ । ଦୁର୍ଭାଗ୍ୟର କଥା, ଏହି ସଚେତ, ଶିକ୍ଷିତ ଓ ଶାସନ ବ୍ୟବସ୍ଥାକୁ ପ୍ରଭାବିତ କରିବାକୁ ସକ୍ଷମ ଜନତା ଏ ଦୁର୍ଯୋଗକୁ କେବଳ ମାତ୍ର ସାମୟିକ ଅସୁବିଧା ଭାବରେ ହିଁ ଗ୍ରହଣ କଲେ । ବହୁ ଦୃଷ୍ଟାନ୍ତ ଭିତରୁ ଗୋଟିଏ :

କୌଣସି ଏକ ରାଜ୍ୟରେ ମଦ ଦୋକାନମାନ ବନ୍ଦ କରି ଦିଆଗଲା । ଜଣେ ଆଶାବାଦୀ ସମାଜ-ହିତୈଷୀ ପ୍ରବୀଣ କର୍ମୀ ହୃଷ୍ଟ ଚିତ୍ତରେ ମନ୍ତବ୍ୟ ଦେଲେ ଏହି ମର୍ମରେ : ଆଜୀବନ ଚେଷ୍ଟା କରି ଆମେ ଯାହା କରିପାରି ନଥିଲୁଁ, ପ୍ରକୃତି ତାହା କରାଇ ଦେଲା । ମଦରୁ ସରକାରଙ୍କର ଆପାତ ଦୃଷ୍ଟିରେ ଯେତେ ଲାଭ ହେଉନା କାହିଁକି, ଶେଷ ହିସାବରେ କ୍ଷତି ବହୁତ ବୋଲି ଶହ ଶହ ସମୀକ୍ଷା ଓ ତଥ୍ୟ ପ୍ରମାଣ କରିଛି : ମଦିରାଜନିତ ରୋଗର ଚିକିତ୍ସା, ଅଳ୍ପାୟୁଷତା ଓ କର୍ମଶକ୍ତିର କ୍ଷୟ, ମଦ୍ୟଜନିତ ହିଂସାଚାର, ପରିବାରରେ ବିଭ୍ରାଟ ଓ ସନ୍ତାନମାନଙ୍କର ଆବାଲ୍ୟ ମାନସିକ କ୍ଷତି, ନିଶାଜନିତ ରାସ୍ତା ଦୁର୍ଘଟଣାରେ ମୃତାହତ ସଂଖ୍ୟା, ନିଶାଜନିତ ବ୍ୟଭିଚାର ଓ ମାଲି ମକଦମା, ସାମାଜିକ ଅଶାନ୍ତି, ପୁଲିସ ଓ ବିଚାର-ବିଭାଗୀୟ ଶକ୍ତି ଓ ସମୟର ଅପଚୟ ଇତ୍ୟାଦି ପ୍ରତ୍ୟକ୍ଷ ତଥା ପରୋକ୍ଷ ରୀତିରେ ରାଷ୍ଟ୍ରର ଅସୁମାରି କ୍ଷତି ତୁଳନାରେ ଆଶୁ ଲାଭ କେବଳ ମାତ୍ର ଅନର୍ଥକ ନୁହେଁ, କେବଳ ମାତ୍ର ଆଶୁ ସ୍ୱାର୍ଥପରତା ଏବଂ ଅନୈତିକ ନୁହେଁ, ଏଭଳି କ୍ଷେତ୍ରରେ ଯେକୌଣସି ଶାସନ ବ୍ୟବସ୍ଥା ନିଜକୁ ମଙ୍ଗଳମୟ ବା ଜନହିତକର ବୋଲାଇବା ଏକ ଛଳନା ।

ସଙ୍କଟର ଆଦି ପର୍ବରେ ଉପରୋକ୍ତ ସମାଜ-ହିତୈଷୀଙ୍କର ସହର୍ଷ ଆଶା ଥିଲା, ନବ ମଦିରାସକ୍ତମାନେ ପାନୀୟ ନପାଇ ବଳେ ବଳେ ସେ ଭୂତ କବଳରୁ ବର୍ତ୍ତି ଯିବେ । ଅଭ୍ୟସ୍ତମାନେ କିଛି ଦିନ କଷ୍ଟ ପାଇବେ; ପାଆନ୍ତୁ; ସେମାନଙ୍କ ପରିବାର ଓ ସମାଜର ଭବିଷ୍ୟତ୍ ଦୃଷ୍ଟିରୁ ତାହା ଅସହନୀୟ ମନେ ହେବା ଉଚିତ ନୁହେଁ । ନିଜେ ଆଦରି ନେଇଥିବା ସମ୍ପୂର୍ଣ୍ଣ ଅନାବଶ୍ୟକ ଧ୍ୱଂସାତ୍ମକ ଅଭ୍ୟାସଟିରୁ ମଣିଷ କାହିଁକି ମୁକ୍ତ ନ ହେବ ? ଆଜି ପ୍ରକୃତି ଦେଇଥିବା ଏ ବ୍ୟାଧି-ରୂପକ ଅଭିଶାପର ଅନ୍ତତଃ କିୟଦଂଶକୁ ଆମେ ଆଶୀର୍ବାଦରେ ପରିଣତ କରିପାରିବା ।

ହାୟ, କିନ୍ତୁ ମଦିରାସକ୍ତ ଏବଂ ମଦିରା-ବ୍ୟବସାୟୀମାନଙ୍କ ଦାବି ତଥା ରାଜ୍ୟ ସକାଶେ ଆଶୁ ଉପାର୍ଜନର ଆବଶ୍ୟକତା ଦୃଷ୍ଟିରୁ ମଦିରାଳୟମାନ ଖୋଲି ଦିଆଗଲା । ପର ମୁହୂର୍ତ୍ତରେ ହାସ୍ୟାସ୍ପଦ ହେଲା ସମାଜ-ହିତୈଷୀଙ୍କ ଆଶା — ଯେ ପ୍ରକୃତିର ଏ ଭୟାବହ ବାର୍ତ୍ତା ହୃଦୟଙ୍ଗମ କରିବ ମଣିଷ ! କୁଆଡ଼େ ଗଲା ସରକାର ପ୍ରବର୍ତ୍ତିତ ଶୃଙ୍ଖଳା ! ମଦିରା ଦୋକାନ ଉପରେ ହେଲା ଉଦ୍ଦାମ ଚଢ଼ଉ ! ପୁଲିସ ଜାଗୃତି ସତ୍ତ୍ୱେ ରାସ୍ତା ଘାଟରେ ବି ଦେଖା ଗଲା ମଦିରାପାୟୀମାନଙ୍କ ବିଜୟ ଉଲ୍ଲାସର ଉଚ୍ଛ୍ୱାସ ।

ଆମ ସାମୂହିକ ମନୋଭାବର ଏହା ଏକ ଦୃଷ୍ଟାନ୍ତ ମାତ୍ର । ଆମେ ପ୍ରକୃତିର ଚେତାବନୀରୁ କିଛି ଶିଖିବା ଭଳି ମାନସିକତାରେ ନାହୁଁ । ଏକ ଦିଗରେ ବର୍ଷ ବର୍ଷ ଧରି ଆମେ ଯେଉଁ ପ୍ରକାର ରାଜନୀତିରେ ଅଭ୍ୟସ୍ତ, ସେଥିରେ ଆମର ଅହଂ ଏବଂ ଅଧିକାରବୋଧ ହିଁ ଉତ୍ସାହିତ ହୋଇଛି; କର୍ତ୍ତବ୍ୟ ଅଥବା ବିବେକବୋଧ ନୁହେଁ । ଅନ୍ୟ ଦିଗରେ ନାନାଧରଣର ବୈଦ୍ୟୁତିକ ତଥା ମୁଦ୍ରିତ ମାଧ୍ୟମ ମୁଖ୍ୟତଃ ଆମକୁ ଅତ୍ୟନ୍ତ ଉପରଠାଉରିଆ ରୁଚି ଏବଂ ଆକର୍ଷଣ ପ୍ରତି ଅଭ୍ୟସ୍ତ ରଖିଛନ୍ତି । ଆନ୍ତର୍ଜୀବନ ସମ୍ପର୍କରେ ଆମେ ବୀତସ୍ପୃହ । ଆଜି ବିଦ୍ୟାର ଲକ୍ଷ୍ୟ ଅବିଦ୍ୟାରୁ ମୁକ୍ତି ନୁହେଁ, ଉତ୍ତମ ବୃତ୍ତି ବା ଉପାର୍ଜନର ପନ୍ଥା ମାତ୍ର । ଆଶୁ ସୁଖ ହିଁ ଏକମାତ୍ର କାମ୍ୟ ।

ଆଜିର ବ୍ୟାପ୍ତ ସଙ୍କଟ ଭିତରେ ବହୁ ବ୍ୟକ୍ତିଗତ ମହନୀୟତାର ଦୃଷ୍ଟାନ୍ତ ମିଳିଛି । ଶ୍ରଦ୍ଧା, କର୍ତ୍ତବ୍ୟବୋଧ, ତ୍ୟାଗଶୀଳତା ଯୋଗେ ଆମକୁ ମାନବ ଚରିତ୍ର ସମ୍ପର୍କରେ ଆସ୍ଥାଶୀଳ ରଖିଛନ୍ତି ବହୁ ମହତ୍-ହୃଦୟ ବ୍ୟକ୍ତି । ସେମାନେ ଯୁଗେ ଯୁଗେ ଥିଲେ ଓ ଥିବେ । କିନ୍ତୁ ପ୍ରକୃତି ଯେଉଁ ବିବର୍ତ୍ତନ ପଦ୍ଧତିରେ ମାନବଜାତିକୁ ଆହୁରି ଆଗକୁ ନେବାକୁ ଚାହେଁ ଏବଂ ଆଜିର ସଚେତ ମାନବ ସେଥିରେ ସହଯୋଗ କରିବା କଥା, ତାହା ଆମେ କରୁ ନାହୁଁ; ଉପରନ୍ତୁ ପ୍ରକୃତିର ଭାରସାମ୍ୟ ବିପର୍ଯ୍ୟସ୍ତ କରି ଚାଲିଛୁଁ ବୋଲି ଆମକୁ ଏକ ଦାରୁଣ ଶିକ୍ଷା ଦେଉଥିଲା ପ୍ରକୃତି । ଆମେ ସାମୂହିକ ଭାବରେ ତାହାର ତାତ୍ପର୍ଯ୍ୟ ମଧ୍ୟ ହୃଦୟଙ୍ଗମ କଲୁ ନାହିଁ; ସେ ଦିଗରେ ଉତ୍ସାହ ତ ଦୂରର

କଥା, ଯଥେଷ୍ଟ କୌତୂହଳ ମଧ୍ୟ ପ୍ରକଟ କଲୁ ନାହିଁ । ଆମର ମନୋଭାବ ହେଲା ଶାସନକଳ ଯାହା କରିବ ଏବଂ ଗବେଷକମାନେ ଯାହା କରିବେ ! ଏବଂ ସେମାନେ ଯାହା କଲେ ବା କରୁଛନ୍ତି, ସେଥିରେ ମଧ୍ୟ ଆମର ସହଯୋଗ ଆନ୍ତରିକତାପୂର୍ଣ୍ଣ ନୁହେଁ ।

ଏହା ଏକ ବିଡ଼ମ୍ବନା । ତେବେ ପ୍ରକୃତି ପୁନର୍ବାର କିଭଳି ପଦକ୍ଷେପ ନେବ ତାହା ଆମ କଳ୍ପନାର ଅତୀତ । ବେଶ୍ କେତେ ବର୍ଷ ପୂର୍ବରୁ ଶ୍ରୀମା ଚେତାବନୀ ଦେଇଥିଲେ : ''ସତ୍ୟ କିଂବା ରସାତଳ !'' (Truth or the abyss) । ସତ୍ୟ ଅନୁସରଣ କରିବା ସୁଦୂର ପରାହତ ହୋଇପାରେ, କିନ୍ତୁ ସେ ଦିଗରେ ଅନ୍ତତଃ ଯତ୍‌କିଞ୍ଚିତ୍ ଆଗ୍ରହ, ମନେହୁଏ ବିଶାଳ ଜନ ସମାଜ ସକାଶେ ଅଦ୍ୟାବଧି ଅନାବଶ୍ୟକ । ଅହେତୁକୀ ଦିବ୍ୟକୃପା ବ୍ୟତିରେକେ ମାନବର ଭବିଷ୍ୟତ୍ ସକାଶେ ଅନ୍ୟ କୌଣସି ପନ୍ଥା ରହିଥିବା ଭଳି ମନେ ହୁଏନା ।

— **ମନୋଜ ଦାସ**

❑❑❑


**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Contact
**63800 00534 / 94422 49355**
Online Store : www.ayurlabsindia.com

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning*
*and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com

**Vol. LI, No. 7** **R.N.I. No. 18163/70.**
Navaprakash (Monthly), July - 2020 Registered No. PY/51/2018-20
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2018-20

**ବିଶେଷ ସୂଚନା :**

ଶ୍ରୀଅରବିନ୍ଦଙ୍କ

**ସାବିତ୍ରୀ**

**ଏକ ଆଖ୍ୟାନ ଏବଂ ପ୍ରତୀକ**

(ଓଡ଼ିଆ ପଦ୍ୟାନୁବାଦ)




**ଶ୍ରୀ ନିମାଇଁ ଚରଣ ମହାପାତ୍ର**ଙ୍କ ଦ୍ୱାରା ଅନୂଦିତ ଶ୍ରୀଅରବିନ୍ଦଙ୍କ ମହାକାବ୍ୟ ସାବିତ୍ରୀର ଓଡ଼ିଆ ପଦ୍ୟାନୁବାଦର ଦ୍ୱିତୀୟ ସଂକଳନ ପ୍ରକାଶ ପାଇଲା । ବହୁ ପ୍ରତୀକ୍ଷିତ ଏହି ପୁସ୍ତକଟି ଶ୍ରୀମାଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନରେ ଅନୁପ୍ରାଣିତ ଭକ୍ତମାନଙ୍କ ପାଖରେ ବିଶେଷ ଆଦୃତ ହେବ ବୋଲି ଆଶା ।

୫୮୧ ପୃଷ୍ଠା ସମ୍ବଳିତ ପୁସ୍ତକଟିର ମୂଲ୍ୟ : **ଟ. ୨୬୫/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**